# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଫେବୃୟାରୀ ୨୪/୨୦୨୨ (୧୪ ପୃଷ୍ଠା) | Bhubaneswar, Thursday, February 24/2022 Page 14 | ₹ 7.00 | ★★★★

୪୮ଶ ଭାଗ ୯୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ନୱାବ ମଲିକ ଗିରଫ**

ମହାରାଷ୍ଟ୍ର ମନ୍ତ୍ରୀ ତଥା ବରିଷ୍ଠ ଏନ୍‌ସିପି ନେତା ନୱାବ ମଲିକଙ୍କୁ ମନି ଲଣ୍ଡରିଂ ମାମଲାରେ ଇଡି ଗିରଫ କରିଛି।

୧୧

୧୪

**ନନ୍ଦିନୀଙ୍କ ପ୍ରଭାବୀ ପ୍ରଦର୍ଶନ**

ସୋଫିଆଠାରେ ଚାଲିଥିବା ଷ୍ଟ୍ରାଞ୍ଜା ମେମୋରିଆଲ ବକ୍ସିଂ ଟୁର୍ନାମେଣ୍ଟରେ ପ୍ରଭାବୀ ପ୍ରଦର୍ଶନ କରି ପଦକ ନିଶ୍ଚିତ କରିଛନ୍ତି ଭାରତୀୟ ମହିଳା ବକ୍ସର ନନ୍ଦିନୀ।






# ଡାଟା ବିକିବ କେନ୍ଦ୍ର

## ପ୍ରିଭେସି ଉଲ୍ଲଂଘନ, ସିକ୍ୟୁରିଟି ବିପନ୍ନ ହେବ: ବିଶେଷଜ୍ଞ

**୫ ଟ୍ରିଲିୟନ୍ ଡଲାର ଅର୍ଥନୀତିର ସ୍ୱପ୍ନ ସାକାର ଆଳରେ କେନ୍ଦ୍ର ସରକାର ଭାରତୀୟ ନାଗରିକଙ୍କ ଡାଟା ବା ବ୍ୟକ୍ତିଗତ ଗୋପନୀୟ ତଥ୍ୟ ବିକ୍ରି କରିବାକୁ ଯାଉଛନ୍ତି। ଏଥିଲାଗି ଆଇନ ପ୍ରଣୟନ ପୂର୍ବରୁ ଫେବୃୟାରୀ ୨୧ରେ ବିଧିବଦ୍ଧ ଭାବେ ଡ୍ରାଫ୍ଟ ଇଣ୍ଡିଆ ଡାଟା ଆକ୍‌ସେସିବିଲିଟି ଆଣ୍ଡ ୟୁଜ୍ ପଲିସି, ୨୦୨୨ ନାମରେ ଏକ ନୂଆ ଚିଠା ଆଣିଛନ୍ତି। ଉକ୍ତ ଚିଠା ଅନୁସାରେ ଲୋକଙ୍କ ଡାଟାଗୁଡ଼ିକୁ ଏନ୍‌ଜିଓ, ଗବେଷକ, ଷ୍ଟାର୍ଟଅପ୍, ସରକାରଙ୍କ ବିଭାଗ ଓ ମନ୍ତ୍ରଣାଳୟ ତଥା ଘରୋଇ କମ୍ପାନୀଗୁଡ଼ିକ ସହ ଶେୟାର କରାଯିବ। କିନ୍ତୁ ଭାରତରେ ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ଉପରେ ୟୁରୋପୀୟ ସଂଘ (ଇୟୁ)ର ଜେନେରାଲ ଡାଟା ପ୍ରୋଟେକ୍ସନ ରେଗୁଲେଶନ୍ (୨୦୧୮ ମେ'ରୁ ପ୍ରଚଳିତ ଜିଡିପିଆର୍) ଭଳି କୌଣସି ଆଇନ ନ ଥିବାରୁ ଏହି ଡାଟା କାରବାର ନାଗରିକମାନଙ୍କ ପ୍ରିଭେସିକୁ ସାଂଘାତିକ ଭାବେ ଉଲ୍ଲଂଘନ କରିପାରେ ବୋଲି ବୁଦ୍ଧିଜୀବୀ ଓ ସାଇବର ସିକ୍ୟୁରିଟି ଏକ୍ସପର୍ଟ ଆଶଙ୍କା ବ୍ୟକ୍ତ କଲେଣି।**

ନୂଆଦିଲ୍ଲୀ,୨୩।୨



ସରକାରୀ ସୁବିଧା, ଉନ୍ନତ ଶାସନ ଓ ନିଯୁକ୍ତି ଆବେଦନ ଭଳି ବହୁବିଧ କାର୍ଯ୍ୟ ସମ୍ପାଦନ ପାଇଁ ପ୍ରତିଦିନ ଆମେ ସରକାରଙ୍କ ସହ କିଛି ନା କିଛି ଡାଟା ଶେୟାର କରିଥାଉ। କିନ୍ତୁ ସରକାର ଏହି ସବୁ ଡାଟାକୁ ଭିନ୍ନ କାର୍ଯ୍ୟରେ ଲଗାଇବେ ବୋଲି କେହି ଚିନ୍ତା ମଧ୍ୟ କରନ୍ତି ନାହିଁ, ଯାହାକି ନାଗରିକଙ୍କ ସ୍ୱାର୍ଥ ପାଇଁ କ୍ଷତିକାରକ ହୋଇପାରେ। କେନ୍ଦ୍ରର ଡାଟା କଲେକ୍ସନ ବା ତଥ୍ୟ ସଂଗ୍ରହ ଯୋଜନା ପଛରେ ଥିବା ଏକ ଅଭିସନ୍ଧିରୁ ଏହା ଜଣାପଡ଼ିଛି। କେନ୍ଦ୍ର ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ପକ୍ଷରୁ ନିକଟରେ ଏକ ଚିଠା ନୀତି ଜାରି କରାଯାଇଛି। ଡ୍ରାଫ୍ଟ ଇଣ୍ଡିଆ ଡାଟା ଆକ୍‌ସେସିବିଲିଟି ଆଣ୍ଡ ୟୁଜ୍ ପଲିସି, ୨୦୨୨ ଶୀର୍ଷକ ଏହି ଚିଠାରେ ସରକାରୀ ସ୍ତରରେ ତଥ୍ୟ ବିନିମୟ କରାଯିବ ବୋଲି କୁହାଯାଇଛି। ଡ୍ରାଫ୍ଟରେ ଉଲ୍ଲେଖ କରାଯାଇଛି ଯେ, ସରକାରଙ୍କ ପ୍ରତ୍ୟେକ ବିଭାଗ ବା ସଙ୍ଗଠନ 'ଓପନ୍ ଆଣ୍ଡ ଶେୟାରେବଲ୍ ବାଇ ଡିଫଲ୍ଟ' ରହିବ। ଅର୍ଥାତ୍ ଆଧାର ତଥ୍ୟ ହେଉ ଅଥବା ଅନ୍ୟ କୌଣସି ବିଭାଗକୁ ଦିଆଯାଇଥିବା ବ୍ୟକ୍ତିଗତ ଡାଟାକୁ ବିନା କୌଣସି ଦ୍ୱିଧାରେ ☞ପୃଷ୍ଠା-୪

### ୫ ବଡ଼ ବିପଦ

୧. କେନ୍ଦ୍ର ସରକାରଙ୍କ ଡ୍ରାଫ୍ଟ ଇଣ୍ଡିଆ ଡାଟା ଆକ୍‌ସେସିବିଲିଟି ଆଣ୍ଡ ୟୁଜ୍ ପଲିସି, ୨୦୨୨ ପ୍ରସ୍ତୁତି ବେଳେ ବିଶେଷଜ୍ଞ କିମ୍ବା ଜନସାଧାରଣଙ୍କ ପରାମର୍ଶ ନିଆଯାଇନାହିଁ। ଉକ୍ତ ନୀତିର ଆର୍ଥିକ ପ୍ରଭାବ, ମୌଳିକ ଅଧିକାର ଓ ପରିବେଶ ଉପରେ ପ୍ରଭାବକୁ ଏଥିରେ ଅଣଦେଖା କରାଯାଇଛି। ଚିଠାରେ ସ୍ୱଚ୍ଛତା ମଧ୍ୟ ନ ଥିବାରୁ ଏହା ଆରମ୍ଭରୁ ସନ୍ଦେହ ଘେରରେ।

୨. ଉକ୍ତ ଡ୍ରାଫ୍ଟରେ ସରକାରଙ୍କ ରାଜସ୍ୱ ଆଦାୟର ଅଯୌକ୍ତିକ ଉଦ୍ଦେଶ୍ୟ ପ୍ରତିଫଳିତ ହୋଇଛି। ନାଗରିକଙ୍କ ଡାଟା ବିକ୍ରି କରି ଅର୍ଥ ଉପାର୍ଜନ କରିବା ଏହି ନୀତିର ମୂଳ ଉଦ୍ଦେଶ୍ୟ ବୋଲି ଚିଠାରେ ଉଲ୍ଲେଖ କରାଯାଇଥିବା 'ଅବ୍‌ଜେକ୍ଟିଭ୍ ଆଣ୍ଡ୍ ପର୍ପୋଜ୍'ରୁ ବୁଝାପଡୁଛି। ଅର୍ଥାତ୍ ସରକାରଙ୍କୁ ଯେତେ ଅଧିକ ଅର୍ଥ ଆବଶ୍ୟକ ହେବ ସେତେ ଅଧିକ ଲୋକଙ୍କ ଡାଟା ବିକ୍ରି ପାଇଁ ସଂଗ୍ରହରେ ଲାଗିବେ।

୩. ଭାରତରେ ବ୍ୟକ୍ତିଗତ ଡାଟା ସୁରକ୍ଷା ଆଇନ ନ ଥିବାରୁ ଆନ୍ତଃ ବିଭାଗୀୟ ତଥ୍ୟ ବିନିମୟ କରାଗଲେ ତାହା ପ୍ରିଭେସି ପ୍ରତି ହାନିକାରକ ସାବ୍ୟସ୍ତ ହେବ। ଗତ ଡିସେମ୍ବର ୧୬ରେ ପ୍ରକାଶିତ ଡ୍ରାଫ୍ଟ ଡାଟା ପ୍ରୋଟେକ୍ସନ ବିଲ୍, ୨୦୨୧ରେ ସରକାରଙ୍କ ସୁବିଧା ପାଇଁ ବ୍ୟବସ୍ଥା ଥିବାରୁ ତାହା ମଧ୍ୟ ନାଗରିକଙ୍କ ପ୍ରିଭେସିକୁ ସୁରକ୍ଷା ଦେଇପାରିବ ନାହିଁ। ଫଳରେ ଉଭୟ ସରକାର ଓ ନାଗରିକମାନେ ଆଇନ ଜାଲରେ ଛନ୍ଦି ହୋଇ ମୁହାଁମୁହିଁ ଅବସ୍ଥାକୁ ଆସିଯିବେ।

୪. ଉକ୍ତ ଚିଠାରେ ମୁଖ୍ୟ ବିନ୍ଦୁଗୁଡ଼ିକ ଉପରେ କୌଣସି ସ୍ପଷ୍ଟ ବ୍ୟାଖ୍ୟା କରାଯାଇନାହିଁ। ଅସ୍ପଷ୍ଟତା ହେତୁ ଡାଟା ଦୁରୁପଯୋଗକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ ନାହିଁ। ପଲିସିରେ 'ହାଇ ଭାଲ୍ୟୁ ଡାଟା ସେଟ୍ସ' ନାମରେ ଏକ ସ୍ୱତନ୍ତ୍ର ବର୍ଗ ରଖାଯାଇଛି। ଏହାଦ୍ୱାରା ଶାସନ ଓ ନୂଆ ପ୍ରବର୍ତ୍ତନ କ୍ଷେତ୍ରରେ ଯାହା ତଥ୍ୟ ଆବଶ୍ୟକ ସରକାର ସେସବୁକୁ ମନଇଚ୍ଛା ନେଇପାରିବେ। ଡାଟାସେଟ୍ସ ଲାଇସେନ୍ସ ପାଇଁ କୌଣସି ସର୍ତ୍ତ ସମ୍ପର୍କରେ ଏଥିରେ ଉଲ୍ଲେଖ କରାଯାଇନାହିଁ।

୫. ଘରୋଇ କମ୍ପାନୀଗୁଡ଼ିକୁ କେଉଁ ଆଧାର ଓ ସର୍ତ୍ତରେ ଡାଟା ବିକ୍ରି କରାଯିବ। ସେମାନେ ତାକୁ କେଉଁ ସବୁ କାମରେ ବ୍ୟବହାର କରିବେ ତାହା ମଧ୍ୟ ଚିଠାରେ ଉଲ୍ଲେଖ କରାଯାଇ ନାହିଁ। ତେଣୁ ସମ୍ପୃକ୍ତ କମ୍ପାନୀ ଏହାକୁ ଭିନ୍ନ କାର୍ଯ୍ୟରେ ଲଗାଇ ଅଧିକ ମୁନାଫା କମାଇପାରେ। କିନ୍ତୁ ଯାହାଙ୍କର ଡାଟା ବ୍ୟବହାର କରାଯିବ, ସେମାନେ କ'ଣ ଲାଭ ପାଇବେ।

# ଅଫ୍‌ଲାଇନ୍ ପରୀକ୍ଷା ବାତିଲ ଆବେଦନ ଖାରଜ

## ସୁପ୍ରିମକୋର୍ଟରେ ଦଶମ, ଦ୍ୱାଦଶ ବୋର୍ଡ ପରୀକ୍ଷା ମାମଲା

ନୂଆଦିଲ୍ଲୀ,୨୩।୨(ପି.ଟି.)

ଚଳିତ ବର୍ଷ ସିବିଏସ୍‌ଇ, ଆଇସିଏସ୍‌ଇ ଏବଂ ଅନ୍ୟାନ୍ୟ ବୋର୍ଡ ଦ୍ୱାରା ହେବାକୁ ଥିବା ଅଫ୍‌ଲାଇନ୍ ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ବାତିଲ ପାଇଁ ହୋଇଥିବା ଆବେଦନକୁ ସୁପ୍ରିମକୋର୍ଟ ବୁଧବାର ଖାରଜ କରିଦେଇଛନ୍ତି। ଏଭଳି ଆବେଦନ ପରୀକ୍ଷା ଦେବାକୁ ଥିବା ଛାତ୍ରୀଛାତ୍ରଙ୍କୁ ମିଛ ଆଶା ଦେବା ସହ ସେମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ବିଭିନ୍ନ ବୋର୍ଡ ପକ୍ଷରୁ ପରୀକ୍ଷା ☞ପୃଷ୍ଠା-୪

### ରାଜ୍ୟରେ ନିଷ୍ପତ୍ତି ଖୁବ୍‌ଶୀଘ୍ର

ଭୁବନେଶ୍ୱର, ୨୩।୨(ବ୍ୟୁରୋ)

ଅଫ୍‌ଲାଇନ୍ ପରୀକ୍ଷା ବାତିଲ ଆବେଦନ ଖାରଜ ହେବା ପରେ ଏବେ ପରୀକ୍ଷା କେମିତି ହେବ ତାକୁ ନେଇ ପିଲାଙ୍କ ଭିତରେ ପୁଣି ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଉପରେ ଏବେ ସମସ୍ତଙ୍କ ନଜର ରହିଥିବାବେଳେ ବିଭାଗୀୟ ସ୍ତରରେ ମଧ୍ୟ ବିଚାରବିମର୍ଶ ଆରମ୍ଭ ହୋଇଥିବା ଜଣାପଡିଛି। ଅଫ୍‌ଲାଇନ୍ ପରୀକ୍ଷା କରିବାକୁ ପୂର୍ବରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରସ୍ତୁତ ରହିଥିଲା। ପରୀକ୍ଷା ପାଇଁ ପ୍ରସ୍ତୁତ ରହିବାକୁ ମଧ୍ୟ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦିଆଯିବା ସହ ସ୍ଥିତି ଦେଖି ନିଷ୍ପତ୍ତି ନିଆଯିବ ବୋଲି କୁହାଯାଇଥିଲା। ଏବେ ସୁପ୍ରିମକୋର୍ଟଙ୍କ ☞ପୃଷ୍ଠା-୪

# ପ୍ରତି ପଞ୍ଚାୟତ ପାଇଁ ଗୋଟିଏ ଟେବୁଲ

### ୨୬ରୁ ଭୋଟ ଗଣତି

ଭୁବନେଶ୍ୱର,୨୩।୨(ବ୍ୟୁରୋ)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ପଞ୍ଚମ ତଥା ଶେଷ ପର୍ଯ୍ୟାୟ ଭୋଟଗ୍ରହଣ ଗୁରୁବାର ଶେଷ ହେବ। ଏହାର ଦିନକ ପରେ ଅର୍ଥାତ୍ ଫେବୃୟାରୀ ୨୬ରୁ ୨୮ ଯାଏ ୩ ଦିନ ଧରି ଭୋଟ ଗଣନା କରାଯିବ। ପ୍ରଥମ ଥର ଲାଗି ପଞ୍ଚାୟତ ନିର୍ବାଚନ ଭୋଟ ଗଣନା ବ୍ଲକ ମୁଖ୍ୟାଳୟରେ ଅନୁଷ୍ଠିତ ହେବ। ସେହିପରି ପ୍ରତି ପଞ୍ଚାୟତ ପାଇଁ ଗୋଟିଏ ଗଣତି ଟେବୁଲ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ କରିବାକୁ ଜିଲା ନିର୍ବାଚନ ଅଧିକାରୀଙ୍କୁ ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି।

କମିଶନରଙ୍କ ସଚିବ ରବୀନ୍ଦ୍ର ନାଥ ସାହୁଙ୍କ ସୂଚନା ଅନୁସାରେ ଜିଲା ପରିଷଦ ଜୋନ ଅନୁଯାୟୀ ଭୋଟ ଗଣନା କରିବାକୁ ନିଷ୍ପତ୍ତି ନିଆଯାଇଛି। ପ୍ରତି ଜୋନରେ ଯେତିକି ଗ୍ରାମ ପଞ୍ଚାୟତ ରହିଛି ସେତିକି ଟେବୁଲ ରହିବ। ଓଡ଼ିଆ ବର୍ଣ୍ଣମାଳା ଅନୁଯାୟୀ ପଞ୍ଚାୟତଗୁଡ଼ିକୁ ଟେବୁଲ ଦିଆଯିବ। ଗୋଟିଏ ଟେବୁଲରେ ଜଣେ କାଉଣ୍ଟିଂ ସୁପରଭାଇଜର, ୨ ଜଣ ଆସିଷ୍ଟାଣ୍ଟ କାଉଣ୍ଟିଂ ଅଫିସର ଏବଂ ଜଣେ ଗ୍ରୁପ୍-ଡି କର୍ମଚାରୀ ରହିବେ। ☞ପୃଷ୍ଠା-୪

### ଆଜି ଶେଷ ପର୍ଯ୍ୟାୟ ଭୋଟ

ଭୁବନେଶ୍ୱର,୨୩।୨(ବ୍ୟୁରୋ)

ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଅନ୍ତିମ ତଥା ପଞ୍ଚମ ପର୍ଯ୍ୟାୟ ଭୋଟ ଗ୍ରହଣ ଗୁରୁବାର ଅନୁଷ୍ଠିତ ହେବ । ଏ ନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ବୁଧବାର ସନ୍ଧ୍ୟା ସୁଦ୍ଧା ସମସ୍ତ ପୋଲିଂ ପାର୍ଟି ନିଜ ନିଜ ବୁଥ୍‌ରେ ପହଞ୍ଚି ଯାଇଛନ୍ତି। ଏହି ପର୍ଯ୍ୟାୟରେ ୨୫ଟି ଜିଲାର ୪୮ ବ୍ଲକର ୧୩୧ ଜିଲା ପରିଷଦ ଜୋନର ୯୭୫ଟି ପଞ୍ଚାୟତରେ ଭୋଟଗ୍ରହଣ ହେବ। ମୋଟ ୧୩୫୧୪ ବୁଥ୍‌ରେ ପ୍ରାୟ ୪୧.୮୮ ଲକ୍ଷ ମତଦାତା ☞ପୃଷ୍ଠା-୪

# ୩ ମହାନଗର ନିଗମ, ୧୦୭ ପୌର ସଂସ୍ଥା ପାଇଁ ବିଜ୍ଞପ୍ତି

### ପୌର ନିର୍ବାଚନ

ଭୁବନେଶ୍ୱର,୨୩।୨(ବ୍ୟୁରୋ)

ପଞ୍ଚାୟତ ନିର୍ବାଚନ ପରେ ରାଜ୍ୟରେ ଯେକୌଣସି ମୁହୂର୍ତ୍ତରେ ପୌର ନିର୍ବାଚନ ଘୋଷଣା ହୋଇପାରେ। ଏଥିପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଛନ୍ତି। ବୁଧବାର ଏ ନେଇ ରାଜ୍ୟ ସରକାର ରାଜ୍ୟ ନିର୍ବାଚନ କମିଶନରଙ୍କୁ ଅବଗତ କରାଇଛନ୍ତି । ଏଥିସହିତ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ୩ ମହାନଗର ନିଗମ ଓ ୧୦୭ ପୌରାଞ୍ଚଳରେ ନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି ହୋଇଛି । କଟକ, ଭୁବନେଶ୍ୱର ଓ ବ୍ରହ୍ମପୁର ମହାନଗର ନିଗମ ସହ ୧୦୭ ମ୍ୟୁନିସିପାଲିଟି ଓ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି) ☞ପୃଷ୍ଠା-୪


## Are you paying your PROFESSIONAL TAX?

DSPL-409

**Category of Persons Liable to Pay**

All Business entities, Suppliers, Service Providers, Contractors, Transporters, Agents etc. and all Self-Employed Professionals are liable to pay Professional Tax

All taxpayers, business entities etc. registered under GST / VAT Act are required to pay Rs. 2500/- per year

All Self-Employed Professional are required to pay Professional Tax based on their Gross Annual Income as detailed below

All salaried persons - concerned employers are required to deduct & deposit every month.

**RATE OF PROFESSIONAL TAX BASED ON ANNUAL GROSS INCOME**

| | |
|---|---|
| Less than Rs.1.6 Lakhs | NIL |
| Between Rs.1.6 Lakhs to Rs.3.00 Lakhs | Rs.1500/- Per annum |
| Above Rs.3.00 Lakhs | Rs.2500/- Per annum |

Pay your TAXES & Be a Proud Partner in Odisha's Development

Please visit https://odishatax.gov.in and pay by yourself
Help Desk : 1800-345-6753 (Toll Free) / ctdho@odishatax.gov.in

Commissionerate of CT & GST
Government of Odisha

scan here

OIPR-05031/13/0008/2122


# ରତ୍ନଭଣ୍ଡାରରୁ ଚୋରି ଅଭିଯୋଗ

ପୁରୀ ଅଫିସ/ଭୁବନେଶ୍ୱର, (ବ୍ୟୁରୋ)୨୩।୨

ଶ୍ରୀମନ୍ଦିର ରତ୍ନଭଣ୍ଡାରରୁ ଅଳଙ୍କାର ଚୋରି ହୋଇଥିବା ଅଭିଯୋଗ ଆଣି ସିବିଆଇ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛି ଶ୍ରୀଜଗନ୍ନାଥ ସେନା। ଏ ନେଇ ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ବୁଧବାର ଭୁବନେଶ୍ୱରସ୍ଥିତ ସିବିଆଇ କାର୍ଯ୍ୟାଳୟରେ ଏକ ଅଭିଯୋଗପତ୍ର ଦେଇଛନ୍ତି। ରତ୍ନଭଣ୍ଡାରରୁ ଚୋରିକୁ ସେ ଦେଖିଛନ୍ତି ଓ ତଦନ୍ତ ସମୟରେ ପ୍ରମାଣ ମଧ୍ୟ ଦେଇପାରିବେ ବୋଲି ପ୍ରିୟଦର୍ଶନ ଦାବି କରିଛନ୍ତି। ସେହିପରି ଅଭିଯୋଗପତ୍ରରେ ୭ଟି ପ୍ରମୁଖ କାରଣ ଉଲ୍ଲେଖ କରିଛନ୍ତି, ଯାହାକି ରତ୍ନଭଣ୍ଡାରରୁ ଚୋରି ଆଶଙ୍କାକୁ ବଢ଼ାଉଥିବା ସେ ଯୁକ୍ତି ବାଢ଼ିଛନ୍ତି। ଫଳରେ ଏହି ଘଟଣାକୁ ନେଇ ପୁରୀ ସହରରେ ଚର୍ଚ୍ଚା ଜୋର ଧରିଛି।

ପ୍ରିୟଦର୍ଶନ ଅଭିଯୋଗ କରିଛନ୍ତି, ପ୍ରତି ୩ବର୍ଷରେ ରତ୍ନଭଣ୍ଡାର ଖୋଲାଯାଇ ରତ୍ନ ଅଳଙ୍କାର ଗଣନା ହେବା କଥା। ମାତ୍ର ରାଜ୍ୟ ସରକାରଙ୍କ ଆଇନ ବିଭାଗ ସେଭଳି କରିନାହିଁ। ଶେଷ ଥର ପାଇଁ ୧୯୮୪-୮୫ରେ ରତ୍ନଭଣ୍ଡାର ଖୋଲାଯାଇଥିବା ବେଳେ ୧୯୭୮ରେ ରତ୍ନଅଳଙ୍କାର ଗଣନା କରାଯାଇଥିଲା। ଗତ ୪୪ ବର୍ଷ ଧରି ରତ୍ନ ଅଳଙ୍କାର ଗଣନା କରାଯାଇନାହିଁ। ସେହିଭଳି ୨୦୧୮ ଏପ୍ରିଲ ୪ରେ ୧୭ଜଣିଆ ପ୍ରାଧିକୃତ କମିଟି ରତ୍ନଭଣ୍ଡାର ସ୍ଥିତି ଯାଞ୍ଚ କରିବାକୁ ଯାଇଥିଲେ ମଧ୍ୟ ଚାବିକାଠି ହଜିଥିବାରୁ ତାଲା ନ ଖୋଲି ଫେରିଆସିଥିଲେ। ସେମାନେ ପ୍ରଥମେ କହିଥିଲେ, ରତ୍ନଭଣ୍ଡାର ଭିତର ସ୍ଥିତି ଦୁର୍ବଳ, ଟର୍ଚ୍ଚ ପକାଇ ଯାଞ୍ଚ କରାଗଲା ଓ ଖୋଲିବାର ଆବଶ୍ୟକତା ପଡ଼ିଲା ନାହିଁ। ପରେ ଗଣମାଧ୍ୟମରେ ଘଟଣାକୁ ନେଇ ତୁମ୍ଭିତୋଫାନ ହେବା ପରେ ସତ ସାମ୍ନାକୁ ଆସିଲା ଓ ଭିତର ରତ୍ନଭଣ୍ଡାର ଚାବି ହଜିଥିବା କଥା କୁହାଗଲା। ତେବେ ଚାବି ଯଦି ପାଖରେ ନ ଥିଲା ତେବେ ପ୍ରାଧିକୃତ କମିଟି ରତ୍ନଭଣ୍ଡାର ପର୍ଯ୍ୟନ୍ତ କାହିଁକି ଗଲେ ବୋଲି ପ୍ରିୟଦର୍ଶନ ପ୍ରଶ୍ନ କରିଛନ୍ତି। ସେହିଭଳି ତତ୍କାଳୀନ ଜିଲାପାଳ ରତ୍ନଭଣ୍ଡାର ସ୍ଥିତି ଦୁର୍ବଳ ହୋଇଥିବା କଥା କହିଥିଲେ ☞ପୃଷ୍ଠା-୪



**୪୪ ବର୍ଷ ହେଲା ଗଣନା ହୋଇନି ଅଳଙ୍କାର**

- ସିବିଆଇ ଦ୍ୱାରସ୍ଥ ହେଲା ଶ୍ରୀଜଗନ୍ନାଥ ସେନା
- ଚାବି ଦ୍ୱନ୍ଦ୍ୱ ହଟୁନି, ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି


**ଆଜିର ସମ୍ପାଦକୀୟ**

କ୍ୟାନ୍‌ସର ଚିନ୍ତା

# ପରସ୍ପରକୁ ଦୋଷ ଠେଲିଲେ

■ଅଫିସରଙ୍କୁ ବିଜେଡି ସପକ୍ଷରେ ପ୍ରଚାର ଲାଗି ବାଧ କରାଯାଉଛି: ଭାଜପା

■ଭାଜପା ରାଜ୍ୟରେ ହିଂସା ଘଟାଉଛି, କାର୍ଯ୍ୟାନୁଷ୍ଠାନ ନାହିଁ: ବିଜେଡି

ଭୁବନେଶ୍ୱର,୨୩।୨(ବ୍ୟୁରୋ)


ରାଜ୍ୟ ନିର୍ବାଚନ କମିଶନଙ୍କୁ ଅଭିଯୋଗ କରିବାକୁ ଆସିଥିବା ବିଜେଡି ନେତୃବୃନ୍ଦ।


ଧାରଣାରେ ବସିଥିବା ଭାଜପା ନେତା।

ପଞ୍ଚାୟତ ଭୋଟ ଅନିୟମିତତା ନେଇ ଭାଜପା ଓ ବିଜେଡି ପୁଣିଥରେ ମୁହାଁମୁହିଁ ହୋଇଛନ୍ତି। ଉଭୟ ଭାଜପା ଓ ବିଜେଡି ବୁଧବାର ରାଜ୍ୟ ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବିଭିନ୍ନ ସ୍ଥାନରେ ହିଂସା, ମାରପିଟ, ରିଗିଂ ସହିତ ଅନ୍ୟ ଅନିୟମିତତା ପ୍ରତିବାଦରେ ଉଭୟ ଦଳ ରାଜ୍ୟ ନିର୍ବାଚନ କମିଶନଙ୍କ ନିକଟରେ ଅଭିଯୋଗ କରିବା ସହ ଧାରଣାରେ ବସିଛନ୍ତି।

ଭାଜପା ରାଜ୍ୟ ନିର୍ବାଚନ କମିଶନଙ୍କ ଅଫିସ ଆଗରେ ଧାରଣାରେ ବସିଥିବା ବେଳେ ସ୍ମାରକପତ୍ର ମଧ୍ୟ ପ୍ରଦାନ କରିଛି। ଅନ୍ୟପଟେ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ନେତୃତ୍ୱରେ ଏକ ଟିମ୍ ରାଜ୍ୟ ନିର୍ବାଚନ କମିଶନଙ୍କ ଅଫିସ ସମ୍ମୁଖରେ ଶତାଧିକ ନେତାଙ୍କୁ ନେଇ ବିକ୍ଷୋଭ ସାଙ୍ଗକୁ ସ୍ମାରକପତ୍ର ପ୍ରଦାନ କରିଛି। ଭାଜପା ନେତା ସୁରଥ ବିଶ୍ୱାଳ କହିଛନ୍ତି, ଗଣତନ୍ତ୍ରରେ ପ୍ରଥମ ଥର ପାଇଁ ଅରାଜକତା ଓ ହିଂସା ଦେଖିବାକୁ ମିଳିଛି। ବିଜେଡି ପଞ୍ଚାୟତ ନିର୍ବାଚନକୁ ପ୍ରହସନରେ ପରିଣତ କଲାଣି। ସମସ୍ତ ଅଫିସରଙ୍କୁ ବିଜେଡି ସପକ୍ଷରେ ପ୍ରଚାର କରିବାକୁ ବାଧ କରାଯାଉଛି। ଏନେଇ ନିର୍ବାଚନ କମିଶନଙ୍କ ନିକଟରେ ଅଭିଯୋଗ ହୋଇଛି। ହେଲେ ଏଯାଏ ଏହା ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ନିର୍ବାଚନ କମିଶନ ପକ୍ଷପାତିତା କରୁଛନ୍ତି। ଏଥିଲାଗି ନିର୍ବାଚନ କମିଶନଙ୍କ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଛି। ବିଜେଡି ଏଠାରେ କ'ଣ କରୁଛି ବୋଲି ସୁରଥ ପ୍ରଶ୍ନ କରିଛନ୍ତି।

ସେହିପରି ବିଜେଡି ବିଧାୟକ ଜେନା କହିଛନ୍ତି, ପଞ୍ଚାୟତ ନିର୍ବାଚନରେ ହେଉଥିବା ହିଂସା, ମାରପିଟ, ରିଗିଂ ସହିତ ଅନ୍ୟ ଅନିୟମିତତା ନେଇ ୮ଥର ନିର୍ବାଚନ କମିଶନଙ୍କୁ ଭେଟିଲେଣି। ହେଲେ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ପୁଣି ନିର୍ବାଚନ କମିଶନଙ୍କୁ ଭେଟିବାକୁ ଆସିଛନ୍ତି ବୋଲି ଅନନ୍ତ କହିଛନ୍ତି। ବିଜେଡି ଆହୁରି କହିଛି, ରାଜ୍ୟରେ ତ୍ରିସ୍ତରୀୟ ନିର୍ବାଚନ ପାଇଁ ଘୋଷଣା ହେବା ଦିନଠାରୁ ଭାଜପା ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଘଟାଇବା ସହ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରୁଛି। ଭାଜପା କର୍ମୀଙ୍କ ଆକ୍ରମଣରେ ପୋଲିସ, ସୁରକ୍ଷା କର୍ମୀ, ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ସରକାରୀ ଅଧିକାରୀ ଏବଂ ଜନତା କେହି ତିଷ୍ଠି ନାହାନ୍ତି। ଗତ ମାସକ ମଧ୍ୟରେ ଭାଜପା ପକ୍ଷରୁ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ଓ ନିର୍ବାଚନରେ ପରାଜୟ ଭୟରେ ହିଂସାତ୍ମକ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦେବାର ଏକାଧିକ ଘଟଣାର ପ୍ରମାଣ ରହିଛି। ଏପରିକି ବିଜେଡି କର୍ମୀଙ୍କୁ ହତ୍ୟା କରାଯାଇଥିବା ଭଳି ସଙ୍ଗିନ ଅଭିଯୋଗ ରହିଛି। ତେଣୁ ଏସବୁ ଘଟଣାକୁ ନଜରରେ ରଖି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ବିଜେଡି ଦାବି କରିଛି।

# ୟୁପିରେ ୫୭.୪୫% ମତଦାନ

**ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ**

ଲକ୍ଷ୍ନୌ,୨୩।୨(ପି.ଟି.)

ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନର ଚତୁର୍ଥ ପର୍ଯ୍ୟାୟରେ ବୁଧବାର ୫୯ ଆସନରେ ମତଦାନ ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନ ୫ଟା ସୁଦ୍ଧା ହାରାହାରି ୫୭.୪୫ ପ୍ରତିଶତ ମତଦାନ ହୋଇଥିବା ନିର୍ବାଚନ କମିଶନଙ୍କ ସୂତ୍ରରୁ ଜଣାପଡ଼ିଛି। ପିଲିଭିଟ୍, ଲଖିମପୁର ଖେରି, ସୀତାପୁର, ହାର୍ଦୋଇ, ଉନ୍ନାଓ, ଲକ୍ଷ୍ନୌ, ରାଏବରେଲି, ବନ୍ଦା ଓ ଫତେପୁର ଜିଲାର ୫୯ ଆସନ ପାଇଁ ହୋଇଥିବା ଭୋଟଗ୍ରହଣରେ ୬୨୪ ପ୍ରାର୍ଥୀ ଭାଗ ନେଇଥିଲେ। ସକାଳ ୭ରୁ ମତଦାନ ଆରମ୍ଭ ହୋଇ ସନ୍ଧ୍ୟା ୬ ପର୍ଯ୍ୟନ୍ତ ଚାଲିଥିଲା। ଅପରାହ୍ନ ୫ଟା ସୁଦ୍ଧା ପିଲିଭିଟ୍‌ରେ ୬୧.୩୩% ଭୋଟ ପଡ଼ିଥିବାବେଳେ ଖେରିରେ ୬୨.୪୨%, ସୀତାପୁରରେ ୫୮.୩୯%, ଉନ୍ନାଓରେ ୫୪.୦୫, ହାର୍ଦୋଇରେ ୫୫.୨୯, ଲକ୍ଷ୍ନୌରେ ୫୫.୦୮, ରାଏବରେଲିରେ ୫୮.୪୦ , ବନ୍ଦାରେ ୫୭.୫୪ ଏବଂ ଫତେପୁରରେ୫୭.୦୨ ପ୍ରତିଶତ ମତଦାନ ହୋଇଥିବା ଜଣାପଡ଼ିଛି। ମତଦାନ ମୋଟାମୋଟି ଶାନ୍ତିପୂର୍ଣ୍ଣ ଥିବା ନିର୍ବାଚନ ଅଧିକାରୀ କହିଛନ୍ତି। ଅନ୍ୟପକ୍ଷରେ ଲକ୍ଷ୍ନୌ, ଉନ୍ନାଓ, ହାର୍ଦୋଇ, ସୀତାପୁରର କେତେକ ଅଞ୍ଚଳରେ ଅନିୟମିତତା ହୋଇଥିବା ସମାଜବାଦୀ ପାର୍ଟି ଅଭିଯୋଗ କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛି।

ଚତୁର୍ଥ ପର୍ଯ୍ୟାୟରେ ମୋଟ ୨.୩ କୋଟି ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଛନ୍ତି। ଏଥିପାଇଁ ୨୪,୬୪୩ ବୁଥ୍ ଓ ୧୩,୮୧୭ ଭୋଟକେନ୍ଦ୍ର ଖୋଲାଯାଇଥିଲା। ଲଖିମପୁର ଖେରିରେ କେନ୍ଦ୍ରମନ୍ତ୍ରୀ ତଥା ଭାଜପା ନେତା ଅଜୟ ମିଶ୍ର ଭୋଟ ଦେଇଥିଲେ। ସୂଚନାଯୋଗ୍ୟ, ଗତବର୍ଷ ଅକ୍ଟୋବରରେ ତାଙ୍କ ପୁଅ ଆଶିଷ ମିଶ୍ରାଙ୍କ ଗାଡ଼ି ମାଡ଼ିଯାଇ ୪ କୃଷକଙ୍କ ମୃତ୍ୟୁ ଘଟିବା ସହ ପରବର୍ତ୍ତୀ ହିଂସାରେ ଆଉ ୪ ଜଣଙ୍କ ଜୀବନ ଯାଇଥିଲା। ମୁଖ୍ୟ ଅଭିଯୁକ୍ତ ଆଶିଷଙ୍କୁ ନିକଟରେ ଆଲ୍ଲାହାବାଦ ହାଇକୋର୍ଟ ଜାମିନ ପ୍ରଦାନ କରିଥିବାବେଳେ ଏହାକୁ ମୃତ ଚାଷୀଙ୍କ ପରିବାର ପକ୍ଷରୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି।


ଲକ୍ଷ୍ନୌରେ ବୁଧବାର ଭୋଟଦାନ ପରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଅଙ୍ଗୁଳି ଛାପ ଦେଖାଉଛନ୍ତି।

# ସାନି ମତଦାନ ବର୍ଜନ



ଭୋଟ ବର୍ଜନ କରିଥିବା ଦୁଣ୍ଡା ଗ୍ରାମବାସୀ।

ଜୁନାଗଡ଼,୨୩।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକରେ ଗତ ବୁଧବାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକର ସବୁ ସ୍ଥାନରେ ଶାନ୍ତିଶୃଙ୍ଖଳା ସହ ମତଦାନ ହୋଇଥିବା ବେଳେ ଦୁଣ୍ଡା ଗ୍ରାମବାସୀ ଭୋଟ ବର୍ଜନ କରିଥିଲେ। ଗ୍ରାମକୁ ରାସ୍ତା ଓ ପାନୀୟ ଜଳର ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ ଭୋଟ ଦେବୁ ନାହିଁ ବୋଲି ପୂର୍ବରୁ ଗ୍ରାମବାସୀ ଜିଲାପାଳ ଓ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏପରିକି ମତଦାନ ଦିନ ନିର୍ବାଚନ ପରିଚାଳନା କରିବା ପାଇଁ ଯାଇଥିବା କର୍ମଚାରୀଙ୍କୁ ଗ୍ରାମବାସୀ ବିରୋଧ କରି ଫେରାଇ ଦେଇଥିଲେ। ନିର୍ବାଚନ ଶେଷ ହେବାର ୩ ଦିନ ପରେ ଅର୍ଥାତ୍ ୧୯ ତାରିଖରେ ବ୍ଲକ ପ୍ରଶାସନ ପକ୍ଷରୁ ବିଡିଓ ଦୁଲାରାମ ମାରାଣ୍ଡି, ତହସିଲଦାର ବେଦବ୍ୟାସ ଭୋଇ, ଆଇଆଇସି ଉତ୍ତମ କୁମାର ସାହୁ, ସହକାରୀ ଯନ୍ତ୍ରୀ ଗୋବିନ୍ଦ ବଲ୍ଲଭ ମହାରଣା ପ୍ରମୁଖଙ୍କ ସହ ଏକ ଟିମ୍ ଦୁଣ୍ଡା ଗ୍ରାମକୁ ଯାଇ ଲୋକଙ୍କୁ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ଫଳରେ ସାନି ମତଦାନ ପାଇଁ ନିଷ୍ପତ୍ତି ହୋଇଥିଲା। ଏପରିସ୍ଥଳେ ବୁଧବାର ବ୍ଲକ ପ୍ରଶାସନ ପକ୍ଷରୁ ଦୁଣ୍ଡା ଗ୍ରାମବାସୀଙ୍କ ପାଇଁ ନିକଟସ୍ଥ ବାଙ୍କପଲାସ ପଞ୍ଚାୟତ ସାନଟିକ୍ରାଗୁଡା ଗ୍ରାମ ପ୍ରାଥମିକ ବିଦ୍ୟାଳୟରେ ଏକ ବୁଥ୍ କରାଯାଇ ସାନି ମତଦାନ ପାଇଁ ବ୍ୟବସ୍ଥା କରାଯାଇଥିଲା। ହେଲେ ଜିଦ୍‌ରେ ଅଟଳ ଦୁଣ୍ଡା ଗ୍ରାମବାସୀ ସାନି ମତଦାନରେ ବି ସାମିଲ ହୋଇ ନ ଥିଲେ। ଯେତେଦିନ ପର୍ଯ୍ୟନ୍ତ ଉପରୋକ୍ତ ଦାବି ପୂରଣ କରା ନ ଯିବ ସେତେଦିନ ଯାଏ ଭୋଟ ଦିଆଯିବ ନାହିଁ କହି ସାନି ମତଦାନରେ ବି ସାମିଲ ହୋଇ ନ ଥିଲେ। ସାନି ମତଦାନ ସମୟରେ ବିଡିଓ ମାରାଣ୍ଡି, ତହସିଲଦାର ଭୋଇ, ଆଇଆଇସି ସାହୁ, ବ୍ଲକ ଅଧ୍ୟକ୍ଷା ନୁର୍ଯ୍ୟ ମାଝି ପ୍ରମୁଖ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଜୁନାଗଡ ବ୍ଲକର ଦୁନ୍ଦେଲମାଲ ପଞ୍ଚାୟତ ବଣପାହାଡଘେରା ଭିତରେ ଥିବା ଦୁଣ୍ଡା ଗ୍ରାମରେ ୨୯୮ଜଣ ଭୋଟର ରହିଛନ୍ତି।

# ଭୋଟ ଗଣନା ଚିନ୍ତା

ଭୁବନେଶ୍ୱର,୨୩।୨(ବ୍ୟୁରୋ)

■ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା କରିବାକୁ ଡିଜିପିଙ୍କୁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ

■ପରିସ୍ଥିତି ଉପରେ ନଜର ରଖିବେ ଏସ୍‌ପି

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରେ ଆସନ୍ତା ୨୬, ୨୭ ଏବଂ ୨୮ ତାରିଖରେ ସମସ୍ତ ବ୍ଲକ୍ ମୁଖ୍ୟାଳୟଠାରେ ୩ଦିନ ଧରି ଭୋଟ ଗଣନା କାର୍ଯ୍ୟ ଅନୁଷ୍ଠିତ ହେବ । ଭୋଟ ଗଣନା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା କରିବାକୁ ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଗଣତି ସମୟରେ ସମ୍ଭାବ୍ୟ ଆଇନଶୃଙ୍ଖଳା ପରିସ୍ଥିତିକୁ କିପରି ନିୟନ୍ତ୍ରଣ କରାଯିବ ଓ ସେଥିପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ ସେ ନେଇ ବୁଧବାର ରାଜ୍ୟ ନିର୍ବାଚନ କମିଶନରଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ପୋଲିସ ମହାନିର୍ଦ୍ଦେଶକ ସୁନୀଲ ବଂଶଲ ଏବଂ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଆର୍.କେ. ଶର୍ମାଙ୍କ ସହ ସୁରକ୍ଷା ସମ୍ପର୍କରେ କମିଶନ ଆଲୋଚନା କରିଛନ୍ତି । ଭୋଟଗଣତି କେନ୍ଦ୍ର ବାହାରେ, ବିଶେଷକରି ଭୋଟଗଣତି ସମୟରେ ହେବାକୁ ଥିବା ଭିଡ଼କୁ କିପରି ନିୟନ୍ତ୍ରଣ କରାଯାଇପାରିବ ଓ ଭୋଟଗଣତି କାର୍ଯ୍ୟ ରାତି ପର୍ଯ୍ୟନ୍ତ ଚାଲିଲେ, ସେ ସମୟରେ ସମ୍ଭାବ୍ୟ ଆଇନଶୃଙ୍ଖଳା ରକ୍ଷା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଛି। କୌଣସି ପରିସ୍ଥିତିରେ କୌଣସିଠାରେ ଯେପରି ବିଶୃଙ୍ଖଳା ନ ଉପୁଜିବ ସେ ଦିଗରେ ତୀକ୍ଷ୍ଣ ଦୃଷ୍ଟିଦେବାକୁ ସମ୍ପୃକ୍ତ ଜିଲାର ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦିଆଯିବ । ଏ ହି ସମୀକ୍ଷା ବୈଠକରେ ନିର୍ବାଚନ ଆୟୋଗଙ୍କ ସଚିବ ରବୀନ୍ଦ୍ରନାଥ ସାହୁ, ସ୍ୱତନ୍ତ୍ର ସଚିବ ରଘୁରାମ ଆର୍. ଆୟାର ପ୍ରମୁଖ ଉପସ୍ଥିତ ଥିଲେ ।

# ଏସ୍‌ପିକୁ ରାଷ୍ଟ୍ରୀୟ କିଷାନ ମଞ୍ଚର ସମର୍ଥନ

ନୂଆଦିଲ୍ଲୀ,୨୩।୨(ପି.ଟି.)

ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନରେ କୃଷକ ସଂଗଠନ ରାଷ୍ଟ୍ରୀୟ କିଷାନ ମଞ୍ଚ ବୁଧବାର ସମାଜବାଦୀ ପାର୍ଟି (ଏସ୍‌ପି)କୁ ସମର୍ଥନ ଘୋଷଣା କରିଛି। ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କୁ ପତ୍ର ଲେଖି ମଞ୍ଚର ଜାତୀୟ ସଭାପତି ଶେଖର ଦୀକ୍ଷିତ ଏହା ଜଣାଇଛନ୍ତି। ଏଥିରେ ଦୀକ୍ଷିତ ଉଲ୍ଲେଖ କରିଛନ୍ତି, ଶାସକ ଭାଜପା କୃଷକମାନଙ୍କ କଲ୍ୟାଣ ପାଇଁ କିଛି କରୁନାହିଁ। ବରଂ ଏହା ସଦ୍‌ଭାବନ ଭଙ୍ଗ କରିବା ବିଷୟ କହୁଛି। ଲୋକଙ୍କ ମଧ୍ୟରେ ଧର୍ମୀୟ ଉନ୍ମାଦନା ସୃଷ୍ଟି କରି ଭାଜପା କ୍ଷମତାରେ ରହିବାକୁ ଉଦ୍ୟମ କରୁଛି। ମଞ୍ଚର ଜରୁରୀ ବୈଠକରେ ରାଜ୍ୟର ସାମ୍ପ୍ରତିକ ସ୍ଥିତି ଉପରେ ଆଲୋଚନା କରାଯାଇ ଏସ୍‌ପିକୁ ସମର୍ଥନ ଦେବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି।

# ଉଦ୍ଧାର ହେଲେ କୋଟଗଡ ବ୍ଲକ ବିଜେଡି ସଭାପତି

ଫୁଲବାଣୀ ଅଫିସ/କୋଟଗଡ, ୨୩।୨

**ଏମ୍‌ପି ପ୍ରତିନିଧିଙ୍କ ସମେତ ୧୨ ଜଣଙ୍କ ନାଁରେ ମାମଲା, ୬ ଗିରଫ**

କନ୍ଧମାଳ ଜିଲା କୋଟଗଡ ବ୍ଲକ ବିଜେଡି ସଭାପତି ତଥା ଯୁବାଗୁଡା ସମିତି ସଭ୍ୟ ପ୍ରାର୍ଥୀ ଷ୍ଟିପେନ ପ୍ରଧାନଙ୍କୁ ମଙ୍ଗଳବାର ସନ୍ଧ୍ୟାରେ ଅପହରଣ କରାଯାଇଥିଲା। ବୁଧବାର ପୋଲିସ ତାଙ୍କୁ ଉଦ୍ଧାର କରିଛି। ଏହି ଘଟଣାରେ ବିଜେଡି ଏମ୍‌ପିଙ୍କ ପ୍ରତିନିଧି ମନୋଜ ସାବତଙ୍କ ସମେତ ୧୨ ଜଣଙ୍କ ନାଁରେ ମାମଲା ରୁଜୁ ହୋଇଛି। ପୋଲିସ ସେମାନଙ୍କ ମୋବାଇଲ ଫୋନ ଟ୍ରାକ କରି ଷ୍ଟିପେନଙ୍କୁ ଉଦ୍ଧାର କରି ୬ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପରାଶର ପାଟ୍ଟମାଝି, ମହାଦେବ ବଳିୟାର ସିଂ, ଗୁଡ୍ଡୁ ସିଂ, ବାଦଲ ବଳିୟାର ସିଂ, ସୁବାସ ମଲ୍ଲିକ ଓ ଲଣ୍ଡା ମଲ୍ଲିକ । ମନୋଜ ଏବଂ ଅନ୍ୟମାନେ ଫେରାର ଅଛନ୍ତି ।

ସୂଚନା ଅନୁସାରେ, ଷ୍ଟିପେନ ମଙ୍ଗଳବାର ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାରେ ବାଇକରେ ଆସୁଥିଲେ । କୋଟଗଡ ହାଇସ୍କୁଲ ନିକଟରେ ୩ଟି ବୋଲେରୋରେ ମନୋଜ ଏବଂ ତାଙ୍କ ସହଯୋଗୀମାନେ ଆସି ତାଙ୍କୁ ଅଟକାଇଥିଲେ। ପରେ ଷ୍ଟିପେନଙ୍କୁ ଜୋରଜବରଦସ୍ତ ଏକ ବୋଲେରୋକୁ ଉଠାଇ ନେଇଥିଲେ । ଏହି ଘଟଣା ଜାଣିବା ପରେ ସ୍ଥାନୀୟ ଲୋକେ କୋଟଗଡ-ମୁନିଗୁଡା ମୁଖ୍ୟରାସ୍ତା ଅବରୋଧ କରିଥିଲେ। ପୋଲିସ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ଶୁଣି ନ ଥିଲେ। ମୋବାଇଲ ଟ୍ରାକିଂ କରି ପୋଲିସ ସେମାନଙ୍କ ଉପରେ ନଜର ରଖିଥିଲା। ଅଭିଯୁକ୍ତମାନେ ମୁନିଗୁଡାରୁ ବାଲିଗୁଡା ଫେରୁଥିବା ଜାଣିବା ପରେ କୋଟଗଡ ପୋଲିସର ଏକ ଟିମ ବାଲିଗୁଡା ବାହାରିଥିଲା। ବୁଧବାର ଭୋରରେ ବାଲିଗୁଡାର ଏକ ପେଟ୍ରୋଲ ପମ୍ପ ପାଖରେ ଏକ ବୋଲେରୋକୁ ଅଟକାଇ ଯାଞ୍ଚ କଲା ବେଳେ ସେଥିରେ ଷ୍ଟିପେନ ଥିଲେ । ପୋଲିସ ତାଙ୍କୁ ଉଦ୍ଧାର କରି ଗାଡିରେ ଥିବା ୬ ଜଣଙ୍କୁ ଗିରଫ କରିଥିଲା। ହେଲେ ଅନ୍ୟ ୨ଟି ଗାଡିକୁ ଠାବ କରିପାରିନି। ଥାନାରେ ନଂ.୨୪/୨୨ରେ ମାମଲା ରୁଜୁ ହୋଇଛି।

# ନିର୍ବାଚନ ଦାୟିତ୍ୱରୁ ହଟିଲେ କିଶୋରନଗର ବିଡିଓ

ବଇଣ୍ଡା,୨୩।୨(ଡି.ଏନ.ଏ.)

ଅନୁଗୋଳ ଜିଲା କିଶୋରନଗର ବିଡିଓ ଡ. ସ୍ୱରୁପା ନନ୍ଦ ସାହୁଙ୍କୁ ପଞ୍ଚାୟତ ନିର୍ବାଚନ ଦାୟିତ୍ୱରୁ ବୁଧବାର ଅବ୍ୟାହତି ଦିଆଯାଇଛି। ଏ ସମ୍ପର୍କରେ ରାଜ୍ୟ ନିର୍ବାଚନ କମିଶନଙ୍କ ସଚିବ ଆର୍.ଏନ୍. ସାହୁ ଅନୁଗୋଳ ଜିଲାପାଳଙ୍କୁ ଚିଠି ନଂ. ୩୫୫୮ ତା ୨୩।୨।୨୦୨୨ ମାଧ୍ୟମରେ ଅବଗତ କରାଇଛନ୍ତି। ଆଗାମୀ ଭୋଟ ଗଣତି କାର୍ଯ୍ୟ ସହ ନିର୍ବାଚନର କୌଣସି ଦାୟିତ୍ୱରେ ବିଡିଓ ରହିପାରିବେ ନାହିଁ ବୋଲି ଉକ୍ତ ଚିଠିରେ ସଚିବ ଉଲ୍ଲେଖ କରିଛନ୍ତି। କିଛିଦିନ ତଳେ କିଶୋରନଗର ବିଡିଓ ଶାସକ ଦଳ ସପକ୍ଷରେ କଥାବାର୍ତ୍ତା ହେଉଥିବାର ଏକ ଅଡିଓ ଭାଇରାଲ ହୋଇଥିଲା। ଏ ନେଇ ଭାଜପା ପକ୍ଷରୁ ରାଜ୍ୟ ନିର୍ବାଚନ କମିଶନଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ବିଡିଓ ସାହୁ କୋଭିଡ୍ ପଜିଟିଭ୍ ଚିହ୍ନଟ ହେବା ପରଠାରୁ ଗତ ୨୨ ତାରିଖ ପର୍ଯ୍ୟନ୍ତ ସଙ୍ଗରୋଧରେ ରହିଥିଲେ। ତେଣୁ କିଶୋରନଗର ତହସିଲଦାର ଶାନ୍ତିସ୍ୱରୂପ ମିଶ୍ର ବ୍ଲକରେ ପଞ୍ଚାୟତ ନିର୍ବାଚନ ପରିଚାଳନା ଦାୟିତ୍ୱ ତୁଲାଉଛନ୍ତି।

# ନିର୍ବାଚନ ପୂର୍ବରୁ ସରପଞ୍ଚ ପ୍ରାର୍ଥୀ ନିଖୋଜ

## ଥାନାରେ ସ୍ତ୍ରୀଙ୍କ ଅଭିଯୋଗ

ବିଶୋଇ,୨୩।୨(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବିଶୋଇ ବ୍ଲକରେ ଗୁରୁବାର ନିର୍ବାଚନ ଥିବାବେଳେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଭାତଛତ୍ର ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ସଦାନନ୍ଦ ଟୁଡୁ ୨ ଦିନ ହେଲା ନିଖୋଜ ଅଛନ୍ତି। ପରିବାର ଲୋକେ ଯୋଗାଯୋଗ କରିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ତାଙ୍କ ଫୋନ୍ ସୁଇଚ୍ ଅଫ୍ ଥିବା କହିଛନ୍ତି।


ସଦାନନ୍ଦ ଟୁଡୁ

ବୁଧବାର ସକାଳେ ସଦାନନ୍ଦଙ୍କ ସ୍ତ୍ରୀ ବାସନ୍ତୀ ସ୍ୱାମୀଙ୍କ ନିଖୋଜ ସମ୍ପର୍କରେ ବିଶୋଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ତାଙ୍କ ସନ୍ଧାନ ପାଇଁ ଛାନ୍‌ଭିନ୍ ଚଳାଇଥିବା ବେଳେ ଏନେଇ ପଞ୍ଚାୟତରେ ହଇଚଇ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ବୁଧବାର ବିଳମ୍ବିତ ରାତ୍ରିରେ ୪୯ନଂ. ଜାତୀୟ ରାଜପଥରେ ବିଶୋଇ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ବବେଇଜଳା ଛକରୁ ସଦାନନ୍ଦଙ୍କ ବାଇକ୍‌କୁ ଉଦ୍ଧାର କରିଥିଲା।

# ଅବଧି ଶେଷ ପରେ ବି ପ୍ରଚାର

ସୁନ୍ଦରଗଡ଼,୨୩।୨ (ଡି.ଏନ୍.ଏ.)

■ରାଜ୍ୟସଭା ସଦସ୍ୟ ସସ୍ମିତ ପାତ୍ରଙ୍କ ବିରୋଧରେ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ

■ଘେରିଲେ ଭାଜପା କର୍ମୀ

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ସୁନ୍ଦରଗଡ଼ ଜିଲାର ସଦର, ଟାଙ୍ଗରପାଲି ଏବଂ ଗୁରୁଣ୍ଡିଆ ବ୍ଲକର ୬ଟି ଜିଲାପରିଷଦ ଜୋନ୍‌ରେ ଗୁରୁବାର ଅନ୍ତିମ ପର୍ଯ୍ୟାୟ ଭୋଟଗ୍ରହଣ ହେବ। ଏଥିପାଇଁ ମଙ୍ଗଳବାର ସନ୍ଧ୍ୟାଠାରୁ ପ୍ରଚାର କାର୍ଯ୍ୟ ଶେଷ ହୋଇଛି। ପ୍ରଚାର କାର୍ଯ୍ୟ ଅବଧି ଶେଷ ପରେ ସେହି ଅଞ୍ଚଳକୁ ବାହାର ନେତାଙ୍କ ପ୍ରବେଶ ଉପରେ କଟକଣା ରହିଛି। ମାତ୍ର ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ କରି ବିଜେଡି ନେତା ତଥା ରାଜ୍ୟସଭା ସଦସ୍ୟ ଡ.ସସ୍ମିତ ପାତ୍ର ସୁନ୍ଦରଗଡ଼ ବିଧାନସଭା କ୍ଷେତ୍ର ଅନ୍ତର୍ଗତ ଟାଙ୍ଗରପାଲି ଓ ସଦର ବ୍ଲକର ବିଭିନ୍ନ ସ୍ଥାନରେ ବୁଧବାର ଘରକୁ ଘର ବୁଲି ପ୍ରଚାର କରୁଥିବା ନେଇ ଭାଜପା ପକ୍ଷରୁ ଅଭିଯୋଗ ହୋଇଛି। ରାଜ୍ୟସଭା ସଦସ୍ୟ ଡ. ପାତ୍ର ଟାଙ୍ଗରପାଲି ବ୍ଲକ (କ)ଜିଲା ପରିଷଦ ଜୋନ୍‌ର ବିଜେଡି ପ୍ରାର୍ଥିନୀଙ୍କ ସପକ୍ଷରେ ଘରକୁ ଘର ବୁଲି ପ୍ରଚାର କରୁଥିବାବେଳେ ରେଣ୍ଡାଠାରେ ଭାଜପା କର୍ମୀ ଘେରିଯାଇ ବିରୋଧ କରିଥିଲେ। ପରେ ଡ. ପାତ୍ର ସେଠାରୁ ଚାଲିଯାଇଥିବାବେଳେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ଘଟଣାସ୍ଥଳରେ ପୋଲିସ ପହଞ୍ଚି ପରିସ୍ଥିତିକୁ ସ୍ୱାଭାବିକ କରିଥିଲେ। ଭାଜପା ପକ୍ଷରୁ ଏହା ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ବୋଲି ଅଭିଯୋଗ କରାଯାଇଛି। ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ଘଟଣା ସମ୍ପର୍କରେ ରାଜ୍ୟ ନିର୍ବାଚନ କମିଶନଙ୍କ ଠାରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ସୁନ୍ଦରଗଡ଼ ନିର୍ବାଚନ ମଣ୍ଡଳୀରେ ଶାସକ ଦଳ ପକ୍ଷରୁ ଆଚରଣ ବିଧି ଉଲ୍ଲଂଘନ କରାଯାଇଛି। ମଙ୍ଗଳବାର ପ୍ରଚାର କାର୍ଯ୍ୟ ଶେଷ ହୋଇଥିଲେ ହେଁ ବୁଧବାର ବିଭିନ୍ନ ଗ୍ରାମରେ ରାଜ୍ୟସଭା ସଦସ୍ୟ ଡ. ପାତ୍ର ପ୍ରଚାର କରିଛନ୍ତି। ସେହିପରି ସଦର ବ୍ଲକର କୁଲଟା ପଞ୍ଚାୟତର ଲାଙ୍ଗବାହାଲ ଗ୍ରାମରେ ନିର୍ବାଚନୀ ସଭା କରିଛନ୍ତି। ଏହାର ବିଧିବଦ୍ଧ ତଦନ୍ତ କରିବାକୁ ବିଧାୟିକା ଦାବି କରିଛନ୍ତି। ବିଜେଡିର ସୁନ୍ଦରଗଡ଼ ସହପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ଦେବାଶିଷ ମଲ୍ଲିକ ବିଧାୟିକାଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ମଲ୍ଲିକ କହିଛନ୍ତି, ରାଜ୍ୟ ସଭା ସଦସ୍ୟ ଡ. ପାତ୍ର କୌଣସି ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରିନାହାନ୍ତି। ସେ ତାଙ୍କର ଜଣେ ବନ୍ଧୁଙ୍କ ଘରକୁ ଚା' ପିଇବାକୁ ଯାଇଥିଲେ।

# ଜଗିଛି ଡ୍ରୋନ୍ କ୍ୟାମେରା

**୧୦ ବର୍ଷ ପରେ ସ୍ୱାଭିମାନ ଅଞ୍ଚଳରେ ଆଜି ଭୋଟ**

ମାଲକାନଗିରି/ଚିତ୍ରକୋଣ୍ଡା, ୨୩।୨(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ପଞ୍ଚମ ତଥା ଶେଷ ପର୍ଯ୍ୟାୟ ପାଇଁ ଗୁରୁବାର ହେବ ଭୋଟ ଗ୍ରହଣ । ବ୍ଲକର ୧୮ଟି ପଞ୍ଚାୟତର ୨୨୨ ୱାର୍ଡର ୨୩୩ ବୁଥ୍‌ରେ ୪୧,୭୮୨ ଭୋଟର ମତଦାନ କରିବେ । ସେମାନେ ବ୍ଲକର ୨ଟି ଜିଲା ପରିଷଦ ଜୋନ୍‌ରେ ୭ ଜିଲା ପରିଷଦ ପ୍ରାର୍ଥୀ, ୬୨ ସରପଞ୍ଚ, ୪୫ ସମିତିସଭ୍ୟ ଓ ୨୨୫ ୱାର୍ଡମେମ୍ବର ଏପରି ମୋଟ ୩୩୯ ଜଣ ପ୍ରାର୍ଥୀଙ୍କର ଭାଗ୍ୟ ନିର୍ଦ୍ଧାରଣ କରିବେ। ଏଥିପାଇଁ କଡ଼ା ସୁରକ୍ଷା ବଳୟରେ ଚିତ୍ରକୋଣ୍ଡା ଡାଏଟ କଣ୍ଟ୍ରୋଲ ରୁମ୍‌ରୁ ମାଲକାନଗିରି ପିଡି ଡିଆରଡିଏ ବାଳମୁକୁନ୍ଦ ଭୂୟାଁ, ଉପଜିଲାପାଳ ଅକ୍ଷୟ ଖେମୁଣ୍ଡୁ, ଚିତ୍ରକୋଣ୍ଡା ବିଡିଓ ରାହୁଲ ମଣ୍ଡଳ ଓ ତହସିଲଦାର ଟି. ପଦ୍ମନାଭ ଦୋରାଙ୍କ ଉପସ୍ଥିତିରେ ପୋଲିଂ ପାର୍ଟି ନିଜ ବୁଥ୍‌କୁ ଗସ୍ତ କରିଥିଲେ। ସକାଳ ୯ଟାରେ ଚିତ୍ରକୋଣ୍ଡା ସ୍ୱିଲବାଇ ଲଞ୍ଚ ଘାଟରୁ ବାଲିମେଳା ଜଳଭଣ୍ଡାର ମଧ୍ୟରେ ବୋଟ୍ ଯୋଗେ ଯନ୍ତ୍ରୀ, ଘନବେଡ଼ା ଓ ଅଣ୍ଡିରାପାଲି ପଞ୍ଚାୟତର ୩୮ ଅତି ସମ୍ବେଦନଶୀଳ ବୁଥ୍‌ରେ ପୋଲିଂ କର୍ମଚାରୀ ପହଞ୍ଚିଛନ୍ତି। ୫ମ ପର୍ଯ୍ୟାୟ ମତଦାନ ପାଇଁ ଏଠାରେ ୬୬୬ ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଶେଷ ପର୍ଯ୍ୟାୟ ମତଦାନ ଯେପରି ଶାନ୍ତିଶୃଙ୍ଖଳାର ସହିତ ହେବ ସେନେଇ ସ୍ୱାଭିମାନ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ବିଏସ୍‌ଏଫ୍, ଏସ୍‌ଓଜି ଓ ଡିଭିଏଫ୍ ପକ୍ଷରୁ କୋମ୍ବିଂ ଅପରେଶନ ସହ ତଲାସି ଅଭିଯାନକୁ ବ୍ୟାପକ କରାଯାଇଛି। ଜିଲାପାଳ ବିଶାଲ ସିଂହ ଚିତ୍ରକୋଣ୍ଡା ଗସ୍ତକରି ସମସ୍ତ ବ୍ୟବସ୍ଥା ଅନୁଧ୍ୟାନ କରିଛନ୍ତି। ଏହି ଅଞ୍ଚଳ ମାଓବାଦୀ ପ୍ରଭାବିତ ଅଞ୍ଚଳ ହୋଇଥିବାରୁ ମତଦାନ ପ୍ରକ୍ରିୟା ସହ ସମ୍ପୃକ୍ତ ଅଞ୍ଚଳକୁ ଡ୍ରୋନ୍ କ୍ୟାମେରା ସାହାଯ୍ୟରେ ନଜର ରଖାଯାଇଥିବା ଜିଲାପାଳ କହିଛନ୍ତି। ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଜନ୍ତାପାଇ ବିଏସ୍‌ଏଫ୍ କ୍ୟାମ୍ପ ପରେ ଅନ୍ୟାନ୍ୟ ଅଞ୍ଚଳକୁ ନ ଯିବାପାଇଁ ମାଲକାନଗିରି ଏସ୍‌ପି ନୀତେଶ ୱାଧୱାନୀ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ, ସ୍ୱାଭିମାନ ଅଞ୍ଚଳରେ ମାଓବାଦୀଙ୍କ ପ୍ରାଦୁର୍ଭାବ ଯୋଗୁ ଗତଥର ପଞ୍ଚାୟତ ନିର୍ବାଚନ ହୋଇପାରି ନ ଥିଲା। ଏଥର ୧୦ ବର୍ଷ ପରେ ଏହି ନିର୍ବାଚନ ହେଉଛି। ଇତିମଧ୍ୟରେ ଉକ୍ତ ଅଞ୍ଚଳରେ ଗୁରୁପ୍ରିୟା ସେତୁ ପ୍ରତିଷ୍ଠା ସହ ବିଭିନ୍ନ ସ୍ଥାନରେ ବିଏସ୍‌ଏଫ୍ କ୍ୟାମ୍ପ ପ୍ରତିଷ୍ଠା ଅଞ୍ଚଳରେ ମାଓବାଦୀଙ୍କ ଗତିବିଧିରେ ରୋକ ଲଗାଇଥିଲା। ନିଜ ଅଞ୍ଚଳର ବିକାଶକୁ ଗୁରୁତ୍ୱ ଦେଇ ଲୋକେ ମାଓବାଦୀଙ୍କ ହାତ ଛାଡ଼ିଥିଲେ। ଫଳରେ ଚଳିତଥର ସ୍ୱାଭିମାନ ଅଞ୍ଚଳରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେଉଛି। ଏନେଇ ଲୋକଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ଓ ଉତ୍ସାହ ମଧ୍ୟ ଦେଖିବାକୁ ମିଳୁଛି।


ବାଲିମେଳା ଜଳଭଣ୍ଡାରରେ ବୋଟ୍ ଯୋଗେ ପୋଲିଂ କର୍ମଚାରୀମାନେ ନିଜ ବୁଥ୍‌କୁ ଯାଉଛନ୍ତି।

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୨,୮୯,୫୫,୮୮୨ | ୫୯,୨୮,୯୪୪ | ୩୫,୭୧,୩୬,୮୫୬ |
| ଭାରତ | ୪,୨୮,୬୭,୦୩୧ | ୫,୧୨,୬୫୨ | ୪,୨୧,୮୯,୮୮୭ |
| ଓଡ଼ିଶା | ୧୨,୮୩,୬୩୯ | ୯୦୪୫(+୫୩) | ୧୨,୭୧,୦୧୮ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

### ସଂକ୍ଷେପରେ

## ଡେପୁଟେଶନରେ ଯିବେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

ଭୁବନେଶ୍ୱର,୨୩।୨(ବ୍ୟୁରୋ): ଆଇଏଏସ୍ ଅଫିସର କ୍ରିଷନ କୁମାର କେନ୍ଦ୍ରୀୟ ଡେପୁଟେଶନରେ ଯିବେ। ସେ ବର୍ତ୍ତମାନ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଏବଂ ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ସଚିବ ଭାବେ ଅବସ୍ଥାପିତ ।



ତେଣୁ ଏବେଠାରୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଏବଂ ପୂର୍ତ୍ତ ବିଭାଗ ସଚିବ ଭାବେ କାହାକୁ ଦାୟିତ୍ୱ ମିଳିବ ତାକୁ ନେଇ ଆଲୋଚନା ଜୋର୍ ଧରିଛି। କ୍ରିଷନ କୁମାର କେନ୍ଦ୍ରୀୟ ବାଣିଜ୍ୟ ବିଭାଗର ଯୁଗ୍ମ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିବେ। ବୁଧବାର ଏନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ମୋଟ ୪୩ ଜଣ ଦକ୍ଷ ଅଫିସରଙ୍କୁ କେନ୍ଦ୍ରର ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗ ଦାୟିତ୍ୱ ଦିଆଯାଇଛି। ଆସନ୍ତା ୫ ବର୍ଷ ଲାଗି କେନ୍ଦ୍ରୀୟ ଡେପୁଟେଶନରେ ରହିବାକୁ ଥିବାବେଳେ ପରବର୍ତ୍ତୀ ବିଜ୍ଞପ୍ତି ପ୍ରକାଶ ନ ପାଇବା ଯାଏ ସେମାନେ କେନ୍ଦ୍ରରେ ରହିବେ। ପୂର୍ବରୁ କ୍ରିଷନ କୁମାର ରାଜ୍ୟ ସରକାରଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱରେ ରହିଆସିଛନ୍ତି।

## ମାଡ଼ିଗଲା ଡମ୍ପର: ୨ ନାବାଳକ ମୃତ

ଯୋଡ଼ା,୨୩।୨(ଡି.ଏନ.ଏ.): କେନ୍ଦୁଝର ଜିଲା ବାମେବାରି ଥାନା ଅଧୀନ କାଳୀମାଟିଠାରେ ବୁଧବାର ଡମ୍ପର ଧକ୍କାରେ ୨ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ଲକ୍ଷ୍ମଣ ଭଗତ ଓ କିସ୍ମତ ମୁଣ୍ଡା। ଡମ୍ପରଟି ଏକ ଖଣିରୁ ଖଣିଜ ବୋଝେଇ କରି ନୟାଗଡ଼ ସ୍ଥିତ ରେଳ ସାଇଡିଂକୁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିଛନ୍ତି। ଥାନା ଆଇଆଇସି ମନୋରଞ୍ଜନ ବିଶି ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ ହେଁ ଏହି ରିପୋର୍ଟ ଲେଖା ହେବା ସୁଦ୍ଧା ରାସ୍ତା ଅବରୋଧ ଜାରି ରହିଥିବା ସୂଚନା ମିଳିଛି।

# ଅମଳ ସମୟରେ ଆଳୁ ସଙ୍କଟ

### ଥିଲା ୧୫, ସପ୍ତାହକ ମଧ୍ୟରେ ୨୦ ଛୁଇଁଲା

ଭୋଗରାଇ, ୨୩।୨(ଡି.ଏନ.ଏ.)

ଏବେ ଅମଳ ସମୟରେ ବଜାରରେ ଆଳୁ ସଙ୍କଟ ଦେଖାଦେଇଛି। ସପ୍ତାହ ପୂର୍ବେ ଆଳୁର ମୂଲ୍ୟ କିଲୋ ପ୍ରତି ୧୫ଟଙ୍କା ଥିଲା। ଏବେ ଏହାର ମୂଲ୍ୟ ବୃଦ୍ଧି ଘଟି ୨୦ଟଙ୍କାରେ ପହଞ୍ଚିଛି। ଦିନକୁ ଦିନ ଦର ବୃଦ୍ଧି ପାଉଥିବାରୁ ଖାଉଟିଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ପ୍ରତିକୂଳ ପାଗ ଯୋଗୁ ଆଶାନୁରୂପ ଉତ୍ପାଦନ ହୋଇ ନ ପାରିବାରୁ ଏଭଳି ମୂଲ୍ୟ ବୃଦ୍ଧି ଘଟିଥିବା କୁହାଯାଉଛି। ଅମଳ ଋତୁରେ ମୂଲ୍ୟ ବୃଦ୍ଧି ଖାଉଟିଙ୍କ ପାଇଁ ଏହା ଚିନ୍ତାର କାରଣ ହୋଇଛି।

ଓଡ଼ିଶାରେ ଆଳୁର ଚାହିଦା ମେଣ୍ଟାଇବା ଲାଗି ରାଜ୍ୟ ସରକାର ୨୦୧୪ରୁ ଆଳୁ ମିଶନ ଗଠନ କରିଥିଲେ। ତାହା ଅଦ୍ୟାବଧି ସଫଳ ହୋଇପାରିନାହିଁ। ବାଲେଶ୍ୱର ଜିଲା ସୁବର୍ଣ୍ଣରେଖା ଓ ବୁଢ଼ାବଳଙ୍ଗ ନଦୀପଠାରେ ଚାଷୀମାନେ ଆଳୁ ଚାଷ କରିଥିବା ବେଳେ ବର୍ଷା ଯୋଗୁ



ବିପୁଳ କ୍ଷତି ସହିଥିବା କହିଛନ୍ତି। ଓଡ଼ିଶାର ଖାଉଟି ଓ ବ୍ୟବସାୟୀମାନେ ପଶ୍ଚିମବଙ୍ଗ ଆଳୁ ବ୍ୟବସାୟୀଙ୍କ ଉପରେ ନିର୍ଭରଶୀଳ। ବଙ୍ଗୀୟ ବ୍ୟବସାୟୀମାନେ ଉତ୍ପନ୍ନ ଆଳୁକୁ ଶୀତଳଭଣ୍ଡାରରେ ସଂରକ୍ଷିତ ରଖିବାକୁ ବଜାରରେ କୃତ୍ରିମ ଅଭାବ ସୃଷ୍ଟି କରି ଭିନ୍ନ ରାଜ୍ୟକୁ ଚଢ଼ାଦାମ୍‌ରେ ବିକ୍ରି କରୁଥିବା ଓଡ଼ିଶାର ଆଳୁ ବ୍ୟବସାୟୀମାନେ କହୁଛନ୍ତି। ପଶ୍ଚିମବଙ୍ଗରେ ୪୫୩ ଶୀତଳଭଣ୍ଡାର କାର୍ଯ୍ୟକ୍ଷମ ଥିବା ବେଳେ ଓଡ଼ିଶାରେ ରହିଛି ୫୦ରୁ କମ୍। ଏଥିମଧ୍ୟରୁ କେତେକ ଶୀତଳଭଣ୍ଡାର ଅଚଳ ଥିବା ବେଳେ ଅନ୍ୟ କେତେକ ଘରୋଇ ଶୀତଳଭଣ୍ଡାର ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ଯୋଗୁ ଅକାମୀ ହୋଇପଡିଛି।

ରାଜ୍ୟ ସରକାରଙ୍କ ଖାଉଟି ବିଭାଗ ଏବେଠୁ ସତର୍କ ନ ହେଲେ ଆଗକୁ ଆଳୁର ଅହେତୁକ ମୂଲ୍ୟ ବୃଦ୍ଧି ଘଟିବ ବୋଲି ଓଡ଼ିଶାର ଆଳୁ ବ୍ୟବସାୟୀମାନେ ସୂଚାଇ ଦେଇଛନ୍ତି। ଏ ସମ୍ପର୍କରେ ଭୋଗରାଇ ସହକାରୀ ଉଦ୍ୟାନ କୃଷି ଅଧିକାରୀ ସୌମ୍ୟା ରଥ କହିଛନ୍ତି ଯେ, ଭୋଗରାଇ ବ୍ଲକରେ ୧୭ ହେକ୍ଟର ଜମିରେ ଆଳୁ ଚାଷ କରାଯାଇଛି। ଏଥିପାଇଁ ୨ ଶହ କୁଇଣ୍ଟାଲ ବିହନ ଚାଷୀଙ୍କୁ ଯୋଗାଇ ଦିଆଯାଇଛି। ତେବେ ଅଞ୍ଚଳରେ ଶୀତଳଭଣ୍ଡାର ନ ଥିବାରୁ ଉତ୍ପାଦିତ ଆଳୁ ସଂରକ୍ଷଣ କରାଯାଇପାରୁନାହିଁ। ଫଳରେ ଚାଷୀମାନେ କ୍ଷତିର ସମ୍ମୁଖୀନ ହେଉଛନ୍ତି। ଚାଷୀ ହେମନ୍ତ ପାତ୍ର ଓ ପ୍ରିୟବ୍ରତ ଦାସ କୁହନ୍ତି, ପ୍ରତିବର୍ଷ ସରକାର ଆଳୁ ବିହନ ଯୋଗାଇ ଦେଉଛନ୍ତି। ହେଲେ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଅଧିକ ଅମଳ ହୋଇପାରୁନାହିଁ। ସରକାର କ୍ଷତିପୂରଣ ଯୋଗାଇ ଦେବାକୁ ଦାବି ହେଉଛି।

# ରାଷ୍ଟ୍ରପତି ନିର୍ବାଚନ ପାଇଁ ଆରମ୍ଭ ହୋଇଗଲାଣି ପ୍ରକ୍ରିୟା

- ଏଆର୍‌ଓ ପାଇଁ ରଙ୍ଗାଧରଙ୍କ ନାମ ସୁପାରିସ କଲା ବିଧାନସଭା
- ବିଧାନସଭା ସଚିବ ଏଆର୍‌ଓ ହେବେ କି ନାହିଁ ନିର୍ବାଚନ କମିଶନଙ୍କୁ ପଚାରିଲା ବିଧାନସଭା

ଭୁବନେଶ୍ୱର,୨୩।୨(ବ୍ୟୁରୋ)

ରାଷ୍ଟ୍ରପତି ନିର୍ବାଚନ ଲାଗି ଏବେଠାରୁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଜୁଲାଇରେ ହେବାକୁ ଥିବା ଏହି ନିର୍ବାଚନ ସକାଶେ ଓଡ଼ିଶା ବିଧାନସଭାର ଦୁଇଜଣ ଅଫିସର ଆସିଷ୍ଟାଣ୍ଟ ରିଟର୍ନିଂ ଅଫିସର(ଏଆର୍‌ଓ) ଭାବେ ନିଯୁକ୍ତ ହେବେ । ହେଲେ ଦୁଇ ଜଣଙ୍କ ମଧ୍ୟରୁ ରାଷ୍ଟ୍ରପତି ନିର୍ବାଚନ ଲାଗି ବିଧାନସଭା ବ୍ୟବସ୍ଥାପିକା ବ୍ରାଞ୍ଚ ଅନୁସଚିବ ରଙ୍ଗାଧର ମଲ୍ଲିକଙ୍କୁ ଆସିଷ୍ଟାଣ୍ଟ ରିଟର୍ନିଂ ଅଫିସର ଭାବେ ନିଯୁକ୍ତି ଦେବାକୁ ବିଧାନସଭା ତରଫରୁ ରାଜ୍ୟ ନିର୍ବାଚନ କମିଶନଙ୍କ ଜରିଆରେ ରାଜ୍ୟ ସଭାକୁ ପ୍ରସ୍ତାବ ପଠାଯାଇଛି। ନିୟମାନୁଯାୟୀ, ନିର୍ବାଚନ କମିଶନଙ୍କ ପକ୍ଷରୁ ୨ ଜଣ ରିଟର୍ନିଂ ଅଫିସର ନିଯୁକ୍ତ କରିବା ଲାଗି ଚିଠିରେ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିଲାଗି ମଧ୍ୟ କିଛି ନିର୍ଦ୍ଦିଷ୍ଟ ନିୟମ ରହିଛି। ଯେଉଁମାନଙ୍କ କାର୍ଯ୍ୟକାଳକୁ ଆଉ ୬ ମାସରୁ ଅଧିକ ଦିନ ରହିଥିବ ସେମାନଙ୍କ ନାମ ଏଥିଲାଗି ପ୍ରସ୍ତାବ ରହିବା କଥା। ବିଧାନସଭା ସଚିବଙ୍କ ସହିତ ଆଉ ଜଣଙ୍କ ନାମ ଏଥିପାଇଁ ବଛାଯାଇଥାଏ। ହେଲେ ବିଧାନସଭା ସଚିବ ଦାଶରଥୀ ଶତପଥୀଙ୍କ କାର୍ଯ୍ୟକାଳ ଶେଷ ହୋଇସାରିଛି। ଗତ ଫେବୃୟାରୀ ଆରମ୍ଭରୁ ସେ ଅତିରିକ୍ତ ବର୍ଷେ ପାଇଁ ବିଧାନସଭାର ଓଏସ୍‌ଡି(ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି) କମ୍ ସଚିବ ଭାବେ ଦାୟିତ୍ୱରେ ଅଛନ୍ତି। ଯେହେତୁ ସେ ଅବସର ନେଇସାରିଛନ୍ତି ତାଙ୍କୁ ଆସିଷ୍ଟାଣ୍ଟ ରିଟର୍ନିଂ ଅଫିସର ଭାବେ ନିଯୁକ୍ତି ଦିଆଯାଇପାରିବ ନା ନାହିଁ ସେନେଇ ନିର୍ବାଚନ କମିଶନଙ୍କ ମତାମତ ଲୋଡ଼ାଯାଇଛି। ଏନେଇ ରାଜ୍ୟ ନିର୍ବାଚନ କମିଶନଙ୍କୁ ବିଧାନସଭା ପକ୍ଷରୁ ସ୍ୱତନ୍ତ୍ର ଭାବେ ଚିଠି ଲେଖି ଅବଗତ କରାଯାଇଛି। ଅନ୍ୟପଟେ ଯଦି ବିଧାନସଭା ସଚିବଙ୍କ ନାମକୁ ଅଗ୍ରାହ୍ୟ କରିଦିଆଯାଏ ତେବେ ରାଜ୍ୟ ସରକାର ସେହି ପଦବୀର କୌଣସି ଅଫିସର ଯିଏ ରାଜ୍ୟ ସଭା ପକ୍ଷରୁ ଆସିଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ ନିଯୁକ୍ତ ହୋଇପାରିବେ ସେଭଳି କାହାରି ଜଣଙ୍କ ନାମ ପ୍ରସ୍ତାବ ଆକାରରେ ନିର୍ବାଚନ କମିଶନଙ୍କ ଜରିଆରେ ରାଜ୍ୟ ସଭାକୁ ପଠାଇପାରନ୍ତି ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଏହାସହ ଇଲେକ୍‌ଟ୍ରୋରାଲ କଲେଜରେ କେଉଁମାନେ ଭାଗନେବେ ସେନେଇ ସମସ୍ତ ତଥ୍ୟ କେନ୍ଦ୍ର ନିର୍ବାଚନ କମିଶନଙ୍କୁ ଦିଆଯାଇଛି।

# ୫ରେ ପୁଣି ଢିଙ୍କିଆ ଗସ୍ତ କରିବ ସ୍ୱତନ୍ତ୍ର କମିଟି

### ଜନଶୁଣାଣି କରିବାକୁ ହାଇକୋର୍ଟ ଦେଲେ ନିର୍ଦ୍ଦେଶ

କଟକ ଅଫିସ,୨୩।୨

ଜଗତ୍‌ସିଂହପୁର ଜିଲା ଢିଙ୍କିଆ ଅଞ୍ଚଳରେ ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ନିର୍ମାଣକୁ ବିରୋଧ କରୁଥିବା ଆନ୍ଦୋଳନକାରୀଙ୍କୁ ପୋଲିସର ଲାଠିଚାଳନା ଘଟଣା ସମ୍ପର୍କିତ ମାମଲାର ବୁଧବାର ହାଇକୋର୍ଟରେ ଶୁଣାଣି ହୋଇଛି। ଉକ୍ତ ଅଦାଲତଙ୍କ ଦ୍ୱାରା ଗଠିତ ୫ଜଣିଆ ସ୍ୱତନ୍ତ୍ର କମିଟିକୁ ପୁଣିଥରେ ଆସନ୍ତା ୫ତାରିଖରେ ଢିଙ୍କିଆ ଗସ୍ତ କରି ରିପୋର୍ଟ ଦେବାକୁ ମୁଖ୍ୟବିଚାରପତି ଏସ୍.ମୁରଲୀଧର ଏବଂ ବିଚାରପତି ଆର୍.କେ. ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଏହି ଗସ୍ତ ସମୟରେ କମିଟି ସେଠାରେ ଜନଶୁଣାଣି କରିବ। ସ୍ଥାନୀୟ ଲୋକଙ୍କ ମତାମତ ଗ୍ରହଣ କରିବା ନିମନ୍ତେ ଜନଶୁଣାଣିର ବ୍ୟବସ୍ଥା କରିବାକୁ ସ୍ଥାନୀୟ ଜିଲାପାଳ ଓ ଏସ୍‌ପି ସମସ୍ତ ପଦକ୍ଷେପ ନେବେ ବୋଲି ହାଇକୋର୍ଟ କହିଛନ୍ତି। ଏହି ସ୍ୱତନ୍ତ୍ର କମିଟି ଢିଙ୍କିଆ ଗସ୍ତ କରିବାର ୩ଦିନ ମଧ୍ୟରେ ଘଟଣାର ସ୍ଥିତି ସମ୍ପର୍କରେ ହାଇକୋର୍ଟରେ ରିପୋର୍ଟ ଉପସ୍ଥାପନ କରିବାକୁ କୁହାଯାଇଛି।

ସୂଚନାଯୋଗ୍ୟ, ଏରସମା ବ୍ଲକ ଢିଙ୍କିଆ ଚାରି ଦେଶରେ ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପକୁ ନେଇ ଗତ ଜାନୁୟାରୀ ୧୪ରେ ଗ୍ରାମବାସୀ ଏବଂ ପୋଲିସ ମଧ୍ୟରେ ସଂଘର୍ଷ ହୋଇଥିଲା। ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ହାଇକୋର୍ଟରେ ୩ଟି ପୃଥକ ମାମଲା ରୁଜୁ ହୋଇଥିଲା। ଘଟଣାର ତଦନ୍ତ ପାଇଁ ହାଇକୋର୍ଟ ନିର୍ଦ୍ଦେଶକ୍ରମେ ଆଇନଜୀବୀ ପ୍ରଶାନ୍ତ କୁମାର ଜେନା, ଓମ୍‌କାର ଦେବଦାସ, ସୁକାନ୍ତ କୁମାର ଦଳେଇ, ଅତିରିକ୍ତ ସରକାରୀ ଓକିଲ ଦେବକାନ୍ତ ମହାନ୍ତି ଓ ଜନ୍ମେଞ୍ଜୟ କଟିକିଆ ପ୍ରମୁଖଙ୍କୁ ନେଇ ଗଠିତ ୫ଜଣିଆ ଟିମ୍ ଗତ ୧୯ ତାରିଖରେ ଘଟଣାସ୍ଥଳ ପରିଦର୍ଶନରେ ଯାଇଥିଲେ। ସେଠାରେ ଗ୍ରାମବାସୀଙ୍କ ସହ ଆଲୋଚନା କରୁଥିବାବେଳେ ଏକ ରାଜନୈତିକ ଦଳର ଶୋଭାଯାତ୍ରାରେ ଆସିଥିବା ବାଲିତୁଠ ଅଞ୍ଚଳର କେତେଜଣ ବ୍ୟକ୍ତି ସେଠାରେ ପହଞ୍ଚି କମିଟି ସଦସ୍ୟଙ୍କୁ ବିରୋଧ କରିବା ସହ ଗଣ୍ଡଗୋଳ କରିଥିଲେ। ପରିସ୍ଥିତି ନିୟନ୍ତ୍ରଣ ହେବା ପରେ କମିଟି ସଦସ୍ୟ ଗ୍ରାମ ପରିକ୍ରମା କରି ସ୍ଥିତି ଅନୁଧ୍ୟାନ କରିଥିଲେ। ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଯୋଗୁ ସାଧାରଣ ଜୀବନଯାପନ ବ୍ୟାହତ ହେଉଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଥିଲେ। ଏହାପରେ କମିଟିସଦସ୍ୟ ଅଭୟଚାନ୍ଦପୁର ଥାନା ଅଧିକାରୀଙ୍କୁ ଡାକି ହାଇକୋର୍ଟରେ ମାମଲା ଚାଲିଥିବାରୁ ପରବର୍ତ୍ତୀ ନିର୍ଦ୍ଦେଶ ନ ହେବା ପର୍ଯ୍ୟନ୍ତ ଏହି ଘଟଣାରେ କାହାରିକୁ ଗିରଫ ନ କରିବାକୁ କହିଥିଲେ। ସେଠାରୁ କମିଟି ସଦସ୍ୟ ଫେରିବା ପରେ ବୁଧବାର ସେମାନଙ୍କ ରିପୋର୍ଟକୁ ଅଲଗା ଅଲଗା ଭାବେ ହାଇକୋର୍ଟରେ ଦାଖଲ କରିଥିଲେ। ଏହା ପରେ ଖଣ୍ଡପୀଠ ଢିଙ୍କିଆର ବାସ୍ତବ ଚିତ୍ରର ସମ୍ପୂର୍ଣ୍ଣ ବିବରଣୀ ଜାଣିବା ପାଇଁ କମିଟିକୁ ଆଉଥରେ ଘଟଣାସ୍ଥଳ ଗସ୍ତ କରି ସେଠାରେ ଏକ ଜନଶୁଣାଣି କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ୨ରେ ପିଇଟି ମେନ୍ ପରୀକ୍ଷା

ଭୁବନେଶ୍ୱର, ୨୩।୨(ବ୍ୟୁରୋ)

ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ ଦ୍ୱାରା ପରିଚାଳିତ ଓଡ଼ିଶା ଫିଜିକାଲ ଏଜୁକେଶନ ଟିଚର(ପିଇଟି) ମେନ୍ ପରୀକ୍ଷା ୨୦୧୯ ମାର୍ଚ୍ଚ ୨ ତାରିଖରେ ଅନୁଷ୍ଠିତ ହେବ। ଏ ନେଇ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ(ଓଏସ୍‌ଏସ୍‌ସି) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଓଏସ୍‌ଏସ୍‌ସି ଶୁକ୍ରବାର ଏହି ପରୀକ୍ଷା ପାଇଁ ଆଡ୍‌ମିଟ କାର୍ଡ ଅନ୍‌ଲାଇନ୍‌ରେ ପ୍ରଦାନ କରିବ। ପରୀକ୍ଷାର୍ଥୀମାନେ ଓଏସ୍‌ଏସ୍‌ସି ଅଫିସିଆଲ ୱେବ୍‌ସାଇଟ୍ ossc.gov.inରୁ ଆଡ୍‌ମିଟ୍ କାର୍ଡ ଡାଉନ୍‌ଲୋଡ୍ କରିପାରିବେ। ପରୀକ୍ଷା ଅବଧି ଏକଘଣ୍ଟା ରହିଛି। ଦୁଇଟି ବିଷୟରେ ପରୀକ୍ଷା ହେବ। ପ୍ରତ୍ୟେକ ବିଷୟ ପାଇଁ ୫୦ ମାର୍କ ରହିଛି। ଭୁଲ ଉତ୍ତର ପାଇଁ ୦.୨୫ ମାଇନସ୍ ମାର୍କିଂ ରହିଛି।




**ଆଜିର ମନ୍ତବ୍ୟ**

ବିରୋଧୀମାନେ କ୍ଷମତାରେ ଥିବାବେଳେ ତିନି ତଲାକ ଯୋଗୁ ମୁସଲମାନ ମହିଳାମାନେ ସମ୍ମୁଖୀନ ହେଉଥିବା ସମସ୍ୟାକୁ ଅଣଦେଖା କରିଥିଲେ। –ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଖଣ୍ଡପଡ଼ାରେ ବୋମାମାଡ଼, ଯୁବକ ମୃତ

- ପଞ୍ଚମ ପର୍ଯ୍ୟାୟ ଭୋଟ ଗ୍ରହଣ ପୂର୍ବରୁ ହିଂସା
- ଭାପୁରରେ ବି କାର୍ ଉପରକୁ ବୋମାମାଡ଼
- ସରପଞ୍ଚ ପ୍ରାର୍ଥୀଙ୍କ ନାମରେ ମାମଲା

**ନୟାଗଡ଼ ଅଫିସ,୨୩।୨**

ଗୁରୁବାର ପଞ୍ଚମ ପର୍ଯ୍ୟାୟ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଭୋଟ ଗ୍ରହଣ ପୂର୍ବରୁ ଖଣ୍ଡପଡ଼ା ଓ ଭାପୁର ଅଞ୍ଚଳରେ ହିଂସାକାଣ୍ଡ ଘଟିଛି । ଖଣ୍ଡପଡ଼ା ଥାନା ଅଧୀନ ବଡ଼ବୋଦସା ଗ୍ରାମରେ ବୁଧବାର ରାତି ପ୍ରାୟ ୮.୧୫ରେ ଗାଁ ଦାଣ୍ଡରେ ବୋମା ଫୁଟିଛି। ଏଥିରେ ବାଇକ୍‌ରେ ଯାଉଥିବା ଜଣେ ଯୁବକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି । ମୃତକ ହେଲେ ପ୍ରଶାନ୍ତ କୁମାର ତାରେଣିଆ(୩୩) । କାମେନା ମାଝି ନାମକ ଜଣେ ଅସାମାଜିକ ଯୁବକ ନିଶାସକ୍ତ ଅବସ୍ଥାରେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ୨ଟି ବୋମାମାଡ଼ କରିଥିଲେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ବୋମାମାଡ଼ରେ ପ୍ରଶାନ୍ତଙ୍କ ମୁଣ୍ଡଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଏହାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି । ଖବର ପାଇ ଖଣ୍ଡପଡ଼ା ଥାନା ଆଇଆଇସି ବିଶ୍ୱଜିତ ରାଉତରାୟ, ଏସ୍‌ଆଇ ଶ୍ରଦ୍ଧା ନାୟକ ସଦଳବଳ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି । ଉତ୍ୟକ୍ତ ଲୋକେ ଅଭିଯୁକ୍ତଙ୍କ ଗିରଫ ଓ କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରିବା ସହ ୨ ବାଇକ୍‌କୁ ଭଙ୍ଗାରୁଜା କରିଥିବା ସୂଚନା ମିଳିଛି । ସେହିପରି ନୟାଗଡ଼ ଜିଲା ଫତେଗଡ଼ ଥାନା ଭାପୁର ବ୍ଲକ ଧାନଚାଙ୍ଗଡ଼ା ପଞ୍ଚାୟତ କଳଟାଙ୍ଗୀ ଗାଁରେ ଏକ କାର୍ ଉପରକୁ ମଙ୍ଗଳବାର ବିଳମ୍ବିତ ରାତିରେ ବୋମାମାଡ଼ ହୋଇଛି । ଏନେଇ ଫତେଗଡ଼ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୪୯/୨୧) ରୁଜୁ କରି ତଦନ୍ତ କରୁଛି। ଭୁବନେଶ୍ୱରର ରଶ୍ମି ରଞ୍ଜନ ବେହେରାଙ୍କ ଅଭିଯୋଗ ଅନୁଯାୟୀ, ସେ ମଙ୍ଗଳବାର ବିଳମ୍ବିତ ରାତିରେ କଳପଙ୍ଗିରୁ ଏକ କାର୍(ନଂ.ଓଡି୦୨୯୮୯୨)ରେ ଭୁବନେଶ୍ୱର ଫେରୁଥିଲେ। କଳପଙ୍ଗିଠାରେ ସରପଞ୍ଚ ପ୍ରାର୍ଥୀ ମୁନା ବିଶ୍ୱାଳଙ୍କ ସମେତ କେତେଜଣ ଯୁବକ ରଶ୍ମିଙ୍କ କାରଉପରକୁ ବୋମା ପକାଇଥିଲେ। ଏଥିରେ କାର୍ ଭାଙ୍ଗିରୁଜି ଯାଇଛି । ରଶ୍ମିରଞ୍ଜନ ଅଳ୍ପକେ ରକ୍ଷା ପାଇ ଯାଇଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ରସିକ ନାଗର ଚୂଡ଼ାମଣି**
**ଘଣ୍ଟି ବାଜୁଥାଏ ଟିଣିଟିଣି।**

ରସିକ ପଣରେ ଠିକ୍, ମାତ୍ର ଦୃଷ୍ଟିକୋଣ ଖୁବ ନିରସ। ତୁଚ୍ଛାକୁ ରସିକିଆପଣ ଦେଖାଇହେଉଥିବା ବ୍ୟକ୍ତିର ଭିନ୍ନ ଦୃଷ୍ଟିଭଙ୍ଗୀ ଏବଂ ନ୍ୟୁନ ଆଚରଣ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ରଙ୍ଗତା ମାଳି**
**ପିନ୍ଧିଲେ ସୁନ୍ଦର ଦିଶେ କି କାଳୀ ?**

ମହିଳାମାନେ ସାଧାରଣତଃ ସୌନ୍ଦର୍ଯ୍ୟ ପ୍ରିୟ। ନିଜ ରୂପଲାବଣ୍ୟକୁ ଦ୍ୱିଗୁଣିତ କରିବାନେଇ ନାନା ଅଳଙ୍କାରର ସାହାରା ନେଇଥାନ୍ତି। ଅନ୍ୟ ଆଗରେ ଆହୁରି ସୁନ୍ଦର ଦିଶିବା ପାଇଁ ଅହରହ ଚେଷ୍ଟା ଚଳାଇଥାନ୍ତି। ଏପରିସ୍ଥଳେ ଶ୍ୟାମଳା ବର୍ଣ୍ଣା ଯୁବତୀ ମାଳି ପିନ୍ଧି ନିଜକୁ ଆକର୍ଷଣୀୟ କରିବା ନେଇ ଚେଷ୍ଟା କରୁଥିବା ଦେଖି ଅନ୍ୟମାନେ ଟାହିଟାପରା କରିବସିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ

# ଆଜି ୧୩,୫୧୪ ବୁଥ୍‌ରେ ଭୋଟ

- ୨୫୮ ପ୍ଲାଟୁନ୍ ଫୋର୍ସ ନିୟୋଜିତ

**କଟକ ଅଫିସ,୨୩।୨**

ରାଜ୍ୟର ୨୫ଟି ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଶେଷ ପର୍ଯ୍ୟାୟ ମତଦାନ ଗୁରୁବାର ଅନୁଷ୍ଠିତ ହେବ। ଏହି ଜିଲାଗୁଡ଼ିକରେ ନିର୍ବାଚନକୁ ଅବାଧ ଓ ଶାନ୍ତିଶୃଙ୍ଖଳାରେ କରିବା ପାଇଁ ରାଜ୍ୟ ପୋଲିସ ପକ୍ଷରୁ ୨୫୮ ପ୍ଲାଟୁନ ଫୋର୍ସ ଓ ୧୧୪୮ ମୋବାଇଲ ପାଟ୍ରୋଲିଂ ବ୍ୟବସ୍ଥା କରାଯାଇଛି। ପୂର୍ବରୁ ୪ଟି ପର୍ଯ୍ୟାୟରେ ୯୧,୯୦୩ ବୁଥ୍ ମଧ୍ୟରୁ ୭୮,୩୮୯ ବୁଥ୍‌ରେ ଭୋଟ ଗ୍ରହଣ ସରିଥିବାବେଳେ ଶେଷ ପର୍ଯ୍ୟାୟରେ ମୋଟ୍ ୧୩,୫୧୪ ବୁଥ୍‌ରେ ମତଦାନ କରାଯିବ।


## classifieds Everyday 0674-2580101, 2549302



**SALE**

Plot for Sale at Chhatabar per sq.ft @99/-. 7381268181, 9583295832. D-23232

**30’ Road, Gated society, Security guard, CCTV ଥାଇ ତୁରନ୍ତ ଘର କଲାଭଳି 3ଟି plot ହଂସପାଳ ରାମଚନ୍ଦ୍ରପୁର ମୌଜାରେ ବିକ୍ରିହେବ। 9437033320.** D-71798

ପୁରୀ ମାଳତୀପାଟପୁର ବସ୍‌ଷ୍ଟାଣ୍ଡ ପାଖ NHରୁ 1 K.M. ଦୂରରେ immediate ଘରକରି ରହିବା ପାଇଁ low cost plot ମିଳୁଛି। 9692213354. D-71865

ପିପିଲି ମେଡିକାଲଠାରୁ ପୁରୀ ଯିବା ରାସ୍ତାରେ **BSNL/ Fire Office** ନିକଟବର୍ତ୍ତୀ ଘରବାରି **boundary, road, electricpoll** ସହିତ ପିଚୁ ରାସ୍ତାକୁ ଲାଗି ପ୍ଲଟ୍ ମିଳୁଛି। **9348673415, 6372694842.** D-71799

ଭୁବନେଶ୍ୱର ଜଟଣୀଗେଟ୍ (sqft.-649/-ରୁ 350/-), Sundarpada Xavier (1200sqft. 3,36,000/), ଜାଆଁଳା (sqft.-649/-). Contact: 8114994259, 8658963803. D-23184

**Bhubaneswar Vingarpur Oxford College ଛକ ନିକଟରେ ମୁଖ୍ୟ ପିଚୁ ରାସ୍ତାକୁ ଲାଗି ସଙ୍ଗେସଙ୍ଗେ ଘର କଲାଭଳି ଘରବାଡ଼ି plot ବିକ୍ରିହେବ। 6370025920, 9937674302.** D-71793

Gharabari plot, Gohriachhaka, 200m from NH and investment gharabari plot Sundarpada and KEC Gudiapokhari for sale. 9777345831. D-71017

Government Employees ମାନେ ଲୋନ୍‌ରେ ପ୍ଲଟ୍ କିଣନ୍ତୁ। Maharaja College, Gangapada Bhubaneswar sqft.-949/-, 9938016295. D-71800

**PURCHASE**

ଭୁବନେଶ୍ୱରରେ ନିଜର ନୂଆ କିମ୍ବା ପୁରୁଣା flats duplexes ବିକିବାକୁ ଚାହୁଁଛନ୍ତି କି ? 6371090682. D-68289



Refreshing your mind and body with the best therapy, 7873794731. D-23024

**Relax, Refresh your body, mind at SAIKRUPA SPA with best therapies. 8984068077.** D-23219

Newly open full body massage ladies and gents. 8327740003. D-71864

**One hour any therapy by expert therapist @999 only. 9078484455.** D-71474

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଡାଟା ବିକିବ...

ସରକାରଙ୍କ ସବୁ ବିଭାଗ ବ୍ୟବହାର କରିପାରିବେ। ମନ୍ତ୍ରଣାଳୟ, ବିଭାଗ ଏବଂ କ୍ଷମତାପ୍ରାପ୍ତ ଏଜେନ୍ସି ଜରିଆରେ ପ୍ରତ୍ୟକ୍ଷ ଭାବେ ପ୍ରସ୍ତୁତ ଓ ସଂଗୃହୀତ ଡାଟା କ୍ଷେତ୍ରରେ ଏହା ଲାଗୁ ହେବ। ଏଥିପାଇଁ ଲାଇସେନ୍ସ ଜାରି କରାଯିବ। ଭବିଷ୍ୟତରେ ଜନକଲ୍ୟାଣକାରୀ ନୀତି ପ୍ରଣୟନରେ ଏହା ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ଚିଠାରେ ସରକାର ଯୁକ୍ତି ବାଢ଼ିଛନ୍ତି। ମାଇଁ ଗଭ୍ ଏବଂ ଆଇଟି ମନ୍ତ୍ରଣାଳୟ ଅନୁସାରେ ଡାଟା ଉପଲବ୍ଧତାରେ ଉନ୍ନତି ଆଣି ପ୍ରଗତିଶୀଳ କାରିଗରି ଚାହିଦା ପୂରଣ କରିବାରେ ଏହି ପଲିସି ସହାୟକ ହେବ। ସେହିପରି ଡିଜିଟାଇଜେଶନ୍ (କମ୍ପ୍ୟୁଟରୀକରଣ) ଓ ଅନ୍‌ଲାଇନ୍ କାରବାରର ଦ୍ରୁତ ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି ଡାଫ୍ଟ ପଲିସିରେ ଉଲ୍ଲେଖ କରାଯାଇଛି, ୫ ଟ୍ରିଲିୟନ୍ ଡଲାର ଡିଜିଟାଲ ଅର୍ଥନୀତିରେ ପରିଣତ ହେବା ପାଇଁ ଭାରତର ମହତ୍ତ୍ୱାକାଂକ୍ଷା ଡାଟାର ମୂଲ୍ୟକୁ ଲଗାମ ଲଗାଇବାର କ୍ଷମତା ଉପରେ ନିର୍ଭର କରେ। ଭାରତରେ ପ୍ରଚଳିତ ଆଇନକାନୁନ, ଜାତୀୟ ନୀତି ଏବଂ ସ୍ୱୀକୃତିପ୍ରାପ୍ତ ଅନ୍ତର୍ଜାତୀୟ ଗାଇଡ୍‌ଲାଇନ୍ସ ଅନୁସାରେ ଡାଟା ଶେୟାର କରାଯିବ। ଏହା ଉପରେ ନାଗରିକ ଓ ସମ୍ପୃକ୍ତ ସେକ୍ଟରଗୁଡ଼ିକରୁ ମତାମତ ଆହ୍ୱାନ କରାଯାଇଛି, ଯାହାର ଶେଷ ତାରିଖ ଆସନ୍ତା ମାର୍ଚ୍ଚ ୧୮ ଧାର୍ଯ୍ୟ କରାଯାଇଛି।

କିନ୍ତୁ ବିଶେଷଜ୍ଞ କହୁଛନ୍ତି, ୫ ଟ୍ରିଲିୟନ୍ ଡଲାର ଅର୍ଥନୀତି ସ୍ୱପ୍ନ ପୂରଣ ହେବା ଦୂରର କଥା, ଦେଶର ରାଜକୋଷ ମଧ୍ୟ ଏଥିରୁ ବିଶେଷ ଲାଭବାନ ହେବନାହିଁ। ଓଲଟା ଏହି ନୀତି ଯୋଗୁ ଲୋକଙ୍କ ପ୍ରିଭେସି ବିପନ୍ନ ହେବ। କୌଣସି ଡାଟା ଗୋପନୀୟ ହୋଇ ରହିବ ନାହିଁ। ଡାଟା ଲିକ୍ ବା ତା’ର ଦୁରୁପଯୋଗ ହେଲେ କାହାକୁ ଦାୟୀ କରାଯିବ ଓ ସେଥିପାଇଁ କ’ଣ ଦଣ୍ଡ ବିଧାନ କରାଯିବ ସେନେଇ ମଧ୍ୟ ଚିଠାରେ କିଛି କୁହାଯାଇନାହିଁ। ଏପରି କି ସାଧାରଣ ଜନତାଙ୍କ ଗୋପନୀୟ ତଥ୍ୟ ଡାର୍କ ୱେବ୍‌କୁ ମଧ୍ୟ ଚାଲିଯିବାର ଆଶଙ୍କା ରହିଛି। ଏହାର ସଦ୍ୟ ଦୃଷ୍ଟାନ୍ତ ହେଉଛି କୋ–ୱିନ୍ ଆପ୍। କରୋନା ମହାମାରୀ ମୁକାବିଲା ପାଇଁ କେନ୍ଦ୍ର କୋ–ୱିନ୍ ପୋର୍ଟାଲ ଉପରେ ଗୁରୁତ୍ୱ ଦେଉଥିବାବେଳେ ସେହି ସର୍ଭରରୁ ୨୦ ହଜାର ଲୋକଙ୍କ ବ୍ୟକ୍ତିଗତ ତଥ୍ୟ ପ୍ରଘଟ ହୋଇଥିବା ଗତ ଜାନୁୟାରୀ ୨୧ରେ ଜଣାପଡ଼ିଥିଲା। ୟୁଜର୍ସଙ୍କ ନାମ, ମୋବାଇଲ ନମ୍ବର, ଠିକଣା ଓ କୋଭିଡ୍ ଟେଷ୍ଟ ରେଜଲ୍ଟ ଭଳି ସମ୍ବେଦନଶୀଳ ଡାଟାକୁ ସାଇବର ଅପରାଧୀମାନେ ବିକ୍ରି ପାଇଁ ରେଡ୍ ଫୋରମ୍ସ ୱେବ୍‌ସାଇଟ୍‌ରେ ତାଲିକାଭୁକ୍ତ କରିଥିଲେ। ସେସବୁ ଡାର୍କୱେବ୍‌ରେ ଉପଲବ୍ଧ ଥିବାରୁ ପ୍ରିଭେସିକୁ ନେଇ ଭାରତୀୟଙ୍କ ମନରେ ଅସୁରକ୍ଷା ଭାବ ବୃଦ୍ଧି ପାଇବାରେ ଲାଗିଛି। ଏହି ପ୍ରଘଟ ପରେ ଅପରାଧୀଙ୍କୁ ଧରିବା ପାଇଁ ସରକାରଙ୍କ ହାତ ସେମାନଙ୍କ ନିକଟରେ ପହଞ୍ଚିନାହିଁ।

## ଅଫ୍‌ଲାଇନ୍ ପରୀକ୍ଷା ...

ପରିଚାଳନା ଲାଗି କର୍ତ୍ତୃପକ୍ଷ ଏପର୍ଯ୍ୟନ୍ତ ଉପଯୁକ୍ତ ନିଷ୍ପତ୍ତି ନେଇ ନ ଥିବାବେଳେ ବାତିଲ ପାଇଁ ଆବେଦନ ଅପରିପକ୍ୱତା ବୋଲି ଖଣ୍ଡପୀଠ ମତ ଦେଇଛନ୍ତି। କର୍ତ୍ତୃପକ୍ଷଙ୍କୁ ନିଷ୍ପତ୍ତି ନେବାକୁ ଦିଅ। ସେମାନେ ଭୁଲ୍ ନିଷ୍ପତ୍ତି ନେଲେ ଏହାକୁ ଚ୍ୟାଲେଞ୍ଜ କର। ନିଷ୍ପତ୍ତି ନେବା ପୂର୍ବରୁ ଏହାକୁ ରୋକିବାକୁ ଉଦ୍ୟମ ହେଉଥିବା ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲକରଙ୍କ ଅଧ୍ୟକ୍ଷତାରେ ଦୀନେଶ ମାହେଶ୍ୱରୀ ଏବଂ ସି.ଟି. ରବିକୁମାରଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି।

ଆବେଦନକାରୀଙ୍କ ପକ୍ଷର ଓକିଲ କହିଥିଲେ, ଅଧିକାଂଶ ରାଜ୍ୟ ବୋର୍ଡ ଏପର୍ଯ୍ୟନ୍ତ ପରୀକ୍ଷା ତାରିଖ ଘୋଷଣା କରିନାହାନ୍ତି। ଏହାର ଜବାବରେ ଖଣ୍ଡପୀଠ କହିଥିଲେ, ପରୀକ୍ଷା ସମୟ ଆସିଲେ, ସେମାନେ ଘୋଷଣା କରିବେ। ଏଥିରେ ସମସ୍ୟା କ’ଣ ବୋଲି ଅଦାଲତ ପ୍ରଶ୍ନ କରିଥିଲେ। ଗତବର୍ଷ କୋଭିଡ୍ ମହାମାରୀ ଯୋଗୁ ବୋର୍ଡ ପରୀକ୍ଷା ବନ୍ଦ ପାଇଁ ସୁପ୍ରିମକୋର୍ଟ ଦେଇଥିବା ରାୟକୁ ଆବେଦନକାରୀ ଏ.ଏସ୍.ସାହାନି ଓ ଅନ୍ୟମାନଙ୍କ ଓକିଲ କୋର୍ଟରେ ଉପସ୍ଥାପନ କରିଥିଲେ। ଅତୀତରେ କ’ଣ ଘଟିଥିଲା, ସେହି ଆଧାରରେ ବର୍ତ୍ତମାନ ରାୟ ଦିଆଯାଇପାରିବ ନାହିଁ ବୋଲି ଖଣ୍ଡପୀଠ କହିଥିଲେ। ଏଭଳି ଆବେଦନ କରି ବ୍ୟବସ୍ଥାରେ ଅଧିକ ଦ୍ୱନ୍ଦ୍ୱ ସୃଷ୍ଟି କରାଯାଉଛି। କର୍ତ୍ତୃପକ୍ଷଙ୍କୁ ନିଷ୍ପତ୍ତି ନେବାକୁ ଦିଆଯାଉ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଦେବା ସହ ପରୀକ୍ଷା ବାତିଲ ଆବେଦନକୁ ଖାରଜ କରିଦେଇଛନ୍ତି।

## ରାଜ୍ୟରେ ନିଷ୍ପତ୍ତି ...

ରାୟକୁ ନେଇ ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି, ଆମ ରାଜ୍ୟରେ ଦଶମ ଓ ଦ୍ୱାଦଶ ପରୀକ୍ଷା କିପରି ହେବ ସେ ନେଇ ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ହୋଇନାହିଁ। ଅଂଶୀଦାରଙ୍କ ସହିତ ଆଲୋଚନା ଚାଲିଛି। ଖୁବ୍‌ଶୀଘ୍ର ପରୀକ୍ଷା ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

ଏପଟେ ଯୁକ୍ତ୨ ପରୀକ୍ଷା ଏପ୍ରିଲ ଦ୍ୱିତୀୟ ସପ୍ତାହରୁ ଆରମ୍ଭ କରିବାକୁ ଉଚ୍ଚ ମାଧ୍ୟମିକ ପରିଷଦ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। ଏଥିଲାଗି ଚୂଡ଼ାନ୍ତ ବୈଠକ ଆସନ୍ତା ସପ୍ତାହରେ ଅନୁଷ୍ଠିତ ହେବ। ସେହିପରି ମାର୍ଚ୍ଚ ପ୍ରଥମ ସପ୍ତାହରେ କେତେଜଣ ଶିକ୍ଷାବିତ୍, ଯୁକ୍ତ୨ ପରିଷଦ, ବିଏସ୍‌ଇ, ଅଭିଭାବକ, ଗଣଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ମିଳିତ ଆଲୋଚନା କରାଯିବ। ତେବେ ମାର୍ଚ୍ଚ ୧୫ ପରେ ଯୁକ୍ତ୨ ପରୀକ୍ଷା ସମ୍ପର୍କିତ ଚୂଡ଼ାନ୍ତ ନିଷ୍ପତ୍ତି ସ୍ପଷ୍ଟ ହେବ ବୋଲି ଜଣାପଡ଼ିଛି। ରାଜ୍ୟରେ ମୋଟ୍ ୨,୬୬୫ଟି ଉଚ୍ଚ ମାଧ୍ୟମିକ ସ୍କୁଲ ରହିଛି। ଚଳିତବର୍ଷ କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଧନ୍ଦାମୂଳକ ଶିକ୍ଷାରେ ପ୍ରାୟ ସାଢ଼େ ୩ଲକ୍ଷ ପିଲା ପରୀକ୍ଷା ଦେବେ। ସେପଟେ ଯୁକ୍ତ୨ ପରୀକ୍ଷା ଲାଗି ପ୍ରାକ୍ଟିକାଲ ପ୍ରଶ୍ନପତ୍ର ପ୍ରିଣ୍ଟିଂ ହୋଇସାରିଥିବାବେଳେ ଥିଓରୀ ପ୍ରଶ୍ନପତ୍ର ପ୍ରିଣ୍ଟିଂ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଜଣାପଡ଼ିଛି। ଅଫ୍‌ଲାଇନ୍ ପରୀକ୍ଷା ବାତିଲ ହେଲେ ପ୍ରାୟ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପାଣିରେ ପଡ଼ିବ। ତେବେ ପରୀକ୍ଷା ପାଇଁ ପରିଷଦ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବାବେଳେ ଏ ସମ୍ପର୍କରେ ଏଯାଏ କିଛି ସ୍ପଷ୍ଟ କରାଯାଇନାହିଁ।

ସୂଚନାଯୋଗ୍ୟ, କରୋନା ସ୍ଥିତି ପାଇଁ ଗତ ୨ବର୍ଷ ହେବ ପିଲାମାନେ ଅନ୍‌ଲାଇନ୍ କ୍ଲାସ୍ କରୁଥିବାବେଳେ ପରୀକ୍ଷା ମଧ୍ୟ ହୋଇ ନ ଥିଲା। ବିକଳ୍ପ ପଦ୍ଧତିରେ ମୂଲ୍ୟାୟନ କରାଯାଇ ପରୀକ୍ଷାଫଳ ପ୍ରକାଶ କରାଯାଇଥିଲା। ଏବେ କରୋନା ସ୍ଥିତିରେ ସୁଧାର ଆସିଥିବାରୁ ପରୀକ୍ଷା କରିବା ପାଇଁ ସବୁ ବୋର୍ଡ ଚାହିଁଛନ୍ତି। ଏପରିକି ଅଫ୍‌ଲାଇନ୍ ପରୀକ୍ଷା କରିବାକୁ ନିଷ୍ପତ୍ତି ନେବା ସହ ପ୍ରକ୍ରିୟା ଆରମ୍ଭ କରିଛନ୍ତି। କିନ୍ତୁ ଅନ୍‌ଲାଇନ୍‌ରେ ପାଠପଢ଼ା ହୋଇଥିବାରୁ ପରୀକ୍ଷା ଅନ୍‌ଲାଇନ୍‌ରେ କରିବା କିମ୍ବା ବିକଳ୍ପ ପଦ୍ଧତିରେ ମୂଲ୍ୟାୟନ ପାଇଁ ଛାତ୍ରୀଛାତ୍ରମାନେ ଦାବି କରି ଆସୁଥିଲେ। ଅଫ୍‌ଲାଇନ୍ ପରୀକ୍ଷା ବାତିଲ ପାଇଁ ୧୫ ରାଜ୍ୟରୁ ବହୁ ଦଶମ ଓ ଦ୍ୱାଦଶ ଶ୍ରେଣୀର ପିଲା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ରତ୍ନଭଣ୍ଡାରରୁ ଚୋରି ...



ସିବିଆଇ ଅଫିସ୍‌କୁ ଅଭିଯୋଗପତ୍ର ଦେବାକୁ ଆସିଥିବା ଶ୍ରୀଜଗନ୍ନାଥ ସେନା କର୍ମକର୍ତ୍ତା।

ମଧ୍ୟ ରାଜ୍ୟ ଆଇନ ମନ୍ତ୍ରୀ କହୁଛନ୍ତି, ରତ୍ନଭଣ୍ଡାର ସ୍ଥିତି ସୁରକ୍ଷିତ ରହିଛି। ଏଠାରେ ଜଗନ୍ନାଥପ୍ରେମୀ କାହା କଥାରେ ବିଶ୍ୱାସ କରିବେ। ଅନ୍ୟପକ୍ଷରେ ପୁରୀ ଟ୍ରେଜେରି ଅଫିସରେ ଚାବି ସମ୍ପର୍କିତ କୌଣସି ତଥ୍ୟ ୧୯୬୦ ମସିହା ପରଠାରୁ ନାହିଁ। ଏଭଳି ତଥ୍ୟ କିଭଳି ଭାବେ ଗ୍ରହଣୀୟ। ଯଦି ଏକଥା ସତ ବୋଲି ମାନି ନିଆଯାଏ, ତେବେ ୧୯୬୯, ୧୯୭୨, ୧୯୭୪, ୧୯୭୮, ୧୯୮୫ରେ ରତ୍ନଭଣ୍ଡାର ଖୋଲିବା ବେଳେ ଚାବି କେଉଁଠାରୁ ଆସିଥିଲା ? ଏହାପରେ ତତ୍କାଳୀନ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଏକ ନକଲି ଚାବି ରେକର୍ଡ ରୁମ୍‌ରୁ ମିଳିଥିବା କଥା ପ୍ରକାଶ କଲେ। ମାତ୍ର ସେହି ଚାବିକୁ କାହାକୁ ଦେଖାଗଲା ନାହିଁ, କେବଳ ଏକ ବନ୍ଦ ଲଫାପା ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଦେଖାଇଦିଆଗଲା। ସବୁଠୁ ବଡ଼ କଥା, ଚାବି ହଜିବା ପରେ ରଘୁବୀର କମିଶନ ଗଠନ ହୋଇ ତଦନ୍ତ ଆରମ୍ଭ ହେଲା। ମାତ୍ର ରିପୋର୍ଟ ବିଧାନସଭାରେ ଦାଖଲ ହୋଇ ନ ପାରିବାରୁ ଏପର୍ଯ୍ୟନ୍ତ ସାର୍ବଜନୀନ ହୋଇପାରୁନାହିଁ। ପ୍ରିୟଦର୍ଶନ କହିଛନ୍ତି, ୨୦୦୯ ଫେବୃୟାରୀ ୧୪ ତାରିଖ ରାତ୍ରି ୧ଟା ୩୦ ବେଳେ ତାଙ୍କ ଆଖି ସାମ୍ନାରେ ରତ୍ନଭଣ୍ଡାରରୁ ଚୋରି ହୋଇଛି। ତାଙ୍କୁ ମିଶାଇ ୪ ଜଣ ରାତ୍ରପହୁଡ଼ ଦେଖିବା ପାଇଁ ଶ୍ରୀମନ୍ଦିରକୁ ଯାଇଥିଲେ। ବଡ଼ ବଡ଼ ପାଛିଆରେ

## ପ୍ରଥମ ପୃଷ୍ଠାରୁ...

ସୁନାମୁକୁଟ ନିଆଯାଉଥିଲା। ପୋଲିସ, ପ୍ରଶାସନ ଏବଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏଭଳି କାର୍ଯ୍ୟ ଚାଲିଥିବାରୁ ଚୋରି ହେଉଥିବା ନେଇ ସେ ସମୟରେ ସନ୍ଦେହ ସୃଷ୍ଟି ହୋଇ ନ ଥିଲା। ସୁନା ଅଳଙ୍କାର କୁଆଡ଼େ ନିଆଯାଉଛି ବୋଲି ପଚାରିବାରେ ମରାମତି ହେବାକୁ ଯାଉଥିବା କୁହାଯାଇଥିଲା। ସିବିଆଇ ନିକଟରେ ସବୁ ବିସ୍ତୃତ ଭାବେ ଅଭିଯୋଗ କରିଛୁ। ଆବଶ୍ୟକ ପଡ଼ିଲେ ଆଗାମୀ ଦିନରେ କୋର୍ଟଙ୍କ ଦ୍ୱାରସ୍ଥ ହେବୁ ବୋଲି ସେ କହିଛନ୍ତି।

## ପ୍ରତି ପଞ୍ଚାୟତ ପାଇଁ...

କେଉଁ ଟିମ୍ କେଉଁ ଟେବୁଲରେ ବସିବେ ସେ ନେଇ ଟସ୍ ବା ଗୁଳା ପଡ଼ିବ। ଜଣେ ପ୍ରାର୍ଥୀଙ୍କ ପାଇଁ ଜଣେ ଏଜେଣ୍ଟ ରହିବେ। ଯେତେଜଣ ପ୍ରାର୍ଥୀ ସେତିକି ଟ୍ରେ ଟେବୁଲରେ ରଖାଯିବା ସହ ଆଉ ଗୋଟିଏ ଟ୍ରେ ନାକଚ ପାଇଁ ରହିବ। ବାଲଟ ପେପରକୁ ପ୍ରଥମେ ରଙ୍ଗ ଅନୁସାରେ ଅଲଗା କରାଯାଇ ପ୍ରଥମେ ୱାର୍ଡ ମେମ୍ବର, ପରେ ସରପଞ୍ଚ ଓ ତା’ପରେ ସମିତି ସଭ୍ୟ ଏବଂ ଶେଷରେ ଜିଲା ପରିଷଦ ପ୍ରାର୍ଥୀଙ୍କ ଭୋଟ ଗଣନା ହେବ। ପର୍ଯ୍ୟାୟକ୍ରମେ ବ୍ଲକ କାର୍ଯ୍ୟାଳୟରେ ଫଳାଫଳ ଘୋଷଣା କରାଯିବ ବୋଲି ସାହୁ ସୂଚନା ଦେଇଛନ୍ତି।

ପ୍ରତ୍ୟେକ କେନ୍ଦ୍ରରେ ଆବଶ୍ୟକ ଡାକବାଜି ଯନ୍ତ୍ର (ମାଇକ)ର ବ୍ୟବସ୍ଥା କରାଯିବ। ଏକ ଆଦର୍ଶ ମତଗଣନା କେନ୍ଦ୍ରର ଆକାର ୩୫’x୨୦’ ଫୁଟ ହେବ, ଯେଉଁଠାରେ ୮ଟି ଗ୍ରାମ ପଞ୍ଚାୟତର ଭୋଟଗଣତି ଗୋଟିଏ ହଲ୍‌ରେ କରାଯାଇ ପାରିବ। ଭୋଟ ଗଣନା କେନ୍ଦ୍ର ନିକଟରେ ହୋଇଥିବା ଷ୍ଟ୍ରଙ୍ଗରୁମ୍‌ଟି ୨୪ ଘଣ୍ଟିଆ ସିସିଟିଭି ନଜରରେ ରହିବ। ଷ୍ଟ୍ରଙ୍ଗରୁମ୍ ବାହାରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକରିବ ବୋଲି ନିର୍ବାଚନ କମିଶନର ନିର୍ଦ୍ଦେଶ ଦେଇଛନ୍ତି।

ସମସ୍ତ ପ୍ରାର୍ଥୀଙ୍କୁ ଷ୍ଟ୍ରଙ୍ଗରୁମ୍‌ର ସୁରକ୍ଷା ପର୍ଯ୍ୟବେକ୍ଷଣ ନିମନ୍ତେ ପତ୍ରମାଧ୍ୟମରେ ଜଣାଇ ଦିଆଯିବ। ଏହାଛଡ଼ା ୭୨ ଘଣ୍ଟା ପୂର୍ବରୁ ଭୋଟ ଗଣନା ସମ୍ପର୍କରେ ସମସ୍ତ ପ୍ରାର୍ଥୀଙ୍କୁ ଲିଖିତ ଆକାରରେ ଜଣାଇ ଦିଆଯିବ। ଭୋଟଗଣତି ନିର୍ବାଚନ କମିଶନରଙ୍କ ଦ୍ୱାରା ଧାର୍ଯ୍ୟ ତାରିଖ ଓ ସମୟରେ ଆରମ୍ଭ ହେବ। ନିୟୋଜିତ ଥିବା କର୍ମଚାରୀମାନେ ଧାର୍ଯ୍ୟ ସମୟର ୧୫ ମିନିଟ୍ ପୂର୍ବରୁ ଭୋଟ ଗଣନା କେନ୍ଦ୍ରରେ ଉପସ୍ଥିତ ରହିବେ। ଗଣନା ସମ୍ପର୍କିତ ସମସ୍ତ କାର୍ଯ୍ୟର ଭିଡିଓଗ୍ରାଫି କରାଯିବ ବୋଲି ରାଜ୍ୟ ନିର୍ବାଚନ କମିଶନର ସମସ୍ତ ଜିଲା ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରଥମ ଥର ଲାଗି ବ୍ଲକ ମୁଖ୍ୟାଳୟରେ ଭୋଟ ଗଣନା ହେଉଥିବାରୁ ସୁରକ୍ଷା ଏକ ବଡ଼ ଚ୍ୟାଲେଞ୍ଜ ହେବ। ଏହାକୁ ଦୃଷ୍ଟିରେ ରଖି ନିର୍ବାଚନ କମିଶନର ବୁଧବାର ଏକ ସମୀକ୍ଷା ବୈଠକରେ ପୋଲିସ ମହାନିର୍ଦ୍ଦେଶକ ସୁନୀଲ ବଂଶଲ ଏବଂ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଆର୍.କେ. ଶର୍ମାଙ୍କ ସହ ସୁରକ୍ଷା ସମ୍ପର୍କରେ ଆଲୋଚନା କରିଛନ୍ତି। ଭୋଟଗଣତି କେନ୍ଦ୍ର ବାହାରେ, ବିଶେଷକରି ଭୋଟଗଣତି ସମୟରେ ହେବାକୁ ଥିବା ଭିଡ଼କୁ କିପରି ନିୟନ୍ତ୍ରଣ କରାଯାଇପାରିବ ଓ ଭୋଟ ଗଣତି କାର୍ଯ୍ୟ ରାତି ପର୍ଯ୍ୟନ୍ତ ଚାଲିଲେ, ସେ ସମୟରେ ଆଇନଶୃଙ୍ଖଳା ରକ୍ଷା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଛି। କୌଣସି ପରିସ୍ଥିତିରେ କୌଣସିଠାରେ ଯେପରି ବିଶୃଙ୍ଖଳା ନ ଉପୁଜିବ ସେ ଦିଗରେ ତୀକ୍ଷ୍ଣ ଦୃଷ୍ଟିଦେବାକୁ ସମ୍ପୃକ୍ତ ଜିଲାର ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## ଆଜି ଶେଷ ପର୍ଯ୍ୟାୟ ...

ଭୋଟ ଦେବେ। ୧୩୧ ଜିଲା ପରିଷଦ ଜୋନରେ ମୋଟ ୫୨୦ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇ ଅପରାହ୍ଣ ୧ଟା ଯାଏ ଚାଲିବ।

ଶେଷ ପର୍ଯ୍ୟାୟରେ ସମ୍ବେଦନଶୀଳ ବୁଥ୍‌ଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଚଳିତ ନିର୍ବାଚନ ସୁରକ୍ଷା ଦାୟିତ୍ୱରେ ମୋଟ ୩୭ ହଜାର ୨୪୫ ପୋଲିସ କର୍ମଚାରୀ ନିୟୋଜିତ ହୋଇଛନ୍ତି।

ଚଳିତ ପଞ୍ଚାୟତ ନିର୍ବାଚନ ଫେବୃୟାରୀ ୧୬ ତାରିଖରୁ ଆରମ୍ଭ ହୋଇଥିଲା। ୨୪ ତାରିଖରେ ଭୋଟଗ୍ରହଣ ଶେଷ ହେବ। ସମସ୍ତ ପର୍ଯ୍ୟାୟରେ ରାଜ୍ୟରେ ମୋଟ ୬,୭୯୪ ପଞ୍ଚାୟତରେ ଥିବା ୯୧,୯୧୩ ୱାର୍ଡରେ ଭୋଟଗ୍ରହଣ କରାଯାଉଛି। ମୋଟ ୯୧,୯୧୩ ବୁଥ୍‌ରେ ମତଦାନ ଅନୁଷ୍ଠିତ ହେଉଛି । ସେଥିରୁ ୧୩,୭୮୫ ଉତ୍ତେଜନା ପ୍ରବଣ ବୁଥ୍ ରହିଛି। ସମସ୍ତ ସମ୍ବେଦନଶୀଳ ବୁଥ୍‌ରେ ମତଦାନର ଭିଡିଓ ରେକର୍ଡିଂ କରାଯିବା ସହ ଷ୍ଟ୍ରଙ୍ଗରୁମ୍‌ରେ ସିସିଟିଭି କ୍ୟାମେରା ଲଗାଯାଇଛି।

## ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com


**ମେଷ** ଆଜି ସତ୍ କାର୍ଯ୍ୟରେ ବ୍ୟୟ ସାଙ୍ଗକୁ ଯେଉଁ କାମ ଆରମ୍ଭ କରିବେ ସଫଳତା ପାଇବେ। ବନ୍ଧୁଙ୍କ ସାହାଯ୍ୟ ପାଇ ସ୍ଥଗିତ କାମ ତ୍ୱରାନ୍ୱିତ କରିବାକୁ ନିଷ୍ପତ୍ତି ନେବେ। ମିଠା ପ୍ରତିଶ୍ରୁତି ପାଇବେ ସତ, ଆଶା କରିଥିବା ଦିଗରୁ ମୂଲ୍ୟବାନ୍ ଜିନିଷଟି ପ୍ରାପ୍ତ ହେବ ନାହିଁ। କଳା, ସାହିତ୍ୟ, ସଙ୍ଗୀତ ଅଧ୍ୟାପନା, କ୍ରୀଡ଼ା, ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସା ମିଳିବ।

**ବୃଷ** ନିଜର ସ୍ୱାର୍ଥ ସାଧନ ପରିପ୍ରେକ୍ଷୀରେ ଅନ୍ୟମାନଙ୍କ ସହ ମିତ୍ରତା କରିବା ସକାଶେ ମନ ବଳାଇବେ। ସତର୍କତା ଅଭାବରୁ ଧନହାନି କିମ୍ବା କଳହର ସୂତ୍ରପାତ ହୋଇପାରେ। ପରିସ୍ଥିତିବଶତଃ ବହୁତ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। କଳା, ସାହିତ୍ୟ, ଧାର୍ମିକ ପ୍ରବଚନ ଏବଂ କ୍ରୀଡ଼ା, ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ମିଳିବ।

**ମିଥୁନ** ବନ୍ଧୁଙ୍କ ବଦାନ୍ୟତା, ସାମାଜିକ ସମ୍ମାନ, ଆର୍ଥିକ ଉନ୍ନତି ଓ ଆଧ୍ୟାତ୍ମିକ ବାତାବରଣରେ ମନ ପ୍ରଫୁଲ୍ଲ ରହିବ। କର୍ମକ୍ଷେତ୍ରରେ ସମସ୍ୟା ଆସିଲେ ସୁଦ୍ଧା ଏଥିରୁ ଓହରି ପାରିବେ ନାହିଁ। ଅତୀତ ଘଟଣାକୁ କେନ୍ଦ୍ରକରି ପରିବାରରେ ବିବାଦ ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ଉପର ଅଧିକାରୀମାନେ ଆପଣଙ୍କ ସହଯୋଗ ଲୋଡ଼ିପାରନ୍ତି।

**କର୍କଟ** ସମସ୍ୟା ସମାଧାନଜନିତ କାର୍ଯ୍ୟରେ ଅଗ୍ରଗତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଅନୁଭବ କରିବେ। ଆଲୋଚନାର ଶେଷ ପର୍ଯ୍ୟାୟରେ ବନ୍ଧୁ ବିଶ୍ୱାସ ଘାତକତା କରିପାରନ୍ତି। ଅର୍ଥ ସମ୍ପର୍କୀୟ ଆଲୋଚନା ସୁରୁଖୁରୁରେ ସମ୍ପନ୍ନ ହେବ, ଏଥିପାଇଁ କିଛିଟା ହଇରାଣ ହେବେ। ବ୍ୟବସାୟ ଓ ପରିବହନରେ ସଫଳତା ହାସଲ କରିବେ।

**ସିଂହ** କର୍ମକ୍ଷେତ୍ରରେ ପ୍ରତ୍ୟେକ କାମ ସମସ୍ୟା ବହୁଳ ହେଉଥିବା କାରଣରୁ ମନରେ ସରସତା ରହିବ ନାହିଁ। ଭୁଲ୍ ବୁଝାମଣା କାରଣରୁ ଆକସ୍ମିକ ଭାବରେ ଶତ୍ରୁମାନେ ମିତ୍ର ଭଳି ଆଚରଣ କରିପାରନ୍ତି। ସାହିତ୍ୟ, ସାମ୍ବାଦିକତା, ରାଜନୀତି ଓ ସାଙ୍ଗଠନିକ କ୍ଷେତ୍ରରେ ଉନ୍ନତମାନର ଫଳ ପ୍ରାପ୍ତି। ସନ୍ତାନହେତୁକ ଚିନ୍ତା ଦୂର ହେବ।

**କନ୍ୟା** ପାରିବାରିକ ସ୍ତରରେ ବିଭିନ୍ନ ପ୍ରକାରର ସମସ୍ୟାକୁ ସାମ୍ନା କରି ମାନସିକ ଦୁର୍ବଳତା ଦେଖାଦେଇପାରେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ଆଲୋଚନା କ୍ଷେତ୍ରରେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରିବେ। ଭାଇଙ୍କ ଅସୁବିଧା ପରିସ୍ଥିତି ବିଷୟ ଚିନ୍ତା କରି ଅଶାନ୍ତ ରହିପାରନ୍ତି।

**ତୁଳା** ସମସ୍ୟାର ସରଳ ସମାଧାନ କରି ଶାନ୍ତି ଲଭିବେ। କର୍ମକ୍ଷେତ୍ରରେ ଆପଣ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସମ୍ଭାଳି ନେବାରେ ସମର୍ଥ ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନରେ ବିଭିନ୍ନ ପ୍ରକାରର ସମସ୍ୟା ଦେଖାଦେଇପାରେ। ଅଫିସ୍‌ରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିବାର ସୂଚନା ରହିଛି ।

**ବିଛା** ଆଜି ଆପଣଙ୍କ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ। କର୍ମକ୍ଷେତ୍ରରେ ଜଣେ ବନ୍ଧୁ ପ୍ରଗାଢ଼ ଅନୁରକ୍ତି ପ୍ରକାଶ କରିପାରନ୍ତି। କ୍ରୟ ବିକ୍ରୟ କ୍ଷେତ୍ରରେ ସତର୍କ ନ ହେଲେ ଠକାମିରେ ପଡ଼ିବେ। ସାହିତ୍ୟ ଆସର, ସାମ୍ବାଦିକତା, ପ୍ରକାଶନ ଓ ପ୍ରଶାସନ, ସଙ୍ଗୀତ ସମାରୋହ, କ୍ଷେତ୍ରରେ ସମସ୍ୟା ଦୂର ହେବାର ସମ୍ଭାବନା ଉଜ୍ଜ୍ୱଳ।

**ଧନୁ** ଆଜିର କର୍ମକ୍ଷେତ୍ରରେ ସାଧାରଣ ଟିକିଏ କଥାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। ସାହିତ୍ୟ, କଳା ଓ ରଚନାତ୍ମକ କାମ, ଆନୁଷ୍ଠାନିକ କାର୍ଯ୍ୟରେ ଉଚ୍ଚ ପ୍ରଶଂସା ପାଇବେ। ପରିବାରରେ ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ବନ୍ଧୁଙ୍କ ପରୋକ୍ଷ ଶତ୍ରୁତା ଯୋଗୁ ସାମୟିକ ବିଚଳିତବୋଧ କରିବେ।

**ମକର** ଆଜି ଯେଉଁ କାମରେ ହାତ ଦିଅନ୍ତୁ ନା କାହିଁକି, ସହଯୋଗର ଅଭାବ ରହିବ ନାହିଁ। କର୍ମ କ୍ଷେତ୍ରରେ ଖୁବ୍ ଆଶାବାଦୀ ହେବେ, ମାତ୍ର ସାମୟିକ କଳହଜନିତ ସମ୍ପର୍କ ହାନି ହୋଇପାରେ। ବକେୟା ଅର୍ଥ ଆଦାୟରେ ସକ୍ଷମ ନ ହେବା ହେତୁ ମନଟା ଭାରାକ୍ରାନ୍ତ ରହିପାରେ। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟକର ହେବ।

**କୁମ୍ଭ** ଦୀର୍ଘ ଦିନର ଅପୂରଣୀୟ ଆଶା ମନରେ ଭାବାନ୍ତର ସୃଷ୍ଟି କରିବ। ଆତ୍ମୀୟସ୍ୱଜନମାନେ ସ୍ୱାର୍ଥ ସାଧନ ଆଶା କ୍ଷୀଣ ଦେଖି ଦୂରେଇ ଯାଇପାରନ୍ତି। ବାଣିଜ୍ୟ, ବ୍ୟବସାୟରେ ଉନ୍ନତି, ଜମିଜମା କାରବାରରେ ଚୁକ୍ତି ଆଦି କାମ ସମ୍ପନ୍ନ କରିପାରିବେ। ସାଧାରଣ କଥାକୁ କେନ୍ଦ୍ର କରି ପରିବାରରେ ଝଡ଼ ଉଠିପାରେ।

**ମୀନ** କୌଣସି କାମ ଅଟକିବ ନାହିଁ। ଯାହା ଆଶା କରୁଛନ୍ତି ଅବଶ୍ୟ ପାଇବେ। ପରିବାରର ଖର୍ଚ୍ଚ ବଢ଼ିଯିବା କାରଣରୁ ମନରେ ସରସତା ରହିବ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ପ୍ରିୟ ବନ୍ଧୁଟି ସହଯୋଗ କରିବେ। ସାମ୍ବାଦିକତା, ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ର, ଆଲୋଚନାରେ, ରାଜନୀତିରେ, ସଙ୍ଗଠନରେ, କଳା, ସାହିତ୍ୟରେ ଚେଷ୍ଟା ସଫଳ ହେବ।

## ୩ ମହାନଗର ନିଗମ, ...

ରେ ନିର୍ବାଚନ ଅନୁଷ୍ଠିତ ହେବ। ନିର୍ବାଚନ ସକାଶେ ସମସ୍ତ ଜିଲାରୁ ବଛା ବଛା ମାଷ୍ଟର ଟ୍ରେନରମାନଙ୍କର ୨ ଦିନିଆ ଇଭିଏମ୍ ତାଲିମ କାର୍ଯ୍ୟକ୍ରମ ଶେଷ ହୋଇଛି । ପୌର ନିର୍ବାଚନ ପାଇଁ ୱାର୍ଡ ପୁନର୍ଗଠନ, ବୁଥ୍ ଓ ଭୋଟର ତାଲିକା ପ୍ରସ୍ତୁତି ଇତ୍ୟାଦି କାର୍ଯ୍ୟକୁ କମିଶନର ଅନୁମୋଦନ କରିସାରିଛନ୍ତି । ପୌର ନିର୍ବାଚନ ନିମନ୍ତେ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା କମିଶନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

### ଧାନଗଦା ଜାଳିଦେଲେ ଦୁର୍ବୃତ୍ତ

ସିଂହପୁର,(ଡି.ଏନ.ଏ.): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ନାହାକାଣୀ ରାସ୍ତାର ନାନକାର ବରଗଛ ନିକଟ ବିଲରେ ଥିବା ବିଷ୍ଣୁଚରଣ ଜେନାଙ୍କ ଏକ ଧାନଗଦାକୁ ମଙ୍ଗଳବାର ରାତିରେ ଦୁର୍ବୃତ୍ତ ଜାଳି ଦେଇଛନ୍ତି। ବୁଧବାର ବିଷ୍ଣୁଚରଣ ଏକଥା ଜାଣିବାକୁ ପାଇଛନ୍ତି। ତେବେ ଦୁର୍ବୃତ୍ତ କାହିଁକି ଧାନଗଦା ଜାଳିଲେ ତାହା ଜଣାପଡ଼ି ନାହିଁ। ଅନ୍ୟପକ୍ଷରେ ଏହି ଘଟଣାକୁ ସାଧାରଣ ଲୋକେ ନିନ୍ଦା କରିଛନ୍ତି।



## ସଂକ୍ଷେପରେ

### ୩ ବୁଥ୍‌ରେ ପୁନଃ ମତଦାନ ଶୃଙ୍ଖଳିତ

**ଚଣ୍ଡିଖୋଲ,୨୩।୨(ଡି.ଏନ.ଏ.):** ବଡ଼ଚଣା ବ୍ଲକର ୩ ବୁଥ୍‌ରେ ବୁଧବାର ପୁନଃ ମତଦାନ ଶୃଙ୍ଖଳିତ ଭାବେ ଶେଷ ହୋଇଛି। ବ୍ୟାପକ ପୋଲିସ ଓ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ମତଦାତା ଆସି ଭୋଟ ଦେଇଛନ୍ତି। ନଳୀପୁର ପଞ୍ଚାୟତର ୨ନମ୍ବର ବୁଥ୍‌ରେ ୪୪୫ଭୋଟରଙ୍କ ମଧ୍ୟରୁ ୩୦୯ଜଣ ଭୋଟ ଦେଇଥିଲେ। ବାଲିଚନ୍ଦ୍ରପୁର ପଞ୍ଚାୟତର ୧୦ନମ୍ବର ବୁଥ୍‌ରେ ୨୭୩ ଭୋଟରଙ୍କ ମଧ୍ୟରୁ ୨୦୫ଜଣ ମତଦାତା ମତଦାନ କରିଥିଲେ। ରଇପୁର ପଞ୍ଚାୟତର ୫ନମ୍ବର ବୁଥ୍‌ରେ ୩୨୪ ଭୋଟରଙ୍କ ମଧ୍ୟରୁ ୨୩୯ଜଣ ଭୋଟ ଦାନ କରିଥିଲେ। ଏହି ୩ ବୁଥ୍‌ରେ ବିଭିନ୍ନ ପ୍ରକାର ଗଣ୍ଡଗୋଳ ପାଇଁ ପୁନଃ ମତଦାନ ହୋଇଥିଲା।

### ୮ ସାନି ମତଦାନ କେନ୍ଦ୍ର ବୁଲିଲେ ଜିଲାପାଳ

**ଯାଜପୁର ଟାଉନ,୨୩।୨(ଡି.ଏନ.ଏ.):** ଯାଜପୁର ବ୍ଲକ୍‌ର ୮ ବୁଥ୍‌ରେ ବୁଧବାର ସାନି ମତଦାନ କରାଯାଇଛି। ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ବ୍ଲକ୍‌ର ୮ ସାନି ମତଦାନ କେନ୍ଦ୍ର ବୁଲି ତଦାରଖ କରିଥିଲେ। ତେବେ ଏହି ବୁଥ୍‌ଗୁଡ଼ିକରେ ଶାନ୍ତିଶୃଙ୍ଖଳା ମତଦାନ ଲାଗି ମାଜିଷ୍ଟ୍ରେଟ୍ ନିୟୋଜିତ ହୋଇଥିଲେ। ଯାଜପୁର ଆସିଷ୍ଟାଣ୍ଟ୍ କଲେକ୍ଟର ତାରିଣୀସେନ ପଟ୍ଟନାୟକ, ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ, ଅତିରିକ୍ତ ତହସିଲଦାର ବିକ୍ରମ ମଲ୍ଲିକ, କିଶୋର ଦାଶ, ପ୍ରଗତିକା ବଳ ପ୍ରମୁଖଙ୍କୁ ମାଜିଷ୍ଟ୍ରେଟ୍ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଯେଉଁ ବୁଥ୍‌ଗୁଡ଼ିକ ଅତି ସମ୍ବେଦନଶୀଳ ରହିଛି ସେହି ସବୁ ବୁଥ୍‌ରେ କ୍ୟାମେରା ଲଗାଯାଇଥିଲା। ସାନି ମତଦାନ ଶୃଙ୍ଖଳାର ସହ ଶେଷ ହୋଇଛି ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

### ସାଇକେଲ ମାରାଥନ ଟିମ୍‌କୁ ସ୍ୱାଗତ

**ପାଣିକୋଇଲି,୨୩।୨(ଡି.ଏନ.ଏ.):** କ୍ରାଇମବ୍ରାଞ୍ଚ୍ ଏଡିଜି ସଞ୍ଜୀବ ପଣ୍ଡାଙ୍କ ନେତୃତ୍ୱରେ ୬୦୦ କିଲୋମିଟର ସାଇକେଲ ମାରାଥନ ଟିମ୍‌କୁ ପାଣିକୋଇଲିରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଯାଜପୁର ମିରର ସମ୍ପାଦକ ଅଭୟ ପତିଙ୍କ ନେତୃତ୍ୱରେ ସେମାନଙ୍କୁ ପାଣିକୋଇଲି ହାଇସ୍କୁଲ ପରିସରରେ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କିଛି ସମୟ ବିରାମ ପରେ ସେମାନେ କଟକ ଅଭିମୁଖେ ଯାତ୍ରା କରିଥିଲେ।

### ମହାବିନାୟକ ମୁଖ୍ୟ ପୂଜକଙ୍କ ଦେହାନ୍ତ

**ଚଣ୍ଡିଖୋଲ,୨୩।୨(ଡି.ଏନ.ଏ.):** ବଡ଼ଚଣାର ପ୍ରସିଦ୍ଧ ଶୈବପୀଠ ମହାବିନାୟକ ମନ୍ଦିରର ମୁଖ୍ୟ ପୂଜକ ପୁରୁଷୋତ୍ତମ ପଣ୍ଡା(୭୮)ଙ୍କ ବୁଧବାର ପରଲୋକ ହୋଇଛି। ସେ ନିଜ ଗ୍ରାମ ଦର୍ପଣୀ ବାସଗୃହରେ ଗାଧୋଇବା ପାଇଁ ଯାଉଥିବାବେଳେ ଗାଧୁଆ ଘରେ ତାଙ୍କ ଗୋଡ଼ ଖସି ଯାଇଥିଲା। ସେଠାରେ ସେ ସଂଜ୍ଞାହୀନ ଭାବେ ପଡ଼ି ଯାଇଥିଲେ। ପରିବାର ଲୋକେ ତାଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ୪୦ବର୍ଷ ଧରି ମହାବିନାୟକ ପୀଠରେ ମୁଖ୍ୟ ପୂଜକ ଦାୟିତ୍ୱ ତୁଲାଇ ଆସୁଥିଲେ। ତାଙ୍କ ବିୟୋଗରେ ବିଧାୟକ ଅମର ପ୍ରସାଦ ଶତପଥୀ, ପୂର୍ବତନ ବିଧାୟକ ସୀତାକାନ୍ତ ମହାପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିରଞ୍ଜନ ସାହୁ, ଖବରଦାତା ମହେଶ୍ୱର ବଳ ଓ ମହାବିନାୟକ ପୀଠ ଟ୍ରଷ୍ଟ ମୁଖ୍ୟ ଶଙ୍କର୍ଷଣ ସାମଲଙ୍କ ସମେତ ବହୁ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।

### ଅତି ସମ୍ବେଦନଶୀଳ ବୁଥ୍ ଉପରେ ପୋଲିସର ନଜର

**ବରୀ,୨୩।୨(ଡି.ଏନ.ଏ.):** ବରୀ ବ୍ଲକ୍‌ରେ ଗୁରୁବାର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ମତଦାନ ଅନୁଷ୍ଠିତ ହେବ। ୩୮୦ ବୁଥରେ ମତଦାନ ଲାଗି ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ତେବେ ୩୮୦ ବୁଥ୍ ମଧ୍ୟରୁ ୩୩୩ ବୁଥ୍ ବରୀ ରାମଚନ୍ଦ୍ରପୁର ଥାନା ଅଧୀନରେ ରହିଛି। ସରକାରୀ ତାଲିକା ମୁତାବକ ବ୍ଲକ୍‌ର ୨୦୧ ବୁଥ୍ ସମ୍ବେଦନଶୀଳ ହୋଇଥିବାବେଳେ ୬୮ ଅତି ସମ୍ବେଦନଶୀଳ ରହିଛି। ଏହାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ସୁରକ୍ଷା କଡ଼ାକଡ଼ି କରାଯାଇଛି। ଉକ୍ତ ବୁଥ୍‌ଗୁଡ଼ିକ ଉପରେ ପୋଲିସର ସ୍ୱତନ୍ତ୍ର ନଜର ରହିଛି। ବୁଧବାର ସନ୍ଧ୍ୟାରେ ଏସ୍‌ପି ରାହୁଲ୍ ପିଆର୍ ବରୀ ଅଞ୍ଚଳ ପରିଦର୍ଶନ କରି ଆଇନ ଶୃଙ୍ଖଳା ସ୍ଥିତି ସମୀକ୍ଷା କରିଛନ୍ତି। କୌଣସି ପ୍ରକାର ନିର୍ବାଚନୀ ହିଂସାକୁ ବରଦାସ୍ତ କରାଯିବ ନାହିଁ ବୋଲି ସେ କହିଛନ୍ତି। ବିଶେଷକରି ବ୍ଲକ୍‌ର କଳାମାଟିଆ ପଞ୍ଚାୟତରେ ପ୍ରାକ୍ ନିର୍ବାଚନୀ ହିଂସା ଘଟିଛି। ତେଣୁ ନିର୍ବାଚନ ସମୟରେ ହିଂସାକାଣ୍ଡ ବଢ଼ିବା ସମ୍ଭାବନା ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ନିର୍ବାଚନକୁ ସ୍ୱଚ୍ଛ ଓ ନିରପେକ୍ଷ କରିବାକୁ ପୋଲିସ ଅଣ୍ଟା ଭିଡ଼ିଛି। ଏବେ ଦେଖିବାକୁ ଅପେକ୍ଷା ପୋଲିସର ପୂର୍ବ ପ୍ରସ୍ତୁତି କେତେ କାର୍ଯ୍ୟକାରୀ ହେଉଛି।

# ୨୪ ବୁଥ୍‌ରେ ସାନି ଭୋଟ ଗ୍ରହଣ ଶାନ୍ତିପୂର୍ଣ୍ଣ



ଜିଲାପାଳ ଏକ ଭୋଟ ଗ୍ରହଣ କେନ୍ଦ୍ରର ସ୍ଥିତି ସମୀକ୍ଷା କରୁଛନ୍ତି।



ସାନି ଭୋଟ ପାଇଁ ମହିଳାଙ୍କ ଲମ୍ବା ଧାଡ଼ି।

**ଯାଜପୁର ଅଫିସ,୨୩।୨**

ଯାଜପୁର ଜିଲାର ୨୪ ବୁଥ୍‌ରେ ବୁଧବାର ଅନୁଷ୍ଠିତ ସାନି ଭୋଟ ଗ୍ରହଣ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଛି। ଦଶରଥପୁର ବ୍ଲକର ୧୦ ବୁଥ୍‌ରେ ୬୫%, ବଡ଼ଚଣା ବ୍ଲକର ୩ ବୁଥ୍‌ରେ ୬୫%, ଯାଜପୁର ବ୍ଲକର ୮ ବୁଥ୍‌ରେ ୭୨% ଏବଂ ଧର୍ମଶାଳା ବ୍ଲକର ୩ ବୁଥ୍‌ରେ ୭୭% ମତଦାନ ହୋଇଛି। ଏହି ବୁଥଗୁଡ଼ିକରେ ପୂର୍ବ ନିର୍ବାଚନୀ ହିଂସାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଯାଜପୁର ବ୍ଲକର ସୁଜନପୁର ପଞ୍ଚାୟତର ୧ ନମ୍ବର ବୁଥ୍‌ରେ ଜମି ଅଧିଗ୍ରହଣ ଅଧିକାରୀ ତାରିଣୀସେନ ପଟ୍ଟନାୟକ, ଏରବାଙ୍ଗ ପଞ୍ଚାୟତର ୨ ଓ ୩ ନଂ. ବୁଥ୍‌ରେ ବ୍ୟାସନଗର ତହସିଲଦାର ଅଶୋକ କୁମାର ମାଝି, ରୁଦ୍ରପୁର ପଞ୍ଚାୟତର ୪ ଓ ୫ନଂ. ବୁଥ୍‌ରେ ଯାଜପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ ଏବଂ ୧୨ନଂ. ବୁଥ ପାଇଁ ବ୍ୟାସନଗର ଅତିରିକ୍ତ ତହସିଲଦାର ବିକ୍ରମ କୁମାର ମଲ୍ଲିକ, ଖାଲପଡ଼ା ପଞ୍ଚାୟତର ୧୦ ନଂ. ବୁଥ୍‌ରେ ଯାଜପୁର ଅତିରିକ୍ତ ତହସିଲଦାର କ୍ଷୀରୋଦ କୁମାର ଦାସ, ଛତିଶଦେବିଲ ୧ ନଂ. ବୁଥ୍‌ରେ ଯାଜପୁର ଅତିରିକ୍ତ ତହସିଲଦାର ପ୍ରଗତିକା ବଳ ଏକ୍‌ଜ୍ୟୁକିଟିଭ ମାଜିଷ୍ଟ୍ରେଟ ଦାୟିତ୍ୱରେ ରହିଥିଲେ। ସେହିପରି ଦଶରଥପୁର ବ୍ଲକର ବିରିପଟା ୧୪ ଓ ୧୫ ନଂ. ବୁଥ୍‌ରେ ସହକାରୀ ଜିଲାପାଳ ସୂର୍ଯ୍ୟପ୍ରକାଶ ନାୟକ, ଦଶରଥପୁର ପଞ୍ଚାୟତର ୩ ନଂ. ବୁଥ୍‌ରେ ଦଶରଥପୁର ଅତିରିକ୍ତ ତହସିଲଦାର ଲକ୍ଷ୍ମୀପ୍ରିୟା ଦାସ ଓ ୯ ନଂ. ବୁଥ୍‌ରେ ବିଞ୍ଝାରପୁର ତହସିଲଦାର ଦୀପକ କୁମାର ରାଉତ, କନିକାପଡା ୨ ଓ ୩ ନଂ. ବୁଥ୍‌ରେ ଦଶରଥପୁର ଅତିରିକ୍ତ ତହସିଲଦାର ଠାକୁର ଦାସନାୟକ ଏବଂ ୭,୮ ଓ ୧୪ ନଂ. ବୁଥରେ ଦଶରଥପୁର ତହସିଲଦାର ଅବିନାଶ ବିଶ୍ୱଜିତ୍ ସେଠୀ, ଅକରପଡ଼ା ୭ ନଂ. ବୁଥ୍‌ରେ ବିଞ୍ଝାରପୁର ଅତିରିକ୍ତ ତହସିଲଦାର ଏ.ଏ.ସାମନ୍ତରାୟ, ଧର୍ମଶାଳା ବ୍ଲକର ଦେଓଦା ୬ ଓ ୭ ନଂ. ବୁଥରେ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସ ଏବଂ ଅରାବଳ ୮ ନଂ. ବୁଥରେ ଧର୍ମଶାଳା ଅତିରିକ୍ତ ତହସିଲଦାର ଶୁଭସ୍ମିତା ନାୟକ, ବଡ଼ଚଣା ବ୍ଲକର ନଳିପୁର ୨ ନଂ. ବୁଥ୍‌ରେ ଦର୍ପଣ ତହସିଲଦାର ପ୍ରଦୀପ କୁମାର ସେଠୀ ଓ ବାଲିଚନ୍ଦ୍ରପୁର ୧୦ ନଂ. ବୁଥ୍‌ରେ ଦର୍ପଣ ଅତିରିକ୍ତ ତହସିଲଦାର ଅଭିଲିପ୍ସା ଦାସ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ଦାୟିତ୍ୱ ନିର୍ବାହ କରିଥିଲେ। ଜିଲାପାଳ ଚକ୍ରବର୍ତ୍ତି ସିଂ ରାଠୋର ସାନି ନିର୍ବାଚନ ବୁଥ୍‌ଗୁଡ଼ିକ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଥିଲେ।

## ଆଉ ୩ ଅଭିଯୁକ୍ତ ଗିରଫ

**ଖବରଦାତାଙ୍କୁ ଆକ୍ରମଣ ଘଟଣା**

**ଯାଜପୁର ଅଫିସ/ଯାଜପୁର ସଦର (ଡି.ଏନ.ଏ.):** ଯାଜପୁର ଜିଲାରେ ଚଳିତ ପଞ୍ଚାୟତ ନିର୍ବାଚନ ବେଳେ ଖବରଦାତାଙ୍କୁ ଆକ୍ରମଣ କରାଯାଇଥିଲା । ଏହି ଘଟଣାରେ ବିଞ୍ଝାରପୁର ଥାନା ପୋଲିସ ଆଉ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବାମଦେବପୁର ଗ୍ରାମର ପ୍ରଶାନ୍ତ ମଲ୍ଲିକ, ପ୍ରଦୀପ ମଲ୍ଲିକ ଓ ଶରତ ମଲ୍ଲିକ। ସେହିପରି ସଦର ବ୍ଲକରେ ପ୍ରଥମ ପର୍ଯ୍ୟାୟ ମତଦାନ ବେଳେ ବିଭିନ୍ନ ସ୍ଥାନରେ ଘଟିଥିବା ହିଂସା ଘଟଣାରେ ଆଉ ୪ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ମହେଶ୍ୱର ମଳିକ, ବିଦ୍ୟାଧର ତରେଇ, ବିକାଶ ଦଳେଇ, ଜଗନ ବେହେରା। ଏହାକୁ ମିଶାଇ ଜିଲାରେ ଗିରଫ ଅଭିଯୁକ୍ତଙ୍କ ସଂଖ୍ୟା ୧୦୫ରେ ପହଞ୍ଚିଛି।

## ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ

**ଏଜେଣ୍ଟଙ୍କ ପରେ ଭାଇଙ୍କୁ ଆକ୍ରମଣ**



**ପାଣିକୋଇଲି,୨୩।୨(ଡି.ଏନ.ଏ.)**

ବୁଥ୍‌ରେ ଏଜେଣ୍ଟଙ୍କୁ ମାଡ଼ ମରା ଯାଇଥିଲା। ଏନେଇ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଏହାର ସୁଯୋଗରେ ଅଭିଯୁକ୍ତ ଏଜେଣ୍ଟଙ୍କ ସାନ ଭାଇଙ୍କୁ ମଧ୍ୟ ମାଡ଼ ମାରିଛନ୍ତି। ସେ ତାଙ୍କ ସ୍ତ୍ରୀଙ୍କୁ ନେଇ ଡାକ୍ତରଖାନା ଯାଉଥିବାବେଳେ ଅଭିଯୁକ୍ତ ମାଡ଼ ମାରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଛନ୍ତି। ତେବେ ସେ କୌଣସି ଉପାୟ ନ ପାଇ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏପରି ଅଭିଯୋଗ ଆସିଛି ଯାଜପୁର ଥାନା ଅଧୀନ ଚିତାଳୋ ପଞ୍ଚାୟତରୁ। ଉକ୍ତ ପଞ୍ଚାୟତର ୫ ନମ୍ବର ବୁଥ୍‌ରେ ସରପଞ୍ଚ ପ୍ରାର୍ଥୀ ରଞ୍ଜୁଲତା ମହାନ୍ତିଙ୍କ ଏଜେଣ୍ଟ୍ ଭାବେ ଖାଡ଼ଙ୍ଗା ଗ୍ରାମର ପ୍ରଶାନ୍ତ ଯେନା ନିଯୁକ୍ତ ହୋଇଥିଲେ। ମତଦାନ ସମୟରେ ବୁଥ୍ ଦଖଲ ଲାଗି ବାଧା ସୃଷ୍ଟି କରିବାରୁ ତାଙ୍କୁ ଦୁର୍ବୃତ୍ତ ବାହାରି ଯିବାକୁ କହିଥିଲେ। ମାତ୍ର ସେ ପ୍ରତିବାଦ କରିବାରୁ ତାଙ୍କୁ ଦୁର୍ବୃତ୍ତ ଗାଳିଗୁଲଜ ସହ ଆକ୍ରମଣ କରିଥିଲେ। ପରିବାର ଲୋକେ ଉଦ୍ଧାର କରିବାକୁ ଯାଇଥିବାବେଳେ ଆକ୍ରମଣର ଶିକାର ହୋଇଥିଲେ। ପରେ ଏନେଇ ପ୍ରଶାନ୍ତ ଯାଜପୁର ଥାନାରେ ଅଭିଯୋଗ କରିଥିଲେ। ମାତ୍ର ଅଭିଯୁକ୍ତ ବୁଲୁଥିଲେ ମଧ୍ୟ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ଯାଇନାହିଁ। ଫଳରେ ସେମାନେ ଏପରି ଆକ୍ରମଣ କରୁଛନ୍ତି ବୋଲି ପ୍ରଶାନ୍ତଙ୍କ ଭାଇ ପ୍ରଦୀପ ଏସ୍‌ପିଙ୍କୁ ଜଣାଇଛନ୍ତି। ପୋଲିସ ସୁରକ୍ଷା ଯୋଗାଇ ଦେବା ସହ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରଦୀପ ଏସ୍‌ପିଙ୍କୁ ନିବେଦନ କରିଛନ୍ତି। ଏନେଇ ଯାଜପୁର ପୋଲିସର ପ୍ରତିକ୍ରିୟା ମିଳି ପାରିନାହିଁ।

## ଧର୍ମଶାଳାରେ ୭୬.୫୫ ପ୍ରତିଶତ ମତଦାନ

**ଧର୍ମଶାଳା,୨୩।୨(ଡି.ଏନ.ଏ.)**

ଧର୍ମଶାଳା ବ୍ଲକର ୩ ବୁଥରେ ବୁଧବାର ଶାନ୍ତିପୂର୍ଣ୍ଣ ଭାବେ ପୁନଃ ମତଦାନ ଅନୁଷ୍ଠିତ ହୋଇଛି। ଉକ୍ତ ୩ ବୁଥ୍‌ରେ ମୋଟ୍ ୮୪୭ ମତଦାତାଙ୍କ ମଧ୍ୟରୁ ୭୬.୫୫ ହାରରେ ୬୫୩ଜଣ ମତଦାନ କରିଛନ୍ତି। ବ୍ଲକର ୪୫ ପଞ୍ଚାୟତର ୬୩୭ ବୁଥରେ ପ୍ରଥମ ପର୍ଯ୍ୟାୟ ମତଦାନ ହୋଇଥିଲା। ମାତ୍ର ଦେଓଦା ପଞ୍ଚାୟତର ୬, ୭ ନଂ. ବୁଥ୍ ଓ ଅରାବଳ ପଞ୍ଚାୟତର ୮ ନମ୍ବର ବୁଥ୍ ଜବରଦଖଲ ଯୋଗୁ ମତଦାନ ବନ୍ଦ କରାଯାଇଥିଲା। ଏଠାରେ ପୁନଃ ମତଦାନ କରିବାକୁ ଜିଲାପାଳ ନିର୍ବାଚନ କମିଶନରଙ୍କୁ ସୁପାରିସ କରିଥିଲେ। ସକାଳ ୯ଟାରୁ ମତଦାନ ଆରମ୍ଭ ହୋଇ ଅପରାହ୍ଣ ୩ଟାରେ ଶେଷ ହୋଇଛି। ଦେଓଦା ପଞ୍ଚାୟତର ୬ ନମ୍ବର ବୁଥରେ ୨୨୬ ଭୋଟରଙ୍କ ମଧ୍ୟରୁ ୧୬୮, ୭ନମ୍ବର ବୁଥରେ ୧୯୮ ଭୋଟରଙ୍କ ମଧ୍ୟରୁ ୧୫୮ଜଣ ଓ ଅରାବଳ ପଞ୍ଚାୟତର ୮ ନମ୍ବର ବୁଥରେ ୪୪୩ ଭୋଟରଙ୍କ ମଧ୍ୟରୁ ୩୨୭ ମୋଟ ୬୫୩ଜଣ ମତଦାନ କରିଛନ୍ତି। ଶାନ୍ତିଶୃଙ୍ଖଳାରେ ମତଦାନ ସମାପନ ପାଇଁ ପ୍ରତ୍ୟେକ ବୁଥ୍‌ରେ ଜଣେ ଇନ୍ସପେକ୍ଟର, ୨ ସବଇନ୍ସପେକ୍ଟରଙ୍କ ସମେତ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ସେହିପରି ଦେଓଦା ବୁଥରେ ମାଜିଷ୍ଟ୍ରେଟ ଭାବେ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସ ଓ ଅରାବଳ ବୁଥରେ ମାଜିଷ୍ଟ୍ରେଟ ଭାବେ ଅତିରିକ୍ତ ତହସିଲଦାର ସୁଭସ୍ମିତା ନାୟକ ଉପସ୍ଥିତ ଥିଲେ। ମତଦାନ ଶେଷ ପରେ କଡ଼ା ପୋଲିସ ସୁରକ୍ଷାରେ ଭୋଟବାକ୍ସଗୁଡ଼ିକୁ ଅଣାଯାଇ ଧର୍ମଶାଳା କଲେଜର ଅନ୍ୟଏକ ଷ୍ଟ୍ରଙ୍ଗ ରୁମରେ ରଖାଯାଇଛି ବୋଲି ବିଡିଓ ତଥା ନିର୍ବାଚନ ଅଧିକାରୀ ଅରବିନ୍ଦ ବେହେରା ସୂଚନା ଦେଇଛନ୍ତି।

## ‘ଲୋକଙ୍କ ହୃଦୟ ଜିତୁଥିଲେ କାଙ୍ଗାଳି ଚରଣ’

**ଧର୍ମଶାଳା,୨୩।୨(ଡି.ଏନ.ଏ.)**

ଧର୍ମଶାଳା ପୂର୍ବତନ ବିଧାୟକ ଓ ଏହି ମାଟିର ବରପୁତ୍ର କାଙ୍ଗାଳି ଚରଣ ପଣ୍ଡାଙ୍କ ଦ୍ୱାଦଶାହରେ ସର୍ବଦଳୀୟ ଶ୍ରଦ୍ଧାଞ୍ଜଳି ସଭା ଜାରକାସ୍ଥିତ ଧର୍ମଶାଳା ମହୋତ୍ସବ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ଲକ୍ଷ୍ମୀଧର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ବିଭିନ୍ନ ରାଜନୈତିକ ଦଳ ନେତା ଯୋଗ ଦେଇଥିଲେ। ଧର୍ମଶାଳା ବ୍ଲକ ପୂର୍ବତନ ଅଧ୍ୟକ୍ଷ କିଷାନ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ପଣ୍ଡାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପଣ୍ଡା ତାଙ୍କ ସହ ସାକ୍ଷାତ ସମୟରେ ଧର୍ମଶାଳାର ବିକାଶ ସମ୍ପର୍କରେ ଆଲୋଚନା କରୁଥିଲେ ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ। ଅତିଥି ଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ପଣ୍ଡା ପ୍ରତିକୂଳ ପରିସ୍ଥିତିରେ ଲଢ଼େଇ କରି ଲୋକଙ୍କ ହୃଦୟ ଜିତିବା ସହ ସଫଳତା ପାଇଥିଲେ ବୋଲି ମତପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ଏମ୍‌ପି ରୀତା ତରାଇ, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା, ରାଜ୍ୟ କଂଗ୍ରେସ ମୁଖପାତ୍ର ଡ. ଗୋବିନ୍ଦ ଭୂୟାଁ, ଅମୀୟ ପାଣ୍ଡବ, ପଦ୍ମାକର ଗୁରୁ, ଜିଲା କଂଗ୍ରେସ ସଭାପତି ମନୋଜ ରାଉତ, ସନ୍ତୋଷ ନନ୍ଦ, ପ୍ରିୟନାଥ ମହାପାତ୍ର, ବ୍ଲକ ବିଜେଡି ସଭାପତି ଜଳଧର ମହାନ୍ତି, ଜିଲା କଂଗ୍ରେସ ସଭାନେତ୍ରୀ ରୀତାଶ୍ରୀ ମହାନ୍ତି, ଅବସରପ୍ରାପ୍ତ ଅଧ୍ୟକ୍ଷ ବେଣୁଧର ଶରଣ, ବସନ୍ତ ପରିଡ଼ା, ଭାଜପା ନେତା କାହ୍ନୁ ଚରଣ ଦାଶ, ପୂର୍ଣ୍ଣଚନ୍ଦ୍ର ତରାଇ, ପ୍ରେସ୍ କ୍ଲବ ସଭାପତି ରମାକାନ୍ତ ଜେନା, ବଟକୃଷ୍ଣ ପରିଡ଼ା, ସଂଗ୍ରାମ କେଶରୀ ଜେନା, କୃଷ୍ଣଚନ୍ଦ୍ର ପଟ୍ଟନାୟକ, ଅଜୟ ସାମଲ, ଧର୍ମଶାଳା ମହାବିଦ୍ୟାଳୟ ଅଧ୍ୟକ୍ଷ ତପନ ମିଶ୍ର, ଗୋଲକ ମଳିକ ପ୍ରମୁଖ ଯୋଗଦେଇ ପଣ୍ଡା ଧର୍ମଶାଳାର ଆଦ୍ୟ ବିକାଶ ପୁରୁଷ ଥିଲେ ବୋଲି କହିଥିଲେ। ସମ୍ପ୍ରତି ସମ୍ପାଦକ ଅଖିଳ ସ୍ୱାଇଁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

## ବରୀ, ରସୁଲପୁରରେ ଆଜି ଶେଷ ପର୍ଯ୍ୟାୟ ମତଦାନ

**ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ-୨୨**

- ହିଂସାର ଜବାବ ଦେଇପାରନ୍ତି ଭୋଟର
- ୫୭ ପଞ୍ଚାୟତର ୮୪୫ ବୁଥ୍‌ରେ ହେବ ଭୋଟ ଗ୍ରହଣ



**ଯାଜପୁର ଅଫିସ,୨୩।୨**

ଯାଜପୁର ଜିଲାରେ ୫ମ ତଥା ଶେଷ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନରେ ରସୁଲପୁର ଓ ବରୀ ବ୍ଲକ୍‌ର ୮ ଜିଲା ପରିଷଦ ଜୋନ୍ ଅନ୍ତର୍ଗତ ୭୨ ପଞ୍ଚାୟତରେ ମତଦାନ ଗୁରୁବାର ଅନୁଷ୍ଠିତ ହେବ। ପଞ୍ଚାୟତ ନିର୍ବାଚନ ଆରମ୍ଭରୁ ହିଂସା, ବୁଥ୍ କ୍ୟାପ୍‌ଚରିଂ, ଖବରଦାତା ଓ ପୋଲିସକୁ ଆକ୍ରମଣ, ବୋମାମାଡ଼ ଆଦି ଘଟଣା ପରିସ୍ଥିତିକୁ ସମ୍ପୂର୍ଣ୍ଣ ବଦଳେଇ ଦେଇଛି। ଅଧିକାଂଶ ଭୋଟର ନିଜ ଅସନ୍ତୋଷକୁ ଭୋଟ ମାଧ୍ୟମରେ ଜାହିର କରିବେ ବୋଲି ଚର୍ଚ୍ଚା ଜୋର ଧରିଛି। ବିଶେଷକରି ଯାଜପୁର ବ୍ଲକ ନିର୍ବାଚନରେ ବ୍ୟାପକ ଅବ୍ୟବସ୍ଥା ଏଥର ବରୀ ଓ ରସୁଲପୁର ବ୍ଲକର ଭୋଟରଙ୍କୁ ସଚେତନ କରିଛି ବୋଲି ମତ ପ୍ରକାଶ ପାଇଛି।

ଗତ ପଞ୍ଚାୟତ ଓ ସାଧାରଣ ନିର୍ବାଚନରେ ଭାଜପା ଶକ୍ତିଶାଳୀ ଦଳ ଭାବେ ଉଭା ହୋଇଥିବାରୁ ବରୀ ଓ ରସୁଲପୁର ବ୍ଲକରେ ପ୍ରତିଦ୍ୱନ୍ଦ୍ୱିତା ଜୋର ଧରିଛି। ବରୀ ବ୍ଲକରେ ବିଧାୟିକା ସୁନନ୍ଦା ଦାସ ଓ ବିଜେଡିର ଅନ୍ୟତମ ହେଭିୱେଟ ନେତା ବିଶ୍ୱରଞ୍ଜନ ମଲ୍ଲିକଙ୍କ ସମର୍ଥକ ପ୍ରାର୍ଥୀଙ୍କ ମଧ୍ୟରେ ଜୋରଦାର ଟକ୍କର ହେଉଛି। ପ୍ରଥମ ପର୍ଯ୍ୟାୟ ମତଦାନରେ ହିଂସାର କାରଣ ମଧ୍ୟ ଏହା ହୋଇଥାଇପାରେ ବୋଲି କୁହାଯାଉଛି। ଭାଜପାର ସାଙ୍ଗଠନିକ ସ୍ଥିତି ଦୁର୍ବଳ ରହିଥିଲେ ହେଁ ଭୋଟରଙ୍କ ମନ ଜିଣିବାକୁ ଭାଜପା ନେତା ଉଦ୍ୟମ ଜାରି ରଖିଛନ୍ତି। ଗତ ସାଧାରଣ ନିର୍ବାଚନରେ ବିଶ୍ୱରଞ୍ଜନଙ୍କ ନେତୃତ୍ୱରେ ଭାଜପା ବରୀ ନିର୍ବାଚନମଣ୍ଡଳୀରେ ୪୫.୫୮% ଭୋଟ ହାତେଇଥିଲା। ଅନ୍ୟପକ୍ଷେ ବିଜେଡି ୪୮.୨୮% ଭୋଟ ହାତେଇ ମାତ୍ର ୪,୩୭୨ ଭୋଟ ବ୍ୟବଧାନରେ ଜିତି ପାରିଥିଲା। ଚଳିତ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଭାଜପା ନେତା ବିଶ୍ୱରଞ୍ଜନ ବିଜେଡି ଶିବିରରେ ଯୋଗ ଦେଇଥିଲେ। ଏହାପରେ ପରିସ୍ଥିତି ସମ୍ପୂର୍ଣ୍ଣ ବଦଳି ଯାଇଛି। ବିଜେଡି ବିଧାୟିକା ଦାସ ଓ ମଲ୍ଲିକ ଗୋଟିଏ ଶିବିରରେ ଥାଇ ନିଜ ନିଜ ସମର୍ଥକ ପ୍ରାର୍ଥୀଙ୍କୁ ଜିତାଇବାକୁ ବଳ ଲଗାଉଛନ୍ତି। ଏହି ନିର୍ବାଚନର ଫଳାଫଳ ୨୦୨୪ ସାଧାରଣ ନିର୍ବାଚନରେ ଫଳିବ ବୋଲି ଦୁଇ ନେତା ଆଶାବାଦୀ ରହିଛନ୍ତି। କଂଗ୍ରେସ ପ୍ରଚାର ଏଠାରେ ନିଷ୍କ୍ରିୟ ଥିବା ମନେ ହେଉଛି। ତଥାପି ହିଂସାକୁ ପସନ୍ଦ କରୁ ନ ଥିବା ଭୋଟର ବିକଳ୍ପ ଭାବେ କଂଗ୍ରେସକୁ ବାଛିଥିବା ସୂଚନା ମିଳିଛି।

ବରୀ ବ୍ଲକର ୨୯ ପଞ୍ଚାୟତରେ ୪ ଜିଲା ପରିଷଦ ଆସନ ରହିଛି। ଏଥିପାଇଁ ୧୬ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ମୋଟ ୩୮୦ ବୁଥ୍ ମଧ୍ୟରୁ ୩୪୮ଟି ବୁଥ୍ ଅର୍ଥାତ ୯୨% ଉତ୍ତେଜନା ପ୍ରବଣ ଭାବେ ଚିହ୍ନଟ କରାଯାଇଛି। ଯାହାକି ପୋଲିସ ପାଇଁ ଚିନ୍ତାର କାରଣ ହୋଇଛି। ପୂର୍ବରୁ ହିଂସା ଘଟଣାକୁ ମନେ ପକାଇ ୧୩୭୯୨୪ ଭୋଟର ମଧ୍ୟରୁ କେତେଜଣ ଭୋଟ ଦେବାକୁ ଯିବେ କି ନାହିଁ ସେ ନେଇ ଆଶଙ୍କାରେ ରହିଛନ୍ତି।

୪ ଜିଲା ପରିଷଦ ଜୋନ୍‌କୁ ନେଇ ଗଠିତ ରସୁଲପୁର ବ୍ଲକରେ ତିନିକୋଣିଆ ରାଜନୀତି ଚାଲିଛି। ଧର୍ମଶାଳା ଓ କୋରେଇ ବିଧାନସଭା କ୍ଷେତ୍ରରେ ଏହି ବ୍ଲକର ୯ଟି ଲେଖାଏ ଗ୍ରାମ ପଞ୍ଚାୟତ ରହିଛି। ବରୀ ନିର୍ବାଚନମଣ୍ଡଳୀରେ ଏହି ବ୍ଲକର ୧୦ ପଞ୍ଚାୟତ ଅନ୍ତର୍ଭୁକ୍ତ। ୩ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ନାଭିକେନ୍ଦ୍ର ଭାବେ ପରିଚିତ ଏହି ବ୍ଲକର ୩୪ ଓ ୩୬ ନମ୍ବର ଜୋନ୍‌ରେ ଭାଜପା ପ୍ରାର୍ଥୀ ବିଜୟୀ ହୋଇଥିଲେ। ତେଣୁ ବିଜେଡି ଓ ଭାଜପା ମଧ୍ୟରେ କଡ଼ା ଟକ୍କର ଚାଲିଛି। ଧର୍ମଶାଳା ବିଜେଡି ବିଧାୟକ ପ୍ରଣବ ବଳବନ୍ତରାୟ, ବରୀ ବିଧାୟିକା ସୁନନ୍ଦା ଦାସ, ଭାଜପା ନେତ୍ରୀ ସ୍ମୃତିରେଖା ପହି, କଂଗ୍ରେସ ନେତା ପ୍ରମୁଖ ଏହି ବ୍ଲକରେ ନିଜର ସମ୍ମାନ ରଖିବାକୁ ଉଦ୍ୟମ ଜାରି ରଖିଛନ୍ତି। ଏହି ବ୍ଲକରେ ୨୮ ପଞ୍ଚାୟତରେ ୪ଟି ଜିଲା ପରିଷଦ ଜୋନ ରହିଛି। ୧୩୯୨୫୬ ଭୋଟର ୪୬୫ ବୁଥରେ ନିଜର ମତଦାନ ସାବ୍ୟସ୍ତ କରିବେ। ତେବେ ୮୮ଟି ବୁଥ୍‌କୁ ଉତ୍ତେଜନା ପ୍ରବଣ ଭାବେ ଚିହ୍ନଟ କରାଯାଇଛି। ତେଣୁ ଜିଲା ଓ ରାଜ୍ୟର ନିର୍ବାଚନୀ ହିଂସା ବରୀ ଓ ରସୁଲପୁର ବ୍ଲକଦ୍ୱୟକୁ ପ୍ରଭାବିତ କରିବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି।

**PARADIP PORT TRUST**

**e-TENDER CALL NOTICE**

Name of the work: **"Allotment of 09 (Nine) nos. of Manual Iron Ore/Iron Ore Pellet Plots"** License Fees: **Rs.2,35,85,958/-**, Wharfage Fees: **Rs.6,17,041/-**, Last date & Time of submission of bid: **08.03.2022 up to 16:00 hrs.** Date and time of opening (technical bid): **08.03.2022 up to 16:00 hrs.**

Refer our website for details https://eprocure.gov.in/eprocure/app.

Traffic Manager, PPT

PPT/PR/152/21-22, Dt.23/02/2022

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. 40-KUR-TRD-OT-2021-22

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର 16 ସଂଖ୍ୟକ ଲେଭେଲ କ୍ରସିଙ୍ଗ୍ ଫାଟକ (ଲେଭେଲ କ୍ରସିଙ୍ଗ୍ ନଂ. 150, 165, 171, 175, 253, 319, 322, 325, KP-40, KP-41, JD-13, CP-4, CP-7, CP-27, CP-31 ଏବଂ CP-41) ର ଇଣ୍ଟରଲକିଙ୍ଗ୍ ର ବ୍ୟବସ୍ଥା ସହ ସମ୍ବନ୍ଧୀୟ AT ଏବଂ OHE ରୂପାନ୍ତରଣର ବ୍ୟବସ୍ଥା।

**ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) :** 1,58,83,042.52, EMD (ଟଙ୍କାରେ): ₹ 2,29,400/-, ଶେଷ ହେବା ଅବଧି : 180 ଦିନ।

ବିଡ୍ ଆରମ୍ଭ ହେବା ତାରିଖ : ତା.02.03.2022ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.16.03.2022ରିଖ 1300 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫର ଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଉପରୋକ୍ତ ଇ-ଟେଣ୍ଡର ର ଇ-ଟେଣ୍ଡର କାଗଜପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍

PR-834/M/21-22

**UNIMONI FINANCIAL SERVICES LIMITED**

RO: N.G. 12 & 13 Ground Floor, North Block, Manipal Centre, Dickenson Road, Bangalore - 560 042. CIN No.U85110KA1995PLC018175

**ସାର୍ବଜନିକ ସୂଚନା**

ଜନସାଧାରଣଙ୍କୁ ଏହା ସୂଚିତ କରାଯାଉଛି କି ୟୁନିମୋନୀ ଫାଇନାନ୍ସିଆଲ ସର୍ଭିସେଜ ଲିମିଟେଡ ନିଜ ପାଖରେ ବନ୍ଧକ ରଖିଥିବା ସୁନା ଆଭୁଷଣର ନିଲାମ କରିବାକୁ ଯାଉଛି । ଏହି ନିଲାମ ଦିନାଙ୍କ **03.03.2022** କୁ ସକାଳ/ସଂନ୍ଧ୍ୟା-10.00 ଘଟିକାରେ (ଠିକଣା) PLOT NO - 44, ASHOK NAGAR, UNIT II, BHUBANESWAR, KHURDA - 751001. ରେ ହେବ। ସୁନା ଆଭୁଷଣ ଆମର ଏମିତି ବିଭିନ୍ନ ଗ୍ରାହକଙ୍କର ଅଟେ, ଯିଏ ନିଜର ଋଣ ସୁଝି ପାରିନାହାନ୍ତି । ନିଲାମର ସୂଚନା ଏହି ଋଣକର୍ତ୍ତା ଗ୍ରାହକଙ୍କୁ ବି ଦିଆଯାଇସାରିଛି। ନିଲାମ ପାଇଁ ଉପଲବ୍ଧ ସୁନା ଆଭୁଷଣ କିଛି ଗ୍ରାହକଙ୍କ ଦେୟ ଋଣ ଖାତା ସମ୍ବନ୍ଧିତ ଅଟେ। ଏହି ଗ୍ରାହକଙ୍କ ନାମ ସେମାନଙ୍କ ସମ୍ବନ୍ଧିତ ଶାଖା ସହିତ ତଳେ ଦିଆଯାଉଛି।

**Loan Nos: BHUBANESWAR (BUU) -1877353**

For more details, please contact : **Mr. UMAKANTA BAG - 9937043634**

(Reserves the right to alter the number of accounts to be auctioned &/ postpone / cancel the auction without any prior notice.)

**ODISHA PUBLIC SERVICE COMMISSION**

**NOTICE**

**No.1837/P.S.C., Dt.23.02.2022**
**(1E-21-2021-22) (DR- II)**
**Website - http://www.opsc.gov.in**

**No.D-326:** It is for information of all concerned that, the OJS-2021 Preliminary written examination, pursuant to the Advertisement No. 23 of 2021-22 shall be held on 27.03.2022 (Sunday) as per the programme below. The centre list & Roll Numbers tagged to each centre shall be published later. The concerned candidates are advised to visit the website of the Commission (www.opsc.gov.in) regularly for further details.

**PROGRAMME OF EXAMINATION**

| Date | Time |
|---|---|
| 27.03.2022 (Sunday) | 10.00 A.M. to 11.30 A.M.<br>10.00 A.M. to 12.00 Noon (for PWD Candidates) |

**Sd./- Secretary**
OIPR-12002/11/0264/2122

**ROURKELA DEVELOPMENT AUTHORITY**
RDA
UDITNAGAR, ROURKELA- 769012
Mail: secretaryrda@gmail.com, GSTIN: 21AAALR0294B1ZK
No.258/ RDA, dated 22.02.2022

**PROCLAMATION**

It is hereby informed to the General public that, Prasanta Kumar Mishra, S/o- Late Umanath Mishra, has applied for mutation of House No. L/100 under Durgapur Foot Hill Housing Project, Stage-I, Basanti Colony in her favour consequent upon death of her father Late Umanath Mishra. If anybody has got objection to the proposed mutation, He/She may file objection petition before the undersigned within 30 (thirty) days from the date of publication of this proclamation. Objection petition shall not be entertained after expiry of the stipulated period.

Sd./- Secretary
Rourkela Development Authority

**FORM NO. 13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**O.A. No. 375 OF 2021**

Branch Manager, Indian Bank ...Applicant
Versus
M/s. Nocion Technology & Others ...Defendant[s]

To
1) **M/s. Nocion Technology, Managing Partner: Sri Yatindra Mohan Dash,** At: A-1, Mandakini Complex, Talabania, Gandamunda, PO.: Khandagiri, Bhubaneswar - 751030, Dist.: Khordha
2) **Sri Yatindra Mohan Dash (Managing Partner),** At: Plot No.: 3-A, Mandakini Complex, Talabania, Gandamunda, Ganesh Nagar, Near Hanuman Temple, PO.: Khandagiri, Bhubaneswar - 751030, Dist.: Khordha
3) **Smt. Lopamudra Panda (Partner),** W/o.: Yatindra Mohan Dash, At: Plot No.: 3-A, Mandakini Complex, Talabania, Gandamunda, Ganesh Nagar, Near Hanuman Temple, PO.: Khandagiri, Bhubaneswar - 751030, Dist.: Khordha

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 375 of 2021** in the court of the Debts of Recovery Tribunal, Cuttack for recovery of **Rs.56,23,067.00** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **31.03.2022 at 10.30 a.m** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this **10th day of Feb. 2022.**

Sd/- Manoj Kumar Patnaik
REGISTRAR

ବାହ୍ୟ ଘଟଣାଗୁଡ଼ିକୁ ଆଧାରକରି ତରବରିଆ ଭାବେ ଯେଉଁ ମତ ବ୍ୟକ୍ତ କରାଯାଏ-ସେ ସବୁକୁ ବିଶ୍ୱାସ ନ କରିବାକୁ ଶିକ୍ଷା କରିବା ଉଚିତ। ଯଥାର୍ଥ ଜ୍ଞାନଲାଭର ଏହା କଣ ପ୍ରଥମ ସର୍ତ୍ତ ନୁହେଁ ? ଘଟଣାଗୁଡ଼ିକୁ ଭିତରୁ ଦେଖିବାକୁ ଓ ଜାଣିବାକୁ ଶିକ୍ଷା କରିବା ଉଚିତ। -ଶ୍ରୀମା

# କ୍ୟାନ୍‌ସର ଚିନ୍ତା



ଡାନିଏଲ୍ ଜେ.ଆର୍ବେସ୍

ଆସନ୍ତା ୨୫ ବର୍ଷ ମଧ୍ୟରେ ଆମେରିକାରେ କ୍ୟାନ୍‌ସର ମୃତ୍ୟୁହାର ଅଧା ହ୍ରାସ କରିବା ଲାଗି ଲକ୍ଷ୍ୟ ରହିଛି ବୋଲି ନିକଟରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ,ପ୍ରାଥମିକ ସ୍ତରରେ କ୍ୟାନ୍‌ସର ଚିହ୍ନଟ ଏବଂ ଏହାର ପ୍ରତିକାର ଉପରେ ଅଧିକ ଗୁରୁତ୍ୱ ଦିଆଯାଇ ଏହା ହାସଲ କରାଯିବ। ବାସ୍ତବରେ ଏହା ଏକ ସାହସିକ ପଦକ୍ଷେପ। କିନ୍ତୁ କ୍ୟାନ୍‌ସରକୁ ଶୀଘ୍ର ଆୟତ୍ତ କରିବା ଲାଗି ଆମେ ଆହୁରି ଅଧିକ କିଛି କରିପାରିବା। କାରଣ ଗତ ଦଶନ୍ଧିରେ କ୍ୟାନ୍‌ସର ସୃଷ୍ଟିକାରୀ ଟ୍ୟୁମରର ପ୍ରାକୃତିକ ଶାରୀରିକ ପ୍ରକ୍ରିୟାଜନିତ କାରଣ ଜାଣି ତାହାକୁ ରୋକିବା ପାଇଁ ଆଧୁନିକ ବିଜ୍ଞାନ ଆମକୁ ଅନେକ ଉପକରଣ ଯୋଗାଇଦେଇଛି। ସମସ୍ୟା ହେଉଛି, କ୍ୟାନ୍‌ସର ଲକ୍ଷଣର ଚିହ୍ନଟ ପ୍ରକ୍ରିୟାକୁ କୌଣସି ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଠିକ୍ ଭାବେ ଗ୍ରହଣ କରାଯାଇନାହିଁ। ଏଣୁ କୋଭିଡ୍-୧୯ ମହାମାରୀ ସମୟରେ ଆମେ ଯେଭଳି ମାନସିକତା ଏବଂ ନୂତନ ବିଜ୍ଞାନଭିତ୍ତିକ ଧାରାଗୁଡ଼ିକୁ ଗ୍ରହଣ କରି କାର୍ଯ୍ୟ କରିଥିଲେ ଠିକ୍ ସେହିଭଳି କ୍ୟାନ୍‌ସରକୁ ରୋକିବା ଲାଗି ଏକ ନୂଆ ମିଶନ ଦରକାର। କିଛି ନୂଆ ଚିନ୍ତା କରିବାକୁ ପଡ଼ିବ। ଏକ ଶତାବ୍ଦୀରୁ ଊର୍ଦ୍ଧ୍ୱ ହେଲା ଚିକିତ୍ସକମାନେ ଟ୍ୟୁମର ଚିହ୍ନଟ କରିବା ଏବଂ ପ୍ରତୀୟମାନ ହେଉଥିବା ସ୍ଥିତିର ଚିକିତ୍ସା କରିବା ଲାଗି ପ୍ରଶିକ୍ଷଣ ନେଇଛନ୍ତି। ସେଥିପାଇଁ ଶରୀରରେ ଯେଉଁଠି ଟ୍ୟୁମର ପାଆନ୍ତି ସେହି ଅନୁଯାୟୀ ସେମାନେ ତାହାକୁ ବର୍ଗୀକୃତ କରି ଚିକିତ୍ସା କରନ୍ତି। କିନ୍ତୁ ଶରୀରର ଅନ୍ୟ ଭାଗରେ ଯଦି ଟ୍ୟୁମର ଯୋଗୁ କ୍ଷତି ହେଉଥାଏ ,ତେବେ ସେଥିପାଇଁ କ'ଣ କରାଯିବ। ଟିସ୍ୟୁକୁ କାଟି ଅଲଗା କରିବା, ରାଡିଏଶନ ଏବଂ କେମୋଥେରାପି ପରେ ବି କ୍ୟାନ୍‌ସର ଲଗାତର ହେଉଛି। ଏହାର କାରଣ ହୋଇପାରେ ଯେ,ଟ୍ୟୁମର ମୂଳ ସମସ୍ୟା ନୁହେଁ। ବରଂ ଟ୍ୟୁମର ହେଉଛି ଶରୀରରେ ଘଟୁଥିବା ଜେନେଟିକ କ୍ଷତିର ଶେଷ ଲକ୍ଷଣ। ଜେନେଟିକ୍ ବା କୋଷିକାର ଡିଏନ୍‌ଏରେ ହେଉଥିବା କ୍ଷତି କୋଷିକାର ନିଷ୍କ୍ରିୟତା ବଢ଼ାଇଦିଏ ଓ ଟ୍ୟୁମର ହେବାର ମାସ ମାସ କିମ୍ବା ବର୍ଷ ବର୍ଷ ଧରି ଏହା ଲାଗି ରହେ। ଗତ କିଛି ବର୍ଷରେ ମାନବ ଜିନୋମକୁ ଡିକୋଡିଂ ଏବଂ ବିଭିନ୍ନ ଜିନ୍‌ର କାର୍ଯ୍ୟକୁ ଭଲ ଭାବେ ଅନୁଧ୍ୟାନ କରିବା ଦ୍ୱାରା ଆମେ ଏହା ଜାଣିପାରିଛୁ। ବିଶେଷକରି, ପ୍ରୋଟିନ୍ ସେଲ୍ୟୁଲାର କେମିଷ୍ଟ୍ରିର ଅନ୍ୟ ମୁଖ୍ୟ ତତ୍ତ୍ୱଗୁଡ଼ିକ ଉପରେ ପ୍ରଭାବକୁ ମଧ୍ୟ ଅନୁଧ୍ୟାନ କରାଯାଇଛି। ଡିଏନ୍‌ଏ, ଆର୍‌ଏନ୍‌ଏ ଓ ପ୍ରୋଟିନ୍ ସ୍ତରରେ ପ୍ରଭାବକୁ ଅନୁଧ୍ୟାନ କରି କ୍ୟାନ୍‌ସରର କାରଣ ଜାଣିପାରିବା। ବାସ୍ତବରେ କ୍ୟାନ୍‌ସର ପ୍ରକ୍ରିୟା ଜେନେଟିକ କ୍ଷତିରୁ ଆରମ୍ଭ ହୋଇଥାଏ, ଯାହା ବେଳେବେଳେ ମୂଳ କୋଷରୁ ଆରମ୍ଭ ହୋଇଥାଏ କିମ୍ବା ବଂଶଗତ ହୋଇଥାଏ। ବେଳେବେଳେ ଏପିଜେନେଟିକ୍ସ କିମ୍ବା ପରିବେଶଗତ ବିଷାକ୍ତ ତତ୍ତ୍ୱ , ଅସ୍ୱାସ୍ଥ୍ୟକର ଖାଦ୍ୟ କିମ୍ବା ଅବ୍ୟବସ୍ଥିତ ଜୀବନଶୈଳୀରୁ ଜେନେଟିକ କ୍ଷତି ପ୍ରକ୍ରିୟା ଆରମ୍ଭ ହୋଇଥାଏ। ଉଭୟ ପ୍ରକାର କ୍ଷତି ବୟସ, ଜାତିଗତ ଓ ଅନ୍ୟସବୁ କାରଣ ଦ୍ୱାରା ପ୍ରଭାବିତ ହୋଇଥାଏ। ଏସବୁ କ୍ଷତି ଶାରୀରିକ କିମ୍ବା ଜିନ୍ ସ୍ତରରେ ଅନୁଧ୍ୟାନ କରାଯାଇପାରିବ।

ଆମ ମୂଳ ପ୍ରତିରୋଧକ ବ୍ୟବସ୍ଥା ବିଫଳ ହେଲେ କ୍ୟାନ୍‌ସର ପ୍ରକାଶ ପାଏ। ଜେନେଟିକ୍ ମ୍ୟୁଟେଶନ ବା ଡିଏନ୍‌ଏ ସ୍ତରରେ ପରିବର୍ତ୍ତନ ଦିନକୁ ବହୁ ଲକ୍ଷ ଥର ହୋଇଥାଏ ଏବଂ ଆମ ପ୍ରତିରୋଧକ ବ୍ୟବସ୍ଥା ସେସବୁକୁ ସାମ୍ନା କରିଥାଏ। ପ୍ରଶ୍ନ ହେଉଛି, କାହିଁକି କିଛି ଲୋକଙ୍କ କ୍ଷେତ୍ରରେ କୋଷିକାର ଡିଏନ୍‌ଏରେ ଅନିୟନ୍ତ୍ରିତ ଭାବେ ଶୀଘ୍ର ପରିବର୍ତ୍ତନ ହୋଇଥାଏ। ଜିନ୍‌ସ୍ତରରେ ପରିବର୍ତ୍ତନ ଦ୍ୱାରା ପ୍ରତ୍ୟେକ ବ୍ୟକ୍ତିର ପ୍ରତିରୋଧକ ଶକ୍ତି ପ୍ରଭାବିତ ହୋଇଥାଏ। ଆମେ ଜାଣୁ ଯେ, ବୟସ ଏହାର ଏକ କାରଣ। କିନ୍ତୁ ପ୍ରତିରୋଧକ ବ୍ୟବସ୍ଥା ବିବର୍ତ୍ତନ ଧାରାରେ କୋଟି କୋଟି ବର୍ଷ ହେବ ବିକଶିତ ହୋଇ ଆସିଛି। ଏବେ ଦ୍ରୁତ ପ୍ରକାଶ ପାଉଥିବା ବିଷାକ୍ତ ତତ୍ତ୍ୱ ଏବଂ ଶିଳ୍ପ ସମୃଦ୍ଧ ତଥା ଏହା ପୂର୍ବ ସମାଜର ଜୀବନଶୈଳୀ ସହ ଚାଲିଛି। ବୟସ ବଢିବା ଯୋଗୁ ଆମେ ଅଧିକ ଜେନେଟିକ କ୍ଷତିର ସମ୍ମୁଖୀନ ହେଉଛୁ। ଏଥିପାଇଁ ଆମକୁ କ୍ୟାନ୍‌ସର ବିପଦ ରହିବା ସହ ଅନ୍ୟ ଶାରୀରିକ ରୋଗର ସମ୍ମୁଖୀନ ହେବାକୁ ପଡୁଛି।

ଅତ୍ୟାଧୁନିକ ପ୍ରଯୁକ୍ତି ଦ୍ୱାରା ଜଣେ ରୋଗୀର କୋଷିକାର ଡିଏନ୍‌ଏ ସମ୍ପର୍କିତ ବିବରଣୀ ଉପରେ ନଜର ରଖିବାକୁ ଆମେ ସକ୍ଷମ। ଏହା ଆମକୁ କ୍ୟାନ୍‌ସର ବିରୋଧରେ ଏକ ନିର୍ଣ୍ଣାୟକ ଅଧ୍ୟାୟ ସୃଷ୍ଟି କରିବାକୁ ସୁଯୋଗ ଦେବ। କିଭଳି ଏହି ରୋଗ ଜଣେ ବ୍ୟକ୍ତିର ଶରୀରରେ ଆରମ୍ଭ ହେଉଛି ଏବଂ କୋଷିକାର ଡିଏନ୍‌ଏରେ କିଭଳି ତୀବ୍ର ପରିବର୍ତ୍ତନ ଘଟୁଛି ତାହା ଜାଣିବା ଆମ ଲକ୍ଷ୍ୟ ହେବା ଉଚିତ। ତେବେ ସାମ୍ପ୍ରତିକ ସମୟରେ ଏହା ସମ୍ଭବ। ନୂଆ ଅତ୍ୟାଧୁନିକ ଉପକରଣଗୁଡ଼ିକ ଦ୍ୱାରା ଏବେ ଲୋକଙ୍କ ଶାରୀରିକ ପ୍ରକ୍ରିୟାକୁ ଯାଞ୍ଚ କରି ରୋଗକୁ ଜାଣିବା ଲାଗି ବୈଜ୍ଞାନିକମାନେ ସକ୍ଷମ ହେଉଛନ୍ତି। ଉଦାହରଣ ସ୍ୱରୂପ ଜଣେ ରୋଗୀଙ୍କ ଅନୁଭବକୁ ବାୟୋସେନ୍‌ସର ଜାଣିପାରୁଛି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବିଭିନ୍ନ ସମସ୍ୟାକୁ ସୂଚିତ କରିପାରୁଛି। ଅତ୍ୟାଧୁନିକ ସିକ୍ୱେସିଂ ଏବଂ ଇମେଜିଂ ଟେକ୍‌ନୋଲୋଜିରେ ଶରୀରରୁ ପ୍ରାପ୍ତ ବିଭିନ୍ନ ତଥ୍ୟକୁ ଅନୁଧ୍ୟାନ କରି ଏହା କରିପାରୁଛି।

ସମସ୍ୟା ହେଉଛି କ୍ୟାନ୍‌ସର ପ୍ରତ୍ୟେକ ବ୍ୟକ୍ତିଠାରେ ଭିନ୍ନ ଭାବେ ପ୍ରକାଶ ପାଉଛି। ଏଣୁ ନୂଆ ଥେରାପି ବା ଚିକିତ୍ସାପଦ୍ଧତିଗୁଡ଼ିକର ଉପଯୋଗିତା ଅଧିକ ରହିଛି। ହେଲେ ଏବେ କ୍ୟାନ୍‌ସରର ଶେଷ ପର୍ଯ୍ୟାୟର ସମାନ ଲକ୍ଷଣ ଥିବା ବହୁ ରୋଗୀଙ୍କୁ ଏକାଠି ନେଇ ଦୀର୍ଘକାଳୀନ ଓ ମନ୍ଥର ଟ୍ରାଏଲ କରାଯାଉଛି। କିନ୍ତୁ କ୍ୟାନ୍‌ସର ବିରୋଧୀ ଯୁଦ୍ଧର ନୂଆ ପର୍ଯ୍ୟାୟରେ ଆମେ ଜଣଙ୍କ ଉପରେ ଅନୁଧ୍ୟାନ କରି ତାହାର ସଫଳ ପରିଣାମକୁ ଅନେକଙ୍କ ପାଇଁ ପ୍ରସ୍ତୁତ କରିବାକୁ ହେବ। ଡିଏନ୍‌ଏରେ ଘଟୁଥିବା ତୀବ୍ର ପରିବର୍ତ୍ତନର ମୁଖ୍ୟ କାରଣକୁ ସ୍ପଷ୍ଟ କରିବାକୁ ପଡ଼ିବ। ଏଯାବତ୍ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଏହି ପଦ୍ଧତିକୁ ଗ୍ରହଣ କରିନାହିଁ। କୋଭିଡ୍-୧୯ ମହାମାରୀର ଏକ ପ୍ରେରଣାଦାୟକ ପରିଣାମ ହେଉଛି, ଆମେରିକାର ଫୁଡ୍ ଆଣ୍ଡ୍ ଡ୍ରଗ୍ ଆଡମିନିଷ୍ଟ୍ରେଶନ( ଏଫ୍‌ଡିଏ) ନୂଆ ପଦ୍ଧତିଗୁଡ଼ିକୁ ଗତିଶୀଳ କରିବା ପାଇଁ ଅଧିକ ଆଗ୍ରହ ପ୍ରକାଶ କରିଛି। ଏହାସହ ଏବେ ନୂଆ ଡ୍ରଗ୍ସ ବଦଳରେ ରୋଗୀଙ୍କ ଶରୀରରେ କ'ଣ ଘଟୁଛି ତାହା ଜାଣିବାର ଆବଶ୍ୟକତା ରହିଛି ବୋଲି ବୃହତ୍ ଫାର୍ମାସ୍ୟୁଟିକାଲ କମ୍ପାନୀଗୁଡ଼ିକ ଅନୁଭବ କରୁଛନ୍ତି। ଯେତେବେଳେ ଇନ୍‌ସ୍ୟୁରାନ୍ସ କମ୍ପାନୀ ଏବଂ ଜାତୀୟ କାର୍ଯ୍ୟକ୍ରମଗୁଡ଼ିକ ଜେନୋଟାଇପ୍ ବା ଜେନେଟିକ ପରୀକ୍ଷା ଏବଂ ଅନୁଧ୍ୟାନ ଲାଗି ଆର୍ଥିକ ସହାୟତା ଦେବା ଆରମ୍ଭ କରିବେ ସେତେବେଳେ ଗବେଷକ ଏବଂ ଚିକିତ୍ସକମାନେ ଏଥିରେ ସଫଳ ହେବେ।

ବୃହତ୍ ସ୍ୱାସ୍ଥ୍ୟ ସମସ୍ୟା କିଭଳି ଶୀଘ୍ର ସମାଧାନ ହୋଇପାରେ ତାହାର ବାଟ ଆମକୁ ଦେଖାଇଛି କୋଭିଡ୍ ମହାମାରୀ। ମାନବ ଶରୀରରେ ଅତ୍ୟଧିକ କ୍ଷତିକାରକ ଡିଏନ୍‌ଏ ପରିବର୍ତ୍ତନ ଘଟି କ୍ୟାନ୍‌ସର ଲକ୍ଷଣ ଭାବେ ପ୍ରକାଶ ପାଇବାର ବହୁ ପୂର୍ବରୁ ପ୍ରତିରୋଧକ ଶକ୍ତିକୁ ସକ୍ରିୟ କରାଯାଇ ତାହାକୁ ପ୍ରତିହତ କରାଯାଇପାରିବ। ସେହିଭଳି କ୍ୟାନ୍‌ସର ଚିହ୍ନଟ କରିବା ଲାଗି ଆମକୁ କିଛି ନୂତନ ଆବିଷ୍କାର କରିବାକୁ ହେବ। ଏବକାର ଧାରା ବଦଳରେ ଏକ ନିଆରା ନୂଆ ମାଇକ୍ରୋସ୍କୋପିକ୍ ପଦ୍ଧତି ଆପଣାଇଲେ ଆମେ କ୍ୟାନ୍‌ସରକୁ ରୋକିପାରିବା। ତାହାକୁ ପ୍ରତିରୋଧ କରିବାରେ ଯଦି ଆମେ ସକ୍ଷମ ହେବା, ତେବେ ସୁସ୍ଥ ଜୀବନର ଅବଧି ବଢ଼ାଇ ପାରିବା। ନୂତନ ମାଇକ୍ରୋସ୍କୋପିକ ପଦ୍ଧତି ଆମର ଏବକାର ଲକ୍ଷଣ ଚିହ୍ନଟ ପ୍ରକ୍ରିୟାରେ ପରିବର୍ତ୍ତନ ଆଣି କ୍ୟାନସର ପାଇଁ ଏକ ବାସ୍ତବ ସ୍ୱାସ୍ଥ୍ୟ ସେବା ନିଶ୍ଚିତ କରିବା ସହ ବହୁ ଅସମାହିତ ସ୍ୱାସ୍ଥ୍ୟ ଆହ୍ୱାନଗୁଡ଼ିକୁ ସମାଧାନ କରିପାରିବ।

**ସିଇଓ, କେରିଅନ୍ ଇନ୍‌ଭେଷ୍ଟମେଣ୍ଟ ତଥା କେରିଅନ ପ୍ରିସିସନ୍ ବାୟୋସାଇନ୍ସର ପ୍ରତିଷ୍ଠାତା**

# ନାହିଁ ଅଧିକାର, ନାହିଁ ସ୍ୱାଭିମାନ



ପ୍ରଭାତ କୁମାର ଦାସ

ଆମ ରାଜ୍ୟ ସୀମାକୁ ଲାଗି ତିନୋଟି ଛୋଟ ରାଜ୍ୟ, ମାତ୍ର କେତେବର୍ଷ ପୂର୍ବରୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇଛନ୍ତି। କିନ୍ତୁ ପରିତାପର ବିଷୟ, ସେମାନେ ଆମ ସୀମାନ୍ତରେ କ୍ରମାଗତ ଭାବରେ ବିଭିନ୍ନ ସମସ୍ୟା ସୃଷ୍ଟି କରୁଛନ୍ତି। କିଏ ଆମ ସୀମାନ୍ତ ଗ୍ରାମପୁଞ୍ଜକୁ ନିଜ ରାଜ୍ୟରେ ବଳପୂର୍ବକ ମିଶାଇବାର ଉଦ୍ୟମ କରୁଛନ୍ତି ତ ଆଉ କେହି ଆମ ନଦୀଜଳକୁ ଅନଧିକାର ଭାବରେ ଅଟକାଇ ନିଜ ରାଜ୍ୟର ବିକାଶ ସାଧନ କରାଉଛନ୍ତି। ପୁଣି ଆଉ କେଉଁ ରାଜ୍ୟ ଆମ ମୂଲ୍ୟବାନ୍ ଖଣିଜ ସମ୍ପଦକୁ ସୀମାନ୍ତ ବାଟ ଦେଇ ଲୁଟିକରି ନେଇ ନିଜ ରାଜ୍ୟରେ ଶିଳ୍ପ ବିକାଶ କରାଉଛନ୍ତି।

ଆନ୍ଧ୍ର କେବଳ ଓଡ଼ିଶାର ମାଲକାନଗିରି ଅଞ୍ଚଳର କୁଟିଆ ଅଞ୍ଚଳକୁ ଜବରଦଖଲ କରିନେବାର ଚେଷ୍ଟା ଚଳାଇଛି ତା'ନୁହେଁ, ନିଜ ଅଞ୍ଚଳରେ ପୋଲାଭରମ୍ ନଦୀଜଳ ପ୍ରକଳ୍ପ କରି ଆମ ରାଜ୍ୟର ଜଙ୍ଗଲ ଓ ଖଣିଜ ଅଞ୍ଚଳକୁ ଜଳମଗ୍ନ କରାଇ ଦେବାର ଉଦ୍ୟମ କରି ଚାଲିଛି। ସେହି ପ୍ରକଳ୍ପକୁ ଆନ୍ଧ୍ର, କେନ୍ଦ୍ରୀୟ ପ୍ରକଳ୍ପ ଭାବରେ ଘୋଷଣା କରାଇବାରେ ସମର୍ଥ ହେଲା, ଅଥଚ ଆମ ସରକାର ନ୍ୟାୟାଳୟରେ ତାକୁ ପ୍ରତିହତ କରିପାରିଲେ ନାହିଁ। କୋଟିଆର ବିବାଦୀୟ ଅବସ୍ଥା ମଧ୍ୟ ସେହିଭଳି ଦୁର୍ବଳ ପ୍ରତିରୋଧରେ ସୀମିତ ହୋଇ ରହିଛି। ରାଜ୍ୟର ନିର୍ବାଚିତ ପ୍ରତିନିଧି ଓ ସରକାରଙ୍କ ପାଇଁ ଏସବୁ ଆଦୌ ସ୍ପର୍ଶକାତର ଘଟଣା ଭଳି ମନେହେଉ ନାହିଁ। କେବଳ ରାଜ୍ୟବାସୀଙ୍କୁ ଭୁଆଁ ବୁଲାଇବା ପାଇଁ ଦୁର୍ବଳ ପ୍ରଶାସନିକ ପ୍ରତିରୋଧ ଚାଲୁ ରହିଛି।

ମହାନଦୀର ଚିରସ୍ରୋତା ଜଳଧାରକୁ ଛତିଶଗଡ଼ ସରକାର ଅଟକାଇ ରଖି ନିଜ ଇଚ୍ଛା ମୁତାବକ ବ୍ୟବହାର କରୁଛି। ହୀରାକୁଦ ଜଳଭଣ୍ଡାରରେ ଏବେ ଖରିଫ ଋତୁରେ ପାଣି ନାହିଁ। ବର୍ଷର ଦଶମାସ ନଦୀଶଯ୍ୟା ଶୁଖିଲା ପଡୁଛି। ସମୟ ଥିଲା, ଜଳ ବିବାଦ କମିଶନକୁ ଏହାର ବିଚାର ସମର୍ପି ଦେବା ପାଇଁ ସରକାର ଲହୁଲୁହାଣ ହୋଇ ଯାଇଥିଲେ। ରାଜ୍ୟବାସୀଙ୍କୁ ବୁଝାଇଥିଲେ, ରାଜନୈତିକ ବିବାଦ ସମୟସାପେକ୍ଷ ହୋଇପାରେ। ନ୍ୟାୟିକ ବିଚାରରେ ଆମେ ଆମ ଅଧିକାର ଅବଶ୍ୟ ପାଇବୁ। ଯେଉଁ ଦିନ କମିଶନ ଏହାକୁ ବିଚାର ପାଇଁ ଗ୍ରହଣ କଲେ, ସେଦିନ ସରକାରଙ୍କ ଆନନ୍ଦ କହିଲେ ନ ସରେ। କିନ୍ତୁ ବର୍ତ୍ତମାନର ପରିଣାମରେ ଯାହା ମନେହେଉଛି, ଆମ ରାଜ୍ୟ ତା' ଅଧିକାର ସବୁଦିନ ପାଇଁ ହରାଇ ବସିବ। ସରକାର କିନ୍ତୁ ନିଶ୍ଚିନ୍ତ, ରାଜନୈତିକ ବିବାଦରେ ତାଙ୍କୁ ଆଣ୍ଠୋଇବାକୁ ପଡ଼ିଲା ନାହିଁ। ରାଜ୍ୟ ସ୍ୱାର୍ଥ ଚୁଲିକି ଯାଉ-ସରକାରଙ୍କ ପତିଆରା ବଜାୟ ରହୁ।

ଝାଡ଼ଖଣ୍ଡ ଭଳି ଗୋଟିଏ ଛୋଟିଆ ରାଜ୍ୟ ମାତ୍ର କେତେ ବର୍ଷ ହେଲା ସ୍ୱତନ୍ତ୍ର ହୋଇଛି। ସେଇବାଟ ଦେଇ ଆମର ଅସୀମ ଖଣିଜ ସମ୍ପଦ ଲୁଟ ହେଉଛି। ପ୍ରଶାସନର ସାମର୍ଥ୍ୟ ନାହିଁ କି ସରକାରଙ୍କ ନିଘା ନାହିଁ ତାକୁ ଅଟକାଇବାକୁ। ଖାଲି ସେତିକି ନୁହେଁ, ନିଜ ଖଣିଜ ଅଞ୍ଚଳକୁ ନିଲାମରେ ବିକ୍ରି କରି ରାଜ୍ୟ ବିକାଶର ପତାକା ଉଡ଼ାହେଉଛି। କେବଳ ଖଣିଜ ସମ୍ପଦର ଖଇରାତି ନୁହଁ, ଝାଡ଼ଖଣ୍ଡ ଗୁଣ୍ଡାମାନେ ବି ସୀମାନ୍ତ ଅଞ୍ଚଳରେ ବଟି ଆଦାୟ କରି ଏକ ସ୍ୱତନ୍ତ୍ର ଶାସନ ଚଳାଇଛନ୍ତି- ଆମ ସୀମାନ୍ତ ଅଧିକାରୀମାନେ ହପ୍ତା ପାଇ ଖୁସ। ଆମ ଶ୍ରମଜୀବୀମାନେ ଦିଲ୍ଲୀ, ମୁମ୍ବାଇରେ ବିକ୍ରି ହେଉଛନ୍ତି ; ଅଥଚ ଏ ସବୁ କେହି ଦେଖିପାରୁ ନାହାନ୍ତି।

ଶେଷରେ ଆସିବା ପଶ୍ଚିମବଙ୍ଗକୁ। ଉତ୍ତର ସୀମାନ୍ତରେ ରାଜ୍ୟର ସବୁ ବାଲିଘାଟ ତାଙ୍କ ଅଧିକାରରେ। ଓଡ଼ିଶା ଉପକୂଳରେ ସେମାନେ ଜବରଦସ୍ତ ମାଛ ଧରନ୍ତି। ଆମ ରାଜ୍ୟର ସାଧାରଣ ଜନତା ସୀମାନ୍ତ ଅଞ୍ଚଳରେ ସେମାନଙ୍କ ଅଧୀନସ୍ଥ ପ୍ରଜାଭଳି ରହନ୍ତି। ଆମ ପ୍ରଶାସନ ସେଠାରେ ଅଥର୍ବ-ସ୍ଥାଣୁ। କେଉଁଠି କଦବା କିଏ ସ୍ୱର ଉଠାଇଲେ ଗୁଣ୍ଡାଗିରି କରି ତାକୁ ଚୁପ୍ କରାଇ ଦିଆଯାଏ। ଆମ ଜାତିରେ ମିଳିତ ପ୍ରତିରୋଧ ବି ନାହିଁ। ସୀମାନ୍ତର ସବୁ କୃଷିଜାତ ଦ୍ରବ୍ୟ ତାଙ୍କ ବଜାରରେ ବିକ୍ରି ହୁଏ। ଲାଭ ତାଙ୍କ ଦଲାଲଙ୍କର- ଆମକୁ ମୂଳ ବି ମିଳେନି। ତାଙ୍କ ଆମଦାନୀ ଧଳା ଜହର ଆମ ବଜାରରେ ବିକା ହୁଏ। ଏଇ ଆମ ଭାଗ୍ୟ।

ଏଥିପାଇଁ କେବଳ ସରକାର ଯେ ଦାୟୀ ସେକଥା ନୁହେଁ, ରାଜ୍ୟବାସୀ ବି ଏଥିପାଇଁ ଅର୍ଦ୍ଧାଧିକ ଦାୟୀ। ଆମ ବୁଦ୍ଧିଜୀବୀ ଏ ସବୁ ସମସ୍ୟାରେ ଉଦାସୀନ। ବିରୋଧୀ ପରସ୍ପର ବିରୋଧରେ ଲଢ଼ି ଲହୁଲୁହାଣ। ଜନପ୍ରତିନିଧି ରାଜ୍ୟ ସ୍ୱାଭିମାନ ରକ୍ଷାରେ ସମ୍ପୂର୍ଣ୍ଣ ଅପାରଗ। ଯୁବଶକ୍ତି ଅନ୍ତର୍ଦ୍ୱନ୍ଦ୍ୱରେ ଲିପ୍ତ-ରାଜ୍ୟ କଥା ଭାବିବା ପାଇଁ ସମୟ ନାହିଁ କି ଇଚ୍ଛା ବି ନାହିଁ। ଅତୀତରେ କଳାନୈପୁଣ୍ୟ- କୃଷି ବାଣିଜ୍ୟ-ଦେଶରକ୍ଷା ଓ ଅନ୍ୟାନ୍ୟରେ ଆମେ କୀର୍ତ୍ତିମାନ ଥିଲୁ...ଏବେ ?

**- ୫୮, ସ୍ୱର୍ଣ୍ଣପୁରୀ, ଭୁବନେଶ୍ୱର-୨୪,**
**ମୋ: ୯୪୩୭୦୧୫୨୫୦**

## ଏଇ ଭାରତରେ

ପ୍ରକୃତି ଓ ପକ୍ଷୀ ପ୍ରେମରେ ବାନ୍ଧି ହୋଇଯାଇଛନ୍ତି ରାଜସ୍ଥାନର ସନା ଫିରଦୌସ। ଯୋଧପୁର ନିବାସୀ ସନା ଅଦରକାରୀ ଜିନିଷ ଉପଯୋଗ କରି ତାଙ୍କ ଘରକୁ ଏକ ସୁନ୍ଦର ପକ୍ଷୀ ଅଭୟାରଣ୍ୟ କରିଛନ୍ତି। ପ୍ରତ୍ୟେକ ଦିନ ତାଙ୍କ ଘରକୁ ୭୦-୮୦ ପକ୍ଷୀ ଆସୁଛନ୍ତି। ସକାଳ ସନ୍ଧ୍ୟାରେ ପକ୍ଷୀଙ୍କ କିଚିରିମିଚିରି ଶବ୍ଦରେ ପରିବେଶ ଫାଟିପଡୁଛି। ପକ୍ଷୀଙ୍କୁ ସନା ପରିବାରର ସଦସ୍ୟ ଭାବେ ଦେଖୁଛନ୍ତି। ଦୈନିକ ସେ ପକ୍ଷୀଙ୍କୁ ଖାଦ୍ୟ ଓ ପାଣି ଯୋଗାଉଛନ୍ତି। ବର୍ଷେ ପୂର୍ବେ ସେ ପ୍ରଥମେ ତାଙ୍କ ଘର ଛାତ ଉପରେ କେତୋଟି ପକ୍ଷୀଙ୍କୁ ଖାଇବାକୁ ଦେବା ଆରମ୍ଭ କରିବା ପରେ ତାଙ୍କ ଘରକୁ ଧୀରେ ଧୀରେ ବିଭିନ୍ନ ପ୍ରଜାତିର ପକ୍ଷୀ ଖାଇବାକୁ ଆସିଲେ। ପରେ ସନା ସେମାନଙ୍କ ପାଇଁ ବସିବା ଲାଗି ବନ୍ଦୋବସ୍ତ କଲେ। ଏବେ ତାଙ୍କ ଘରକୁ ୫ଟି ବୁଲବୁଲ୍, ଟେଲର ବାର୍ଡ, ସନ୍‌ବାର୍ଡ, ଜଙ୍ଗଲ ୱେବଲର ଭଳି ପକ୍ଷୀ ଆସୁଛନ୍ତି। ସନାଙ୍କ ସହ ତାଙ୍କ ତିନି ସନ୍ତାନ ଏହି କାର୍ଯ୍ୟରେ ଲାଗିଛନ୍ତି। ସନା ତାଙ୍କ ୟୁଟ୍ୟୁବ ଚ୍ୟାନେଲରେ ପକ୍ଷୀଙ୍କ ସୁରକ୍ଷା ସମ୍ପର୍କରେ ସଚେତନ କରୁଛନ୍ତି ଓ ସେମାନଙ୍କ ଭଲ ପାଇବା ଲାଗି ବାର୍ତ୍ତା ମଧ୍ୟ ଦେଉଛନ୍ତି। ଏହାବ୍ୟତୀତ କିଭଳି ଅଧିକରୁ ଅଧିକ ପକ୍ଷୀଙ୍କୁ ଘରକୁ ଅଣାଯାଇପାରିବ ସେ ସମ୍ପର୍କରେ ମଧ୍ୟ ଶିକ୍ଷା ଦେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨୪ ଫେବୃୟାରୀ ୧୯୯୭**

- ନେପାଳର ଶେର ବାହାଦୁର ଦେଉବାଙ୍କ ମନ୍ତ୍ରିମଣ୍ଡଳରୁ ଗୃହମନ୍ତ୍ରୀ ଓ ଆଇନ ମନ୍ତ୍ରୀ ସମେତ ୫ ଜଣ ମନ୍ତ୍ରୀଙ୍କ ଇସ୍ତଫା ପ୍ରଦାନ।
- ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟିରୁ ଦେଶର ସର୍ବାଧିକ ଅତ୍ୟାଧୁନିକ ତଥା ଉନ୍ନତ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ମଧ୍ୟମ ଦୂରଗାମୀ କ୍ଷେପଣାସ୍ତ୍ର 'ପୃଥ୍ୱୀ'ର ସଫଳ ଉତ୍‌କ୍ଷେପଣ।
- ବାରିପଦା ସହରର ମଧୁବନଠାରେ ନିଗମାନନ୍ଦଙ୍କ ଭକ୍ତ ସମ୍ମିଳନୀରେ ଭୟାବହ ଅଗ୍ନିକାଣ୍ଡ ଘଟି ୨୫୦ ଜୀବନ୍ତ ଦଗ୍ଧ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 6 | | | | | |
| | | | | 2 | | | | |
| | 5 | 8 | | 3 | | | 9 | |
| 9 | | | | 5 | | | 4 | |
| | | | | 7 | | | 5 | |
| | 3 | | | 9 | 8 | 2 | | 6 |
| | | 2 | | | | | 3 | 5 |
| | | 7 | 4 | 6 | | 9 | | 2 |
| | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 1 | 9 | 5 | 8 | 7 | 6 | 3 | 4 |
| 4 | 5 | 7 | 9 | 3 | 6 | 2 | 1 | 8 |
| 8 | 3 | 6 | 2 | 4 | 1 | 9 | 7 | 5 |
| 7 | 4 | 5 | 6 | 1 | 3 | 8 | 9 | 2 |
| 3 | 2 | 8 | 4 | 7 | 9 | 5 | 6 | 1 |
| 6 | 9 | 1 | 8 | 2 | 5 | 3 | 4 | 7 |
| 9 | 7 | 4 | 3 | 5 | 8 | 1 | 2 | 6 |
| 5 | 6 | 2 | 1 | 9 | 4 | 7 | 8 | 3 |
| 1 | 8 | 3 | 7 | 6 | 2 | 4 | 5 | 9 |

ଗତକାଲିର ଉତ୍ତର

# ବିଦେଶରୁ ରୋଜଗାର ଆଣିବାକୁ ହେବ



ଡ. ପ୍ରମୋଦ କୁମାର ପଣ୍ଡା

ପାଠକ ବନ୍ଧୁ! ପ୍ରସଙ୍ଗଟି ନିଶ୍ଚୟ ଆପଣଙ୍କୁ ଅଡୁଆ ଲାଗୁଥିବ। ମାତ୍ର ଏହା ଓଡ଼ିଶା ଓ ଓଡ଼ିଆଙ୍କ ପାଇଁ ଅତ୍ୟନ୍ତ ପ୍ରାସଙ୍ଗିକ ମନେହୁଏ। କିଛି ଦିନ ତଳେ ଏକ ଗୁରୁତ୍ୱପୂର୍ଣ୍ଣ ରିପୋର୍ଟ ପ୍ରକାଶିତ ହୋଇଛି। ତାହା ହେଲା ବିଦେଶରୁ ଆମ ଦେଶକୁ ଆସୁଥିବା ଧନରାଶିରେ କେଉଁ ରାଜ୍ୟର ଭାଗୀଦାରି କେତେ। ଏଠାରେ ବିଦେଶରୁ ବିଭିନ୍ନ ରାଜ୍ୟକୁ ଆସୁଥିବା ପୁଞ୍ଜି ବିନିଯୋଗ କଥା ଉଠୁନାହିଁ। ବରଂ ଆମ ଦେଶର ବିଭିନ୍ନ ରାଜ୍ୟର ଲୋକେ ବିଦେଶକୁ ଚାକିରି, ବ୍ୟବସାୟ ଇତ୍ୟାଦି ପାଇଁ ଯାଉଛନ୍ତି ଓ ସେମାନେ ନିଜ ରାଜ୍ୟକୁ ପଠାଉଥିବା ଟଙ୍କାର ହିସାବ ଏଠାରେ ଦିଆଯାଇଛି। ପରିସଂଖ୍ୟାନକୁ ତର୍ଜମା କଲେ ଜଣାଯିବ ଯେ, ପ୍ରତିବର୍ଷ ଆମ ଦେଶକୁ ୮୭ ବିଲିୟନ ଆମେରିକୀୟ ଡଲାର ଅର୍ଥାତ୍ ଭାରତୀୟ ମୁଦ୍ରାରେ ୬.୬ ଲକ୍ଷ କୋଟି ଟଙ୍କା ବିଦେଶରୁ ଆସିଥାଏ। ଏହାର ସିଂହଭାଗ ଅର୍ଥାତ୍ ୧୯ ପ୍ରତିଶତ କେରଳକୁ ଆସିଥିବା ବେଳେ ୧୬.୭ ପ୍ରତିଶତ ମହାରାଷ୍ଟ୍ରକୁ, ୧୫ ପ୍ରତିଶତ କର୍ଣ୍ଣାଟକ ଓ ୮ ପ୍ରତିଶତ ତାମିଲନାଡୁକୁ ଆସିଥାଏ। ଏଥିରେ ଆମର ଭାଗୀଦାରି ମାତ୍ର ୦.୪ ପ୍ରତିଶତ। ଆମର ପଡ଼ୋଶୀ ଆନ୍ଧ୍ରପ୍ରଦେଶକୁ ଦେଶର ୪.୦ ପ୍ରତିଶତ ରୋଜଗାର ଆସୁଥିବାବେଳେ ପଶ୍ଚିମବଙ୍ଗକୁ ୨.୫ ପ୍ରତିଶତ ଓ ବିହାରକୁ ୧.୩ ପ୍ରତିଶତ ବିଦେଶୀ ରୋଜଗାର ଆସେ। ବଡ଼ ଦୁଃଖ ଲାଗେ ଆମର ଏ ଦୟନୀୟ ସ୍ଥିତି ଦେଖି।

ବାହାରୁ ମୋଟା ଅଙ୍କର ରୋଜଗାର ଆସିଲେ ରାଜ୍ୟର ପ୍ରଗତି ହେବା ସୁନିଶ୍ଚିତ। ଆମର ଏକ ସୁନ୍ଦର ଜନୋକ୍ତି ଅଛି, ଯାହା ଅନ୍ୟ କୌଣସି ରାଜ୍ୟରେ ଶୁଣିବାକୁ ମିଳେ ନାହିଁ। ତାହା ହେଉଛି- ଟଙ୍କାକ ପଛେ ବାରଣା ହେଉ, ଯାଇ ଆସି ପୁଅ ସିଆଣିଆ ହେଉ। ଅର୍ଥାତ୍ ପଇସା ଖର୍ଚ୍ଚ ହେଲେ ମଧ୍ୟ ପିଲା ବାହାରକୁ ଯାଇ ଚାଲାକ ଚତୁର ବା ବୁଦ୍ଧିମାନ୍ ହେବା ସର୍ବଦା ଶ୍ରେୟସ୍କର। ଆଜି ଆପଣ ଯେଉଁ ଈର୍ଷା, ପରଶ୍ରୀକାତରତା ଓ କଙ୍କଡ଼ାଗୁଣ ଓଡ଼ିଆମାନଙ୍କ ପାଖରେ ଭରପୂର ଥିବାର ଅନୁଭବ କରୁଛନ୍ତି, ତା'ର ମୁଖ୍ୟ କାରଣ ହେଲା ଏକ୍ସପୋଜରର ଅଭାବ। ଯେତେବେଳେ ମନୁଷ୍ୟର କର୍ମକ୍ଷେତ୍ର ଓ ଚିନ୍ତା ଚେତନା ସଂକୀର୍ଣ୍ଣ ହୋଇଯାଏ, ସେତେବେଳେ ସେ ଊର୍ଦ୍ଧ୍ୱଗାମୀ ପରିବର୍ତ୍ତେ ନିମ୍ନଗାମୀ ହୋଇଯାଏ ଓ ପଶୁପ୍ରବୃତ୍ତି ଲାଭ ବା ଆଚରଣ କରେ, ଯାହାକି ଆମ ଓଡ଼ିଆଙ୍କଠାରେ ଦେଖିବାକୁ ମିଳିଛି।

ପଞ୍ଚଦଶ ଶତାବ୍ଦୀ ପରଠାରୁ ଯେତେବେଳେ ଏ ଜାତି ତା'ର ସାଧୀନତା ହରାଇଲା, ବିଭିନ୍ନ ବାହ୍ୟଶତ୍ରୁ ଯଥା ମୋଗଲ, ମରାଠା ଓ ଇଂରେଜ ଆମକୁ ବିଭିନ୍ନ ରୂପେ ଶୋଷଣ କରିବାକୁ ଲାଗିଲେ। ଲଗାତାର ପ୍ରାକୃତିକ ବିପର୍ଯ୍ୟୟ ଓ ମାତ୍ରାଧିକ ଶୋଷଣ ଆମକୁ ଦରିଦ୍ର କରି ସମାଜରେ ଠିଆ କଲା। ଅଭାବରୁ ଆମର ସ୍ୱଭାବ ନଷ୍ଟ ହୋଇଗଲା। ସେଥିପାଇଁ ତ ଶାସ୍ତ୍ରରେ ଉଲ୍ଲେଖ ଅଛି, ଅଭାବେ ସ୍ୱଭାବ ନଷ୍ଟ ଓ ବୁଭୁକ୍ଷିତ କିଂ ନ କରୋତି ପାପମ୍। ତାହା ଶତପ୍ରତିଶତ ଓଡ଼ିଆଙ୍କ କ୍ଷେତ୍ରରେ ପ୍ରତିଫଳିତ ହୋଇଛି। ସେବେଠୁ ଓଡ଼ିଆ ତା'ର ଜାତୀୟ ଚରିତ୍ର ହରାଇ ଈର୍ଷା, ଦ୍ୱେଷ ଓ ପରଶ୍ରୀକାତରତାର ବଶବର୍ତ୍ତୀ ହୋଇ ନିଜ ଭାଇର ପ୍ରଗତିକୁ ସହିପାରୁ ନାହିଁ। ଅତୀତରେ ଏ ଜାତି ଏପରି ନ ଥିଲା। ଏ ଜାତି ପରିଶ୍ରମୀ, ସାହସୀ, ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ସମ୍ପନ୍ନ ଦୂରଦ୍ରଷ୍ଟା ହିସାବରେ ନିଜକୁ ପରିଚିତ କରାଇ ପାରିଥିଲା। ସେ କଳିଙ୍ଗର ପରାକ୍ରମ ହେଉ କିମ୍ବା କଳିଙ୍ଗ ଯୁଦ୍ଧରେ ଦେଶପ୍ରେମର ପ୍ରାଣବଳି, ସବୁକିଛି ଆମ ପୂର୍ବ ପୁରୁଷଙ୍କ ବୀର ଓ ଶୌର୍ଯ୍ୟର ପ୍ରତୀକ। କମ୍ପାସ୍ ଉଦ୍ଭାବନର ଶହ ଶହ ବର୍ଷ ପୂର୍ବରୁ ଭାରତର ସର୍ବପ୍ରଥମ ଜାତି ହିସାବରେ କାଠ ବୋଇତରେ ପାଲ ବାନ୍ଧି ଅତଳ ସମୁଦ୍ରରେ ଯାତ୍ରା କରିବା ଏହା କଳିଙ୍ଗ ବୀରଙ୍କ ବୀରତ୍ୱର ନିଦର୍ଶନ ନୁହେଁ ତ ଆଉ କ'ଣ ? ପୁରାତନ ଭାରତରେ କଳିଙ୍ଗରେ ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରି ପୃଥିବୀର ବିଭିନ୍ନ କୋଣର ବିଦ୍ୟାର୍ଥୀଙ୍କୁ ବିଦ୍ୟାଦାନ କରିବା, କଳିଙ୍ଗବାସୀଙ୍କ ଦୂରଦୃଷ୍ଟି ନୁହେଁ ତ ଆଉ କ'ଣ ହୋଇପାରେ! ପୁରାତନ ଓ ମଧ୍ୟଯୁଗରେ ଉତ୍କର୍ଷତା ଲାଭ କରି ବିଶ୍ୱସ୍ତରୀୟ ଶ୍ରୀଜଗନ୍ନାଥ ମନ୍ଦିର, କୋଣାର୍କର ସୂର୍ଯ୍ୟ ମନ୍ଦିର ଓ ଲିଙ୍ଗରାଜ ମନ୍ଦିର ନିର୍ମାଣ ଆମ ବୈଜ୍ଞାନିକ କଳା ନିଖୁଣତାର ନମୁନା ନୁହେଁ କି? ମାତ୍ର ସବୁଠୁ ଦୟନୀୟ ଅବସ୍ଥା ହୋଇଛି ଇଂରେଜ ଶାସନ ଅଧୀନରେ ୧୮୬୬ରେ ଘଟିଥିବା ନଅଙ୍କ ଦୁର୍ଭିକ୍ଷ ସମୟରେ। ସେତେବେଳେ ଲେକ୍ଷ ଲକ୍ଷ ଲୋକଙ୍କ ଜୀବନହାନି ଓଡ଼ିଆ ପୁଅର ମେରୁଦଣ୍ଡକୁ ଦୋହଲାଇ ଦେଲା। ତଥାପି ମଧ୍ୟ ଏ ଜାତି ମାଗଣାଖିଆ ବା ଛତରଖିଆ ହେବ ନାହିଁ ବୋଲି ପଣ କଲା ଓ ବ୍ରିଟିଶ୍ ସରକାରଙ୍କ ମାଗଣା ଅନ୍ନଛତ୍ରକୁ ପତ୍ୟାଖ୍ୟାନ କଲା। ମାତ୍ର ସେହି ଓଡ଼ିଆ ପୁଅ ତା'ର ପୂର୍ବପୁରୁଷଙ୍କ ଗତଗୌରବକୁ ଭୁଲିଯାଇ ଆଜି ଦରିଦ୍ର ହେବା ପାଇଁ ପ୍ରତିଯୋଗିତା କରୁଛି ଓ ପାଞ୍ଚଟଙ୍କା ଭାତ ଡାଲମା ପାଇଁ ଲମ୍ବା ଲାଇନ୍ ଲଗାଉଛି। ମଦ ପାଇଁ ନିଜ ଗଣତାନ୍ତ୍ରିକ ଅଧିକାର ବିକ୍ରି କରୁଛି। ଟଙ୍କିକିଆ ଚାଉଳ ପାଇ ନିଜ ଜୀବନକୁ ଧନ୍ୟ ମନେକରୁଛି।

ଚିନ୍ତା କଲେ ଆତ୍ମଗ୍ଲାନିରେ ଓଡ଼ିଆ ପୁଅର ମୁଣ୍ଡ ନଇଁଯାଏ। ଆଜି ସମଗ୍ର ଭାରତରେ ଓଡ଼ିଶା ଏକ ଶ୍ରମିକ ଯୋଗାଣକାରୀ ଦରିଦ୍ର ରାଜ୍ୟ ହିସାବରେ ନିଜର ନୂତନ ପରିଚୟ ସୃଷ୍ଟି କରିଛି। ପଞ୍ଜାବୀ, ମାରୁଆଡ଼ି, ଗୁଜରାଟୀ, କେରଳୀ ପ୍ରଭୃତି ପୃଥିବୀର ବିଭିନ୍ନ କୋଣ ଅନୁକୋଣରେ ଖେଳିଯାଉଥିବା ବେଳେ, ଓଡ଼ିଆ ପଡ଼ୋଶୀ ରାଜ୍ୟରେ ବେପାର କରିବାକୁ ସାହସ ଜୁଟାଇ ପାରୁ ନାହିଁ। ସେ ବିଶ୍ୱରେ ଏକ ବଡ଼ ଖାଉଟି ବଜାର ଧରି ଉଭା ହୋଇଛି। ଆମ ସମସ୍ତଙ୍କ ଶିରା ଆଉ ଧମନୀରେ ମହାମେଘବାହନ କଳିଙ୍ଗାଧିପତି ଐର ଖାରବେଳଙ୍କ ରକ୍ତ ପ୍ରବାହିତ ହେଉଛି। ଆମ ଦ୍ୱାରା ସବୁକିଛି ସମ୍ଭବ। ଆସନ୍ତୁ ଚାକିରି ଓ ବେପାର ପାଇଁ ବିଶ୍ୱର ବିଭିନ୍ନ କୋଣକୁ ମାଡ଼ିଯିବା। ଆମ ପାଖରେ ଶହ ଶହ ପ୍ରକାର ସୁସ୍ୱାଦୁ ଖାଦ୍ୟ ଭଣ୍ଡାର ଅଛି । ଆମ ପାଖରେ ସୂକ୍ଷ୍ମାତିସୂକ୍ଷ୍ମ ବସ୍ତ୍ର ଅଛି, ଆମ ପାଖରେ ସୁନ୍ଦର ହସ୍ତଶିଳ୍ପ ଅଛି, ଆମ ପାଖରେ ଅଛି ନାନା କୃଷିଜାତ ଦ୍ରବ୍ୟ । ଆମର କାରିଗରି, ଆମର ପାଣି ପାଇପ୍ ମିସ୍ତ୍ରି, ଆମର ଶିଳ୍ପୀକୁଳ, ଆମର ଚିତ୍ରକାର, ନୃତ୍ୟଶିଳ୍ପୀ ପ୍ରମୁଖ ବିଶ୍ୱରେ ଅନନ୍ୟ। ଆସନ୍ତୁ, ସଂକୀର୍ଣ୍ଣତାରୁ ଊର୍ଦ୍ଧ୍ୱକୁ ଯାଇ ବିଭିନ୍ନ ଦେଶ ଓ ରାଜ୍ୟକୁ ଯିବା ବେପାର ବାଣିଜ୍ୟ କରିବା ପାଇଁ । ଆମେ ଉତ୍ତମ ସଂସ୍କୃତି ସହିତ ମାନବତାର ମହାମନ୍ତ୍ର ପ୍ରଚାର କରିବା । ଏହା ଦ୍ୱାରା ଆମେ ଆମର ବେରୋଜଗାରୀକୁ ହଟାଇବା, ଦାରିଦ୍ର୍ୟ ଦୂର କରିବା ଓ ଆମର ଐତିହ୍ୟକୁ ପ୍ରଚାର କରିବା।

ଯେଉଁ ଓଡ଼ିଆ ଭାଇମାନେ ବିଭିନ୍ନ କାର୍ଯ୍ୟ ପାଇଁ ବିଦେଶକୁ ଯାଇଛନ୍ତି, ସେମାନଙ୍କର ଏକ ଗୁରୁଦାୟିତ୍ୱ ରହିଛି ଓଡ଼ିଶା ପାଇଁ। ଅଧିକାଂଶ ଭାଇ ଓଡ଼ିଶା ଫେରି ଆମର ସମାଜ ବ୍ୟବସ୍ଥାକୁ ସମାଲୋଚନା କରୁଥିବା ଦେଖାଯାଏ। ସେମାନଙ୍କ ସମାଲୋଚନାର ଯଥାର୍ଥତା ବି ଅଛି। ମାତ୍ର ସମାଲୋଚନାରେ ସୀମିତ ନ ରହି କିପରି ମାତ୍ରାଧିକ ଓଡ଼ିଆ ବିଦେଶରେ ବିଭିନ୍ନ କାମଧନ୍ଦାରେ ନିୟୋଜିତ ହେବେ, ତା'ର ବ୍ୟବସ୍ଥା କରିବା ଆବଶ୍ୟକ। ଓଡ଼ିଶାର ଉତ୍ପାଦିତ ଦ୍ରବ୍ୟ, ଖାଦ୍ୟ ଓ ସଂସ୍କୃତି କିପରି ବିଶ୍ୱସ୍ତରରେ ଆଦୃତି ଲାଭ କରିବ, ସେ ବିଷୟରେ କାର୍ଯ୍ୟ କରିବା ଉଚିତ। ପଞ୍ଜାବୀ, ଗୁଜରାଟୀ, ମାରୁଆଡ଼ୀ, ବଙ୍ଗାଳୀ ଓ ଦକ୍ଷିଣ ଭାରତୀୟ ସମ୍ପ୍ରଦାୟର ପ୍ରବଳ ଜାତିପ୍ରେମ ବା ଭାଷା ପ୍ରୀତି ଯୋଗୁଁ ଆଜି ସେମାନେ ବିଶ୍ୱ ମାନଚିତ୍ରରେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି। ଆମକୁ ମଧ୍ୟ ସେପରି କରିବାକୁ ପଡିବ। ନ ହେଲେ ପ୍ରାକୃତିକ ସମ୍ପଦଭରା ଓଡ଼ିଶାରେ ଗରିବ ଓଡ଼ିଆଙ୍କୁ ଅନ୍ୟମାନଙ୍କର ଦୟାକୁ ଆଶ୍ରୟ କରି ବଞ୍ଚିବାକୁ ପଡୁଥିବ। ପୃଥିବୀର ବିଭିନ୍ନ ଦେଶରେ ଭ୍ରମଣ କରି ଅଭିଜ୍ଞତା ସଂପନ୍ନ ହେବା ଓ ନିଜକୁ ଊର୍ଦ୍ଧ୍ୱମୁଖୀ କରି ଓଡ଼ିଆ ଚିନ୍ତା ଚେତନାକୁ ଆହୁରି ବ୍ୟାପକ କରିବାକୁ ପଡ଼ିବ। ଏଥିପାଇଁ ଆସନ୍ତୁ ସମସ୍ତେ ମିଶି ବ୍ୟାପକ ଜନସଚେତନତା ସୃଷ୍ଟି କରିବା ଓ ବିଭିନ୍ନ ପ୍ରୋତ୍ସାହନ ଯୋଜନା ମାଧ୍ୟମରେ ଆମର ଯୁବା ପିଢ଼ିଙ୍କୁ ବିଦେଶରେ ବିଭିନ୍ନ କାମଧନ୍ଦା ଓ ବେପାର ବଣିଜ କରିବା ପାଇଁ ସୁଯୋଗ ସୃଷ୍ଟି କରି ଦାରିଦ୍ର୍ୟ ମାନଚିତ୍ରରୁ ସବୁଦିନ ପାଇଁ କାଢ଼ିନେବା।

**ପ୍ରଧାନ ବୈଜ୍ଞାନିକ**
**ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ**
**(ଭାରତ ସରକାର), ଭୁବନେଶ୍ୱର**
**ମୋ: ୮୯୧୭୪୨୬୪୪୦**

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରାର୍ଥୀଙ୍କ ନାମ ବାଲଟରେ ରଖାଯାଉ

ମହାଶୟ,

ମୁଁ ଭୋଟ ଦେବାକୁ ଗାଁକୁ ଯାଇଥିଲି। ହେଲେ ବାଲଟ ପେପରରେ ସରପଞ୍ଚ, ସମିତି ସଭ୍ୟ ଏବଂ ୱାର୍ଡସଭ୍ୟ ପ୍ରାର୍ଥୀଙ୍କ ନାମ ନ ଥିବାରୁ ମୁଁ ଘାବରେଇ ଯାଇଥିଲି। ବୁଥିରେ ପୋଲିଂ ଅଧିକାରୀମାନେ ମୋତେ ଏକକାଳୀନ ଚାରୋଟି ବାଲଟ ପେପର ଧରାଇ ଦେଲେ। ଏକକାଳୀନ ଚାରୋଟି ବାଲଟ ପେପର ନେଇ ଯେତେବେଳେ ମୁଁ ଭୋଟ ଦେବାକୁ ଗଲି , ଭୋଟିଂ କ୍ୟାବିନ ଭିତରେ ଏତେ ଗୁଡ଼ାଏ ଚିହ୍ନ ଦେଖି ମୁଁ ଯେଉଁ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ଠିକ କରିଥିଲି ତାହାର ଚିହ୍ନ ମୁଁ ଭୁଲି ଗଲି। ଯଦିବା ପ୍ରାର୍ଥୀଙ୍କ ନାମ ମୋତେ ଜଣା ଥିଲା ଚିହ୍ନ ଭୁଲି ଯିବାରୁ ମୁଁ ଭୋଟ ଦେଇପାରିଲି ନାହିଁ। ସମସ୍ତ ପ୍ରାର୍ଥୀଙ୍କ ପ୍ରତିନିଧି ବୁଥ ମଧ୍ୟରେ ଥିବାରୁ ମୁଁ ବଡ଼ ସନ୍ତର୍ପଣରେ ପୋଲିଂ ଅଧିକାରୀଙ୍କୁ କେଉଁ ଚିହ୍ନ କାହାର ବୋଲି ପଚାରିଥିଲି । ମତେ ଲାଗିଲା ଯେମିତି ନିର୍ବାଚନ ଗୋପନୀୟତା ଅଧିକାର ମୋର କ୍ଷୁଣ୍ଣ ହେଲା ବୋଲି। ମୁଁ ଯେଉଁ ଅସୁବିଧାର ସମ୍ମୁଖୀନ ହେଲି , ବୋଧେ ଊଣାଅଧିକେ ପ୍ରାୟ ଭୋଟର ସମ୍ମୁଖୀନ ହୋଇଥିବେ ! ଏଣୁ ମୋର ଅନୁରୋଧ , ଯେତେବେଳେ ଆଧୁନିକ ବିଜ୍ଞାନର କଥା କହୁଛେ, କମ୍ପ୍ୟୁଟର ଯୁଗର କଥା କହୁଛେ ସେତେବେଳେ ବାଲଟ ପେପରରେ ପ୍ରାର୍ଥୀର ନାମ ନ ରହିବା ଠିକ ଲାଗୁନାହିଁ। ଏଣୁ ଅନୁରୋଧ ପୁରୁଣା ନିୟମାବଳୀକୁ ସଂଶୋଧନ କରି, ତ୍ରିସ୍ତରୀୟ ପଞ୍ଚାୟତିରାଜ ନିର୍ବାଚନ ବ୍ୟବସ୍ଥାରେ ବ୍ୟବହାର ହେଉଥିବା ବାଲଟ ପେପରରେ ସମସ୍ତ ପ୍ରାର୍ଥୀଙ୍କ ନାମ ଉଲ୍ଲେଖ ରହୁ।

**-ଅଶୋକ କୁମାର ବରାଳ, ରେସିଙ୍ଗା, ନିମାପଡ଼ା, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବିଚିତ୍ର କରଣୀ-ଚିତ୍ର ଚାରୁ ଚିତ୍ରୋତ୍ପଳା,
ଶୁଭ୍ର ବାଲିଶେଯେ ଯା'ର ରଚିତ ମେଖଳା,
ତୋ ପରି ମୁଁ ଦେଶେ ଦେଶେ
ଭ୍ରମୁଅଛି ଆଜି ଶେଷେ
ଚଞ୍ଚଳ ତୋ ପରି ମୋର ପରାଣ-ପିତୁଳା।
-(ଚିତ୍ରୋତ୍ପଳା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ସାହିତ୍ୟିକ ଶିବପ୍ରସାଦ ତ୍ରିପାଠୀଙ୍କ ପରଲୋକ

ସମ୍ବଲପୁର,୨୩।୨(ବ୍ୟୁରୋ): ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ, ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟବୋର୍ଡର ପୂର୍ବତନ ସଭାପତି, ଜିଲା ସାମ୍ବାଦିକ ସଂଘର ପ୍ରାକ୍ତନ ସଭାପତି ତଥା



୩୩ରୁ ଉର୍ଦ୍ଧ୍ୱ ପୁସ୍ତକର ରଚୟିତା ଶିବ ପ୍ରସାଦ ତ୍ରିପାଠୀଙ୍କ ବୁଧବାର ଏକ ଘରୋଇ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ତାଙ୍କୁ ୭୩ ବର୍ଷ ହୋଇଥିଲା। ଖବର ପ୍ରଚାରିତ ହେବା ପରେ ସମଲେଇ ମନ୍ଦିର ନିକଟ ତାଙ୍କ ବାସଭବନରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିଥିଲେ। ୧୯୫୧ ମସିହାରେ ହୀରାକୁଦ ଜଳଭଣ୍ଡାର ଦ୍ୱାରା ଜଳମଗ୍ନ ହୋଇଥିବା ଲର୍ବଙ୍ଗା ଗ୍ରାମରେ ଶିବପ୍ରସାଦ ଜନ୍ମଗ୍ରହଣ କରିଥିଲେ। ପରେ ସେ ସମ୍ବଲପୁର ସହରରେ ରହି ଶିକ୍ଷା ଗ୍ରହଣ କରିଥିଲେ। ଓଡ଼ିଆ ଭାଷା ସାହିତ୍ୟରେ ସ୍ନାତକ ଶିକ୍ଷା ହାସଲ କରିବା ପରେ ବିଭିନ୍ନ ଓଡିଆ, ଇଂଲିଶ ଖବରକାଗଜରେ ଖବରଦାତା ଭାବେ କାମ କରିଥିଲେ। ଓଡ଼ିଆ, ସମ୍ବଲପୁରୀ, ଇଂଲିଶ ଭାଷାରେ ସେ ପ୍ରାୟ ୩୩ରୁ ଅଧିକ ପୁସ୍ତକ ରଚନା କରିଛନ୍ତି। ତନ୍ମଧ୍ୟରେ ସମ୍ବାଦପତ୍ରର ବିକାଶ ଓ ସାମ୍ବାଦିକତା, କାଳଜୟୀ ମହତାବ, ମେହେର ସାହିତ୍ୟ ସମ୍ପଦ, କରୁଣାମୟୀ ସମଲେଶ୍ୱରୀ ଅନ୍ୟତମ। ଏହାସହ ୩ ଗୋଟି ଶିଶୁ ସାହିତ୍ୟ ମଧ ରଚନା କରିଥିଲେ। ସେ ବିଭିନ୍ନ ସାମାଜିକ, ସାଂସ୍କୃତିକ, କୃଷକ ସଙ୍ଗଠନ ସହ ଜଡିତ ଥିଲେ। ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କ ସମେତ ଖବରଦାତା, ସମାଜିକ କର୍ମୀ, ଲେଖକ, କବି ତାଙ୍କ ଶେଷ ଦର୍ଶନ କରିଥିଲେ।

### ଢିଙ୍କିଆବାସୀଙ୍କୁ ଆକ୍ରମଣର ପ୍ରତିବାଦ କଲା କିଷାନ ମୋର୍ଚ୍ଚା

ଭୁବନେଶ୍ୱର,୨୩।୨(ବ୍ୟୁରୋ): ଜଗତ୍‌ସିଂହପୁର ଜିଲା ଢିଙ୍କିଆରେ ଜିନ୍ଦଲ କମ୍ପାନୀର ଷ୍ଟିଲ୍ ପ୍ଲାଣ୍ଟ୍ ପ୍ରତିଷ୍ଠାକୁ ବିରୋଧ ଜାରି ରହିଛି। ଏପରିସ୍ଥଳେ ଉଚ୍ଚ ଅଦାଲତ ଦ୍ୱାରା ପ୍ରେରିତ ପ୍ରତିନିଧି ଦଳ ଓ ପୋଲିସ ଉପସ୍ଥିତିରେ ଶନିବାର ଢିଙ୍କିଆବାସୀଙ୍କ ଉପରେ କମ୍ପାନୀ ସମର୍ଥକଙ୍କ ଆକ୍ରମଣ ଘଟଣାକୁ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ବୁଧବାର ଏନେଇ ପ୍ରତିବାଦ ସ୍ୱରୂପ ମାଷ୍ଟରକ୍ୟାଣ୍ଟିନ ଛକରେ 'ଜିନ୍ଦଲ ହଟାଓ, ଢିଙ୍କିଆ ବଞ୍ଚାଅ' ନାରା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏନେଇ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ କୁହାଯାଇଛି, ଜିନ୍ଦଲର ସ୍ୱାର୍ଥ ପାଇଁ ରାଜ୍ୟ ସରକାର କାର୍ଯ୍ୟ କରୁଛନ୍ତି। ଗତ ମାସ ୧୪ ତାରିଖରେ ପୋଲିସ ଦ୍ୱାରା ଗ୍ରାମବାସୀଙ୍କ ଉପରେ ଲାଠିଚାଳନାର ଚିତ୍ର ଆଖିରୁ ନ ଲିଭୁଣୁ କମ୍ପାନୀ ସମର୍ଥକମାନେ ପୋଲିସ ଓ ପ୍ରତିନିଧିଙ୍କ ଉପସ୍ଥିତିରେ ଗ୍ରାମବାସୀଙ୍କ ଉପରେ ଆକ୍ରମଣ କରିଛନ୍ତି। ସେଠାରେ ଆତଙ୍କରାଜ କରି ଜୀବନ-ଜୀବିକାକୁ ଦମନ କରିବା ଅତ୍ୟନ୍ତ ନିନ୍ଦନୀୟ। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ନିଜେ ହିଁ ଉତ୍ତରଦାୟୀ। ସରକାର ନିଜ ଜିଦରୁ ଓହରି ଜନସାଧାରଣଙ୍କ ସହ ଆଲୋଚନା କରି ପରିସ୍ଥିତିରେ ସୁଧାର ଆଣିବା ପାଇଁ ପ୍ରୟାସ କରନ୍ତୁ। ପୋଲିସର ନିର୍ମମ ଲାଠି ଚାଳନା ଓ ବର୍ତ୍ତମାନ କମ୍ପାନୀ ସମର୍ଥକଙ୍କ ଆକ୍ରମଣର ତଦନ୍ତ ଉଚ୍ଚନ୍ୟାୟାଳୟର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳ(ଏସଆଇଟି) ଦ୍ୱାରା କରାଯାଉ।

# ରାତି ୧୦ଟାରେ ଉଠିବ ମହାଦୀପ

ପୁରୁଣା ଭୁବନେଶ୍ୱର,୨୩।୨(ଡି.ଏନ୍.ଏ.)

**ଶ୍ରୀଲିଙ୍ଗରାଜଙ୍କ ଜାଗର ଯାତ୍ରା**
- ମନ୍ଦିର ଟ୍ରଷ୍ଟ ବୋର୍ଡର ସମନ୍ୱୟ ବୈଠକ
- ଆଡ଼କାଠରେ ଶ୍ରୀଜୀଉଙ୍କୁ ଦର୍ଶନ କରିବେ ଶ୍ରଦ୍ଧାଳୁ



ମାର୍ଚ୍ଚ ୧ରେ ଶ୍ରୀଲିଙ୍ଗରାଜଙ୍କ ଜାଗର ଯାତ୍ରା। ଏ ନେଇ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ଏକ ସମନ୍ୱୟ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସର୍କିଟ ହାଉସ ସଭାକକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଖୋର୍ଦ୍ଧା ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଏଥିରେ ବିଭିନ୍ନ ନିଯୋଗ ପ୍ରମୁଖ ସେବାୟତ, ମନ୍ଦିର ଅଧିକାରୀଙ୍କ ସହ ଆଲୋଚନା କରି ସମସ୍ତଙ୍କ ସହମତିରେ ରାତି ୧୦ଟାରେ ମହାଦୀପ ଉଠିବା ପାଇଁ ସ୍ଥିର ହୋଇଥିଲା। ଗତ ୩ବର୍ଷ ଧରି ଶୃଙ୍ଖଳିତ ଭାବେ ଅର୍ଥାତ୍ ନିର୍ଦ୍ଧାରିତ ସମୟ ପୂର୍ବରୁ ଏହି ମହାଦୀବ ଉଠିଥିବାରୁ ଚଳିତବର୍ଷ ମଧ ଏହା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସେବାୟତମାନଙ୍କ ଅଧିକାରଗୁଡ଼ିକ ପୂର୍ବରୁ ସମାଧାନ ନ ହୋଇ କେବଳ ଜାନିଯାତ୍ରାରେ ଆଲୋଚନା ହେବା ଦ୍ୱାରା ତତ୍ ସମୟରେ ଅନୁଷ୍ଠିତ ଯାତ୍ରା ପୂଜା ବିବାଦ ସୃଷ୍ଟି ହେଉଛି। ତେଣୁ ଯାତ୍ରାଗୁଡ଼ିକୁ ଶୃଙ୍ଖଳିତ କରିବା ପାଇଁ ଏହି ସମ୍ବନ୍ଧୀୟ ବୈଠକ ଅନ୍ୟ ଦିନରେ ହେବା ପାଇଁ ସ୍ଥିର ହୋଇଛି। ଅପରପକ୍ଷେ ପୂର୍ବବର୍ଷ ଭଳି କୋଭିଡ୍ କଟକଣାରେ ଶ୍ରଦ୍ଧାଳୁମାନେ ଠାକୁରଙ୍କୁ ଦର୍ଶନ କରିପାରିବେ। ଆଡ଼କାଠ ନିକଟରେ ଶ୍ରଦ୍ଧାଳୁ ଦର୍ଶନ କରିବା ପାଇଁ ନିଷ୍ପତ୍ତି ହୋଇଥିବା ବେଳେ ସେଠାରେ ବେଶି ସମୟ ଠିଆ ନ ହେବା ଏବଂ ଆଡ଼କାଠ ପାଖରେ କୌଣସି ଭୋଗ ହେବ ନାହିଁ ବୋଲି ମଧ ସ୍ଥିର ହୋଇଛି। ପ୍ରତ୍ୟେକ ଶ୍ରଦ୍ଧାଳୁ ମୁଖ୍ୟଦ୍ୱାରରୁ ଧାଡ଼ିରେ ଯାଇ ଦର୍ଶନ ସାରି ଦକ୍ଷିଣ ଦ୍ୱାର ଦେଇ ପ୍ରସ୍ଥାନ କରିବେ। କୌଣସି ସେବାୟତଙ୍କ ଦ୍ୱାରା ଭୋଗ, ସାମଗ୍ରୀ, ଫୁଲ, ଧୂପ, ଚନ୍ଦନ ଆଦିକୁ ମନ୍ଦିର ଗର୍ଭଗୃହ ମଧରେ ପୂଜା କରିପାରିବେ ନାହିଁ। ଏହି ଫୁଲଭୋଗ ସାମଗ୍ରୀ ନାଟ ମଣ୍ଡପରେ ଥିବା ହୁଣ୍ଡି ନିକଟରେ ଲିଙ୍ଗମୂର୍ତ୍ତି ପାଖରେ ଭୋଗ କରିପାରିବେ।

ଶ୍ରୀଲିଙ୍ଗରାଜ ପ୍ରତ୍ୟେକ ମହାଶିବରାତ୍ରି ପରେ ପଡୁଥିବା ପ୍ରଥମ ଶନିବାର କପିଳେଶ୍ୱର ମନ୍ଦିର ଯାତ୍ରା କରିଛନ୍ତି। ଯାହା ହାଣ୍ଡିଭଙ୍ଗା ଯାତ୍ରା ନାମରେ ନାମିତ। ତେବେ ୯ଶହ ବର୍ଷର ଏହି ହାଣ୍ଡିଭଙ୍ଗା ଯାତ୍ରାରେ ଗତ ୬ବର୍ଷ ଧରି ପୂର୍ଣ୍ଣଚ୍ଛେଦ ପଡ଼ିଛି। ଶ୍ରୀକପିଳେଶ୍ୱର ଦେବଙ୍କ ମନ୍ଦିର ସେବାୟତ ଖୁଣ୍ଟିଆ ଏବଂ ମଲିଆ ଦୁଇ ସେବାୟତଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଯୋଗୁ ଏହି ହାଣ୍ଡିଭଙ୍ଗା ଯାତ୍ରା ବନ୍ଦ ରହିଛି । ଏହି ପରମ୍ପରାକୁ ପୁନଃ ଫେରାଇ ଆଣିବାକୁ ସଭା ଅଧ୍ୟକ୍ଷଙ୍କ ଏକ ପ୍ରସ୍ତାବ ପରେ ସେବାୟତ ମହଲରେ ସନ୍ତୋଷ ପ୍ରକାଶ ପାଇଛି। ଏହି ବୈଠକରେ ବିଏମ୍‌ସି, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନଙ୍କ ସହ ଆଲୋଚନା କରାଯାଇ ଜାଗର ଦିନ ସେମାନଙ୍କର କାର୍ଯ୍ୟ ଏବଂ ଦାୟିତ୍ୱ ସମ୍ପର୍କରେ ଅବଗତ କରାଯାଇଥିଲା। ବୈଠକରେ ଅବନୀକାନ୍ତ ପଟ୍ଟନାୟକ, ଜୋନ୍ ଏସିପି -୨ ଅନିରୁଦ୍ଧ ରାଉତ, ଲିଙ୍ଗରାଜ ଥାନା ଆଇଆଇସି ଶରତଚନ୍ଦ୍ର ପାତ୍ର, ଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ପୂଜା ପଣ୍ଡା ନିଯୋଗ ସମ୍ପାଦକ ସଚୀକାନ୍ତ ପୂଜାପଣ୍ଡା, ମଣ୍ଟୁ ପୂଜାପଣ୍ଡା, ବ୍ରାହ୍ମଣ ନିଯୋଗ ସଭାପତି ଶ୍ୟାମସୁନ୍ଦର ମହାପାତ୍ର ସେକ୍ରେଟାରି ବରଞ୍ଜ ନାରାୟଣ ପତି, ଟ୍ରଷ୍ଟି ହେମନ୍ତ ପଣ୍ଡା, ପ୍ରସନ୍ନ ପୂଜାପଣ୍ଡା, ବଡୁ ନିଯୋଗ ସଭାପତି ଅଞ୍ଚଳ ବଡୁ ସମ୍ପାଦକ କମଳାକାନ୍ତ ବଡୁ, ସମର୍ଥା ନିଯୋଗ ସଭାପତି ମାଗା ସମର୍ଥା, ସମ୍ପାଦକ -ପାପୁନି ସମର୍ଥା, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ମାଓବାଦୀ ଦମନ କରିବେ ଆତ୍ମସମର୍ପିତ ସୁଧୀର

ଫୁଲବାଣୀ ଅଫିସ, ୨୩।୨



ପୋଲିସ ପାଖରେ ଆତ୍ମସମର୍ପଣ କରିଥିବା ଦୁର୍ଦ୍ଦାନ୍ତ ମାଓବାଦୀ ଧନଞ୍ଜୟ ଗୋପେ ଓରଫ ସୁଧୀର ଆଣ୍ଟି ନକ୍ସଲ ପିପୁଲ ପିସ୍ ଫୋର୍ସ (ଏଏନ୍‌ପିପିଏଫ)ରେ ଯୋଗ ଦେଇଛନ୍ତି। ସେ ଏଥର ମାଓବାଦୀଙ୍କ ଦମନରେ ସାମିଲ ହେବେ। ବିଶେଷ କରି ପିପୁଲ୍ସ ଲିବେରେଶନ ଗେରିଲା ଆର୍ମି (ପିଏଲ୍‌ଜିଏ) ବିରୋଧରେ ନିଜ କାର୍ଯ୍ୟ ଜାରି ରଖିବେ। ସେହିପରି ମାଓବାଦୀ ଅଧ୍ୟୁଷିତ ଅଞ୍ଚଳରେ ଉନ୍ନୟନମୂଳକ କାର୍ଯ୍ୟ ଉପରେ ମଧ ଜୋର ଦେବେ ବୋଲି ଏଏନ୍‌ପିପିଏଫ୍‌ର ରାଜ୍ୟ ପ୍ରତିଷ୍ଠାତା ଭାରତ ଭୂଷଣ ପ୍ରେସ୍ ବିଜ୍ଞପ୍ତି ଜରିଆରେ ପ୍ରକାଶ କରିଛନ୍ତି।

ସେ ଆହୁରି କହିଛନ୍ତି, ମାଓବାଦୀଙ୍କ ବର୍ତ୍ତମାନ ସ୍ଥିତି ଏବଂ ସେମାନଙ୍କ ଲଢ଼େଇ କୌଶଳକୁ ନଜର କରି ଏଏନ୍‌ପିପିଏଫ ରାଜ୍ୟ ନେତୃତ୍ୱରେ ବହୁତ ପରିବର୍ତ୍ତନ କରିଛି। ଏବେ ଏହାର ଦାୟିତ୍ୱ ଆତ୍ମସମର୍ପିତ ମାଓବାଦୀ ସୁଧୀରଙ୍କୁ ଦିଆଯାଇଛି। ସେ ମାଓବାଦୀଙ୍କ ଗତିବିଧି ଏବଂ ସେମାନଙ୍କ ବିଭିନ୍ନ କାର୍ଯ୍ୟଶୈଳୀ ବିରୋଧରେ ଯୋଜନା କରି କାମ କରିବେ। ଆତ୍ମ ସମର୍ପଣ ପରେ ସୁଧୀର ଦୀର୍ଘଦିନ ଧରି ଏଏନ୍‌ପିପିଏଫ ସମ୍ପର୍କରେ ଥିଲେ। ତାଙ୍କ ଆଗ୍ରହ, ନେତୃତ୍ୱକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି।

ସୂଚନାଯୋଗ୍ୟ, ସୁଧୀର ଦୀର୍ଘ ଦିନ ଧରି ଆନ୍ଧ୍ର ଡିଭିଜିନାଲ କମିଟି ସଦସ୍ୟ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ନାମରେ ବିଭିନ୍ନ ରାଜ୍ୟରେ ୨୭ରୁ ଉର୍ଦ୍ଧ୍ୱ ମାମଲା ରହିଥିଲା। ସୁଧୀରଙ୍କୁ ଧରାଇଲେ ୫ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା ହୋଇଥିଲା। ତେବେ ସେ ୨ବର୍ଷ ତଳେ କୋରାପୁଟ ଡିଆଇଜିଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ। ସରକାରଙ୍କ ପକ୍ଷରୁ ତାଙ୍କୁ ସମସ୍ତ ସୁବିଧା ଯୋଗାଇ ଦିଆଯାଇଥିଲା।



ରାୟଗଡ଼ା ଜିଲା ବିଷମକଟକ ବ୍ଲକ ମୁଣ୍ଡୁବାଲି ଗ୍ରାମ ୮ ନଂ. ବୁଥ୍‌ରେ ବୁଧବାର ଡଙ୍ଗରିଆ ମହିଳାମାନେ ଭୋଟ ଦେବା ପାଇଁ ଅପେକ୍ଷା କରିଛନ୍ତି।

# ସାନି ମତଦାନ: ଭୋଟ ଦେଲେ ଡଙ୍ଗରିଆ

ବିଷମକଟକ,୨୩।୨(ଡି.ଏନ୍.ଏ.)

ରାଜ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶରେ ରାୟଗଡ଼ା ଜିଲା ବିଷମକଟକ ବ୍ଲକ ନିୟମଗିରି ପାଦଦେଶରେ ଥିବା କୁର୍ଲି ପଞ୍ଚାୟତର ମୁଣ୍ଡୁବାଲି ଗ୍ରାମ ୮ ନଂ. ବୁଥ୍‌ରେ ବୁଧବାର ସାନି ମତଦାନ ହୋଇଯାଇଛି। ଡଙ୍ଗରିଆମାନେ ପୂର୍ବରୁ ସାନି ମତଦାନକୁ ବିରୋଧ କରିଥିଲେ ମଧ ପୋଲିସ ଛାଉଣି ଓ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଡଙ୍ଗରିଆମାନେ ଶାନ୍ତିଶୃଙ୍ଖଳାରେ ଭୋଟ ଦେଇଛନ୍ତି।

ସୂଚନାଯୋଗ୍ୟ, ପ୍ରଥମ ପର୍ଯ୍ୟାୟରେ ଭୋଟ ଗ୍ରହଣବେଳେ ରିଗିଂ କରି ୨ ବ୍ୟକ୍ତି ଡଙ୍ଗରିଆଙ୍କ ପାଇଁ ଭୋଟ ଦେଉଥିବା ଭିଡିଓ ସାମ୍ନାକୁ ଆସିଥିଲା। ଏହାପରେ ଜିଲାପାଳଙ୍କ ସୁପାରିସକ୍ରମେ ନିର୍ବାଚନ କମିଶନରଙ୍କ ପକ୍ଷରୁ ସାନି ମତଦାନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସାନି ମତଦାନକୁ ଡଙ୍ଗରିଆମାନେ ବିରୋଧ କରିଥିଲେ। ସୋମବାର ଏବଂ ମଙ୍ଗଳବାର ଗାଁକୁ ଯାଇଥିବା ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କୁ ଗାଁରେ ପୂରାଇଦେଇ ନ ଥିଲେ। ଏମିତିକି ଡଙ୍ଗରିଆମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିରୋଧ କରିବା ସହ ନିର୍ବାଚନ କମିଶନରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ପରେ ମଙ୍ଗଳବାର ରାତିରେ ଜିଲାପାଳଙ୍କ ଉପସ୍ଥିତିରେ ପୋଲିସ ଓ ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କ ସହ ଆଲୋଚନା କରାଯିବା ପରେ ବୁଧବାନ ସାନି ମତଦାନ ହୋଇଥିଲା। ଗୁଣପୁର ଉପଜିଲାପାଳ ସୋନାଲ ଜେନା, ବିଡିଓ ଆଲବର୍ଟ ଲାକ୍‌ଡ଼ା, ତହସିଲଦାର ଶୁଭେନ୍ଦୁ କୁମାର ଜେନା, ଅତିରିକ୍ତ ଏସ୍‌ପି ଅନନ୍ତ ନାରାୟଣ ମହାନ୍ତି, ସ୍ଥାନୀୟ ଏସ୍‌ଡିପିଓ ଆକାଶ କୁମାର ସାହୁ, ବିଷମକଟକ ସମେତ ମୁନିଗୁଡ଼ା ଏବଂ ଅମ୍ବାଦଳା ଥାନାଧିକାରୀ ଏବଂ ପୋଲିସ ଟିମ୍‌ର ଉପସ୍ଥିତିରେ ବୁଧବାର ଭୋଟ ଗ୍ରହଣ ହୋଇଥିଲା। ଶାନ୍ତିଶୃଙ୍ଖଳାର ସହ ଭୋଟ ଗ୍ରହଣ ଚ୍ୟାଲେଞ୍ଜ ହୋଇଥିଲେ ମଧ ଉଭୟ ପୋଲିସ ଓ ପ୍ରଶାସନ ଏଥିରେ ସଫଳ ହୋଇଛନ୍ତି।

ଏହି ବୁଥ୍‌ରେ ୩ଟି ଗାଁର ୫୧୭ ଭୋଟର ରହିଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୪୫୦ରୁ ଉର୍ଦ୍ଧ୍ୱ ମତଦାନ ହୋଇଥିଲା। ସାନି ନିର୍ବାଚନରେ ୨୫୬ ମହିଳା ଏବଂ ୧୭୯ ପୁରୁଷ ମୋଟ ୪୩୫ ଭୋଟର ମତସାବ୍ୟସ୍ତ କରିଛନ୍ତି। ୮୪.୧୩ ପ୍ରତିଶତ ମତଦାନ ହୋଇଥିବା ସୂଚନା ରହିଛି।

### ୭ ବର୍ଷର ନାବାଳିକାଙ୍କୁ ବଳାତ୍କାର

ପଦ୍ମପୁର,୨୩।୨(ଡି.ଏନ.ଏ.)

**ଅଭିଯୁକ୍ତଙ୍କ ସମେତ ୩ ଗିରଫ**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ନାୟକାଣିଡିହୀ ଥାନା ଅଞ୍ଚଳରେ ବୁଧବାର ପୂର୍ବାହ୍ନରେ ଜଣେ ୭ବର୍ଷର ନାବାଳିକାଙ୍କୁ ବଳାତ୍କାର କରାଯାଇଛି। ଏନେଇ ପୀଡ଼ିତାଙ୍କ ବାପାଙ୍କ ଅଭିଯୋଗ କ୍ରମେ ପୋଲିସ ପୋକ୍‌ସୋ ଆକ୍ଟରେ ଏକ ମାମଲା(ନଂ.୫୧/୨୨) ରୁଜୁ କରିଛି। ଘଟଣାର ତଦନ୍ତ କରି ପୋଲିସ ଅଭିଯୁକ୍ତଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଅଭିଯୁକ୍ତ ବିନୟ ସେଠୀ ଓ ତାଙ୍କର ଦୁଇ ସମ୍ପର୍କୀୟ ଦାଦା।

ଅଭିଯୋଗ ଅନୁଯାୟୀ, ପୂର୍ବାହ୍ନରେ ବିନୟ ନାବାଳିକାଙ୍କୁ ମୋବାଇଲ ଦେଖାଇବାକୁ କହି ଘରକୁ ଡାକି ନେଇ ବଳାତ୍କାର କରିଥିଲେ। ନାବାଳିକା କାନ୍ଦି କାନ୍ଦି ଘରକୁ ଯାଇ ତାଙ୍କ ମା'ଙ୍କୁ ଘଟଣା ବିଷୟରେ କହିଥିଲେ। ପୀଡ଼ିତାଙ୍କ ପରିବାର ଲୋକେ ବିନୟଙ୍କ ଘରକୁ ଯାଇ ଏ ସମ୍ପର୍କରେ ପଚାରିବାରୁ ତାଙ୍କର ସମ୍ପର୍କୀୟ ଦୁଇ ଦାଦା ରଡ଼୍‌ରେ ଆକ୍ରମଣ କରିଥିଲେ। ସନ୍ଧ୍ୟାରେ ଅଭିଯୁକ୍ତ ବିନୟ ବାହାର ରାଜ୍ୟକୁ ଖସି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ତାଙ୍କୁ କାବୁ କରିଥିଲା। ଗୁରୁବାର ନାବାଳିକାଙ୍କ ବୟାନ ରେକର୍ଡ ସହ ଉଭୟଙ୍କ ଡାକ୍ତରୀ ମାଇନା ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଥାନାଧିକାରୀ ସୁଶାନ୍ତ କୁମାର ମିଶ୍ର କହିଛନ୍ତି।

# ପ୍ରାଥମିକ ସ୍କୁଲ ଖୋଲିବା ନେଇ ଗାଇଡ୍‌ଲାଇନ

ଭୁବନେଶ୍ୱର, ୨୩।୨(ବ୍ୟୁରୋ)

**୯ରୁ ବେସ୍‌ଲାଇନ୍ ପରୀକ୍ଷା**

ରାଜ୍ୟରେ ଗତ ୧୪ ତାରିଖରୁ ପ୍ରାଥମିକ ସ୍କୁଲ ଖୋଲିଥିବାବେଳେ ଆସନ୍ତା ୨୮ ତାରିଖରୁ ପିଲାମାନେ ସ୍କୁଲ ଯିବେ। ଦୀର୍ଘ ଦୁଇବର୍ଷ ଧରି ପିଲାମାନେ ସ୍କୁଲ ଯାଇ ନ ଥିବାରୁ ଏବେ ସେମାନଙ୍କ ପାଠପଢ଼ା କିପରି ହେବା ଉଚିତ ସେ ନେଇ ବିଭାଗ ପକ୍ଷରୁ ବୁଧବାର ଗାଇଡ୍‌ଲାଇନ ଜାରି କରାଯାଇଛି।

ପ୍ରଥମ ସପ୍ତାହ ପାଠପଢ଼ା ହେବ ନାହିଁ। ଏହି ସମୟରେ ଷ୍ଟୋରୀ ଟେଲିଂ, ଚିତ୍ରାଙ୍କନ, କ୍ଲେ ମଡେଲିଂ ଭଳି ବିଭିନ୍ନ ଆକ୍ଟିଭିଟିରେ ପିଲାଙ୍କୁ ସାମିଲ କରାଯିବ। ସ୍କୁଲ କର୍ତ୍ତୃପକ୍ଷ ଚାହିଁଲେ ନିଜ ବିଦ୍ୟାଳୟରେ ଏହିଭଳି କିଛି ଆକ୍ଟିଭିଟି କରିପାରିବେ। ସେହିଭଳି ଶିକ୍ଷଣ ସ୍ତର ଜାଣିବା ପାଇଁ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ବେସ୍‌ଲାଇନ୍ ଆସେସ୍‌ମେଣ୍ଟ କରାଯିବ। ଓଡ଼ିଆ, ଗଣିତ ଓ ଇଂଲିଶ ଆଦି ତିନୋଟି ବିଷୟରେ ପରୀକ୍ଷା ହେବ। ମାର୍ଚ୍ଚ ୯ରୁ ହେବାକୁ ଥିବା ଏହି ପରୀକ୍ଷା ପାଇଁ ଟିଇଆଣ୍ଡଏସ୍‌ସିଇଆର୍‌ଟି ପ୍ରଶ୍ନପତ୍ର ପ୍ରସ୍ତୁତ କରିବ। ପ୍ରଥମ ଦିନ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଓଡ଼ିଆ, ୧୦ ତାରିଖରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଗଣିତ ଏବଂ ୧୧ ତାରିଖରେ ଚତୁର୍ଥ ଓ ପଞ୍ଚମ ଶ୍ରେଣୀ ପିଲାଙ୍କ ଇଂଲିଶ ବିଷୟରେ ପରୀକ୍ଷା ହେବ। ପିଲାଙ୍କ ଶତ ପ୍ରତିଶତ ଉପସ୍ଥାନ ପାଇଁ ସ୍କୁଲ ଖୋଲିବା ପୂର୍ବରୁ ଗ୍ରାମାଞ୍ଚଳ ସ୍ତରରେ ସଚେତନତା କାର୍ଯ୍ୟକ୍ରମ କରାଯିବ। ଏଥିରେ ଏସ୍‌ଏମ୍‌ସି ଓ ସିଆର୍‌ସି ସାମିଲ ହେବେ। ସେହିଭଳି ସ୍କୁଲ ଖୋଲିବା ପୂର୍ବରୁ ୨୬ ତାରିଖରେ ଅଭିଭାବକ ଶିକ୍ଷକ ବୈଠକ ଅନୁଷ୍ଠିତ ହେବ। ସ୍କୁଲ ତରଫରୁ କ'ଣ ପଦକ୍ଷେପ ନିଆଯାଇଛି, କ'ଣ କ'ଣ ଆକ୍ଟିଭିଟି କରାଯିବ, ସେ ନେଇ ସମସ୍ତ ସୂଚନା ଅଭିଭାବକଙ୍କୁ ଦେବା ପାଇଁ କୁହାଯାଇଛି। ଏଥି ସହିତ ପିଲାଙ୍କ ବିକାଶ ପାଇଁ ଅଭିଭାବକଙ୍କ ଭୂମିକା ନେଇ ମଧ ଆଲୋଚନା କରାଯିବ। ପିଲାଙ୍କୁ ସ୍କୁଲ ପ୍ରତି ଆକୃଷ୍ଟ କରିବା ପାଇଁ ସ୍କୁଲ ପରିସର ସଫାସୁତୁରା କରିବା ସହିତ ସାନିଟାଇଜ କରାଯିବ ଏବଂ ସ୍କୁଲର ପ୍ରବେଶ ଦ୍ୱାରକୁ ବେଲୁନରେ ସଜାଯିବ। ପିଲାଙ୍କ ଉପରେ ଫୁଲ ପକାଇ ସ୍ୱାଗତ କରିବାକୁ କୁହାଯାଇଛି। ସ୍କୁଲ ସୁରକ୍ଷା, ସଫା ରଖିବା, ପରିଚାଳନା ଆଦି ବିଭିନ୍ନ ଦିଗକୁ ନେଇ ଆସନ୍ତା ୨୫ରୁ ୨୮ ତାରିଖ ପର୍ଯ୍ୟନ୍ତ ଏସ୍‌ଏମ୍‌ସିଙ୍କ ଟ୍ରେନିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଉକ୍ତ ଗାଇଡ୍‌ଲାଇନ୍‌ରେ ଉଲ୍ଲେଖ କରାଯାଇଛି।

# ବିଡିଓଙ୍କୁ ୪ କି.ମି. ଚଲାଇଲେ

**ଭୋଟର ଲିଷ୍ଟରେ ନାଁ ନ ଥିବାରୁ ପ୍ରତିବାଦ**

ପାତ୍ରପୁର, ୨୩।୨(ଡି.ଏନ.ଏ.)

ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ତୁମ୍ବା ପଞ୍ଚାୟତ ଅନ୍ତର୍ଗତ ଧାଡ଼ିଆମ୍ବ ଗ୍ରାମର ୨୫ ପରିବାରଙ୍କ ଭୋଟର ତାଲିକାରେ ନାଁ ନ ଥିବାରୁ ବୁଧବାର ସେମାନେ ବିଡିଓ ପ୍ରକାଶ ଚନ୍ଦ୍ର ଦାସଙ୍କୁ ଅଟକ ରଖିଥିଲେ। ଗତ ୨୦ ତାରିଖ ତୃତୀୟ ପର୍ଯ୍ୟାୟ ଭୋଟ୍ ସମୟରେ ସମ୍ପୃକ୍ତ ପରିବାରଗୁଡ଼ିକ ପୋଲିଂ ଦଳକୁ ଅଟକ ରଖିଥିଲେ। ତହସିଲଦାର ଅମିତ କୁମାର ନାୟକ ଘଟଣାସ୍ଥଳକୁ ଯିବାରୁ ତାଙ୍କୁ ମଧ ୪ ଘଣ୍ଟା ଅଟକ ରଖିଥିଲେ । ଜିଲାପାଳଙ୍କୁ ଅବଗତ ପରେ ଦୁଇ ଦିନ ମଧ୍ୟରେ ପୁନଃ ଭୋଟ ଗ୍ରହଣ ହେବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଆଦିବାସୀମାନେ ପୋଲିଂ ଅଧିକାରୀ ଓ ତହସିଲଦାରଙ୍କୁ ଛାଡ଼ିଥିଲେ। ଏହି ଘଟଣାକୁ ୩ ଦିନ ବିତିଥିଲେ ବି ପ୍ରଶାସନ ପୁନଃ ମତଦାନ କରିଲା ନାହିଁ। ଏଥିରେ ଅସନ୍ତୋଷ ହୋଇ ଧାଡ଼ିଆମ୍ବ ଗ୍ରାମବାସୀ ତହସିଲ ଓ ବ୍ଲକକୁ ଆସିଥିଲେ। କାର୍ଯ୍ୟାଳୟରେ କୌଣସି ଅଧିକାରୀଙ୍କୁ ନ ପାଇ ଗାଁକୁ ଫେରୁଥିବା ବେଳେ ବିଡିଓ ନିକଟସ୍ଥ ଗ୍ରାମକୁ ଯାଇଥିବା ଜାଣି ତାଙ୍କ ଫେରିବା ଯାଏ ରାସ୍ତା ଉପରେ ଠିଆ ହୋଇ ରହିଥିଲେ । ତୁମ୍ବା ବିଦ୍ୟାଳୟ ରୂପାନ୍ତୀକରଣ କାର୍ଯ୍ୟ ଦେଖି ଫେରିବା ବାଟରେ ଗୋପୀନାଥପୁର ଛକରୁ ବିଡିଓଙ୍କୁ ପ୍ରାୟ ଚାରି କିଲୋମିଟର ଚଲାଇ ଚଲାଇ ଧାଡିଆମ୍ବ ଗ୍ରାମକୁ ଆଣିଥିଲେ । ଭୋଟ ତାଲିକାରୁ କିଭଳି ନାମ କଟିଲା ପଚାରି ଅଟକ ରଖିଥିଲେ। ଜରଡ଼ା ଆଇଆଇସି ଭାବନାନନ୍ଦ ପ୍ରଧାନ ଓ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଆଦିବାସୀଙ୍କ ସହ ଆଲୋଚନା କରିଥିଲେ। ଉପଜିଲାପାଳ ଓ ଅଧିକ ପୋଲିସ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଥିଲେ । ଭୋଟ ତାଲିକାରେ ନାମ ଯୋଡ଼ିବା ସହ ସମସ୍ତ ମୌଳିକ ସୁବିଧାରୁ କେହି ବଞ୍ଚିତ ହେବେ ନାହିଁ ବୋଲି ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲା। ଏଥିସହ ବ୍ଲକ ପଦାଧିକାରୀ ଓ ପୋଲିସ ସହ ଗ୍ରାମବାସୀଙ୍କ ମଧ୍ୟରେ ଆପୋସ ବୁଝାମଣା ସହ ଏକ ଲିଖିତ ଚୁକ୍ତିନାମା ଦେବା ପରେ ବିଡିଓଙ୍କୁ ଗ୍ରାମବାସୀ ଛାଡ଼ିଥିଲେ।



ଭୋଟ ତାଲିକାରେ ନାଁ ନଥିବା ଧାଡ଼ିଆମ୍ବ ଗ୍ରାମର ୨୫ ପରିବାର ପ୍ରତିବାଦ କରୁଛନ୍ତି।

# ନିର୍ବାଚନ ହିଂସାମୁକ୍ତ କରିବାରେ ପୋଲିସ ବିଫଳ

- ଡିଜିପିଙ୍କ ନିକଟରେ ଭାଜପା ପ୍ରତିନିଧିମଣ୍ଡଳୀର ଅଭିଯୋଗ
- ଅସୁରକ୍ଷିତ ମଣି ଭୋଟ ଦେଇପାରୁନାହାନ୍ତି ଭୋଟର
- ରାଜ୍ୟବାସୀଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦିଆଯାଉ

କଟକ ଅଫିସ, ୨୩।୨



ଭାଜପାର ପ୍ରତିନିଧିମଣ୍ଡଳୀ ଡିଜିପିଙ୍କୁ ଭେଟି ଫେରୁଛନ୍ତି।

ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନବେଳେ ହିଂସାକାଣ୍ଡ ଭୟଙ୍କର ହୋଇଛି। ନିର୍ବାଚନ ସମୟରେ ଭୋଟ ବାକ୍ସ ନେଇଯିବା, ବାଲଟ ପେପର ଚିରିବା, ବୁଥ୍ ଜବରଦଖଲ, ଭୋଟ ବାକ୍ସ ଫିଙ୍ଗିବା, ମାରପିଟ, ଗୋଷ୍ଠୀ ସଂଘର୍ଷ, ଖବରଦାତାଙ୍କୁ ମାଡ଼ ଭଳି ଅନେକ ଘଟଣା ଘଟିଛି। ପୋଲିସର ନିଷ୍କ୍ରିୟତା ଯୋଗୁ ଏଭଳି ଘଟଣା ଘଟିଛି ବୋଲି ଭାଜପାର ଏକ ପ୍ରତିନିଧିମଣ୍ଡଳୀ ଡିଜିପି ସୁନୀଲ କୁମାର ବଂଶଲଙ୍କ ନିକଟରେ ବୁଧବାର ଅଭିଯୋଗ କରିଛି। ଏଥିସହ ପୋଲିସ ନିରପେକ୍ଷତା ବଜାୟ ରଖି ରାଜ୍ୟବାସୀଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେବାକୁ ଭାଜପା ପ୍ରତିନିଧି ଦଳ ଡିଜିପିଙ୍କ ନିକଟରେ ଦାବି କରିଛି। ଭାଜପା ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର କହିଛନ୍ତି, ପଞ୍ଚାୟତ ନିର୍ବାଚନକୁ ଶୃଙ୍ଖଳିତ, ଅବାଧ ଓ ହିଂସାମୁକ୍ତ କରିବାରେ ପୋଲିସର ଅବହେଳା କାରଣରୁ ଗଣତନ୍ତ୍ର ଏବେ ବିପଦଗାମୀ ହୋଇଛି। ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀ ଓ ପୋଲିସ ଏକ ନିର୍ଦ୍ଦିଷ୍ଟ ଦଳ ସପକ୍ଷରେ କାର୍ଯ୍ୟ କରୁଛନ୍ତି । ପୋଲିସର ଏଭଳି ପକ୍ଷପାତିତା କାରଣରୁ ସାଧାରଣ ଭୋଟର ନିଜକୁ ଅସୁରକ୍ଷିତ ମଣି ଭୋଟ ଦେଇପାରୁନାହାନ୍ତି। ଏଥିସହ ସାଧାରଣ ଜନତାଙ୍କର ପୋଲିସ ଉପରୁ ଭରସା ତୁଟୁଛି। ଏଣୁ ଆଇନ ଭଙ୍ଗକାରୀ ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବକ୍ସିପାତ୍ର ଦାବି କରିଛନ୍ତି । କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟରେ ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ ଓ ସୁରମା ପାଢ଼ୀ, ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ, ରାଜ୍ୟ ମୁଖପାତ୍ର ଠାକୁର ରଣଜିତ୍ ଦାସ, ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ, ସଂଖ୍ୟାଲଘୁ ମୋର୍ଚ୍ଚା ରାଜ୍ୟ ସଭାପତି ସିକନ୍ଦର ଅଲ୍ଲୀ ଓ ଭାଜପା କଟକ ଜିଲା ସଭାପତି ଲଲାଟେନ୍ଦୁ ବଡୁ ପ୍ରମୁଖ ଡିଜିପିଙ୍କୁ ଭେଟିଥିଲେ।

## ଭାରତ-ଶ୍ରୀଲଙ୍କା ଟି୨୦ ସିରିଜ ଆଜିଠାରୁ

**ଲକ୍ଷ୍ନୌ, ୨୩।୨(ପି.ଟି.)**

ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ୩ ମ୍ୟାଚ ବିଶିଷ୍ଟ ଟି୨୦ କ୍ରିକେଟ ସିରିଜ ଗୁରୁବାର ଏଠାରେ ଆରମ୍ଭ ହେବ। ଚଳିତ ବର୍ଷ ଆଇସିସି ଟି୨୦ ବିଶ୍ୱକପ ହେବାର ଥିବାରୁ ଭାରତ ନିକଟରେ ପରୀକ୍ଷାନିରୀକ୍ଷା କରିବାର ସୁଯୋଗ ରହିଛି। ନିକଟରେ ଶେଷ ହୋଇଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ଟି୨୦ ସିରିଜକୁ ଭାରତ ୩-୦ରେ କ୍ଲିନ୍ ସୁଇପ୍ କରିଥିଲା। ସେହି ପ୍ରଦର୍ଶନ ବଜାୟ ରଖି ଶ୍ରୀଲଙ୍କା ବିପକ୍ଷରେ ଆଧିପତ୍ୟ ବିସ୍ତାର ଲକ୍ଷ୍ୟରେ ରହିଛି ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ। ଆସନ୍ତା ଅକ୍ଟୋବର-ନଭେମ୍ବରରେ ଅଷ୍ଟ୍ରେଲିଆରେ ବିଶ୍ୱକପ ହେବାକୁ ଯାଉଥିବାରୁ ଭାରତ ଅଧିକରୁ ଅଧିକ ଖେଳାଳିଙ୍କୁ ସୁଯୋଗ ଦେବା ଲକ୍ଷ୍ୟରେ ରହିଛି। ପ୍ରତିଷ୍ଠିତ ଖେଳାଳି ବିରାଟ କୋହଲି, ରିଷଭ ପନ୍ତ, ଲୋକେଶ ରାହୁଲ ଓ ସୂର୍ଯ୍ୟକୁମାର ଯାଦବଙ୍କ ଅନୁପସ୍ଥିତିରେ ଇଶାନ କିଶନ, ଋତୁରାଜ ଗାଏକ୍ୱାଡ ଓ ସଞ୍ଜୁ ସାମସନଙ୍କ ପାଇଁ ଦକ୍ଷତା ଦେଖାଇବାର ସୁବର୍ଣ୍ଣ ସୁଯୋଗ ସୃଷ୍ଟି ହୋଇଛି।

କୋହଲିଙ୍କୁ ବିଶ୍ରାମ ଦିଆଯିବା ଅର୍ଥ ଶ୍ରେୟାସ ଆୟାର ଅଧିକରୁ ଅଧିକ ଓଭର ଖେଳିବା ସୁଯୋଗ ପାଇବେ। ଫଳରେ ସୀମିତ ଓଭର କ୍ରିକେଟ ପାଇଁ ମିଡିଲ ଅର୍ଡରରେ ସ୍ଥାନ ପକ୍କା କରିବା ଲକ୍ଷ୍ୟରେ ସେ ରହିବେ। ତେବେ ପୂର୍ବତନ ଅଧିନାୟକ କୋହଲି ବିଶ୍ୱକପ ବେଳକୁ ୩ ନମ୍ବର ସ୍ଥାନକୁ ଫେରିବା ଯଥେଷ୍ଟ ସମ୍ଭାବନା ରହିଛି। ଗାଏକ୍ୱାଡ ଓ ଆୟାର ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜରେ ପ୍ରଭାବୀ ପ୍ରଦର୍ଶନ କରିପାରି ନ ଥିଲେ। ତେଣୁ ଶ୍ରୀଲଙ୍କା ବିପକ୍ଷ ସିରିଜରେ ଉଭୟ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଉଦ୍ୟମ କରିବେ।




ବୁଧବାର ଅଭ୍ୟାସ ଅବସରରେ ଶ୍ରୀଲଙ୍କାର ଚାମିକା କରୁଣାରତ୍ନେ ଏବଂ ଭାରତୀୟ ଖେଳାଳି।

ଗତ ସିରିଜରେ ଜଣେ ଯୁବ ଖେଳାଳି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସଫଳ ହୋଇଥିଲେ। ସେ ହେଉଛନ୍ତି ଭେଙ୍କଟେଶ ଆୟାର। ମ୍ୟାଚ ଫିନିଶ୍ କରିବାର ଦକ୍ଷତା ତାଙ୍କଠାରେ ଅଛି ବୋଲି ସେ ପ୍ରମାଣିତ କରିଛନ୍ତି। ଯଦି ସେ ନିଜ ବୋଲିଂରେ ଉନ୍ନତି ଆଣନ୍ତି ତେବେ ଆଗକୁ ଜଣେ ବିଶ୍ୱସ୍ତରୀୟ ଅଲ୍‌ରାଉଣ୍ଡର ହୋଇପାରିବେ। ସୂର୍ଯ୍ୟକୁମାର ଯାଦବ ଓ ଦୀପକ ଚହର ଆହତ ସମସ୍ୟା ଯୋଗୁ ସିରିଜରୁ ଓହରି ଯାଇଛନ୍ତି। ତେଣୁ ଭାରତର ବ୍ୟାଟିଂ ସମୟରେ ଭେଙ୍କଟେଶ୍‌ଙ୍କ ଉପରେ ଅଧିକ ଗୁରୁଦାୟିତ୍ୱ ରହିବ। ସଞ୍ଜୁ ସାମସନଙ୍କୁ ଦଳରେ ସାମିଲ କରାଯାଇଛି। ତେବେ ଟିମ୍ ମ୍ୟାନେଜମେଣ୍ଟ ତାଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରୁଛି କି ନାହିଁ ତାହା ଦେଖିବାକୁ ବାକି ରହିଛି।

ଭାରତୀୟ ବୋଲିଂ ବିଭାଗ ଦେଖିବାକୁ ଗଲେ ସ୍ପିନର ରବି ବିଷ୍ଣୋଇ ୱେଷ୍ଟଇଣ୍ଡିଜ ବିପକ୍ଷ ନିଜର ପ୍ରଥମ ଟି୨୦ ସିରିଜରେ ପ୍ରଭାବିତ କରି ପାରିଛନ୍ତି। ତେଣୁ ସେ ସେହି ମୋମେଣ୍ଟମ ବଜାୟ ରଖିବା ଆଶା ରହିଛି। ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ଦଳକୁ ଫେରିଛନ୍ତି। ତେଣୁ ବୁମ୍‌ରା, ଭୁବନେଶ୍ୱର କୁମାର ଓ ମହମ୍ମଦ ସିରାଜଙ୍କୁ ନେଇ ଭାରତର ପେସ୍ ବିଭାଗ ବେଶ୍ ଶାଣିତ ରହିବ। ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜର ଡେଥ୍ ଓଭରରେ ଚମତ୍କାର ବୋଲିଂ କରି ଭୁବନେଶ୍ୱର ଆତ୍ମବିଶ୍ୱାସକୁ ଦୃଢ଼ କରିଛନ୍ତି। ଅଷ୍ଟ୍ରେଲିଆରେ ଟି୨୦ ବିଶ୍ୱକପ ୮ ମାସରୁ କମ୍ ସମୟ ରହିଥିବାରୁ ଦଳ ଗଠନକୁ ନେଇ ତାଙ୍କର ଓ ଅଧିନାୟକ ରୋହିତଙ୍କ ଆଭିମୁଖ୍ୟ ସ୍ପଷ୍ଟ ବୋଲି ନିକଟରେ କୋଚ୍ ରାହୁଲ ଦ୍ରାବିଡ ପ୍ରକାଶ କରିଥିଲେ। ''ଏଥିପାଇଁ କିଛି ସେଟ୍ ଫର୍ମୁଲା ନାହିଁ। ତେବେ ଟି୨୦ ବିଶ୍ୱକପ ପାଇଁ ଦଳୀୟ ସନ୍ତୁଳନକୁ ଆମେ ଗୁରୁତ୍ୱ ଦେଉଛୁ। ବ୍ୟକ୍ତିଗତଭାବେ ସମସ୍ତ ଖେଳାଳିଙ୍କୁ କାର୍ଯ୍ୟଭାରକୁ ଦୃଷ୍ଟିରେ ରଖି ଦଳ ଗଠନ ପ୍ରକ୍ରିୟା ଆରମ୍ଭ ହୋଇଛି'' ବୋଲି ଦ୍ରାବିଡ କହିଥିଲେ।

ଶ୍ରୀଲଙ୍କା ଦୃଷ୍ଟିକୋଣରୁ ଦେଖିଲେ ବ୍ୟାଟିଂ ବିଫଳତା ହିଁ ଏହି ଦଳର ମୁଖ୍ୟ ଦୁର୍ବଳତା। ଏଥିପାଇଁ ଅଷ୍ଟ୍ରେଲିଆ ନିକଟରୁ ଦଳ ୧-୪ରେ ସିରିଜ ହାରିଥିଲା। ଭାରତ ବିପକ୍ଷରେ ଦଳଗତ ଭାବେ ବ୍ୟାଟିଂ କ୍ଲିକ୍ କରିବ ବୋଲି ଅଧିନାୟକ ଦସୁନ ଶନକା ଆଶା ରଖିଛନ୍ତି। କୋଭିଡ୍-୧୯ ପଜିଟିଭ୍ ଯୋଗୁ ତାରକା ସ୍ପିନର ୱାନିନ୍ଦୁ ହସରଙ୍ଗା ସିରିଜରୁ ଓହରି ଯାଇଛନ୍ତି। ତେଣୁ ଅନ୍ୟ ବୋଲରଙ୍କୁ ଗୋଟିଏ ୟୁନିଟରେ ଖେଳିବାକୁ ହେବ।

**ଭାରତୀୟ ଦଳ:** ରୋହିତ ଶର୍ମା (ଅଧିନାୟକ), ଋତୁରାଜ ଗାଏକ୍ୱାଡ, ଶ୍ରେୟାସ ଆୟାର, ସଞ୍ଜୁ ସାମ୍‌ସନ, ଇଶାନ କିଶନ, ଭେଙ୍କଟେଶ ଆୟାର, ଦୀପକ ହୁଡା, ରବୀନ୍ଦ୍ର ଜାଡେଜା, ୟୁଜବେନ୍ଦ୍ର ଚହଲ, ରବି ବିଷ୍ଣୋଇ, କୁଲଦୀପ ଯାଦବ, ମହମ୍ମଦ ସିରାଜ, ଭୁବନେଶ୍ୱର କୁମାର, ହର୍ଷଲ ପଟେଲ, ଯଶପ୍ରୀତ୍ ବୁମ୍‌ରା, ଆଭେଶ ଖାଁ।

**ଶ୍ରୀଲଙ୍କା ଦଳ:** ଦସୁନ ଶନକା (ଅଧିନାୟକ), ପଥୁମ ନିସଙ୍କା, କୁସାଲ ମେଣ୍ଡିସ, ଚରିଥ ଆସାଲଙ୍କା, ଦୀନେଶ ଚଣ୍ଡିମଲ, ଦନୁସ୍କା ଗୁଣତିଲକା, କାମିଲ ମିଶରା, ଜନିଥ ଲିୟାନାଗେ, ଚାମିକା କରୁଣାରତ୍ନେ, ଦୁଷ୍ମନ୍ତ ଚାମିରା, ଲାହିରୁ କୁମାରା, ବିନୁରାଜ ଫର୍ନାଣ୍ଡୋ, ଶିରନ ଫର୍ନାଣ୍ଡୋ, ମହେଶ ଥିକସାନା, ଜେଫ୍ରି ଭାଣ୍ଡେରସେ, ପ୍ରବୀଣ ଜୟବିକ୍ରମା, ଆଶିଆନ ଡାନିଏଲ।

**ମ୍ୟାଚ ଆରମ୍ଭ: ରାତି ୭ଟା**

## ୨୦୦ ମିଟର ଫାଇନାଲରେ ଦୂତୀ, ମଧୁମିତା

**ଭୁବନେଶ୍ୱର, ୨୩।୨ (କ୍ରୀଡ଼ା ପ୍ରତିନିଧି)**

କିଟ୍ ଓ କିସ୍‌ର ଆଥ୍‌ଲେଟିକ ଷ୍ଟାଡିୟମରେ ଚାଲିଥିବା ୮୧ତମ ସର୍ବଭାରତୀୟ ମହିଳା ଆଥ୍‌ଲେଟିକ ଚାମ୍ପିୟନଶିପ୍‌ର ୨୦୦ ମିଟର ଫାଇନାଲରେ ପ୍ରବେଶ କରିଛନ୍ତି ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ ଓ ମଧୁମିତା ଦେବ। ଉଭୟ ଖେଳାଳି ପ୍ରତିଯୋଗିତାରେ କିଟ୍ ବିଶ୍ୱବିଦ୍ୟାଳୟରୁ ପ୍ରତିନିଧିତ୍ୱ କରୁଛନ୍ତି। ଏଥିସହ ଦୂତୀ ଓ ମଧୁମିତା ୨ୟ ଖେଲୋ ଇଣ୍ଡିଆ

**ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ଆଥଲେଟିକ୍ସ**

ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପାଇଁ ମଧ୍ୟ ଯୋଗ୍ୟତା ଅର୍ଜନ କରିଛନ୍ତି। ବୁଧବାର ଅନୁଷ୍ଠିତ ରେସ୍‌ରେ ମଧୁମିତା ୨୪.୪୪ ଓ ଦୂତୀ ୨୪.୫୨ ସେକେଣ୍ଡ ସମୟ ନେଇଥିଲେ। ୨୦୦ ମିଟର ଫାଇନାଲ ଗୁରୁବାର ଅନୁଷ୍ଠିତ ହେବ। ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ମଙ୍ଗଳବାର ୧୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ ଅଲିମ୍ପିଆନ ଦୂତୀ । ସେ ୧୧.୪୪ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଥିଲେ। ତୃତୀୟ ଦିବସରେ ଅନୁଷ୍ଠିତ ଅନ୍ୟ ରେସ୍‌ଗୁଡ଼ିକ ମଧ୍ୟରେ ୧୦୦ ମିଟର ହର୍ଡଲ୍ସରେ ୱାଇ. ଜ୍ୟୋତି, ଅପର୍ଣ୍ଣା ରୟ ଓ ଏସ୍. ନନ୍ଦିନୀ ପ୍ରଥମ ୩ ସ୍ଥାନ ଅଧିକାର କରିଥିଲେ। ହେପ୍‌ଟାଥଲନରେ ତନୁ ୫୦୦୨, ଅପର୍ଣ୍ଣା ରୟ ୪୯୨୦ ଓ ମାରିୟା ଥୋମାସ ୪୪୯୧ ପଏଣ୍ଟ ପାଇ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଥିଲେ। ପୋଲଭଲ୍ଟରେ ଭି. ପବିତ୍ରା ୪.୦୦, ପୂଜା ୩.୯୫ ଓ ଦିବ୍ୟା ମୋହନ ୩.୮୦ ମିଟର କ୍ଲିୟର କରି ପୋଡିୟମ ମଣ୍ଡନ କରିଥିଲେ। ଡିସ୍‌କସ୍ ଫାଇନାଲରେ ଗ୍ରିମା ୪୮.୫୨, ତନୁଜା ୪୭.୦୩ ଓ ଶାଳିନୀ ଚୌଧାରୀ ୪୬.୪୨ ମିଟର ଦୂରକୁ ଥ୍ରୋ କରି ପ୍ରଥମ ତିନିସ୍ଥାନ ଅଧିକାର କରିଥିଲେ। ୪x୧୦୦ ମିଟର ମିକ୍ସଡ ରିଲେରେ ମାଙ୍ଗାଲୋର ବିଶ୍ୱବିଦ୍ୟାଳୟ ପ୍ରଥମ, ମହାତ୍ମା ଗାନ୍ଧୀ ବିଶ୍ୱବିଦ୍ୟାଳୟ ଦ୍ୱିତୀୟ ଓ ପଞ୍ଜାବ ବିଶ୍ୱବିଦ୍ୟାଳୟ ଚଣ୍ଡିଗଡ଼ ତୃତୀୟ ସ୍ଥାନ ଅଧିକାର କରିଛି।




ବୁଧବାର ରେସ୍ ଅବସରରେ ଦୂତୀ ଚାନ୍ଦ ଓ ମଧୁମିତା ଦେବ।

## ତରୁଣ କୁମାରଙ୍କୁ ସ୍ୱର୍ଣ୍ଣ ପଦକ

**ଭୁବନେଶ୍ୱର, ୨୩।୨ (କ୍ରୀଡ଼ା ପ୍ରତିନିଧି)**

ପୁଡୁଚେରୀଠାରେ ୨୨ ଓ ୨୩ ଦୁଇଦିନଧରି ୧୨ତମ ଜୁନିୟର, ମାଷ୍ଟର୍ସ, ଦିବ୍ୟାଙ୍ଗ ଏବଂ ମହିଳା ସ୍ପୋର୍ଟ୍ସ ମଡେଲ ଫିଜିକ୍ ସର୍ବଭାରତୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହାର ୬୦ ବର୍ଷରୁ ଊର୍ଦ୍ଧ୍ୱ ମାଷ୍ଟର୍ସ ବିଭାଗରେ ଓଡ଼ିଶାର ତରୁଣ କୁମାର ଚାଟାର୍ଜୀ ପ୍ରଥମ ସ୍ଥାନ ଅଧିକାର ସହ ସ୍ୱର୍ଣ୍ଣ

**ସର୍ବଭାରତୀୟ ସୁନ୍ଦରସ୍ୱାସ୍ଥ୍ୟ**

ପଦକ ପାଇ ସର୍ବଭାରତୀୟ ପ୍ରତିଯୋଗିତାରେ ରାଜ୍ୟକୁ ଗର୍ବିତ କରିଛନ୍ତି। ଓଡ଼ିଶା ବଡିବିଲ୍ଡିଂ ଆସୋସିଏଶନ ସଭାପତି ସୁମିତ୍ରା ତ୍ରିପାଠୀ ଏହି ପ୍ରତିଯୋଗିତାରେ ଅଫିସିଆଲ ଭାବେ ଯୋଗ ଦେଇଥିଲେ। ଗତବର୍ଷ ଏହି ପ୍ରତିଯୋଗିତାରେ ତରୁଣ କୁମାର ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଥିଲେ। ଏଥର ପ୍ରଦର୍ଶନରେ ଉନ୍ନତି ଆଣି ସ୍ୱର୍ଣ୍ଣ ପଦକ ପାଇଥିବାରୁ ରାଜ୍ୟ ଆସୋସିଏଶନ ସଭାପତି ସୁମିତ୍ରା, ସମ୍ପାଦକ ପ୍ରସନ୍ନ ମହାସୁଆର ଏବଂ ଅନ୍ୟ ସମସ୍ତ କର୍ମକର୍ତ୍ତା ତରୁଣ କୁମାରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ତରୁଣ କୁମାର ଚାଟାର୍ଜୀ।

## କଟକ ନିମପୁର ସ୍ପୋର୍ଟ୍ସ କ୍ଲବ ଚାମ୍ପିୟନ




ଚାମ୍ପିୟନ ନିମପୁର ସ୍ପୋର୍ଟ୍ସ କ୍ଲବର ଖେଳାଳିମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ।

**କେନ୍ଦ୍ରାପଡ଼ା ଅଫିସ, ୨୩।୨**

କେନ୍ଦ୍ରାପଡ଼ା ସହର ଟାଉନ ସ୍କୁଲରେ ଗତ ୧୨ ତାରିଖରୁ ଆରମ୍ଭ ହୋଇଥିବା ଅନୱାର ମେମୋରିଆଲ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ଶେଷ ହୋଇଛି। ଫାଇନାଲ ମ୍ୟାଚରେ କଟକ ନିମପୁର କ୍ରିକେଟ କ୍ଲବ ୪ ଉଇକେଟରେ ପାରାଦୀପ କ୍ରିକେଟ କ୍ଲବକୁ ହରାଇ ଚାମ୍ପିୟନ ହୋଇଛି। ପାରାଦୀପ କ୍ଲବ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୮ ଉଇକେଟ

**ଅନୱାର ମେମୋରିଅଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

ହରାଇ ୧୬୬ ରନ କରିଥିଲା। ଜବାବରେ ନିମପୁର କ୍ଲବ ମୋଟ ୬ ଉଇକେଟ ହରାଇ ୧୬୯ ରନ କରିଥିଲା। ବିଜୟୀ ଦଳଙ୍କୁ ମୁଖ୍ୟଅତିଥି ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳ, ସମ୍ମାନିତ ଅତିଥି କେନ୍ଦ୍ରାପଡା କ୍ରିକେଟ ଆସୋସିଏଶନର ସମ୍ପାଦକ ସୁବାଶିଷ ସେନାପତି, ସାମାଜିକ କର୍ମୀ ମାନସ ସାହୁ, କ୍ରୀଡାବିତ ସଫାତୁଲ୍ଲା ଟ୍ରଫି ପ୍ରଦାନ କରିଥିଲେ। ଏହି ଖେଳରେ ପ୍ଲାବନ ସ୍ୱାଇଁ, ବିଶ୍ୱଜିତ ଅଧିକାରୀ ଅମ୍ପାୟର ଥିଲେ। ରୟାଲ ଆଥ୍‌ଲେଟିକ କ୍ଲବ ସଦସ୍ୟ ସେକ୍ ସଲିମଉଦ୍ଦିନ, ଆକବର ଅଲ୍ଲୀ ଖାନ, ସେକ ମୁଜାଫର ହୋସେନ, ଶୁଭେନ୍ଦୁ ରଞ୍ଜନ ଜେନା, ସୟଦ ମୋକିତ, କେନ୍ଦ୍ରାପଡ଼ା ଆଥ୍‌ଲେଟିକ କ୍ଲବର ସୌକତ ଅଲ୍ଲୀ ପ୍ରମୁଖ ଖେଳକୁ ପରିଚାଳନା କରିଥିଲେ।

## ୧୧ତମ ସ୍ଥାନରେ ରହିଲେ ପ୍ରଜ୍ଞାନନ୍ଦ

**ଚେନ୍ନାଇ, ୨୩।୨ (ପି.ଟି.):** ଏୟାରଥିଙ୍ଗ୍ସ ମାଷ୍ଟର୍ସ ଅନ୍‌ଲାଇନ୍ ର୍‌ୟାପିଡ୍ ଚେସ୍ ଟୁର୍ନାମେଣ୍ଟର ପ୍ରାରମ୍ଭିକ ପର୍ଯ୍ୟାୟ ୧୫ତମ ତଥା ଶେଷ ରାଉଣ୍ଡରେ ରୁଷିଆର ଭ୍ଲାଡିସ୍ଲାଭ ଆର୍ଟିମିଏଭଙ୍କୁ ପରାସ୍ତ କରିବା ସତ୍ତ୍ୱେ ଭାରତୀୟ ଗ୍ରାଣ୍ଡମାଷ୍ଟର ଆର. ପ୍ରଜ୍ଞାନନ୍ଦ କ୍ୱାର୍ଟର ଫାଇନାଲ ପ୍ରବେଶରୁ ବଞ୍ଚିତ ହୋଇଛନ୍ତି। ପ୍ରଜ୍ଞାନନ୍ଦ ବୁଧବାର ପ୍ରଥମ ମ୍ୟାଚ ଅର୍ଥାତ୍ ୧୩ତମ ରାଉଣ୍ଡକୁ ଜର୍ମାନୀର ଭିନସେଣ୍ଟ କେମରଙ୍କ ବିପକ୍ଷରେ ଡ୍ର ରଖିଥିଲେ। ମାତ୍ର ୧୪ତମ ରାଉଣ୍ଡରେ ଆମେରିକାର ହନ୍ସ ମୋକୋ ନିଏମାନଙ୍କଠାରୁ ହାରି ଥିଲେ। ୮ମ ରାଉଣ୍ଡରେ ପ୍ରଜ୍ଞାନନ୍ଦ ବିଶ୍ୱଚାମ୍ପିୟନ ମ୍ୟାଗ୍ନସ କାର୍ଲସେନଙ୍କୁ ହରାଇଥିଲେ ହେଁ ପ୍ରଦର୍ଶନରେ ସ୍ଥିରତା ରଖିପାରି ନ ଥିଲେ। ପ୍ରଥମ ପର୍ଯ୍ୟାୟ ଶେଷରେ ସେ ୧୯ ପଏଣ୍ଟ ସହିତ ୧୧ତମ ସ୍ଥାନରେ ରହିଛନ୍ତି। ଟପ୍-୮ ଖେଳାଳି ନକ୍‌ଆଉଟରେ ପ୍ରବେଶ କରିଛନ୍ତି।

## ସେମିରେ ହାଇଦ୍ରାବାଦ

**ବୋମ୍ବାଲିମ୍, ୨୩।୨:** ବୁଧବାର ଅନୁଷ୍ଠିତ ଇଣ୍ଡିଆନ ସୁପରଲିଗ୍ ମ୍ୟାଚରେ ହାଇଦ୍ରାବାଦ୍ ଏଫ୍‌ସି ୨-୧ ଗୋଲରେ କେରଳ ବ୍ଲାଷ୍ଟର୍ସକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ହାଇଦ୍ରାବାଦ ପକ୍ଷରୁ ବାର୍ଥୋଲୋମିଉ ଓଗ୍‌ବେଚେ ୨୮ ଓ ଜାଭିଅର ସିଭେରିଓ ୮୭ତମ ମିନିଟରେ ଗୋଲ ୨ଟି ଦେଇଥିଲେ। କେରଳ ଦଳର ଭିନ୍‌ସି ବାର୍ଥେଟୋ ୯୦+୫ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ।

## ଜାତୀୟ ସିନିୟର ଥ୍ରୋ ବଲ୍‌ରେ ଓଡ଼ିଶା ଭାଗନେବ

**ଭୁବନେଶ୍ୱର, ୨୩।୨ (କ୍ରୀଡ଼ା ପ୍ରତିନିଧି)**

ନୂଆଦିଲ୍ଲୀର ରୋହିଣିଠାରେ ଚଳିତ ମାସ ୨୬ରୁ ମାର୍ଚ୍ଚ ୧ ପର୍ଯ୍ୟନ୍ତ ୪୩ତମ ଜାତୀୟ ସିନିୟର ଥ୍ରୋ ବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାକୁ ମନୋନୀତ ୩୪ ଜଣିଆ ଓଡ଼ିଶା ମହିଳା ଓ ପୁରୁଷ ଦଳ ବୁଧବାର ନୂଆଦିଲ୍ଲୀ ଯାତ୍ରା କରିଛି। ଶୁଭଦର୍ଶିନୀ ଜେନା ଓଡ଼ିଶା ମହିଳା ଓ ଏସ. ଜଗା ରେଡ୍ଡୀ ପୁରୁଷ ଦଳର ଅଧିନାୟକ ମନୋନୀତ ହୋଇଛନ୍ତି। ମ୍ୟାନେଜର ଅଭିଜିତ ମହାନ୍ତିଙ୍କ ସମେତ ରେଫରିଭାବେ ଯଶୋବନ୍ତ ପରମଗୁରୁ ଓ ରାମକୃଷ୍ଣ ବେହେରା ମଧ ଦିଲ୍ଲୀ ଯାତ୍ରା କରିଛନ୍ତି ବୋଲି ଓଡ଼ିଶା ଥ୍ରୋ ବଲ୍ ଆସୋସିଏଶନ ସମ୍ପାଦକ ଜିତେନ୍ଦ୍ରନାଥ ଦାସ ପ୍ରକାଶ କରିଛନ୍ତି। ଆଗାମୀ ପ୍ରତିଯୋଗିତାରେ ଦଳ ଭଲ ପ୍ରଦର୍ଶନ କରିବ ବୋଲି ସଭାପତି ଭୂପିନ୍ଦର ସିଂ ଆଶାପ୍ରକାଶ କରିଛନ୍ତି।




ଜାତୀୟ ସିନିୟର ଥ୍ରୋ ବଲ୍ ଚାମ୍ପିୟନଶିପରେ ଭାଗ ନେବାପାଇଁ ମନୋନୀତ ଓଡ଼ିଶା ମହିଳା ଓ ପୁରୁଷ ଦଳ।

## ସୌରାଷ୍ଟ୍ରକୁ ଭେଟିବ ଓଡ଼ିଶା

**ଭୁବନେଶ୍ୱର, ୨୩।୨ (କ୍ରୀଡ଼ା ପ୍ରତିନିଧି)**

ଚଳିତ ରଣଜୀ ଟ୍ରଫି କ୍ରିକେଟ ସିଜନରେ ଓଡ଼ିଶା ଏହାର ଦ୍ୱିତୀୟ ମ୍ୟାଚରେ ସୌରାଷ୍ଟ୍ରକୁ ଭେଟିବ। ଏଲିଟ୍ ଗ୍ରୁପ୍ 'ଡି'ର ଏହି ମ୍ୟାଚ ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଗୁରୁବାରଠାରୁ ଖେଳାଯିବ। ଗୋଆ ବିପକ୍ଷରେ ଓଡ଼ିଶା ଏହାର ପ୍ରଥମ ମ୍ୟାଚକୁ ଡ୍ର ରଖିଥିଲା। ତେବେ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ଓଡ଼ିଶାକୁ ୩ ପଏଣ୍ଟ ମିଳିଥିଲା। ଗୋଆ ୧ ପଏଣ୍ଟ ପାଇଥିଲା। ଏହି ମ୍ୟାଚରେ ଗୋଆ ପ୍ରଥମ ଇନିଂସରେ ୧୮୧ ରନ କରିଥିବାବେଳେ ଓଡ଼ିଶା ୧୮୯ ରନ କରିଥିଲା। ଗୋଆ ଏହାର ଦ୍ୱିତୀୟ ଇନିଂସକୁ ୩୯୪/୫ରେ ଘୋଷଣା କରିଥିଲା। ୩୮୭ ରନ ବିଜୟ ଲକ୍ଷ୍ୟରେ ଓଡ଼ିଶା ୪ର୍ଥ ଦିବସ ଖେଳ ଶେଷସୁଦ୍ଧା ୭ ଉଇକେଟ ହରାଇ ୨୩୯ ରନ କରି ପାରିଥିଲା। ଦ୍ୱିତୀୟ ଇନିଂସରେ ଓଡ଼ିଶାର ଶାନ୍ତନୁ ମିଶ୍ର ୧୦୩ ରନର ଶତକୀୟ ଇନିଂସ ଖେଳିଥିଲେ। ଚମତ୍କାର ଫର୍ମର ପରିଚୟ ଦେଇ ଉଇକେଟ କିପର ରାଜେଶ ଧୂପର ଦୁଇ ଇନିଂସରେ ଯଥାକ୍ରମେ ୭୧* ଓ ୫୨ ରନର ଇନିଂସ ଖେଳିଥିଲେ। ଫଳରେ ତାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିଲା। ସେହିପରି ସୌରାଷ୍ଟ୍ର ଏହାର ପ୍ରଥମ ମ୍ୟାଚରେ ରଣଜୀ ଇତିହାସରେ ସବୁଠାରୁ ସଫଳ ଦଳ ମୁମ୍ବାଇକୁ ଭେଟିଥିଲା।

ମ୍ୟାଚ ଡ୍ର ରହିଥିଲେ ହେଁ ଆଧିପତ୍ୟ ବିସ୍ତାର କରି ଖେଳିଥିବା ମୁମ୍ବାଇ ମୂଲ୍ୟବାନ ୩ ପଏଣ୍ଟ ହାସଲ କରିଥିଲା। ସର୍ଫରାଜ ଖାଁ (୨୭୫)ଙ୍କ ଦ୍ୱିଶତକ ଏବଂ ଅଜିଙ୍କ୍ୟ ରାହାନେ (୧୨୯)ଙ୍କ ଶତକ ସହାୟତାରେ ମୁମ୍ବାଇ ୫୪୪/୭ରେ ଏହାର ପ୍ରଥମ ଇନିଂସ ଘୋଷଣା କରିଥିଲା। ସୌରାଷ୍ଟ୍ର ପ୍ରଥମ ଇନିଂସରେ ୨୨୦ ରନରେ ଅଲ୍‌ଆଉଟ ହୋଇ ଫଲୋଅନ ଡାକରା ପାଇଥିଲା। ତେବେ ଦ୍ୱିତୀୟ ଇନିଂସରେ ଲଢୁଆ ପ୍ରଦର୍ଶନ କରି ଦଳ ଖେଳ ଶେଷ ବେଳକୁ ୯ ଉଇକେଟ ହରାଇ ୩୭୨ ରନ କରିଥିବାରୁ ମ୍ୟାଚ ଡ୍ର ରହିଥିଲା। ମୁମ୍ବାଇର ସାମ୍ସ ମୁଲାନି ୭ ଉଇକେଟ ସଫଳତା ପାଇଥିଲେ।

ଉଭୟ ଦଳ ମଧ୍ୟରେ ଗତ ୫ ମୁକାବିଲାକୁ ଦେଖିଲେ ଓଡ଼ିଶା ପଲା ଭାରି ରହିଛି। ୫ ମ୍ୟାଚରୁ ଓଡ଼ିଶା ୩ଟିରେ ବିଜୟୀ ହୋଇଥିବାବେଳେ ସୌରାଷ୍ଟ୍ର ଗୋଟିଏ ଜିତିଛି ଏବଂ ଅନ୍ୟଟି ଡ୍ର ରହିଛି। ହାଇଦ୍ରାବାଦର ଡେକାନ ଗ୍ରାଉଣ୍ଡରେ ୨୦୧୬ ଅକ୍ଟୋବର ୧୩ରୁ ୧୬ ପର୍ଯ୍ୟନ୍ତ ଉଭୟ ଦଳ ମଧ୍ୟରେ ଅନ୍ତିମ ଭେଟ ହୋଇଥିଲା। ଏଥିରେ ଓଡ଼ିଶା ୩୨ ରନରେ ବିଜୟୀ ହୋଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ସନ୍ଦୀପ ପଟ୍ଟନାୟକ (୧୨୩)ଙ୍କ ଶତକ ସହାୟତାରେ ପ୍ରଥମ ଇନିଂସରେ ୨୨୮ ରନ କରିଥିଲା। ସୌରାଷ୍ଟ୍ର ପ୍ରଥମ ଇନିଂସ ୧୮୬ ରନରେ ସୀମିତ ରହିଥିଲା। ଓଡ଼ିଶା ଦ୍ୱିତୀୟ ଇନିଂସରେ ୧୬୯ ରନରେ ଅଲ୍‌ଆଉଟ ହେବାରୁ ସୌରାଷ୍ଟ୍ର ସମ୍ମୁଖରେ ୨୧୨ ରନର ବିଜୟ

**ରଣଜୀ ଟ୍ରଫି**

ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ମାତ୍ର ଓଡ଼ିଶା ବୋଲରମାନେ ଚମତ୍କାର ବୋଲିଂ କରି ସୌରାଷ୍ଟ୍ର ଦ୍ୱିତୀୟ ଇନିଂସକୁ ୧୭୯ ରନରେ ସୀମିତ ରଖି ଦେଇଥିଲେ। ସୂର୍ଯ୍ୟକାନ୍ତ ପ୍ରଧାନ ୫ ଉଇକେଟ ସଫଳତା ପାଇଥିଲେ। ୨୦୧୫ରେ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୨ ଉଇକେଟରେ ବିଜୟୀ ହୋଇଥିବାବେଳେ ୨୦୧୧ରେ ମ୍ୟାଚ ଡ୍ର ରହିଥିଲା। ୨୦୦୮ରେ ରାଜକୋଟରେ ଅନୁଷ୍ଠିତ ମ୍ୟାଚରେ ସୌରାଷ୍ଟ୍ର ଏକ ଇନିଂସ ୮୪ ରନରେ ବିଜୟୀ ହୋଇଥିଲା। ୨୦୦୫ରେ ଓଡ଼ିଶା ଏକ ଇନିଂସ ୧୦ ରନରେ ସୌରାଷ୍ଟ୍ରକୁ ପରାସ୍ତ କରିଥିଲା। ତେଣୁ ଆଗାମୀ ମ୍ୟାଚ ସଂଘର୍ଷପୂର୍ଣ୍ଣ ହେବା ଆଶା କରାଯାଉଛି।



ନରେନ୍ଦ୍ର ମୋଦି ଷ୍ଟାଡିୟମରେ ବୁଧବାର ଓଡ଼ିଶା ଖେଳାଳିଙ୍କ ଅଭ୍ୟାସ।

# ନକଲି ଡାକ୍ତରଙ୍କ ଭଉଣୀ ଗିରଫ

■ସରିଲା ରମେଶଙ୍କ ରିମାଣ୍ଡ ଅବଧି
■ଆଉ ଥରେ ରିମାଣ୍ଡ ପାଇଁ ଆବେଦନ କରାଯିବ: ଡିସିପି



**ଭୁବନେଶ୍ୱର, ୨୩।୨(ବ୍ୟୁରୋ)**

ଅର୍ଥ ପାଇଁ ବିଭିନ୍ନ ରାଜ୍ୟର ୧୭ରୁ ଅଧିକ ମହିଳାଙ୍କୁ ବିବାହ ପରେ ଠକେଇ ଓ ପ୍ରତାରଣା କରିଥିବା ଗିରଫ ନକଲି ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁଙ୍କ ଭଉଣୀ ରଶ୍ମିତା ବେହୁରାଙ୍କୁ କମିଶନରେଟ ପୋଲିସ ବୁଧବାର ଗିରଫ କରିଛି। ରଶ୍ମିତାଙ୍କୁ ଠକେଇର ଶିକାର ହୋଇଥିବା ମହିଳାଙ୍କ ସହ ପୋଲିସ ଭିଡିଓ କଲ୍‌ରେ କଥା କରାଇଥିଲା। ରଶ୍ମିତା ହିଁ ରମେଶଙ୍କ ସହ ସାମିଲ ହୋଇ ଲୁଟ୍ କରୁଥିଲେ ବୋଲି ମହିଳାମାନେ କହିଥିଲେ। ରଶ୍ମିତାଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି। ଅପରପକ୍ଷରେ, ଅଭିଯୁକ୍ତ ରମେଶଙ୍କ ୫ ଦିନିଆ ରିମାଣ୍ଡ ଅବଧି ବୁଧବାର ସରିବା ପରେ ତାଙ୍କୁ ପୋଲିସ କୋର୍ଟରେ ହାଜର କରିଥିଲା। କୋର୍ଟଙ୍କ ନିର୍ଦ୍ଦେଶ ପରେ ତାଙ୍କୁ ପୁଣି ଥରେ ଜେଲକୁ ପଠାଇ ଦିଆଯାଇଛି। ତେବେ ଠକେଇ ଓ ପ୍ରତାରଣା ନେଇ ଅଧିକ ତଦନ୍ତ ଆବଶ୍ୟକ ଥିବାରୁ ରମେଶଙ୍କୁ ଆଉ ୭ ଦିନ ରିମାଣ୍ଡରେ ଆଣିବାକୁ କୋର୍ଟରେ ଆବେଦନ କରାଯିବ ବୋଲି ଡିସିପି ଉମାଶଙ୍କର ଦାଶ ସୂଚନା ଦେଇଛନ୍ତି। ସେପଟେ ଏହି ମାମଲାରେ ସମ୍ପୃକ୍ତ ଥିବା ଭିଶୋଇ ଗଣେଶ୍ୱର ଓ ଡ୍ରାଇଭର ପପୁଙ୍କୁ ପୋଲିସ ଖୋଜାଖୋଜି କରୁଛି।

## ରିମାଣ୍ଡରେ ଆସିବେ ଅଭିଯୁକ୍ତ ଭଉଣୀ

ଭଉଣୀ ରଶ୍ମିତାଙ୍କୁ ଗୁରୁବାର କୋର୍ଟଚାଲାଣ କରାଯିବା ପରେ ଜେଲ ହାଜତକୁ ପଠାଇ ଦିଆଯାଇଛି। ବାହାଘର ମାମଲା ସହ ଅନ୍ୟାନ୍ୟ ଠକେଇ ମାମଲାରେ ରଶ୍ମିତା ଓ ତାଙ୍କ ସ୍ୱାମୀ ଗଣେଶ୍ୱରଙ୍କ କି ସମ୍ପୃକ୍ତି ରହିଛି ସେନେଇ ପୋଲିସ ଜାଣିବାକୁ ଚାହୁଁଛି। ରଶ୍ମିତା ବିଭିନ୍ନ ମହିଳାଙ୍କଠୁ କେତେ ଅଳଙ୍କାର ନେଇଛନ୍ତି। କେତେ ମହିଳାଙ୍କୁ ସେ ଏପରି ଠକିଛନ୍ତି ଏଭଳି ବିଭିନ୍ନ ଦିଗକୁ ନେଇ ପୋଲିସ ଜାଣିବାକୁ ଚାହିଁବ। ତେଣୁ ରଶ୍ମିତାଙ୍କୁ ୭ ଦିନିଆ ରିମାଣ୍ଡରେ ଆଣିବାକୁ ଗୁରୁବାର କୋର୍ଟରେ ଆବେଦନ କରାଯିବ ବୋଲି ମହିଳା ଥାନା ଅଧିକାରିଣୀ ସନ୍ତୋଷିନୀ ବେହେରା କହିଛନ୍ତି।

## ପୁଅ କଳାକାରନାମା ଜାଣିନାହାନ୍ତି ମା’

ରମେଶ ଏତେ ସବୁ କଳାକାରନାମା କରୁଥିଲେ ମଧ୍ୟ ଗାଁରେ ଥିବା ତାଙ୍କ ମା’ ଏ ବିଷୟରେ ଜାଣି ନାହାନ୍ତି। ଏନେଇ ସେ ଗଣମାଧ୍ୟମକୁ କହିଛନ୍ତି, ତାଙ୍କ ପୁଅ ବାହା ହୋଇଥିବା ମହିଳାଙ୍କୁ ସେ ଦେଖିନାହାନ୍ତି। ଏଥିସହ ସେ ଗାଁକୁ କେଉଁ ମହିଳାଙ୍କୁ ଆଣୁ ନ ଥିଲେ। ରମେଶ ଡାକ୍ତରୀ ଚିକିତ୍ସା କରୁଥିଲେ ବୋଲି ସେ ଜାଣି ନ ଥିଲେ। ଏପରି କି ରମେଶ ତାଙ୍କୁ କେବେ ଟଙ୍କା ଦେଉ ନ ଥିବା ମା’ କହିଛନ୍ତି।

# ଖମାର ନୂଆଗାଁ ଫାର୍ମରେ ଚଢ଼ାଉ



ଖମାର ନୂଆଗାଁରେ ଥିବା ଫାର୍ମ ହାଉସ୍

**ଖୁଣ୍ଟୁଣୀ, ୨୩।୨(ଡି.ଏନ.ଏ)**

ରାଜ୍ୟରେ ଚହଳ ସୃଷ୍ଟି କରିଥିବା ନକଲି ଡାକ୍ତର ରମେଶ ସ୍ୱାଇଁଙ୍କ କଳା କାରନାମାର ଚେର ଖୁଣ୍ଟୁଣୀରେ ମଧ୍ୟ ରହିଛି। ବୁଧବାର ପୂର୍ବାହ୍ନରେ ଭୁବନେଶ୍ୱର ଇନ୍‌ଫୋସିଟି ଥାନା ଆଇଆଇସିଙ୍କୁ ନେଇ ଏକ ଟିମ୍ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଖମାର ନୂଆଗାଁକୁ ଆସି ଏଠାରେ ଥିବା ରମେଶଙ୍କ ପ୍ରାୟ ୫ଏକର ପରିମିତ ଜମି ଉପରେ ଥିବା ଫାର୍ମରେ ତଦନ୍ତ କରିଥିଲା। ରମେଶ ୨୦୧୮ରେ କିଛି ସ୍ଥାନୀୟ ଲୋକଙ୍କ ଠାରୁ ପ୍ରାୟ ସାଢ଼େ ୩ଏକର ଜମି କିଣିଥିଲେ। ଏହି ଜମି ନିକଟରେ ସ୍ଥାନୀୟ ଗ୍ରାମବାସୀଙ୍କ ପ୍ରାୟ ଦେଢ଼ ଏକର ଗୋଚର ଜମି ମଧ୍ୟ ରହିଛି। ଗୋଚର ଜମିକୁ ମିଶାଇ ରମେଶ ୫ଏକର ଜମିରେ ଫାର୍ମ ହାଉସ କରିଥିବା ସ୍ଥାନୀୟ ଜଣେ ବ୍ୟକ୍ତି ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି । ଏହି ଫାର୍ମ ହାଉସ ଚାରିପାଖ ପ୍ରାଚୀର ରହିଛି । ଭିତରେ ୮ ଗୁଣ୍ଠ ଜମିରେ ୨ ଟି ପୋଖରୀ ସହିତ ୨ ଟି ବୋରିଂ ପଏଣ୍ଟ, ଆମ୍ବ, ପିଜୁଳି, ସେପଟା, ଅମୃତଭଣ୍ଡା, କଦଳୀ ଓ ସଜନା ଗଛ ରହିଛି । ଫାର୍ମ ଭିତରେ ୪ ବଖରା ଛାତ ଘର କରିଛନ୍ତି। ଆନ୍ଧ୍ରପ୍ରଦେଶର ବ୍ୟବସାୟୀ ଭେଙ୍କଟ ରମଣଙ୍କଠୁ ରମେଶ ୪ଲକ୍ଷ ଟଙ୍କାରେ ତାରା ଆଣି ଟଙ୍କା ଦେଇ ନ ଥିଲେ। ଉକ୍ତ ତାରାକୁ ରମେଶ ଲଗାଇଥିବା ଜଣାପଡ଼ିଛି। ଫାର୍ମଟି ରମେଶଙ୍କ ଦ୍ୱିତୀୟ ସ୍ତ୍ରୀ କମଳ ସ୍ୱାଇଁଙ୍କ ନାମରେ ରହିଛି। ଏଠାରେ କାମ କରୁଥିବା ଶ୍ରମିକ ଓ ଜଗୁଆଳିଙ୍କୁ ମାସିକ ବେତନ ଦିଆଯାଉ ନ ଥିବା ସେ କହିଛନ୍ତି। ଗତ ବର୍ଷକ ତଳେ ଏହି ଫାର୍ମ ମଧ୍ୟରୁ କେହି ସୋଲାର ଲାଇଟ ଭାଙ୍ଗିବା ନେଇ ରମେଶ ଖୁଣ୍ଟୁଣୀ ଥାନାକୁ ଜଣାଇଥିଲେ । ପୋଲିସ ତଦନ୍ତ ପାଇଁ ଯାଇଥିବା ବେଳେ ରମେଶ ନିଜକୁ ପାରାଦୀପ ପୋର୍ଟର ଡାକ୍ତର ବୋଲି ପୋଲିସକୁ ପରିଚୟ ଦେଇଥିବା ଥାନା ଏସ୍‌ଆଇ କେଦାରନାଥ ବିଶ୍ୱାଳ କହିଛନ୍ତି ।

# କାମାକ୍ଷାନଗରରୁ ଠକେଇ ସାମ୍ରାଜ୍ୟ



କାମାକ୍ଷାନଗରରେ ଥିବା ରମେଶଙ୍କ କୋଠା

**କାମାକ୍ଷାନଗର, ୨୩।୨(ବ୍ୟୁରୋ)**

ଡାକ୍ତରୀ ଡିଗ୍ରୀ ନ ଥାଇ ମଧ୍ୟ ରୋଗୀଙ୍କୁ ଏଭଳି ବ୍ୟବହାର କରୁଥିଲେ ଯେ, ସମସ୍ତେ ତାଙ୍କୁ ଜଣେ ପେସାଦାର ଡାକ୍ତର ବୋଲି ଭାବି ନେଇଥିଲେ। ନିଜକୁ ଭିନ୍ନ ଭିନ୍ନ ବୃତ୍ତିର ଉଚ୍ଚପଦସ୍ଥ ଅଧିକାରୀ ବୋଲି ମିଛ ପରିଚୟ ଦେଇ କେବଳ ମହିଳାଙ୍କ ବିଶ୍ୱାସ ଜିତୁ ନ ଥିଲେ, ବରଂ ସେମାନଙ୍କୁ ବିବାହ ମଧ୍ୟ କରୁଥିଲେ। ମହିଳାଙ୍କୁ ପ୍ରତାରଣା ହେଉ କି ଡାକ୍ତରୀ ପାଠ୍ୟକ୍ରମ ପାଇଁ ଆଡ୍‌ମିଶନ ଅବା ଜାଲ୍ ଚେକ୍ ପ୍ରଦାନ ସବୁଠି ମାଡ଼ିଥିଲା ଠକେଇର ଚେର। ଭାଲେଣ୍ଟାଇନ୍ସ ଡେ’ରେ ପୋଲିସ ହାତରେ ଧରାପଡ଼ିଥିବା କେନ୍ଦ୍ରାପଡ଼ାର ରସିକିଆ ନକଲି ଡାକ୍ତର ରମେଶ ସ୍ୱାଇଁଙ୍କ ରିମାଣ୍ଡରୁ ପୋଲିସ ଏଭଳି ଅନେକ ବେଆଇନ କାର୍ଯ୍ୟ ସମ୍ପର୍କରେ ସୁରାକ୍ ପାଇଛି। ଅଭିଯୁକ୍ତଙ୍କ ବିରୋଧରେ ଅଭିଯୋଗର ଫର୍ଦ୍ଦ ଲମ୍ବି ଚାଲିଥିବାବେଳେ ଢେଙ୍କାନାଳ ଜିଲା କାମାକ୍ଷାନଗର ସହରରୁ ମିଳିଛି ରମେଶଙ୍କ ଠକେଇ ସାମ୍ରାଜ୍ୟର ଲିଙ୍କ୍। ସ୍ୱାମୀଙ୍କ କଳାକାରନାମା ସମ୍ପର୍କରେ ଦିଲ୍ଲୀରେ ଥିବା ତାଙ୍କର ପ୍ରଥମ ସ୍ତ୍ରୀ ଶାନ୍ତିଲତା ସ୍ୱାଇଁ ଫୋନ୍ କରି ‘ଧରିତ୍ରୀ’ର କାମାକ୍ଷାନଗର ପ୍ରତିନିଧିଙ୍କୁ ଅନେକ ସୂଚନା ଦେଇଛନ୍ତି, ଯାହାକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି।

୧୯୭୯ରେ କେନ୍ଦ୍ରାପଡ଼ାର ଶାନ୍ତିଲତାଙ୍କୁ ବିବାହ କରିଥିଲେ ରମେଶ। ସେତେବେଳେ ନିଜକୁ ଡାକ୍ତର ଭାବେ ପରିଚୟ ଦେଇଥିଲେ। ବିବାହର ୯ବର୍ଷ ପରେ ୧୯୮୮ରେ ସ୍ତ୍ରୀଙ୍କ ସହିତ ସେ ଚାଲିଆସିଥିଲେ କାମାକ୍ଷାନଗର। ତରୁଣ ବଜାରରେ ଏକ ଭଡ଼ାଘର ନେଇ ଆରମ୍ଭ କରିଥିଲେ କ୍ଲିନିକ୍। ସମୟକ୍ରମେ ଆଖପାଖ ଅଞ୍ଚଳର ବହୁ ରୋଗୀ କ୍ଲିନିକ୍‌କୁ ଆସିବାକୁ ଲାଗିଲେ। ଧୀରେ ଧୀରେ ତାଙ୍କର ବ୍ୟବସାୟ ବଢ଼ିଲା। ଏହାପରେ ୧୯୯୭ରେ ସେ ଏକ ଭବ୍ୟ କୋଠା ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ୧୯୯୮ରେ ଘରକାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ସ୍ତ୍ରୀ ଏବଂ ପରିବାର ସଦସ୍ୟଙ୍କ ସହିତ ସେଠାରେ ରହିବା ଆରମ୍ଭ କରିଥିଲେ। ଇତିମଧ୍ୟରେ ତାଙ୍କର ଦୁଇ ଝିଅପୁଅ ଜନ୍ମ ହୋଇଥିଲେ। ଉଭୟେ ଏବେ ଡାକ୍ତରୀ ବୃତ୍ତିରେ ଜଡ଼ିତ ରହି ସେମାନଙ୍କ ପରିବାର ସହିତ ଦିଲ୍ଲୀରେ ରହୁଛନ୍ତି। ୧୯୯୮ରେ ନୂତନ ଘରକୁ ଯିବା ପରେ ସେଠାରେ ‘ସାଇଶ୍ରୀ ଏକ୍ସ-ରେ’ ନାମରେ ଏକ କ୍ଲିନିକ୍ ଖୋଲିଥିଲେ, ଯାହାକୁ ଏବେ ଶାନ୍ତିଲତା ପରିଚାଳନା କରୁଛନ୍ତି।

ବିବାହର କିଛିଦିନ ପରେ ରମେଶଙ୍କ ପ୍ରକୃତ ଚେହେରା ପଦାକୁ ଆସିଥିଲା। ଏହା ସତ୍ତ୍ୱେ ଶାନ୍ତିଲତା ସ୍ୱାମୀଙ୍କ ସହ ରହୁଥିଲେ। ୨୦୧୦ରେ ରମେଶ ଅନ୍ୟତ୍ର ବିବାହ କରିଥିବା ଜଣାପଡ଼ିବା ପରେ ଉଭୟଙ୍କ ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ହୋଇଥିଲା। ଏହାପରଠାରୁ ରମେଶ ପ୍ରଥମ ସ୍ତ୍ରୀଙ୍କ ପାଖକୁ ଆଉ ଆସିନାହାନ୍ତି। ଶାନ୍ତିଲତା ଗତ ଡିସେମ୍ବରରୁ ଦିଲ୍ଲୀରେ ଅଛନ୍ତି। ଜଣେ ଟେକ୍ନିସିଆନ ସାଇଶ୍ରୀ ଏକ୍ସ-ରେ ପରିଚାଳନା ଦାୟିତ୍ୱ ସମ୍ଭାଳୁଛନ୍ତି। ସ୍ୱାମୀ ରମେଶ ତାଙ୍କୁ ଧୋକା ଦେଇ ଅଧାରାସ୍ତାରେ ଛାଡ଼ି ଚାଲିଯାଇଛନ୍ତି। ବାପ ଘର ଲୋକଙ୍କ ସହାୟତାରେ ବଡ଼କଷ୍ଟରେ ଦୁଇ ସନ୍ତାନଙ୍କୁ ମଣିଷ କରିଛନ୍ତି। ଏଭଳି କୁକର୍ମରେ ଲିପ୍ତଥିବା ବ୍ୟକ୍ତିଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିବାକୁ ଶାନ୍ତିଲତା ନିବେଦନ କରିଛନ୍ତି।

## ୨୦୦୦ରେ ନିର୍ବାଚନ ଲଢ଼ିଥିଲେ ସ୍ତ୍ରୀ

୨୦୦୦ ବେଳକୁ କାମାକ୍ଷାନଗରସ୍ଥିତ ଘରକୁ ଯିବା ଆସିବା କମ୍ କରିଦେଇଥିଲେ ରମେଶ। କାଁ ଭାଁ କେବେ କେମିତି ଆସୁଥିଲେ, ଦିନେ ଦୁଇଦିନ ରହି ପୁଣି ପଳାଉଥିଲେ। ୨୦୦୦ରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ଶାନ୍ତିଲତା କାମାକ୍ଷାନଗର ବିଧାୟକ ପଦବୀରେ ନିର୍ବାଚନ ଲଢ଼ିଥିଲେ। ସେତେବେଳେ ତାଙ୍କର ଚିହ୍ନ ଥିଲା ଉଡ଼ାଜାହାଜ। ତେବେ ସ୍ତ୍ରୀଙ୍କୁ ନିର୍ବାଚନ ଲଢ଼ିବା ଲାଗି ରମେଶ ହିଁ ପ୍ରବର୍ତ୍ତାଇଥିଲେ। କାରଣ କୌଣସି ଏକ ମାମଲାରେ ଛନ୍ଦି ହୋଇ ସେ ଉକ୍ତ ସମୟରେ ଜେଲ ଯାଇଥିଲେ। ତେଣୁ ପାରୋଲ ଆସିବା ଲାଗି ସେ ଏଭଳି କୂଟନୀତି ପ୍ରୟୋଗ କରିବା ସହିତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ବାଧ୍ୟ କରିଥିବା ଶାନ୍ତିଲତା କହିଛନ୍ତି।

## ପୁଅ ବିବାହକୁ ଆସି ନ ଥିଲେ

ରମେଶଙ୍କ ପ୍ରଥମ ସ୍ତ୍ରୀ ଶାନ୍ତିଲତାଙ୍କ ଗର୍ଭରୁ ଜନ୍ମିତ ଡାକ୍ତର ପୁଅଙ୍କ ବିବାହ ୨୦୧୬ରେ କାମାକ୍ଷାନଗରରେ ବଡ଼ ଧୁମ୍‌ଧାମରେ ହୋଇଥିଲା। ହେଲେ ଏହି ବିବାହରେ ଯୋଗ ଦେଇ ନ ଥିଲେ ବାପା ରମେଶ। ଶାନ୍ତିଲତା ନିଜ ବାପଘର ଲୋକ, ବନ୍ଧୁବାନ୍ଧବଙ୍କୁ ଧରି ଏହି ବିବାହ କାର୍ଯ୍ୟ କରିଥିଲେ। ସ୍ଥାନୀୟ ଅଞ୍ଚଳରେ ରମେଶଙ୍କ କଳାକାରନାମା ବିଷୟରେ ସମସ୍ତେ ଜାଣିସାରିଥିବାରୁ ଲୋକଲଜ୍ଜା ଭୟରେ ସେ ପୁଅ ବିବାହ କାର୍ଯ୍ୟରେ ଯୋଗଦେବାକୁ ଆସି ନ ଥିବା ଶାନ୍ତିଲତା କହିଛନ୍ତି।

## ମାନବ ଅଙ୍ଗ ଚାଲାଣରେ ସମ୍ପୃକ୍ତି ଚର୍ଚ୍ଚା

କାମାକ୍ଷାନଗରରେ ରମେଶ ଆରମ୍ଭ କରିଥିବା ସାଇଶ୍ରୀ ଏକ୍ସ-ରେ କ୍ଲିନିକ୍‌ରେ ଅନେକ ବେଆଇନ କାର୍ଯ୍ୟ ହେଉଥିବା ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି। ଉକ୍ତ କ୍ଲିନିକ୍‌ରେ ବେଆଇନ ଗର୍ଭପାତ, ନକଲି ଔଷଧ କାରବାର ଆଦି ହେଉଥିବା କେତେଜଣ ବୟସ୍କ ବ୍ୟକ୍ତି କହିଛନ୍ତି। ରମେଶ କାମାକ୍ଷାନଗରରେ ପ୍ରାଧାନ୍ୟ ବିସ୍ତାର କରିବା ସମୟରେ ଅଞ୍ଚଳର ବହୁ ମାନସିକ ଅନଗ୍ରସର ବ୍ୟକ୍ତି ନିଖୋଜ ହୋଇଥିଲେ। ଏହା ପଛରେ ରମେଶଙ୍କ ହାତ ଥିବା ଏବଂ ଏଥିରେ ମାନବ ଅଙ୍ଗ ଚାଲାଣ ଲିଙ୍କ୍ ରହିଥିବା ଅଞ୍ଚଳର କେତେଜଣ ପୁରୁଖା ଲୋକ ନାମଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଯାହା ତଦନ୍ତ ସାପେକ୍ଷ।

## ଘରେ ଗୁପ୍ତ ଚାମ୍ବର



ନକଲି ଡାକ୍ତର ରମେଶଙ୍କ ଠକେଇ ସାମ୍ରାଜ୍ୟ କାମାକ୍ଷାନଗରରୁ ଆରମ୍ଭ ହୋଇଥିବା ଜଣାପଡ଼ିବା ପରେ ଏହାକୁ ନେଇ ହଇଚଇ ସୃଷ୍ଟି ହୋଇଛି। ସ୍ଥାନୀୟ ଅଞ୍ଚଳର ଗଣମାଧ୍ୟମ ପ୍ରତିନିଧି ବୁଧବାର ଉକ୍ତ କ୍ଲିନିକ୍ ଏବଂ ଘରକୁ ଯାଇ ଛାନ୍‌ଭିନ୍ କରିଥିଲେ। ଏହି ସମୟରେ କ୍ଲିନିକ୍ ପରିଚାଳନା ଦାୟିତ୍ୱରେ ଥିବା ଟେକ୍ନିସିଆନ ଘର ଭିତରେ ଥିବା ଏକ ଭୂତଳ ଗୁପ୍ତ କୋଠରି ଦେଖାଇଥିଲେ। ତେବେ ଉକ୍ତ ଚାମ୍ବର କେଉଁ ଉଦ୍ଦେଶ୍ୟରେ ନିର୍ମାଣ କରାଯାଇଥିଲା, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରି କି ରମେଶ ବ୍ୟବହାର କରୁଥିବା ଏକ ପୁରୁଣା ବାଇକ୍ ମଧ୍ୟ ଘରେ ଥିବା ଦେଖିବାକୁ ମିଳିଛି।

# ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ : ୭୯% ମତଦାନ

ଭୁବନେଶ୍ୱର,୨୩।୨(ବ୍ୟୁରୋ): ଚତୁର୍ଥ ପର୍ଯ୍ୟାୟ ନିର୍ବାଚନରେ ୭୯% ମତଦାନ ହୋଇଥିବା ରାଜ୍ୟ ନିର୍ବାଚନ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସୁବର୍ଣ୍ଣପୁରରେ ସର୍ବାଧିକ ୮୬.୫୧%, ବରଗଡ଼ରେ ୮୪ %, ଅନୁଗୋଳରେ ୭୭.୭୫%, ବାଲେଶ୍ୱରରେ ୭୮%, ବଲାଙ୍ଗୀରରେ ୮୨.୨%, ଭଦ୍ରକରେ ୭୭%, କଟକରେ ୮୦.୬୪%, ଢେଙ୍କାନାଳରେ ୮୦.୫୯%, ଗଜପତିରେ ୮୨.୧୭%, ଗଞ୍ଜାମରେ ୬୫.୨%, ଜଗତ୍‌ସିଂହପୁରରେ ୮୧ ପ୍ରତିଶତ ମତଦାନ ହୋଇଛି। ସେହିପରି ଯାଜପୁରରେ ୭୩%, କଳାହାଣ୍ଡିରେ ୮୦%, କନ୍ଧମାଳ ଓ ଖୋର୍ଦ୍ଧାରେ ୭୪%, କେନ୍ଦ୍ରାପଡ଼ା ଓ କେନ୍ଦୁଝରରେ ୭୭%, କୋରାପୁଟରେ ୮୨%, ମାଲକାନଗିରିରେ ୭୪%, ମୟୂରଭଞ୍ଜରେ ୭୫%, ନବରଙ୍ଗପୁରରେ ୮୩ ପ୍ରତିଶତ ମତଦାନ ହୋଇଛି।

**କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା**
**ସି-୧,ନୟାପଲ୍ଲୀ,ଭୁବନେଶ୍ୱର-୭୫୧୦୧୨**

**ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ନିମନ୍ତେ ଦରଖାସ୍ତ ଆହ୍ୱାନ**

No.TT-06: ରାଜ୍ୟ ଯୁବକଲ୍ୟାଣ ପରିଷଦ, କ୍ରୀଡ଼ା ଓ ଯୁବ ସେବା ବିଭାଗ ଓଡ଼ିଶା ୨୦୨୧ ବର୍ଷ ପାଇଁ ସାହସିକତା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଜଣେ ବ୍ୟକ୍ତିବିଶେଷଙ୍କୁ ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ପ୍ରଦାନ କରିବାକୁ ସ୍ଥିର କରିଛନ୍ତି ।
ରାଜ୍ୟର ଯେଉଁ ବ୍ୟକ୍ତିବିଶେଷ ଉଲ୍ଲେଖନୀୟ ସାହସିକତା ପ୍ରଦର୍ଶନ କରିଥିବେ ସେମାନଙ୍କର ସେହିସବୁ କାର୍ଯ୍ୟାବଳୀକୁ ସ୍ୱୀକୃତି ପ୍ରଦାନ ତଥା ଅନ୍ୟମାନଙ୍କୁ ଏହି ଦିଗରେ ଉତ୍ସାହିତ କରିବା ଏବଂ ସେମାନଙ୍କ ଭିତରେ ଦୁଃସାହସିକ ପଦକ୍ଷେପ ନେବାରେ ଅଭିପ୍ସା ସୃଷ୍ଟି କରିବା ଏହି ପୁରସ୍କାର ପ୍ରଦାନର ମୂଳ ଲକ୍ଷ୍ୟ । ମନୋନୀତ ବ୍ୟକ୍ତିବିଶେଷଙ୍କୁ ପୁରସ୍କାର ବାବଦରେ ମାନପତ୍ର ଓ ରୌପ୍ୟ ପଦକ ତଥା ଟ୧,୦୦,୦୦୦/-ଙ୍କାର ଅର୍ଥରାଶି ୨୦୨୨ ମସିହା ଅଗଷ୍ଟ ମାସ ୨୯ ତାରିଖ ଜାତୀୟ କ୍ରୀଡ଼ା ଦିବସରେ ପ୍ରଦାନ କରାଯିବ । ଏହି ପୁରସ୍କାର ନିମନ୍ତେ ସ୍ୱତନ୍ତ୍ର ପରିକଳ୍ପନା ପୁସ୍ତିକା (Scheme) ପ୍ରତ୍ୟେକ ଜିଲ୍ଲାର ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, ଜିଲ୍ଲା କ୍ରୀଡ଼ା ଅଧିକାରୀ, ନେହେରୁ ଯୁବ କେନ୍ଦ୍ର ସଂଗଠନ, ଜାତୀୟ ସେବା ସଂସ୍ଥା, ଭାରତ ସ୍କାଉଟ୍ ଓ ଗାଇଡ୍, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଓ ଭାରତୀୟ ରେଡ୍ କ୍ରସ୍ ସୋସାଇଟି କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଉପରୋକ୍ତ ପୁରସ୍କାର ନିମନ୍ତେ ସାହସିକ କାର୍ଯ୍ୟାବଳୀର ସମୟସୀମା ୨୦୨୧ ମସିହା ଜାନୁୟାରୀ ମାସ ୦୧ ତାରିଖରୁ ଡିସେମ୍ବର ମାସ ୩୧ ତାରିଖ ମଧ୍ୟରେ ହୋଇଥିବା ଆବଶ୍ୟକ । ସାହସିକତା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟପାଇଁ ଯୋଗ୍ୟ ବ୍ୟକ୍ତିବିଶେଷଙ୍କ ଆବେଦନ/ସୁପାରିସଗୁଡିକ ସମ୍ପାଦକ, ରାଜ୍ୟ ଯୁବ କଲ୍ୟାଣ ପରିଷଦ, ଓଡ଼ିଶା, ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ, ନୟାପଲ୍ଲୀ,ଭୁବନେଶ୍ୱରଙ୍କ ଠିକଣାରେ ତା୩୧.୦୩.୨୦୨୨ ରିଖ ସୁଦ୍ଧା ପହଞ୍ଚିବା ଆବଶ୍ୟକ । ବିଜ୍ଞାପନ ସମ୍ବନ୍ଧୀୟ ବିଶଦ ବିବରଣୀ କ୍ରୀଡା ଓ ଯୁବ ସେବା ବିଭାଗ ୱେବସାଇଟ୍ www.sportsodisha.gov.in.ରେ ଉପଲବ୍ଧ ଅଟେ ।

**ସଂପାଦକ**
**ରାଜ୍ୟ ଯୁବକଲ୍ୟାଣ ପରିଷଦ, ଓଡ଼ିଶା**
**OIPR-29001/11/0021/2122**

**ADVERTISEMENT**
**TENDER CALL NOTICE FOR PROCUREMENT OF MEDICINES AT S.C.B. DENTAL COLLEGE & HOSPITAL, CUTTACK**

No.E-925:- Sealed tender is invited from registered firms / agencies / company / having relevant experience for providing Medicines at SCB Dental College and Hospital, Cuttack.

For details of tender paper, terms & conditions etc. visit the website www.odisha.gov.in, www.dmetorissa.gov.in, www.scbdental.nic.in in ADVERTISEMENT section.

**Sd./- Principal, S.C.B. Dental College & Hospital, Cuttack**
OIPR-10027/11/0006/2122

**Parliamentary Affairs Department**
**Government of Odisha**
**Lokseva Bhawan, Bhubaneswar-751001**
**Phone: 0674-2322614**
**Advt.No. /2022 Date..................**

**TENDER CALL NOTICE FOR ENGAGEMENT OF DRIVER THROUGH OUTSOURCING SERVICES**

**No.QQ-5:**Sealed tenders are invited from reputed and experienced Manpower Service Providers for providing the services of 01 (one) Driver on contract basis for driving the vehicle of Parliamentary Affairs Department. Details regarding eligibility criteria, terms & conditions and the formats of submission of tender (Technical & Financial bid) are mentioned in the tender document which may be downloaded from the website www.pa.odisha.gov.in . Interested Manpower Service Providers/Agencies may submit their tenders in a sealed envelope super-scribing on the top of the sealed envelope as **“Bid for Outsourcing of 1 (one) Driver in reference to Advertisement No........./2022, dtd...............”.**
The tenders should reach the office of the undersigned by **Dt. 23.03.2022 (till 5.00 P.M).** The Tenders will be opened at **12.30 P.M. on 24.03.2022.** The undersigned reserves the right to reject any or all the tenders without assigning any reason thereof.

**Sd./-Deputy Secretary to Government**
**Parliamentary Affairs Department**
**OIPR-42001/11/0005/2122**

**STANDARD BIDDING DOCUMENT**
**GOVERNMENT OF ODISHA**
**FOREST, ENVIRONMENT & CLIMATE CHANGE DEPARTMENT**
**DIVISIONAL FOREST OFFICER, BHAWANIPATNA K.L. DIVISION**
**SHORT TENDER NOTICE FOR HIRING OF PRIVATE VEHICLES**

No.MM-368:- Sealed tenders are invited from interested Service Providers/ Travel Agencies (Registered) for providing 1 (One) Scorpio (Preferably S-10 or S-11 model) and 4 (Four) Nos. of AC Diesel driven Bolero / Mahindra Max Models of vehicles, which shall conform to the terms and conditions (Annexure-II) for official use in the jurisdiction of Office of the Divisional Forest Officer, Bhawanipatna K.L. Division for a period of 8 (Eight) months on monthly rent basis. The last date of submission of tender is on Dt.10.03.2022 upto 4 P.M. The tenders are to be opened on the same day at 5.00 P.M.

The application form of tender containing General Bid Information & terms and condition for hiring of vehicles etc. will also be available in the office of the undersigned and can be downloaded from the Website- www.kalahandi.nic.in.

**Sd./- Divisional Forest Officer**
**Bhawanipatna K.L. Division**
OIPR-08076/11/0002/2122

# କୋଟିଏ ଟଙ୍କାର ଗଞ୍ଜେଇ ଜବତ

**ଭୁବନେଶ୍ୱର,(ବ୍ୟୁରୋ)/ ନୟାଗଡ଼ ଅଫିସ, ୨୩।୨**



ଗିରଫ ଗଗନ ବେହେରା।

କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ୍) ମଙ୍ଗଳବାର ରାତିରେ ନୟାଗଡ଼ ଜିଲା ଫତେଗଡ଼ ଥାନା ଅନ୍ତର୍ଗତ ଦଳବେହେରା ସାହିରେ ଚଢ଼ାଉ କରି ଜଣେ ଗଞ୍ଜେଇ ଚାଲାଣକାରୀଙ୍କୁ ଗିରଫ କରିଛି। ସେ ହେଲେ ବୁଲୁ ଓରଫ ଗଗନ ବେହେରା। ତାଙ୍କଠାରୁ ଏକ କାର୍ ଓ ୧୧୬ କେଜି ଗଞ୍ଜେଇ ଜବତ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହେବ। ଅଭିଯୁକ୍ତ ବୁଲୁଙ୍କ ବିରୋଧରେ ଏସ୍‌ଟିଏଫ୍ ମାମଲା (ନଂ.୬/୨୦୨୨) ରୁଜୁ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ବୁଲୁ ଏତେ ପରିମାଣର ଗଞ୍ଜେଇ କେଉଁଠୁ ଆଣିଲେ, କେଉଁଠାକୁ ଚାଲାଣ କରିଥାନ୍ତେ, ତାଙ୍କ ସହ ଆଉକିଏ ସାମିଲ ଅଛନ୍ତି, ଏହା ପୂର୍ବରୁ ସେ ଚାଲାଣ କରିଥିଲେ କି, ଏପରି ବିଭିନ୍ନ ଦିଗକୁ ନେଇ ଏସ୍‌ଟିଏଫ୍ ଅଧିକ ଅନୁସନ୍ଧାନ କରୁଛି। ସୂଚନାଯୋଗ୍ୟ, ଏସ୍‌ଟିଏଫ୍ ୨୦୨୦ରୁ ଏଯାବତ ୪୯ କେଜି ବ୍ରାଉନସୁଗାର, ୯୦ କୁଇଣ୍ଟାଲ୍‌ରୁ ଅଧିକ ଗଞ୍ଜେଇ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୧୨୫ଜଣ ନିଶା ବେପାରୀଙ୍କୁ ଗିରଫ କରିଥିବା ସୂଚନା ଦିଆଯାଇଛି।

# ୪୯ ବୁଥ୍‌ରେ ହେଲା ସାନି ମତଦାନ

**ଭୁବନେଶ୍ୱର,୨୩।୨(ବ୍ୟୁରୋ)**



ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ବିଭିନ୍ନ କାରଣରୁ ମତଦାନ ରଦ୍ଦ ହୋଇଥିବା ୪୯ଟି ବୁଥ୍‌ରେ ବୁଧବାର ପୁନଃ ମତଦାନ ହୋଇଛି। ସକାଳ ୯ଟାରୁ ମତଦାନ ଆରମ୍ଭ ହୋଇ ଅପରାହ୍ନ ୩ଟାରେ ଶେଷ ହୋଇଥିଲା। ୪୯ଟି ବୁଥ୍ ମଧ୍ୟରୁ ପ୍ରଥମ ପର୍ଯ୍ୟାୟର ୨୫ ଓ ଦ୍ୱିତୀୟ ପର୍ଯ୍ୟାୟର ୨୪ଟି ବୁଥ୍‌ରେ ମତଦାନ ହୋଇଛି। ପ୍ରଥମ ପର୍ଯ୍ୟାୟରେ ବିଭ୍ରାଟ ଘଟିଥିବା ପୁରୀ ଓ ଭଦ୍ରକରେ ୫ଟି ଲେଖାଏ ବୁଥ୍, ଢେଙ୍କାନାଳରେ ୪ଟି ବୁଥ୍‌ରେ ପୁନଃ ମତଦାନ ହୋଇଥିବା ବେଳେ ଜଗତ୍‌ସିଂହପୁର ଓ ମୟୂରଭଞ୍ଜ ଜିଲାର ୩ଟି ଲେଖାଏ ସହ ବାଲେଶ୍ୱର, ଭଦ୍ରକ, ବୌଦ୍ଧ, ବଲାଙ୍ଗୀର ଏବଂ କେନ୍ଦୁଝର ଜିଲାର ଗୋଟିଏ ଲେଖାଏ ବୁଥ୍‌ରେ ମତଦାନ ହୋଇଛି। ଏହାଛଡ଼ା ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ମତଦାନ ରଦ୍ଦ ହୋଇଥିବା ଯାଜପୁର ଜିଲାର ସର୍ବାଧିକ ୨୪ଟି ବୁଥ୍‌ରେ ମଧ୍ୟ ପୁନଃ ମତଦାନ ହୋଇଛି। ତେବେ ଉକ୍ତ ମତଦାନ ଶାନ୍ତିଶୃଙ୍ଖଳାର ସହ ହୋଇଥିବା କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ଧରିତ୍ରୀ DHARITRI
ଭୁବନେଶ୍ୱର, ଗୁରୁବାର, ୨୪ ଫେବୃୟାରୀ, ୨୦୨୨

## ୨୫ରେ ବଙ୍ଗାଳପୁରର ୬, ୧୫ ବୁଥ୍‌ରେ ସାନି ମତଦାନ

**କେନ୍ଦ୍ରାପଡ଼ା ଅଫିସ:** କେନ୍ଦ୍ରାପଡ଼ା ଜିଲା ଗରଦପୁର ବ୍ଲକ ବଙ୍ଗାଳପୁର ପଞ୍ଚାୟତର ୬ ଓ ୧୫ ନଂ. ବୁଥ୍‌ରେ ଆସନ୍ତା ୨୫ ତାରିଖରେ ସାନି ମତଦାନ ହେବ। ଏ ନେଇ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଅମୃତ ଋତୁରାଜ ବିଜ୍ଞପ୍ତି ଜାରି କରିଛନ୍ତି। ମଙ୍ଗଳବାର ୧୫ ନଂ. ବୁଥ୍‌ରେ ପୋଲିଂ କର୍ମଚାରୀ ଭୋଟ କାଗଜ ଭଙ୍ଗାକୁ ନେଇ ସ୍ଥାନୀୟ ଅଭିଯୋଗ ହୋଇଥିଲା। ସେହିପରି ୬ ନଂ. ବୁଥ୍‌ରେ କେତେକ ବ୍ୟକ୍ତି ଜୋରଜବରଦସ୍ତ ପୋଲିଂ କର୍ମଚାରୀଠାରୁ ଭୋଟ କାଗଜ ଛଡ଼ାଇ ନେଇଥିବା ଜିଲା ପ୍ରଶାସନର ଦୃଷ୍ଟିକୁ ଆସିଥିଲା। ଏ ସମ୍ପର୍କରେ ତଦନ୍ତ ପରେ ରାଜ୍ୟ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶ ଅନୁଯାୟୀ ପୁନର୍ବାର ଭୋଟ ଗ୍ରହଣ ହେବ।



### ସଂକ୍ଷେପରେ

## ଅନଶନକାରୀଙ୍କ ଆତ୍ମାହୁତି ଉଦ୍ୟମ

**ବିଧାୟକ, ଉପଜିଲାପାଳଙ୍କ ହସ୍ତକ୍ଷେପ ପରେ ଅନଶନ ପ୍ରତ୍ୟାହୃତ**

**ପଟ୍ଟାମୁଣ୍ଡାଇ,୨୩।୨(ସ୍ୱ.ପ୍ର.):** ପଟ୍ଟାମୁଣ୍ଡାଇ ବ୍ଲକ ଓଉପଦା ପଞ୍ଚାୟତ ବିଲପୋଖରୀଆପଡ଼ା ଗ୍ରାମର ୧୧ନଂ. ୱାର୍ଡରେ ଗତ ୨୦ତାରିଖ ଭୋଟ ଗ୍ରହଣ ବେଳେ ଉତ୍ତେଜନା ପ୍ରକାଶ ପାଇଥିଲା। ଫଳରେ ନିର୍ଦ୍ଧାରିତ ସମୟର ପ୍ରାୟ ୨ ଘଣ୍ଟା ପୂର୍ବରୁ ମତଦାନ ବନ୍ଦ କରିଦିଆଯାଇଥିଲା। ଏଥିପାଇଁ ବହୁ ଭୋଟର ମତଦାନରୁ ବଞ୍ଚିତ ହୋଇଥିଲେ। ଏହାକୁ ନେଇ ଭୋଟରଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଘଟଣା ଦିନ ସନ୍ଧ୍ୟାରେ ବିଲପୋଖରୀଆପଡ଼ା ଗ୍ରାମର ଶତାଧିକ ପୁରୁଷ ଓ ମହିଳା ପଟ୍ଟାମୁଣ୍ଡାଇ ବ୍ଲକରେ ପହଞ୍ଚି ଥିଲେ। ସାନି ମତଦାନ ଦାବିରେ ଓଉପଦା ସରପଞ୍ଚ ପ୍ରାର୍ଥୀ କଳ୍ପନା ଖଟୁଆ, ପୂର୍ବତନ ସରପଞ୍ଚ ସୁବାସ ଖଟୁଆ, ଗୋଲକ ମଲିକ,ନିରାକାର ରାଉତ, କଳାକର ଭଲ,ଶଙ୍କର୍ଷଣ ସାହୁ, ଲୋକନାଥ ଖଟୁଆ,ପ୍ରମୋଦ ବେହେରା, ଭରତ ସେଠୀ,ହେମନ୍ତ ବିଶ୍ୱାଳ, ପର୍ଶୁରାମ ଭୋଳ,ଦମୟନ୍ତୀ ପ୍ରଧାନ ପ୍ରମୁଖ ଅନଶନରେ ବସିଥିଲେ। ଏହି ଅନଶନ ବୁଧବାର ୪ର୍ଥ ଦିନରେ ପହଞ୍ଚି ଥିଲେ ମଧ୍ୟ ଜିଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ଏହାର ପ୍ରତିବାଦରେ ଅନଶନକାରୀ ଦିଲେଶ୍ୱର ନାଥ ନିଜ ଦେହରେ ପେଟ୍ରୋଲ ଢ଼ାଳି ଆତ୍ମାହୁତି ଉଦ୍ୟମ କରିଥିଲେ। ତାଙ୍କୁ ପଟ୍ଟାମୁଣ୍ଡାଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ କେନ୍ଦ୍ରାପଡ଼ା ଜିଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣା ଜଣାପଡ଼ିବା ପରେ ବ୍ଲକ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ରାଜନଗର ବିଧାୟକ ଧ୍ରୁବ ସାହୁ, କେନ୍ଦ୍ରାପଡ଼ା ଉପଜିଲାପାଳ ନିରଞ୍ଜନ ବେହେରା, ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେହୁରିଆ,ତହସିଲଦାର ଦିଲ୍ଲୀପ କୁମାର ସେଠୀ, ଆଇଆଇସି ତପନ କୁମାର ରାଉତ ପହଞ୍ଚି ଅନଶନକାରୀଙ୍କ ସହିତ ଆଲୋଚନା କରିଥିଲେ। ବିଧାୟକ ଏ ସମ୍ପର୍କରେ ରାଜ୍ୟ ନିର୍ବାଚନ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ପ୍ରତିଶ୍ରୁତି ଦେବା ସହିତ ଜିଲାପାଳ ଆଇନ ଅନୁଯାୟୀ କମିଶନଙ୍କୁ ରିପୋର୍ଟ କରି ସାନି ମତଦାନ ଦିଗରେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେବା ପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା।

## ଷ୍ଟ୍ରଙ୍ଗ୍‌ରୁମ୍ ସମ୍ମୁଖରେ ଜଗିଛନ୍ତି ପ୍ରାର୍ଥୀ

**ପଟ୍ଟାମୁଣ୍ଡାଇ,୨୩।୨(ସ୍ୱ.ପ୍ର.):** ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ୪ର୍ଥ ପର୍ଯ୍ୟାୟ ଭୋଟ ଗ୍ରହଣ ସରିଛି। ଭୋଟ ବାକ୍ସଗୁଡ଼ିକ ଏବେ ଏମଏନ ହାଇସ୍କୁଲର ଷ୍ଟ୍ରଙ୍ଗ୍ ରୁମ୍‌ରେ ରଖାଯାଇଛି। ସେଠାରେ ପୋଲିସ ପ୍ରହରା ଦେଉଛି। ତଥାପି ପ୍ରାର୍ଥୀ ଓ ସେମାନଙ୍କ ସମର୍ଥକମାନେ ଏହାକୁ ବିଶ୍ୱାସକୁ ନେଇ ପାରିନାହାନ୍ତି। ସେମାନେ ଷ୍ଟ୍ରଙ୍ଗ୍‌ରୁମ୍ ସମ୍ମୁଖରେ ମଞ୍ଚା ବାନ୍ଧି ଜଗି ରହିଛନ୍ତି। ଶାସକ ବିଜେଡି ନିଜ ବିଜୟ ପାଇଁ ପ୍ରଶାସନ ଏବଂ ପୋଲିସକୁ ଧରି କିଛି ବି କରିପାରେ, ଏପରି ଆଶଙ୍କାରେ ସେମାନେ ଦିନରାତି ଏକକରି ଷ୍ଟ୍ରଙ୍ଗ୍ ରୁମ୍‌କୁ ଜଗି ରହିଛନ୍ତି ବୋଲି ପ୍ରାର୍ଥୀ ଓ ସମର୍ଥକମାନେ କହିଛନ୍ତି।

# ୩ ପ୍ରମୁଖ ଦଳ ମଧ୍ୟରେ କଡ଼ା ମୁକାବିଲା

**ଜଗତ୍‌ସିଂହପୁର ଅଫିସ, ୨୩।୨**

**ନାଉଗାଁ ବ୍ଲକ ଜିଲା ପରିଷଦ ନିର୍ବାଚନ**



ଜଗତ୍‌ସିଂହପୁର ଜିଲାର ନାଉଗାଁ ଓ ଏରସମା ବ୍ଲକ ଅଞ୍ଚଳରେ ୫ମ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ଗୁରୁବାର ଅନୁଷ୍ଠିତ ହେବ। ଯେହେତୁ ଜିଲାର ୭ଟି ବ୍ଲକ ଅଞ୍ଚଳରେ ନିର୍ବାଚନ ସରିଛି, ଏବେ ଏହି ୨ ବ୍ଲକ ଉପରେ ପ୍ରତ୍ୟେକଙ୍କ ନଜର। ଏଠାରେ ବିଜେଡି, ଭାଜପା ଓ କଂଗ୍ରେସ ଦଳର ନେତାମାନେ ଏବେ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବାକୁ ପୂରା ଦମ୍ ଲଗାଇ ଦେଇଛନ୍ତି। କିନ୍ତୁ ନାଉଗାଁ ବ୍ଲକ ଅଞ୍ଚଳର ରାଜନୈତିକ ପରିବେଶକୁ ନେଇ ଚର୍ଚ୍ଚା ଜୋର ଧରିଛି। କାରଣ ୨୦୧୭ ନିର୍ବାଚନରେ ବ୍ଲକର ୨ଟି ଜିଲା ପରିଷଦ ଜୋନ୍‌ ମଧ୍ୟରୁ ୨ନଂ.ରେ ବିଜେଡି ଓ କଂଗ୍ରେସ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏଥର କିନ୍ତୁ ୨ଟି ଯାକ ଜୋନ୍‌ରେ ବିଜେଡି, କଂଗ୍ରେସ ଓ ଭାଜପା ମଧ୍ୟରେ ଲଢ଼େଇ ଜୋରଦାର ହେବ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

ନାଉଗାଁ ୧ନଂ. ଜୋନ୍ ଅଲଣା, ବଛାଳୋ, ଗଜରାଜପୁର, ଗଳଧାରୀ, ଘୋଡାଂଶ, ଜାମୁଗାଁ, ନାଉଗାଁ ଓ ରୋହିଆ ପଞ୍ଚାୟତକୁ ନେଇ ଗଠିତ। ଗତ ନିର୍ବାଚନରେ ବିଜେଡି ପ୍ରାର୍ଥୀ ଲିଙ୍ଗରାଜ ସ୍ୱାଇଁଙ୍କୁ ୯୮୬୪ ଖଣ୍ଡ, ଅର୍ଥାତ୍ ମୋଟ ମତଦାନର ୩୦.୩୦% ଭୋଟ ମିଳିଥିଲା। କଂଗ୍ରେସର ପ୍ରସନ୍ନ କୁମାର ପରିଡାଙ୍କ ସପକ୍ଷରେ ୭୨୩୩ ଖଣ୍ଡ, ଅର୍ଥାତ୍ ୨୨.୨୧% ଭୋଟ ଯାଇଥିଲା। ଭାଜପାର ଦୁର୍ଗାପ୍ରସାଦ ଆଚାର୍ଯ୍ୟଙ୍କୁ ୬୯୯୭ ଖଣ୍ଡ, ଅର୍ଥାତ୍ ୨୧.୪୯% ଭୋଟ ମିଳିଥିଲା। ଏଥିରୁ ସ୍ପଷ୍ଟ କଂଗ୍ରେସ ଓ ଭାଜପା ପାଖାପାଖି ରହିଛନ୍ତି। ଏମାନଙ୍କ ବାଦ୍ ସ୍ୱାଧୀନ ପ୍ରାର୍ଥୀ ନିଲମ ସ୍ୱାଇଁଙ୍କୁ ୨୦୫୭ ଖଣ୍ଡ, ଅର୍ଥାତ୍ ୬.୩୧% ଭୋଟ ମିଳିବା ରାଜନୈତିକ ଚିତ୍ରପଟ ଓଲଟପାଲଟ କରି ଦେଇଥିଲା; ଯାହାଦ୍ୱାରା ବିଜେଡିର ସ୍ୱାଇଁ ୨୬୩୧ ଖଣ୍ଡ ଭୋଟ ବ୍ୟବଧାନରେ କଂଗ୍ରେସ ପ୍ରାର୍ଥୀ ପରିଡାଙ୍କୁ ପରାସ୍ତ କରିଥିଲେ। ସେହିପରି ୨ନଂ. ଜୋନ୍‌ରେ ବିଜେଡି-କଂଗ୍ରେସ ମଧ୍ୟରେ କଣ୍ଟା ଟକ୍କର ହୋଇଥିଲା। ଭାଜପା ସପକ୍ଷରେ ସନ୍ତୋଷଜନକ ଭୋଟ ଯାଇପାରି ନ ଥିଲା। ଏହି ଜୋନ୍ ଓଷକଣା, କୋରୁଆ, ଡାବର, ଡେରିକି, ତିରୁଣା, ନୂଆଗାଁ, ବାଂଶ ଓ ଶିଖର ପଞ୍ଚାୟତକୁ ନେଇ ଗଠିତ। ଜୋନ୍‌ରୁ ବିଜେଡି ପ୍ରାର୍ଥୀ ସୁବଳ ବେହେରାଙ୍କୁ ୧୨,୩୪୦ ଖଣ୍ଡ, ଅର୍ଥାତ୍ ମୋଟ ମତଦାନର ୩୫.୩୧% ଭୋଟ ମିଳିଥିଲା। କଂଗ୍ରେସର ପିଙ୍କି ପ୍ରୀତିମୟୀ ସେଠୀଙ୍କ ସପକ୍ଷରେ ୧୧,୩୭୮ ଖଣ୍ଡ, ଅର୍ଥାତ୍ ୩୨.୫୬% ଭୋଟ ଯାଇଥିଲା। ଭାଜପାର ସୁନାକର ସେଠୀଙ୍କୁ ୩୧୩୨ ଖଣ୍ଡ, ଅର୍ଥାତ୍ ୮.୯୬% ଭୋଟ ମିଳିଥିଲା। ଏହି ନିର୍ବାଚନରେ କଂଗ୍ରେସର ସେଠୀଙ୍କଠାରୁ ବିଜେଡିର ବେହେରା ମାତ୍ର ୯୬୨ ଖଣ୍ଡ ଅଧିକ ଭୋଟ ପାଇ ବିଜୟୀ ହୋଇଥିଲେ। ଏଥର ନାଉଗାଁ ୧ନଂ. ଜିଲା ପରିଷଦ ଜୋନ୍‌ରେ ବିଜେଡିରୁ ଅମିତା ସ୍ୱାଇଁ, କଂଗ୍ରେସରୁ ଅଲିଭା ସ୍ୱାଇଁ ଓ ଭାଜପାରୁ ଜ୍ୟୋସ୍ନାରାଣୀ ଆଚାର୍ଯ୍ୟ ପ୍ରାର୍ଥୀ ହୋଇଛନ୍ତି। ଅମିତା ଗଳଧାରୀ ଓ ଅଲଣା ପଞ୍ଚାୟତରୁ ସମିତି ସଭ୍ୟା ଭାବେ ନିର୍ବାଚିତ ହେବା ସହ ଅତୀତରେ ନାଉଗାଁ ବ୍ଲକ ଅଧ୍ୟକ୍ଷା ହୋଇ ପାରିଥିଲେ। ତାଙ୍କ ସ୍ୱାମୀ ପ୍ରଦୀପ୍ତ ସ୍ୱାଇଁଙ୍କ ରାଜନୈତିକ ଦକ୍ଷତା ଓ ବିଜେଡି ଯୋଗୁ ସେ ବିଜୟୀ ହେବେ ବୋଲି ଆଶାବାଦୀ ଅଛନ୍ତି। ସେହିପରି କଂଗ୍ରେସ ପ୍ରାର୍ଥୀ ଅଲିଭାଙ୍କ ସ୍ୱାମୀ ଅଶୋକ ସ୍ୱାଇଁ ଦଳର ଜଣେ ଦକ୍ଷ ସଙ୍ଗଠକ। ନବ ନିର୍ମାଣ କୃଷକ ସଙ୍ଗଠନ ଜିଲା ସହସମ୍ପାଦକ ଅଛନ୍ତି। ସ୍ୱାମୀଙ୍କ ସାଙ୍ଗଠନିକ ଦକ୍ଷତା, ବିଜେଡିରେ ଗୋଷ୍ଠୀ କନ୍ଦଳ ଓ କଂଗ୍ରେସର ସାଙ୍ଗଠନିକ କୌଶଳ ତାଙ୍କୁ ଜିତାଇବାରେ ପ୍ରମୁଖ ଭୂମିକା ନିଭାଇବ ବୋଲି ସେ ଆଶା କରିଛନ୍ତି। ସେହିପରି ଭାଜପା ପ୍ରାର୍ଥୀ ଜ୍ୟୋସ୍ନାରାଣୀଙ୍କ ସ୍ୱାମୀ ଦୁର୍ଗାପ୍ରସାଦ ଆଚାର୍ଯ୍ୟ ମଧ୍ୟ ଜଣେ ଦକ୍ଷ ସଙ୍ଗଠକ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନହିତକାରୀ ଯୋଜନା, ଭାଜପାର ଉତ୍ଥାନ ଓ ସାଙ୍ଗଠନିକ କାର୍ଯ୍ୟକ୍ରମ ତାଙ୍କୁ ସଫଳତା ଦେବ ବୋଲି ସେ ଆଶାବାଦୀ ରହିଛନ୍ତି। ଅନୁରୂପ ଭାବେ ନାଉଗାଁ ୨ନଂ. ଜୋନ୍‌ରେ ବିଜେଡିରୁ ମମତା ପରିଡା, କଂଗ୍ରେସରୁ ଗୀତାଞ୍ଜଳି ବେହେରା ଓ ଭାଜପାରୁ ସୀମାଲତା ସ୍ୱାଇଁ ପ୍ରାର୍ଥୀ ହୋଇଛନ୍ତି। ବିଜେଡି ପ୍ରାର୍ଥୀ ମମତାଙ୍କ ଦିଅର ପ୍ରତ୍ୟୁଷ ପରିଡା ବିଜେଡିର ଏହି ବ୍ଲକ ଯୁବ ସଭାପତି ଅଛନ୍ତି। କଂଗ୍ରେସର ଗୀତାଞ୍ଜଳିଙ୍କ ଶ୍ୱଶୁର ବିଜୟ ବେହେରା ଦଳର ବରିଷ୍ଠ କର୍ମୀ। ସୀମାଲତାଙ୍କ ସ୍ୱାମୀ ସଲିଳ ସ୍ୱାଇଁ ଭାଜପାର ଦକ୍ଷ ସଙ୍ଗଠକ। ତେଣୁ ୩ ପ୍ରାର୍ଥୀ ନିଜ ସପକ୍ଷରେ ଭୋଟ ବୃଦ୍ଧି ପାଇଁ ସମସ୍ତ ଉଦ୍ୟମ ଜାରି ରଖିଛନ୍ତି। ଦଳୀୟ ନେତାମାନେ ମଧ୍ୟ କୌଣସି ପରିସ୍ଥିତିରେ ପ୍ରାର୍ଥୀମାନଙ୍କୁ ଜିତାଇବା ପାଇଁ ରଣକୌଶଳ ଆପଣାଇଛନ୍ତି। ଏବେ ଦେଖାଯାଉ ଜନମତ କାହା ସପକ୍ଷରେ ଯାଉଛି।

## ଦେଢ଼ଶୁରର ମାଡ଼ରେ ଭାଇବୋହୂ ଆହତ

**ଆଳି,୨୩।୨(ଡି.ଏନ.ଏ.)**

ଆଳି ଥାନା ଅନ୍ତର୍ଗତ ମହୁ ଗାଁରେ ଦେଢ଼ଶୁରଙ୍କ ମାଡ଼ରେ ଭାଇବୋହୂ ଆହତ ହୋଇ ଆଳି ଥାନାର ଦ୍ୱାରସ୍ଥ ହୋଇଛନ୍ତି। ମହୁ ଗାଁରେ ଶର୍ମିଷ୍ଠା ସାମଲ କରିଥିବା ଅଭିଯୋଗ ଅନୁଯାୟୀ ତାଙ୍କ ସ୍ୱାମୀଙ୍କ ଅନୁପସ୍ଥିତିରେ ସୁଯୋଗ ନେଇ ଦେଢ଼ଶୁର ବିଚିତ୍ର ସାମଲ ତାଙ୍କ ଉପରେ ଆକ୍ରମଣ କରିଥିବା ବିଷୟରେ ତାଙ୍କ ସ୍ୱାମୀଙ୍କୁ ଜଣାଇଥିଲେ। ପରେ ୨୧ ତାରିଖରେ ଦେଢ଼ଶୁର ବିଚିତ୍ର ଓ ତାଙ୍କ ପତ୍ନୀ ନଳିନୀପ୍ରଭା ତାଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଏ ନେଇ ତାଙ୍କ ସ୍ୱାମୀ ଗ୍ରାମର ମୁରବିମାନଙ୍କୁ ଜଣାଇବା ପରେ ଭୋଟ ଗଣତି ପରେ ଏହା ସମାଧାନ ହେବ ବୋଲି କହିଥିଲେ। ବୁଧବାର ସକାଳେ ଶର୍ମିଷ୍ଠା ଘରେ ଚାଉଳ ଧୋଉଥିବା ବେଳେ ଦେଢ଼ଶୁର ବିଚିତ୍ର ପୁଣି ତାଙ୍କୁ ଶାବଳରେ ଆକ୍ରମଣ କଲା ବେଳେ ସେ ହାତ ଦେଖାଇ ଦେଇଥିଲେ। ଫଳରେ ତାଙ୍କ ବାମ ହାତରେ ଶାବଳ ପାହାର ବାଜି ହାତ ଭାଙ୍ଗିଯାଇଛି। ନଳିନୀପ୍ରଭା ତାଙ୍କ ବେକକୁ ଚିପି ମାରି ଦେବାକୁ ଉଦ୍ୟମ କରିବାରୁ ସେ ଚେତା ହରାଇ ଥିଲେ। ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେବା ପରେ ଥାନାରେ ଅଭିଯୋଗ କରିଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ଥାନାରେ ମାମଲା ରୁଜୁ ହୋଇନାହିଁ।

# ୧୫୬୫ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା ଆଜି

**ଜଗତ୍‌ସିଂହପୁର ଅଫିସ, ୨୩।୨**



ନାଉଗାଁଠାରେ ଥିବା ଷ୍ଟ୍ରଙ୍ଗ୍‌ରୁମ୍‌କୁ ଜିଲାପାଳ ପାରୁଲ ପଟ୍ଟୱାରୀ ଓ ଅନ୍ୟମାନେ ବୁଲି ଦେଖୁଛନ୍ତି।

**ଏରସମା, ନାଉଗାଁରେ ଅନ୍ତିମ ପର୍ଯ୍ୟାୟ ନିର୍ବାଚନ**
- ନାଉଗାଁରେ ୭୦,୬୦୪ ଓ ଏରସମାରେ ୧,୧୭,୫୧୪ ଭୋଟର
- ୭୨୪ରୁ ୯୪ ଅତି ସମ୍ବେଦନଶୀଳ ଓ ୧୪୨ ସମ୍ବେଦନଶୀଳ ବୁଥ୍ ଚିହ୍ନଟ

ଜଗତ୍‌ସିଂହପୁର ଜିଲାର ନାଉଗାଁ ଓ ଏରସମା ବ୍ଲକ ଅଞ୍ଚଳରେ ଗୁରୁବାର ୫ମ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ହେବ। ଏ ନେଇ ସମସ୍ତ ପ୍ରସ୍ତୁତି ସରିଛି। ନାଉଗାଁ ବ୍ଲକର ୨ଟି ଜିଲା ପରିଷଦ ଜୋନ୍ ଅନ୍ତର୍ଗତ ୧୬ଟି ପଞ୍ଚାୟତ ପାଇଁ ୨୬୩ଟି ବୁଥ୍ କରାଯାଇଛି। ୭୦,୬୦୪ ଜଣ ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ କରିବେ। ସେହିପରି ଏରସମା ବ୍ଲକର ୪ଟି ଜିଲା ପରିଷଦ ଜୋନ ଅନ୍ତର୍ଗତ ୨୫ଟି ପଞ୍ଚାୟତ ପାଇଁ ୪୬୧ଟି ବୁଥ୍ ହୋଇଛି। ଏଥିରେ ୧,୧୭,୫୧୪ ଜଣ ଭୋଟର ଭୋଟ ଦେବେ। ଉଭୟ ବ୍ଲକ ଅଞ୍ଚଳର ୯୪ଟି ଅତିସମ୍ବେଦନଶୀଳ ଓ ୧୪୨ ସମ୍ବେଦନଶୀଳ ବୁଥ୍ ଚିହ୍ନଟ କରାଯାଇଛି। ମୋଟ ଉପରେ ଉଭୟ ବ୍ଲକ ଅଞ୍ଚଳର ୧୫୬୫ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା ହେବ। ସେମାନଙ୍କ ମଧ୍ୟରୁ ନାଉଗାଁର ୫୬୪ ଓ ଏରସମାର ୧୦୦୧ଜଣ ରହିଛନ୍ତି।

ସୂଚନା ଅନୁଯାୟୀ ନାଉଗାଁ ବ୍ଲକରେ ୬ ଜିଲା ପରିଷଦ, ୫୦ ସମିତି ସଭ୍ୟ, ୬୩ ସରପଞ୍ଚ ଓ ୪୪୫ ୱାର୍ଡ ସଭ୍ୟ ପ୍ରାର୍ଥୀ ରହିଛନ୍ତି। ୮୭ଟି ସମ୍ବେଦନଶୀଳ ବୁଥ୍ ଚିହ୍ନଟ କରାଯାଇଛି। ୭୮୯ ପୋଲିଂ ଅଧିକାରୀ ଓ ୨୬୩ ପୋଲିସ କର୍ମଚାରୀ ନିୟୋଜିତ ହୋଇଛନ୍ତି। ୫୪ଟି ମହିଳା ବୁଥ୍‌ରେ ୧୬୨ ମହିଳା ପୋଲିଂ ଅଧିକାରୀ ରହିଥିବା ସୂଚନା ଦିଆଯାଇଛି। ସେହିପରି ଏରସମା ବ୍ଲକର ୧୮ ଜିଲା ପରିଷଦ, ୭୯ ସମିତି ସଭ୍ୟ, ୯୫ ସରପଞ୍ଚ ଓ ୮୦୯ ୱାର୍ଡ ସଭ୍ୟ ପ୍ରାର୍ଥୀ ରହିଛନ୍ତି। ୫୫ଟି ସମ୍ବେଦନଶୀଳ ଓ ୯୪ଟି ଅତିସମ୍ବେଦନଶୀଳ ବୁଥ୍ ଚିହ୍ନଟ ହୋଇଛି। ୧୩୪୩ ପୋଲିଂ କର୍ମଚାରୀ ନିୟୋଜିତ ହୋଇଛନ୍ତି। ସେଥିମଧ୍ୟରୁ ୭୫ଟି ମହିଳା ବୁଥ୍ ନିମନ୍ତେ ୨୨୫ ମହିଳା କର୍ମଚାରୀ ରହିଛନ୍ତି। ଏହି ବ୍ଲକର ଡିଙ୍କିଆ ପଞ୍ଚାୟତର କାର୍ଯ୍ୟକାଳ ୨୦୨୪ରେ ସରୁଥିବାରୁ ସରପଞ୍ଚ ସମେତ ୨୩ଟି ୱାର୍ଡ ସଭ୍ୟ ପଦବୀ ପାଇଁ ନିର୍ବାଚନ ହେବନାହିଁ। ଦୁଇ ବ୍ଲକରେ ୨୪ ସେକ୍ଟର ଅଫିସର ନିୟୋଜିତ ହୋଇଛନ୍ତି। ସେମାନେ ପୋଲିଂ ଦଳଗୁଡ଼ିକୁ ସୁରକ୍ଷିତ ଭାବେ ବୁଥ୍‌ରେ ପହଞ୍ଚିବାଠାରୁ ମତଦାନ ପରେ ରିସିଭିଂ ସେଣ୍ଟରରେ ପହଞ୍ଚାଇବା ଦାୟିତ୍ୱରେ ଅଛନ୍ତି। ବୁଧବାର ପୋଲିଂ କର୍ମଚାରୀମାନେ ନାଉଗାଁ ବ୍ଲକ କଣିପଡ଼ାସ୍ଥିତ ସରକାରୀ ପଲିଟେକ୍‌ନିକ୍ ଓ ଏରସମା କୋଠିସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପରିସର ବିତରଣ କେନ୍ଦ୍ର (ଡିସପର୍ସାଲ ସେଣ୍ଟର)ରୁ ନିର୍ବାଚନ ସାମଗ୍ରୀ ଗ୍ରହଣ କରି ବୁଥ୍‌ଗୁଡ଼ିକରେ ପହଞ୍ଚିଛନ୍ତି। ତେବେ ଏହା ଭିତରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ପାରୁଲ ପଟାୱରୀ ନିର୍ବାଚନ କାର୍ଯ୍ୟ ତଦାରଖ କରିଛନ୍ତି। ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି ନାଉଗାଁ ଓ ପାରାଦୀପ ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀର ଏରସମା ବ୍ଲକ ଦାୟିତ୍ୱରେ ଅଛନ୍ତି। ସେମାନଙ୍କ ସହ ନାଉଗାଁ ବିଡିଓ ରଶ୍ମିରେଖା ମଲ୍ଲିକ, ତହସିଲଦାର ଜେ. କଳ୍ପନା, ଏରସମା ବିଡିଓ କୈଳାସ ଚନ୍ଦ୍ର ବେହେରା, ତହସିଲଦାର ପ୍ରଜ୍ଞାନନ୍ଦ ଦାସ ପ୍ରମୁଖ ବିତରଣ କେନ୍ଦ୍ରରେ ରହି ନିର୍ବାଚନ କାର୍ଯ୍ୟ ସୁପରିଚାଳନା କରିଥିଲେ। ସାଧାରଣ ପର୍ଯ୍ୟବେକ୍ଷକ ବିମଳେନ୍ଦୁ ରାୟ ମଧ୍ୟ ଉଭୟ ବିତରଣ କେନ୍ଦ୍ର ପରିଦର୍ଶନ କରି ସେକ୍ଟର ଅଫିସର, ବିଡିଓ, ତହସିଲଦାର, ପୋଲିସ ଅଧିକାରୀମାନଙ୍କୁ ନିର୍ବାଚନ ସୁପରିଚାଳନା ସମ୍ପର୍କରେ ପରାମର୍ଶ ଦେଇଥିଲେ। ପୂର୍ବରୁ ୪ଟି ନିର୍ବାଚନ ସରିଥିବାରୁ ଅନ୍ତିମ ଚରଣରେ ଦଳୀୟ ନେତାମାନେ ଉଭୟ ବ୍ଲକ ଅଞ୍ଚଳରେ ଡେରା ପକାଇଥିବା କୁହାଯାଉଛି। ରାତିତମାମ ବିଭିନ୍ନ ଗାଁରେ ଛକାପଞ୍ଝା ସାଙ୍ଗକୁ ଭୋଟରଙ୍କୁ ନିଜ ସପକ୍ଷରେ ଆଣିବାକୁ ଉଦ୍ୟମ କରିବା ନିଆରା ପରିବେଶ ସୃଷ୍ଟି କରିଛି।

## ପଟସରାରେ ସର୍ବାଧିକ, ମଣ୍ଡାସାହିରେ ସର୍ବନିମ୍ନ

**ଜଗତ୍‌ସିଂହପୁର ଅଫିସ, ୨୩।୨**

**୩ ବୁଥ୍‌ରେ ସାନି ମତଦାନ ଶାନ୍ତିପୂର୍ଣ୍ଣ**

ଜଗତ୍‌ସିଂହପୁର ବ୍ଲକ ଅଞ୍ଚଳରେ ଗତ ୧୮ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ବେଳେ ୨ଟି ବୁଥ୍‌ରେ ହିଂସା ହୋଇଥିଲା। ଏହି ବୁଥ୍ ଦୁଇଟି ହେଲା ପଟସରା ପଞ୍ଚାୟତ ଅନ୍ତର୍ଗତ ଡିଅପଟସରା ପ୍ରାଥମିକ ବିଦ୍ୟାଳୟ ୧ନଂ. ଓ ଢୋଲବନ୍ଧ ପ୍ରାଥମିକ ବିଦ୍ୟାଳୟର ୨ନଂ. ବୁଥ୍। ଏଥିସହ ମଣ୍ଡାସାହି ୧୩ ନଂ. ବୁଥ୍‌ରେ ବାଲିକୁଦା ବ୍ଲକ ଅଞ୍ଚଳ ପାଇଁ ଉଦ୍ଦିଷ୍ଟ ଜିଲା ପରିଷଦ ପ୍ରାର୍ଥୀଙ୍କ ବାଲଟ ପେପର ବାହାରିବାରୁ ନିର୍ବାଚନ ସ୍ଥଗିତ ରହିଥିଲା। ରାଜ୍ୟ ନିର୍ବାଚନ କମିଶନଙ୍କ ନିଷ୍ପତ୍ତି ପ୍ରକାରେ ବୁଧବାର ପଟସରାର ୨ଟି ବୁଥ୍‌ରେ ସମସ୍ତ ପଦବୀ ପାଇଁ ସାନି ମତଦାନ କରାଯାଇଥିଲା। ମଣ୍ଡାସାହିର ୧୩ ନଂ. ଜୋନ ପାଇଁ କେବଳ ଜିଲା ପରିଷଦ ସଭ୍ୟ ପଦ ଲାଗି ନିର୍ବାଚନ ହୋଇଥିଲା। ମୋଟାମୋଟି ଭାବେ ନିର୍ବାଚନ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। ନିର୍ବାଚନ ସକାଳ ୯ରୁ ଅପରାହ୍ଣ ୩ଟା ଯାଏ ହୋଇଥିଲା। ସମ୍ଭାବ୍ୟ ପରିସ୍ଥିତିକୁ ଏଡାଇବା ପାଇଁ ପଟସରାର ୨ଟି ବୁଥ୍‌ରେ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ରହି ତଦାରଖ କରିଥିଲେ। ତେବେ ପଟସରା ୧ନଂ. ବୁଥ୍‌ରେ ସର୍ବାଧିକ ୮୧.୨୨% ଓ ମଣ୍ଡାସାହି ୧୩ନଂ.ରେ ସର୍ବନିମ୍ନ ୬୮.୭୫% ମତଦାନ ହୋଇଥିବା ଜଣାପଡିଛି। ପଟସରା ୨ନଂ. ବୁଥ୍‌ରେ ୭୯.୧୪% ମତଦାନ ହୋଇପାରିଛି। ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ପଟସରା ୧ନଂ. ବୁଥ୍‌ରେ ୨୧୧ ଭୋଟର ଅଛନ୍ତି। କିନ୍ତୁ ୧୬୭ ଜଣ ଭୋଟ ଦେଇଥିଲେ। ଯେଉଁମାନଙ୍କ ମଧ୍ୟରେ ୭୬ ମହିଳା ଓ ୯୧ ଜଣ ପୁରୁଷ ଭୋଟର ରହିଛନ୍ତି। ସେହିପରି ପଟସରା ୨ନଂ. ବୁଥ୍‌ରେ ୨୪୫ ଜଣ ଭୋଟର ଥିବାବେଳେ ୧୯୯ ଜଣ ମତଦାନ ଅଧିକାର ସାବ୍ୟସ୍ତ କରିପାରିଛନ୍ତି। ଯେଉଁମାନଙ୍କ ମଧ୍ୟରୁ ୯୫ ମହିଳା ଓ ୧୦୪ ଜଣ ପୁରୁଷ ଭୋଟର ଅଛନ୍ତି। ମଣ୍ଡାସାହି ୧୩ନଂ. ବୁଥରେ ୨୪୦ ଭୋଟରଙ୍କ ମଧ୍ୟରୁ ୧୬୫ ଜଣ ମତଦାନ କରିଛନ୍ତି। ସେମାନଙ୍କ ମଧ୍ୟରୁ ମହିଳା ୯୪ ଓ ପୁରୁଷ ୭୧ ରହିଥିବା ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ପଟସରାର ୨ନଂ. ବୁଥ୍‌ରେ ମାରପିଟ୍, ଭଙ୍ଗାରୁଜା ସାଙ୍ଗକୁ ବାଲଟ୍ ପେପର ଚିରି ଦିଆଯାଇଥିଲା। ଏପରି କି ଆକ୍ରମଣକାରୀମାନେ ୨ନଂ. ବୁଥ୍ ବାଲଟ ବାକ୍ସ ନେଇ ଯାଇଥିଲେ। ଗଣ୍ଡଗୋଳରେ ୫ ଜଣ ଆହତ ହୋଇଥିଲେ। ପରବର୍ତ୍ତୀ ସମୟରେ ବାଲଟ ବାକ୍ସ ଉଦ୍ଧାର କରାଯାଇଥିଲା।



ପଟସରା ପଞ୍ଚାୟତ ଢୋଲବନ୍ଧ ୨ନଂ. ବୁଥ୍‌ରେ ଭୋଟ ଦେବାକୁ ଆସିଥିବା ଭୋଟରମାନେ।

## ଏରସମା ବ୍ଲକ ଡିଙ୍କିଆ ଚାରିଦେଶରେ ନିର୍ବାଚନ ଆଜି

**କୁଜଙ୍ଗ,୨୩।୨(ଡି.ଏନ.ଏ.)**

ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକରେ ଗୁରୁବାର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଅନ୍ତିମ ପର୍ଯ୍ୟାୟ ଅନୁଷ୍ଠିତ ହେବ। ବ୍ଲକର ୪ନଂ. ଜୋନ୍‌ଟି ସବୁଠାରୁ ସ୍ପର୍ଶକାତର ସହ ସମସ୍ତ ରାଜନୈତିକ ଦଳ ପାଇଁ ସମ୍ମାନର ପ୍ରଶ୍ନ ହୋଇଛି। ଜୋନ୍‌ଟି ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ଅଞ୍ଚଳର ଡିଙ୍କିଆ ଚାରିଦେଶରେ ୩ ପଞ୍ଚାୟତ ଡିଙ୍କିଆ, ନୂଆଗାଁ, ଗଡକୁଜଙ୍ଗ ସମେତ ବାଲିତୁଠ, ବାମଦେଇପୁର, ଚଟୁଆ ଓ ବଳେଇପୁର ପଞ୍ଚାୟତକୁ ନେଇ ଗଠିତ। ଉକ୍ତ ଜୋନ୍‌ର ଭୋଟର ସଂଖ୍ୟା ୪୨ହଜାର ହୋଇଥିବା ବେଳେ ୧୦୮ଟି ବୁଥ୍ ହୋଇଛି। ୧୩ଟି ସ୍ପର୍ଶକାତର ବୁଥ୍ ଚିହ୍ନଟ ହୋଇଛି। ଏହା ଅଭୟଚାନ୍ଦପୁର ଓ କୁଜଙ୍ଗ ଥାନା ଅଧୀନରେ ଯାଉଛି। ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପକୁ ନେଇ ଡିଙ୍କିଆ ଚାରିଦେଶରେ ଅବାଧ ଓ ନିରପେକ୍ଷ ନିର୍ବାଚନ ନେଇ ସାଧାରଣରେ ଆଶଙ୍କା ଉପୁଜୁଛି। ଡିଙ୍କିଆ ଗାଁର ବହୁ ଭୋଟର ପ୍ରକଳ୍ପକୁ ନେଇ ବିଭିନ୍ନ ମାମଲାରେ ଛନ୍ଦି ହୋଇପଡିଛନ୍ତି। ମତଦାନ ପାଇଁ ଗାଁ ବାହାରକୁ ଯିବେ କି ନାହିଁ ତାହା ସନ୍ଦେହ ଘେରରେ ରହିଛନ୍ତି। ପ୍ରକଳ୍ପକୁ ନେଇ ବିଭିନ୍ନ ସମୟରେ ଡିଙ୍କିଆରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ଏହାକୁ ଦୃଷ୍ଟିରେ ରଖି ଗାଁରେ ବୁଥ୍ କରା ନ ଯାଇ ୬ଟି ୱାର୍ଡ ପାଇଁ ପାଟଣାରେ ୩ଟା, ମାହାଳରେ ୧ଟା ଓ ତ୍ରିଲୋଚନପୁରରେ ୨ଟି ବୁଥ୍ କରାଯାଇଛି। ଅନ୍ୟପକ୍ଷେ ପଞ୍ଚାୟତରେ ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ପାଇଁ ଗୁରୁତ୍ୱ ବହନ କରୁଥିବାରୁ ଶାସକ ଦଳର ଜିତାପଟ ପାଇଁ ବିଭିନ୍ନ ଉପାୟରେ ଭୋଟରଙ୍କୁ ପ୍ରଲୋଭିତ କରୁଥିବା ଗୋବିନ୍ଦପୁର ଗାଁର ଭ୍ରମରବର ଦାସ, ତପନ ବର୍ଦ୍ଧନ, ଜୟନ୍ତ ଦାସ ଓ ଅଦ୍ୱୈତ ଦାସ ପ୍ରମୁଖ ଅଭିଯୋଗ କରିଛନ୍ତି।

## ନିର୍ଣ୍ଣାୟକ ସାଜିବେ ୩୦ ହଜାର ବଙ୍ଗୀୟ ଭୋଟର

**ମହାକାଳପଡ଼ା, ୨୩।୨ (ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡା ବ୍ଲକରେ ଆସନ୍ତା ଗୁରୁବାର ପଞ୍ଚାୟତ ନିର୍ବାଚନରେ ୨୨, ୨୩ ନଂ. ଜିଲା ପରିଷଦ ଜୋନ୍‌ରେ ହେବ। ଏଠାରେ ୧୧ଟି ପଞ୍ଚାୟତରେ ୩୦ ହଜାରରୁ ଅଧିକ ବଙ୍ଗୀୟ ଭୋଟର ଚଳିତ ନିର୍ବାଚନରେ ନିର୍ଣ୍ଣାୟକ ସାଜିବେ ବୋଲି ଚର୍ଚ୍ଚା ଜୋର ଧରିଛି। ବ୍ଲକର ବଟିଘର, ଖରିନାସୀ, ରାମନଗର, ପେଟଛେଲା, ବଉଳକଣି, ଜମ୍ବୁ, ସୁନିତି, ନାଞ୍ଜୁରା, ଗଗୁଆ, କଂସାର ବଡ଼ ଦାଣ୍ଡୁଆ ପଞ୍ଚାୟତରେ ୧୦ ହଜାରରୁ ଅଧିକ ପାରମ୍ପରିକ ମତ୍ସ୍ୟଜୀବୀ ବସବାସ କରୁଛନ୍ତି। ଅପରପକ୍ଷରେ ଏହି ଦୁଇ ଜୋନ୍‌ରେ ବଙ୍ଗୀୟ ଭୋଟର ଓ ମତ୍ସ୍ୟଜୀବୀମାନଙ୍କ ୨ଗୋଟି ପ୍ରମୁଖ ସମସ୍ୟା ରହିଛି। ସେଗୁଡିକ ହେଲା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ମାଛଧରା କଟକଣା ଓ ଦୀର୍ଘବର୍ଷ ଧରି ଜଙ୍ଗଲ ଜମିରେ ବସବାସ କରିଆସୁଥିବା ବଙ୍ଗୀୟ ଭୋଟରମାନଙ୍କୁ ସ୍ଥାୟୀ ପଟ୍ଟା ନ ମିଳିବାରୁ ମୁଣ୍ଡ ବିନ୍ଧାର କାରଣ।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ନିର୍ବାଚନ ଆସିଲେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଭୋଟରମାନଙ୍କ ସ୍ଥାୟୀ ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ମିଳେ। ନିର୍ବାଚନୀ ବୈତରିଣୀ ପାର ହେବା ପରେ ରାଜନେତାମାନେ ସବୁ କିଛି ଭୁଲି ଯାଆନ୍ତି। ଏହି ଦୁଇ ପ୍ରମୁଖ ସମସ୍ୟାକୁ ନେଇ ବଙ୍ଗୀୟ ଭୋଟରମାନଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି ବୋଲି କୁହାଯାଇଛି। ୨୨ ନଂ. ଜିଲା ପରିଷଦ ଜୋନ୍‌ରୁ ବିଜେଡିରୁ ଅପୁ ପରିଡ଼ା, ଭାଜପାରୁ ସରୋଜକାନ୍ତ ସାହୁ, କଂଗ୍ରେସରୁ ବ୍ରଜମୋହନ ମଣ୍ଡଳ ପ୍ରାର୍ଥୀ ହୋଇଛନ୍ତି। ଏହି ଜୋନରୁ ୨୦୧୭ ପଞ୍ଚାୟତ ନିର୍ବାଚନରେ ବିଜେଡିର କବିତା ମଲିକ ୧୧ ହଜାରରୁ ଅଧିକ ଭୋଟରେ ବିଜୟ ଲାଭ କରିଥିଲେ। ସେହିପରି ୨୩ ନଂ. ଜିଲା ପରିଷଦ ଜୋନରୁ ବିଜେଡିରୁ ମୃତ୍ୟୁଞ୍ଜୟ ମଣ୍ଡଳ, ଭାଜପାରୁ ଶଶିକାନ୍ତ ପରିଡ଼ା, ସିଆଇଏମ୍‌ରୁ ନରୋତ୍ତମ ପାର୍ଥସାରଥି, କଂଗ୍ରେସରୁ ସୁଶୀଲ ସେନାପତି ଓ ସ୍ୱାଧୀନ ଭାବେ ଅଚିନ୍ତ ମାଇତି ପ୍ରାର୍ଥୀ ହୋଇ ନିର୍ବାଚନ ମଇଦାନରେ ରହିଛନ୍ତି। ଏହି ଜୋନ୍‌ରୁ ୨୦୧୭ ନିର୍ବାଚନରେ ବିଜେଡିରୁ ମାଧବୀଲତା ହାଲଦାର ବିଜୟୀ ହୋଇଥିଲେ। କିନ୍ତୁ ବାସ୍ତବ ପକ୍ଷେ ବିଜେଡି ସହ ଭାଜପାର କଡ଼ା ମୁକାବିଲା ହେବ ବୋଲି ରାଜନୈତିକ ବିଶ୍ଳେଷକମାନେ କହିଛନ୍ତି। ଏହି ଦୁଇ ଜିଲା ପରିଷଦ ଜୋନ୍‌ରେ ବିଜେଡି ପ୍ରାର୍ଥୀମାନେ ଗଡ଼ ବଞ୍ଚାଇବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ ଆରମ୍ଭ କରିଦେଇଛନ୍ତି। ୨୨ ନଂ. ଜିଲା ପରିଷଦ ଜୋନ୍‌ରେ ୩୫ ହଜାରରୁ ଅଧିକ ଭୋଟର ଥିବାବେଳେ ୨୩ ନଂ. ଜୋନ୍‌ରେ ୩୪ ହଜାରରୁ ଅଧିକ ଭୋଟର ରହିଛନ୍ତି। ମୋଟରେ ୬୯ ହଜାରରୁ ଅଧିକ ଥିବାବେଳେ ସେଥିମଧ୍ୟରୁ ୩୦ ହଜାରରୁ ଅଧିକ ବଙ୍ଗୀୟ ଭୋଟରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି। ବଙ୍ଗୀୟ ଭୋଟରଙ୍କ ମନ ଜିଣିବାକୁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଭିନ୍ନ ଭିନ୍ନ ପନ୍ଥା ଓ କସରତ କରିବା ଏବେଠୁ ଆରମ୍ଭ ହୋଇଗଲାଣି।



ମହାକାଳପଡ଼ା ବ୍ଲକର ବଙ୍ଗଭାଷୀ ଅଧ୍ୟୁଷିତ ଗାଁର ଚିତ୍ର।

- ମହାକାଳପଡ଼ା ବ୍ଲକ ୨୨, ୨୩ ନଂ. ଜିଲା ପରିଷଦ ଜୋନ୍

# ସମ୍ମାନ ରକ୍ଷା ପାଇଁ ଭାଜପା ଲଢ଼ିବ

**କେନ୍ଦ୍ରାପଡ଼ା ଅଫିସ, ୨୩।୨**

- ଶେଷ ପର୍ଯ୍ୟାୟ ମହାକାଳପଡ଼ା ବ୍ଲକ ଭୋଟ
- ୪୭୪ ବୁଥରୁ ୨୫୮ ଉତ୍ତେଜନାପ୍ରବଣ

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଞ୍ଚଳରେ ଗୁରୁବାର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଶେଷ ତଥା ପଞ୍ଚମ ପର୍ଯ୍ୟାୟ ଭୋଟ ଗ୍ରହଣ ଅନୁଷ୍ଠିତ ହେବ। ୨୦୧୭ ନିର୍ବାଚନରେ ଏହି ବ୍ଲକ ଅଞ୍ଚଳରେ ଭାଜପା ପ୍ରଭାବ ବିସ୍ତାର କରିଥିଲା। ବ୍ଲକର ୨୦ ଓ ୨୧ ନଂ. ଜୋନରେ ଭାଜପା ପ୍ରାର୍ଥୀ ଜିତିଥିଲେ। ଅପରପକ୍ଷରେ ୧୯, ୨୨ ଓ ୨୩ ନଂ. ଜୋନରେ ବିଜେଡି ପ୍ରାର୍ଥୀ ଜିତିଥିଲେ। କଂଗ୍ରେସ ଏହି ବ୍ଲକର ଭୋଟ ସଂଗ୍ରହ ହାରରେ ତୃତୀୟ ସ୍ଥାନରେ ଥିଲା। ତେବେ ଚଳିତ ନିର୍ବାଚନରେ ଭାଜପା ସମ୍ମାନ ରକ୍ଷା ପାଇଁ ସଂଘର୍ଷ କରୁଛି। ଗତ ୪ ପର୍ଯ୍ୟାୟ ନିର୍ବାଚନରେ ରାଜନୈତିକ ହିଂସାକାଣ୍ଡ ବୃଦ୍ଧି ପାଇଥିବାରୁ ପ୍ରତିକାର ପାଇଁ ବ୍ୟାପକ ପୋଲିସ ବଳ ମୁତୟନ ହୋଇଛି। ମହାକାଳପଡ଼ା ବ୍ଲକ ଅଞ୍ଚଳର ୫ ଜିଲା ପରିଷଦ ଜୋନ ଅଞ୍ଚଳରେ ମୋଟ ଭୋଟରଙ୍କ ସଂଖ୍ୟା ୧,୬୬,୨୭୦। ୪୭୪ ବୁଥରୁ ୨୫୮ଟି ଉତ୍ତେଜନା ପ୍ରବଣ ବୋଲି ଚିହ୍ନଟ ହୋଇଛି। ଏହି ବ୍ଲକର ୧୯ନଂ. ଜୋନରେ କଂଗ୍ରେସରୁ ମାନସୀପ୍ରଭା ଦାଶ, ଭାଜପାରୁ ମୋନାଲିସା ଦାସ ଓ ବିଜେଡିରୁ ସସ୍ମିତା ସ୍ୱାଇଁ ପ୍ରାର୍ଥୀ ହୋଇଛନ୍ତି। ୨୦ ନଂ. ଜୋନରେ ସ୍ୱାଧୀନ ପ୍ରାର୍ଥୀ ଅଧୀର ନାଥଶର୍ମା, କଂଗ୍ରେସରୁ କଳ୍ପତରୁ ପ୍ରଧାନ, ବିଜେଡିରୁ ସୁବୋଧ କୁମାର ଲେଙ୍କା, ଭାଜପାରୁ ସୌଭାଗ୍ୟ କୁମାର ପରିଡ଼ା ଜିଲା ପରିଷଦ ସଭ୍ୟ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତାରେ ଅଛନ୍ତି। ୨୧ନଂ. ଜୋନରେ ବିଜେଡିରୁ ଅନୁରାଧା ସ୍ୱାଇଁ, ଭାଜପାରୁ କାମିନୀ ଖଟୁଆ, କଂଗ୍ରେସରୁ ଚୁନିଲତା ମାଝି ନିର୍ବାଚନୀ ମଇଦାନରେ ଅଛନ୍ତି। ବ୍ଲକର ୨୨ ନଂ. ଜୋନରେ ବିଜେଡିରୁ ଅପୁ ପରିଡା, କଂଗ୍ରେସରୁ ବ୍ରଜମୋହନ ମଣ୍ଡଳ, ଭାଜପାରୁ ସରୋଜକାନ୍ତ ସାହୁ ପ୍ରାର୍ଥୀ ହୋଇଛନ୍ତି। ସେହିପରି ୨୩ ନଂ. ଜୋନରେ ସ୍ୱାଧୀନ ପ୍ରାର୍ଥୀ ଅଚିନ୍ତ କୁମାର ମାଇତି, ସିପିଆଇ ପ୍ରାର୍ଥୀ ନରୋତ୍ତମ ପାର୍ଥସାରଥୀ, ବିଜେଡିରୁ ମୃତ୍ୟୁଞ୍ଜୟ ମଣ୍ଡଳ, ଭାଜପାରୁ ଶଶିକାନ୍ତ ପରିଡ଼ା, କଂଗ୍ରେସରୁ ସୁଶୀଲ କୁମାର ସେନାପତି, ଏଏପିରୁ ସୁଜିତ ସରକାର ଜିଲା ପରିଷଦ ପ୍ରାର୍ଥୀ ହୋଇଛନ୍ତି। ୨୪ ନଂ. ଜୋନରେ ବହୁମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ଏହି ଜୋନରେ ବିଏସ୍‌ପିରୁ ଅଶୋକ କୁମାର ପ୍ରଧାନ, ସ୍ୱାଧୀନ ପ୍ରାର୍ଥୀ ଜଳଧର ବେହେରା, କଂଗ୍ରେସରୁ ଦୋଳଗୋବିନ୍ଦ ମାହାଳି, ଭାଜପାରୁ ପ୍ରଜେଶ ରଞ୍ଜନ ନାୟକ, ସ୍ୱାଧୀନ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ପରିଡ଼ା, ବିଜେଡିରୁ ପ୍ରମୋଦ କୁମାର ରଥ, ସ୍ୱାଧୀନ ପ୍ରାର୍ଥୀ ମାଧବ ଚନ୍ଦ୍ର ନାୟକ, ରାଜେନ୍ଦ୍ର ମଲ୍ଲିକ ଓ ସିପିଆଇରୁ ସୀତାକାନ୍ତ ନାୟକ ନିର୍ବାଚନ ମଇଦାନରେ ଅଛନ୍ତି। ବ୍ଲକ ଅଞ୍ଚଳରେ ପାନୀୟ ଜଳ, ଗମନାଗମନ ରାସ୍ତା ଓ ସେତୁଠାରୁ ଆରମ୍ଭ କରି କ୍ଷେତକୁ ଜଳ ପରିଚାଳନା ପ୍ରମୁଖ ସମସ୍ୟା ଭାବେ ଉପସ୍ଥାପିତ ହୋଇଛି। ବ୍ଲକରେ ବିଜେଡି ଓ ଭାଜପା ପାଇଁ ଦଳୀୟ ଅନ୍ତଃକନ୍ଦଳ ସହ ଆଞ୍ଚଳିକ ସମସ୍ୟା ରହିଛି। ଏହାର ଫାଇଦା ବିରୋଧୀ କଂଗ୍ରେସ ନେବ ବୋଲି ଆଲୋଚନା ହେଉଛି। ବ୍ଲକର ୪୭୪ ବୁଥ୍‌ରେ ନିର୍ବାଚନ ପାଇଁ ୧୪୯୪ ପୋଲିଂ କର୍ମଚାରୀ ନିଯୁକ୍ତ ହୋଇଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୨୧ ମୋବାଇଲ ପାର୍ଟି ସହ ୫୨୧ ପୋଲିସ କର୍ମଚାରୀଙ୍କୁ ନିଯୁକ୍ତ କରାଯାଇଛି। ଏଥିସହ ବ୍ଲକରେ ୫ ଜଣ ପଦାଧିକାରୀଙ୍କୁ ନିର୍ବାଚନ ପାଇଁ ମାଜିଷ୍ଟ୍ରେଟ ପଦବୀରେ ଅବସ୍ଥାପିତ କରାଯାଇଛି। ସମସ୍ତ ବୁଥ୍‌ରେ ପୋଲିଂ କର୍ମଚାରୀ ପହଞ୍ଚି ଥିବା ଉପଜିଲାପାଳ ନିରଞ୍ଜନ ବେହେରା ସୂଚନା ଦେଇଛନ୍ତି।



ମହାକାଳପଡ଼ାରେ କରାଯାଇଥିବା ଏକ ପିଙ୍କ ବୁଥ୍‌ରେ ମହିଳା ପୋଲିଂ ପାର୍ଟି।

**ଭାରତ ଆସିଲା ଆଉ ୩ ରାଫାଲ**

ଭାରତରେ ପହଞ୍ଚିଲା ଆଉ ୩ ରାଫାଲ ଯୁଦ୍ଧ ବିମାନ। ଫ୍ରାନ୍ସରୁ ଆସିଥିବା ଏହି ଯୁଦ୍ଧ ବିମାନ ମଙ୍ଗଳବାର ସନ୍ଧ୍ୟାରେ ପହଞ୍ଚିଛି। ବର୍ତ୍ତମାନ ସୁଦ୍ଧା ଭାରତରେ ରାଫାଲ ସଂଖ୍ୟା ୩୫ ଛୁଇଁଛି। ଆଉ ଗୋଟିଏ ରାଫାଲ ଆସିବା ବାକି ରହିଛି। ୨୦୧୬ରେ ୩୬ ରାଫାଲ ଯୁଦ୍ଧ ବିମାନ ପାଇଁ ଭାରତ ଓ ଫ୍ରାନ୍ସ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଏ ନେଇ କେନ୍ଦ୍ର ସରକାର ୫୯ ହଜାର କୋଟି ଟଙ୍କା ବ୍ୟୟ କରିଛନ୍ତି। ଗତବର୍ଷ ଜୁଲାଇ ୨୯ରେ ପ୍ରଥମ ପର୍ଯ୍ୟାୟରେ ୫ଟି ରାଫାଲ ଭାରତ ଆସିଥିଲା।

# ୟୁକ୍ରେନ୍‌ରେ ହେବ ଏମର୍ଜେନ୍ସି



କ୍ୱିଭ୍‌ସ୍ଥିତ ରୁଷିଆ ଦୂତାବାସ ସମ୍ମୁଖରେ ୟୁକ୍ରେନ୍‌ବାସୀଙ୍କ ବିକ୍ଷୋଭ।

**କ୍ୱିଭ, ୨୩।୨**

ଯେ କୌଣସି ସମୟରେ ରୁଷିଆ ଆକ୍ରମଣ କରିବା ଆଶଙ୍କା ଘନେଇଥିବାବେଳେ ୟୁକ୍ରେନ ସରକାର ସେଠାରେ ଜରୁରିକାଳୀନ ସ୍ଥିତି ଜାରି କରିପାରନ୍ତି। ୟୁକ୍ରେନ ସୁରକ୍ଷା ପରିଷଦ ବୁଧବାର ଏହି ପ୍ରସ୍ତାବକୁ ଅନୁମୋଦନ ଦେଇସାରିଛି। ପାର୍ଲାମେଣ୍ଟରେ ଏହା ପାରିତ ହେବାପରେ ଦେଶରେ ଏମର୍ଜେନ୍ସି ଜାରି ହେବ ବୋଲି ବୁଧବାର ୟୁକ୍ରେନର ଜଣେ ବରିଷ୍ଠ ସୁରକ୍ଷା ଅଧିକାରୀ ଡାନିଲୋଭ୍ ସୂଚନା ଦେଇଛନ୍ତି। ଏମର୍ଜେନ୍ସି ୩୦ ଦିନ ପାଇଁ ଲାଗୁ ହୋଇପାରେ। ଆବଶ୍ୟକ ପଡ଼ିଲେ ତାହା ଆଉ ମାସେ ପାଇଁ ମଧ୍ୟ ଜାରି କରାଯିବ ବୋଲି ସେ କହିଛନ୍ତି। ଏହା ଉପରେ ଖୁବଶୀଘ୍ର ପାର୍ଲାମେଣ୍ଟରେ ଭୋଟ କରାଯିବ।

ଏମର୍ଜେନ୍ସି ଜାରି ଦ୍ୱାରା ଅଧିକାରୀମାନଙ୍କୁ ସ୍ୱତନ୍ତ୍ର ଅଧିକାର ପ୍ରଦାନ କରାଯିବ। କେତେବେଳେ କେଉଁ ନିୟମ ଲାଗୁ ହେବ ତାହା ସେମାନେ ସ୍ଥିର କରିବେ। ପରିବହନ କଟକଣା, ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିକୁ ଅତିରିକ୍ତ ସୁରକ୍ଷା ପ୍ରଦାନ, ଆନ୍ଦୋଳନ ଓ ବିକ୍ଷୋଭ ଉପରେ ରୋକ ଆଦି ସମ୍ପର୍କିତ ନିଷ୍ପତ୍ତି ନିଆଯାଇପାରିବ। ଆଞ୍ଚଳିକ ସରକାରୀ ଅଧିକାରୀମାନଙ୍କୁ ମଧ୍ୟ ସ୍ୱତନ୍ତ୍ର ଅଧିକାର ମିଳିବ। ତେବେ ୟୁକ୍ରେନର ପୂର୍ବଭାଗରେ ଥିବା ଡୋନେସ୍କ ଏବଂ ଲୁହାନ୍‌ସ୍କ ଏଥିରୁ ବାଦ୍ ପଡ଼ିବ। ୟୁକ୍ରେନ ଆଣବିକ ଅସ୍ତ୍ର ବ୍ୟବହାର କରିପାରେ ବୋଲି ଆଶଙ୍କା ପ୍ରକାଶ ପାଇଥିବାବେଳେ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଏହା ଉପରେ କୌଣସି ନିଷ୍ପତ୍ତି ନେଇ ନ ଥିବା ଡାନିଲୋଭ୍ କହିଛନ୍ତି। ୟୁକ୍ରେନ ପାଖରେ ଆଣବିକ ଅସ୍ତ୍ର ରୁଷିଆ ପାଇଁ ବିପଦ ବୋଲି ପୂର୍ବରୁ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ କହିଥିଲେ।

ରୁଷିଆର ଆକ୍ରମଣାତ୍ମକ ଆଭିମୁଖ୍ୟ ବିରୋଧରେ ୟୁକ୍ରେନବାସୀଙ୍କ ମଧ୍ୟରେ କ୍ରୋଧ ଉପୁଜିଛି। ସେମାନେ ରାସ୍ତାକୁ ଓହ୍ଲାଇ ପୁଟିନ୍‌ଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ ଜାରି ରଖିଛନ୍ତି। କ୍ୱିଭ୍ ସ୍ଥିତ ରୁଷିଆ ଦୂତାବାସ ନିକଟରେ ମଧ୍ୟ ସେମାନେ ପ୍ରତିବାଦ ଜଣାଇଛନ୍ତି। ଦେଶବାସୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସାଧାରଣ ଲୋକେ ପାଖରେ ବନ୍ଧୁକ ଓ ଅସ୍ତ୍ରଶସ୍ତ୍ର ରଖିପାରିବା ସଂକ୍ରାନ୍ତୀୟ ଏକ ପ୍ରସ୍ତାବକୁ ୟୁକ୍ରେନ ପାର୍ଲାମେଣ୍ଟରେ ଭୋଟ କରାଯାଇଛି।

- ସାଧାରଣ ଲୋକ ବନ୍ଧୁକ ରଖିବାକୁ ପାର୍ଲାମେଣ୍ଟରେ ଭୋଟ
- ଟିକସ କୋହଳ କଲେ ରାଷ୍ଟ୍ରପତି ଜେଲେନ୍‌ସ୍କି

### କାହା ପକ୍ଷରେ କିଏ

ୟୁକ୍ରେନ ସଙ୍କଟରେ ଦୁଇ ମହାଶକ୍ତି ଆମେରିକା ଓ ରୁଷିଆ ମୁହାଁମୁହିଁ ସ୍ଥିତିରେ ରହିଛନ୍ତି। ଯୁଦ୍ଧ ହେଲେ ବିଶ୍ୱ ଦୁଇ ଭାଗ ହେବାର ଯଥେଷ୍ଟ ଆଶଙ୍କା ରହିଛି। ରୁଷିଆ ବିରୋଧରେ ଲଢ଼େଇ ପାଇଁ ଆମେରିକା ନର୍ଥ ଆଟ୍‌ଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ (ନାଟୋ)ର ସମସ୍ତ ୩୦ ରାଷ୍ଟ୍ର ତଥା ପାଶ୍ଚାତ୍ୟ ଦେଶଗୁଡ଼ିକଠାରୁ ସହଯୋଗ ପାଇବ। ଏହା ସହ ଏସିଆର ଅନ୍ୟତମ ଶକ୍ତିଶାଳୀ ଦେଶ ଜାପାନ ଏବଂ ଅଷ୍ଟ୍ରେଲିଆ ମଧ୍ୟ ଆମେରିକାକୁ ସମର୍ଥନ ଦେବେ। ଆମେରିକା ବିରୋଧରେ ରୁଷିଆକୁ ଚାଇନା ସମସ୍ତ ପ୍ରକାର ସହଯୋଗ କରିବ। କାରଣ ଚାଇନା ମଧ୍ୟ ନାଟୋର ବିସ୍ତାର ଚାହୁଁନାହିଁ। ଏହାଛଡ଼ା ଆମେରିକା ରୁଷିଆର ଶତ୍ରୁରାଷ୍ଟ୍ର ହୋଇଥିବାବେଳେ ଚାଇନା ମଧ୍ୟ ୱାଶିଂଟନ୍‌କୁ ନିଜର ବଡ଼ ପ୍ରତିଦ୍ୱନ୍ଦ୍ୱୀ ମନେକରେ। ସୋଭିଏଟ୍ ସଂଘରୁ ଅଲଗା ହୋଇଥିବା ଆର୍ମେନିଆ, କାଜାଖସ୍ତାନ, କିର୍ଗିଜସ୍ତାନ, ତାଜିକିସ୍ତାନ ଏବଂ ବେଲାରୁଷ ରୁଷିଆ ପକ୍ଷରେ ରହିବେ। ଆମେରିକା ସହ ଇରାନ୍‌ର ସମ୍ପର୍କ ଭଲ ନ ଥିବାରୁ ଏହି ଦେଶ ରୁଷିଆକୁ ସହଯୋଗ କରିବ। ୟୁକ୍ରେନ ସଙ୍କଟରେ ଭାରତ କାହା ପକ୍ଷ ନେବା ତାହା କହିବା ସହଜ ନୁହେଁ। କାରଣ ରୁଷିଆ ଭାରତର ବନ୍ଧୁ ରାଷ୍ଟ୍ର ହୋଇଥିବାବେଳେ ଆମେରିକା ସହ ସମ୍ପର୍କ ଖରାପ କରିବାକୁ ନୂଆଦିଲ୍ଲୀ ଚାହିଁବ ନାହିଁ। ଅନ୍ୟପକ୍ଷରେ ୨୦୦୯ରେ ନାଟୋରେ ସାମିଲ ହୋଇଥିବା କ୍ରୋଏସିଆ ରୁଷିଆ ବିରୋଧୀ ଆଭିମୁଖ୍ୟ ଦେଖାଉ ନାହିଁ। ରୁଷିଆର ସୁରକ୍ଷା କଥା ଚିନ୍ତା କରିବା ଆବଶ୍ୟକ ବୋଲି ପୂର୍ବରୁ କ୍ରୋଏସିଆ କହିଥିଲା। କିନ୍ତୁ ପୁଟିନ୍ ପୂର୍ବ ୟୁକ୍ରେନର ଡୋନେସ୍କ ଏବଂ ଲୁହାନ୍‌ସ୍କକୁ ସ୍ୱାଧୀନ ଘୋଷଣା କରିବା ପରେ କ୍ରୋଏସିଆ ଏହାକୁ ନିନ୍ଦା କରିଥିଲା। ତେଣୁ ଏହି ଦେଶ କାହାକୁ ସମର୍ଥନ ଦେବ ତାହା କହିହେବ ନାହିଁ। ସେହିପରି ଆଜରବାଇଜାନ ଏବଂ ପାକିସ୍ତାନ ରୁଷିଆ ପକ୍ଷରେ ରହିପାରନ୍ତି।


ରୁଷିଆ ସହ ଲଢ଼ିବା ପାଇଁ ତାଲିମ ନେଉଛନ୍ତି ୟୁକ୍ରେନ୍ ଯୁବତୀ।

ଅନ୍ୟପକ୍ଷରେ ଦେଶରେ ଅର୍ଥନୀତି ପ୍ରଭାବ ହେବା ଆଶଙ୍କାରେ ୟୁକ୍ରେନ ରାଷ୍ଟ୍ରପତି ଟିକସ କୋହଳ ନେଇ ଘୋଷଣା କରିଛନ୍ତି। ଏହା ସହ ଏଭଳି ସଙ୍କଟ ସମୟରେ ବାଣିଜ୍ୟ କାରବାର ଉପରେ ପ୍ରଭାବ କମ୍ କରିବା ଏବଂ ଅର୍ଥନୀତିକୁ ବଞ୍ଚାଇବା ନିମନ୍ତେ ଜେଲେନ୍‌ସ୍କି ଦେଶର ପ୍ରମୁଖ ୫୦ ବ୍ୟବସାୟୀଙ୍କ ସହ ବୈଠକ ଡାକିଛନ୍ତି।

### ମୁଖ୍ୟ ଅପ୍‌ଡେଟ୍

- ଆଲୋଚନା ଓ କୂଟନୈତିକ ରାସ୍ତାରେ ସମାଧାନ ପାଇଁ ରୁଷିଆ ପ୍ରସ୍ତୁତ ଥିବା ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ କହିଛନ୍ତି। କିନ୍ତୁ ଦେଶର ସ୍ୱାର୍ଥକୁ ନେଇ କୌଣସି ମୂଲ୍ୟରେ ମସ୍କୋ ବୁଝାମଣା କରିବ ନାହିଁ ବୋଲି ସେ ଦୋହରାଇଛନ୍ତି।
- ୟୁରୋପୀୟ ନିରାପତ୍ତାର ଭାଗ୍ୟ ୟୁକ୍ରେନରେ ସ୍ଥିର କରାଯାଉଛି ବୋଲି ଏହାର ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି। ଏହାସହ ଉଭୟ ପାଶ୍ଚାତ୍ୟ ଦେଶ ଏବଂ ରୁଷିଆଠାରୁ ସେ ସ୍ୱଷ୍ଟ, ନିର୍ଦ୍ଦିଷ୍ଟ ଓ ତତ୍କାଳ ସୁରକ୍ଷାର ଗ୍ୟାରେଣ୍ଟି ଦାବି କରିଛନ୍ତି।
- ଉତ୍ତେଜନା ବୃଦ୍ଧି ମଧ୍ୟରେ ଗୁରୁବାର ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ ସେରଗେ ଲାଭ୍‌ରୋଭ୍‌ଙ୍କ ସହ ହେବାକୁ ଥିବା ବୈଠକକୁ ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ ବାତିଲ କରିଛନ୍ତି। ରୁଷିଆ ୟୁକ୍ରେନ ଉପରେ ଆକ୍ରମଣ ନ କଲେ ଆଲୋଚନା ହେବ ବୋଲି ସ୍ଥିର ହୋଇଥିଲା। କିନ୍ତୁ ରୁଷିଆ ଆକ୍ରମଣ ଆରମ୍ଭ କରି କୂଟନୈତିକ ରାସ୍ତାକୁ ବନ୍ଦ କରିଦେଇଛି ବୋଲି ବ୍ଲିଙ୍କେନ୍ କହିଛନ୍ତି।
- ଆମେରିକା ଲଗାଇଥିବା କଟକଣାର ଦୃଢ଼ ଜବାବ ଦିଆଯିବ ବୋଲି ରୁଷିଆ ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ଆର୍ଥିକ କଟକଣା ସମସ୍ୟାର ସମାଧାନ ନୁହେଁ ବୋଲି ଚାଇନା ପକ୍ଷରୁ କୁହାଯାଇଛି।
- ଜାପାନରେ ରୁଷିଆ ସରକାରଙ୍କ ବଣ୍ଡ୍ ଇସୁ୍ୟ ଏବଂ ବଣ୍ଟନ ଉପରେ ବ୍ୟାନ୍ ଲାଗିଛି। ସେଠାରେ ୟୁକ୍ରେନ ବିଚ୍ଛିନ୍ନତାବାଦୀଙ୍କ ଥିବା ସମ୍ପତ୍ତି ଫ୍ରିଜ୍ କରାଯାଇଛି। ଡୋନେସ୍କ ଏବଂ ଲୁହାନ୍‌ସ୍କରେ ସମସ୍ତ କାରବାର ବନ୍ଦ ପାଇଁ ଜାପାନ ପ୍ରଧାନମନ୍ତ୍ରୀ ଫ୍ୟୁମିଓ କିସିଦା ଘୋଷଣା କରିଛନ୍ତି। ଅଷ୍ଟ୍ରେଲିଆ ଏବଂ କାନାଡା ମଧ୍ୟ ବୁଧବାର ରୁଷିଆ ଉପରେ ଆର୍ଥିକ କଟକଣା ଲଗାଇଛନ୍ତି।
- ୟୁକ୍ରେନକୁ ଅଧିକ ସାମରିକ ସହାୟତା ଯୋଗାଇଦେବାକୁ ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍ କହିଛନ୍ତି। ଏଥିରେ ଘାତକ ଅସ୍ତ୍ରଶସ୍ତ୍ର ସାମିଲ ରହିବ।
- ପୂର୍ବ ୟୁକ୍ରେନର ଡୋନେସ୍କ ଏବଂ ଲୁହାନ୍‌ସ୍କକୁ ରୁଷିଆ ସ୍ୱାଧୀନ ମାନ୍ୟତା ଦେବାକୁ ସମର୍ଥନ କରିଥିବା ୩୫୧ ରାଜନେତା ଅନ୍ୟ ପ୍ରମୁଖ ବ୍ୟକ୍ତିଙ୍କ ଉପରେ କଟକଣା ଲଗାଯାଇଛି। ୟୁକ୍ରେନ ପାର୍ଲାମେଣ୍ଟରେ ଏହି ପ୍ରସ୍ତାବକୁ ଭୋଟ ମିଳିଛି। ୟୁକ୍ରେନ ମଧ୍ୟରେ ପ୍ରବେଶ କଟକଣା ଏବଂ ସେମାନଙ୍କ ବ୍ୟବସାୟ ଓ ଅନ୍ୟ କାରବାର ସମ୍ବନ୍ଧୀୟ ଲାଇସେନ୍ସ ବାତିଲ କରାଯିବାକୁ ଏଥିରେ ପ୍ରସ୍ତାବ ରହିଛି।
- ୟୁକ୍ରେନ ସରକାର, ବହିର୍ବ୍ୟାପାର ମନ୍ତ୍ରଣାଳୟ ଓ ପାର୍ଲାମେଣ୍ଟ ୱେବ୍‌ସାଇଟକୁ ବୁଧବାର ହ୍ୟାକର୍ସମାନେ ପୁଣି ଟାର୍ଗେଟ କରିଛନ୍ତି। ଏଥିଯୋଗୁ ଏହି ସାଇଟ୍‌ଗୁଡ଼ିକ ଧିମେଇ ଯିବା ସହ ଏହାର ଆକ୍‌ସେସ୍ କିଛି ସମୟ ପାଇଁ ବନ୍ଦ ହୋଇଯାଇଥିଲା।

### ରୁଷିଆ ଫେରୁଛନ୍ତି ଦୂତାବାସ କର୍ମଚାରୀ

**ନାଗରିକଙ୍କୁ ଫେରାଇ ନେଉଛି ୟୁକ୍ରେନ୍**

ୟୁକ୍ରେନ-ରୁଷିଆ ବିବାଦ ଅତି ସମ୍ବେଦନଶୀଳ ସ୍ଥିତିରେ ଥିବାବେଳେ କ୍ୱିଭ୍ ସ୍ଥିତ ରୁଷିଆ ଦୂତାବାସ କର୍ମଚାରୀ ବୁଧବାର ନିଜ ଦେଶକୁ ଫେରିବା ଆରମ୍ଭ କରିଛନ୍ତି। ରୁଷିଆ ବହିର୍ବ୍ୟାପାର ମନ୍ତ୍ରଣାଳୟ ଏ ବାବଦରେ ସୂଚନା ଦେବାର ଦିନକ ପରେ ଦୂତାବାସ କର୍ମଚାରୀ କାର୍ଯ୍ୟାଳୟ ଛାଡୁଥିବା ଏହାର ମୁଖପାତ୍ର ଡେନିସ୍ ଗୋଲେଙ୍କୋ କହିଛନ୍ତି। ଉକ୍ତ ବିଲ୍ଡିଂରେ ଲାଗିଥିବା ରୁଷିଆ ପତାକା ମଧ୍ୟ ଖସାଇ ଦିଆଯାଇଛି। ସେହିପରି ରୁଷିଆରେ ବାସ କରୁଥିବା ପ୍ରାୟ ୩୦ ଲକ୍ଷ ୟୁକ୍ରେନବାସୀ ତୁରନ୍ତ ଫେରିଆସିବାକୁ ୟୁକ୍ରେନ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ଆଡ୍‌ଭାଇଜରି ଜାରି ହୋଇଛି।

## ବିବାଦରେ 'ଗଙ୍ଗୁବାଈ କାଠିଆୱାଡ଼ି'

**ନାଁ ବଦଳାଇବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ**



**ନୂଆଦିଲ୍ଲୀ, ୨୩।୨**

ଆସନ୍ତା ଶୁକ୍ରବାର ରିଲିଜ ହେବାକୁ ଥିବା ଫିଲ୍ମ 'ଗଙ୍ଗୁବାଈ କାଠିଆୱାଡ଼ି' ବିବାଦରେ ଫସିଛି। ଏଥିରେ ଗଙ୍ଗୁବାଈଙ୍କୁ ଦେହଜୀବୀ ଦର୍ଶାଯାଇଥିବା ଅଭିଯୋଗ କରି ତାଙ୍କ ପାଳିତ ପୁଅ ରାବଜୀ ଶାହା କୋର୍ଟର ଦ୍ୱାରସ୍ଥ ହେବା ପରେ ଏହାର ରିଲିଜକୁ ନେଇ ଆଶଙ୍କା ଉପୁଜିଛି। ସୁପ୍ରିମକୋର୍ଟରେ ଏହି ମାମଲା ଥିବାବେଳେ ଚଳଚ୍ଚିତ୍ରର ନିର୍ମାତା ସଞ୍ଜୟ ଲୀଲା ଭସାଁଲୀ ଏହାର ଟାଇଟଲ ବଦଳାଇବାକୁ ସର୍ବୋଚ୍ଚ ଅଦାଲତ ପରାମର୍ଶ ଦେଇଛନ୍ତି। ଫିଲ୍ମର ରିଲିଜ ବନ୍ଦ କରିବାକୁ ଏକାଧିକ ପିଟିଶନ ଦାଖଲ ହୋଇଛି ଫିଲ୍ମରେ ଗଙ୍ଗୁବାଈଙ୍କୁ ଦେହଜୀବୀ ଦର୍ଶାଇ ତାଙ୍କ ସମ୍ମାନ ହାନି କରାଯାଇଥିବା ଆବେଦନରେ ଦର୍ଶାଯାଇଥିବାବେଳେ ସୁପ୍ରିମକୋର୍ଟ ବୁଧବାର ଏହାର ଶୁଣାଣି କରିଛନ୍ତି। ଫିଲ୍ମ ନାଁ ବଦଳାଇବା ସମ୍ପର୍କରେ ଭସାଁଲୀ ପ୍ରଡକ୍ସନର ଓକିଲ ସିଦ୍ଧାର୍ଥ ଡାଭେ ଫିଲ୍ମ ନିର୍ମାତାଙ୍କୁ ଜଣାଇବେ ବୋଲି କହିଛନ୍ତି। ଗୁରୁବାର ପୁଣି ଏହାର ଶୁଣାଣି ଚାଲିବ। ଏହା ପୂର୍ବରୁ ଭସାଁଲୀଙ୍କ ଫିଲ୍ମ ଗୋଲିଓଁ କା ରାସଲୀଲା ରାମ-ଲୀଲା ଏବଂ ପଦ୍ମାବତ୍‌ର ନାଁ ବଦଳାଯାଇଥିଲା।

## ନେହେରୁଙ୍କୁ ପ୍ରପୋଜ୍ କରିଥିଲେ ଗଙ୍ଗୁବାଈ

**ମୁମ୍ବାଇ, ୨୩।୨**



ମାଫିଆ କୁଇନ ଭାବେ ଜଣାଶୁଣା ଗଙ୍ଗୁବାଈ ଏକଦା ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କୁ ବିବାହ ପ୍ରସ୍ତାବ ଦେଇ ଚର୍ଚ୍ଚାକୁ ଆସିଥିଲେ। ଗୁଜରାଟର କାଠିଆୱାଡରେ ଜନ୍ମିତ ଗଙ୍ଗୁବାଈଙ୍କ ପ୍ରକୃତ ନାଁ ଗଙ୍ଗା ହରଜୀବନଦାସ। ୧୬ ବର୍ଷ ବୟସରେ ସେ ବାପାଙ୍କ ଆକାଉଣ୍ଟାଣ୍ଟ ରାମନିକ୍ ଲାଲଙ୍କ ପ୍ରେମରେ ପଡ଼ି ମୁମ୍ବାଇ ପଳାଇଆସିଥିଲେ। କିନ୍ତୁ ରାମନିକ୍ ତାଙ୍କୁ ୫୦୦ ଟଙ୍କାରେ ବିକି ଦେଇଥିଲେ। ପରେ ସେ ମୁମ୍ବାଇରେ ଜଣେ ଦେହଜୀବୀ ଭାବେ କାମ ଆରମ୍ଭ କରିଥିଲେ। ତାଙ୍କ ଜୀବନୀ ଉପରେ ହୁସେନ୍ ଜାଇଦି 'ମାଫିଆ କୁଇନ୍‌ସ୍ ଅଫ୍ ମୁମ୍ବାଇ' ନାମରେ ଏକ ବହି ଲେଖିଛନ୍ତି। ଏଥିରୁ ଏହି ଫିଲ୍ମ ନିର୍ମାଣ କରାଯାଇଛି। ଏଥିରେ ଆଲିଆ ଭଟ୍ଟ ଗଙ୍ଗୁବାଈଙ୍କ ଭୂମିକାରେ ଅଭିନୟ କରିଛନ୍ତି। କାମାଥିପୁରା ରେଡ୍ ଲାଇଟ୍ ଏରିଆରେ ଏକ ବଡ଼ ନାଁ ଥିଲେ ଗଙ୍ଗୁବାଈ। ଅଣ୍ଡରୱାର୍ଲ୍ଡର ବହୁ ମାଫିଆ ତାଙ୍କ ଗ୍ରାହକ ଥିଲେ। ଡନ୍ କରିମ ଲାଲା ତାଙ୍କୁ ଭଉଣୀ କରିଥିଲେ। ଏହି ବୃତ୍ତି ଛାଡ଼ି ନୂଆ ଜୀବନ ଆରମ୍ଭ କରିବାକୁ ନେହେରୁ ଗଙ୍ଗୁବାଈଙ୍କୁ କହିବାରୁ ଆପଣ ମୋତେ ବିବାହ କରିବେ କି ବୋଲି ସେ ପ୍ରଶ୍ନ କରିଥିଲେ।

## ସବୁ ପୌର ନିଗମ ପୋଛିନେଲା ଡିଏମ୍‌କେ

**ଚେନ୍ନାଇ, ୨୩।୨**

ତାମିଲନାଡୁ ପୌର ନିର୍ବାଚନରେ ଶାସକ ଡିଏମ୍‌କେ ବିପୁଳ ବିଜୟ ହାସଲ କରିଛି। ୧୦ ବର୍ଷ ପରେ ଗତ ୧୯ ତାରିଖରେ ତାମିଲନାଡୁରେ ପୌର ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଡିଏମ୍‌କେ ନେତୃତ୍ୱାଧୀନ ମେଣ୍ଟ ଗ୍ରେଟର ଚେନ୍ନାଇ କର୍ପୋରେଶନ ସମେତ ସମସ୍ତ ୨୧ ପୌର ନିଗମ ଜିତିନେଇଥିବାବେଳେ ୧୩୮ ମ୍ୟୁନିସିପାଲିଟିରୁ ୧୨୮ ଏବଂ ୪୯୦ ସହର ପଞ୍ଚାୟତରୁ ୪୦୦ଟିରେ ବିଜୟୀ ହୋଇଛି। ଡିଏମ୍‌କେ ସହ କଂଗ୍ରେସ, ବାମଦଳ, ଏମ୍‌ଡିଏମ୍‌କେ, ଭିସିକେ ଏବଂ ଏମ୍‌ଏମ୍‌କେ ଆଦି ଦଳ ଏକାଠି ନିର୍ବାଚନ ଲଢ଼ିଥିଲେ। ଅନ୍ୟ ପକ୍ଷରେ ଓ. ପନିରସଲେଭାମ୍, ଇ.କେ. ପାଲାନିସ୍ୱାମୀ ଆଦି ଶୀର୍ଷ ନେତାମାନଙ୍କ ପ୍ରଚାର ସତ୍ତ୍ୱେ ବିରୋଧୀ ଏଆଇଏଡିଏମ୍‌କେ ବହୁ କମ୍ ପୌର ସଂସ୍ଥା ହାତେଇବା ସହ ଦ୍ୱିତୀୟ ସ୍ଥାନରେ ରହିଛି। ପୌର ନିର୍ବାଚନରେ ଉଲ୍ଲେଖନୀୟ ପ୍ରଦର୍ଶନ ସହ ଡିଏମ୍‌କେର ଶକ୍ତି ବୃଦ୍ଧି ଘଟିଛି। ଏମ୍.କେ. ଷ୍ଟାଲିନଙ୍କ ନେତୃତ୍ୱାଧୀନ ମେଣ୍ଟ ବିଭିନ୍ନ ପୌରସଂସ୍ଥାରେ ୬୦ ପ୍ରତିଶତରୁ ଅଧିକ ଭୋଟ ହାସଲ କରିଛନ୍ତି। ଏହି ବିଜୟ ପାଇଁ ଷ୍ଟାଲିନ୍ ରାଜ୍ୟବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଶାସକ ଦଳ ପୌର ନିଗମରେ ୯୫୨ ୱାର୍ଡ ଜିତିଥିବାବେଳେ ମ୍ୟୁନିସିପାଲିଟିରେ ୨,୩୬୦ ଏବଂ ସହର ପଞ୍ଚାୟତରେ ୪,୩୮୯ ୱାର୍ଡ ଜିତିଛି।

## ବିଯୁକ୍ତ ୩୦ ଡିଗ୍ରୀରେ ୬୦ ପୁଶ୍‌ଅପ୍

ଲେହ, ୨୩।୨: ଇଣ୍ଡୋତିବ୍ବତିଆନ୍ ବର୍ଡର ସିକ୍ୟୁରିଟି ଫୋର୍ସର ୫୫ ବର୍ଷୀୟ ରତିନ ସିଂ ସୋନାଲଙ୍କ ଭୁରି ଭୁରି ପ୍ରଶଂସା ଚାରିଆଡ଼େ ଚାଲିଛି। ଶୀତ ଯୋଗୁ ସାଧାରଣ ଲୋକ ଯେତେବେଳେ ଘରୁ ବାହାରକୁ ବାହାରିବ ପାଇଁ କୁଣ୍ଠାବୋଧ ପ୍ରକଟ କରୁଛନ୍ତି ସେମିତିକା ସ୍ଥିତିରେ ଜଣେ ଯବାନ ମାଇନସ୍ ୩୦ ଡିଗ୍ରୀ ସେଲସିୟସରେ ପୁଶ୍‌ଅପ୍ ମାରୁଥିବାର ଭିଡିଓ ଏବେ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହେବାରେ ଲାଗିଛି । ୧୭୫୦୦ ଫୁଟ ଉଚ୍ଚତାରେ ରହି ସୀମାକୁ ସୁରକ୍ଷା ଦେଉଥିବା ଯବାନ ଏବେ ପାଲଟିଛନ୍ତି ସୋସିଆଲ ମିଡିଆ ସେନ୍‌ସେସନ୍। ମାତ୍ର ୧ ମିନିଟରେ ସେ ୬୦ ପୁଶ୍‌ଅପ୍ ମାରୁଥିବାବେଳେ ମାଇନସ୍ ତାମପାତ୍ରାରେ ଏହା କରିବା ନିହାତିପକ୍ଷେ ଅସମ୍ଭବ।



## ମନି ଲଣ୍ଡରିଂ ମାମଲା

# ମନ୍ତ୍ରୀ ନୱାବ ମଲିକଙ୍କୁ ଗିରଫ କଲା ଇଡି

**ମୁମ୍ବାଇ, ୨୩।୨ (ପି.ଟି.)**

ଅଣ୍ଡରୱାର୍ଲ୍ଡ ଡନ୍ ଦାଉଦ୍ ଇବ୍ରାହିମ ଓ ତାଙ୍କ ସହଯୋଗୀଙ୍କ ସହ ମନିଲଣ୍ଡରିଂ ମାମଲାରେ ସମ୍ପୃକ୍ତି ଅଭିଯୋଗରେ ମହାରାଷ୍ଟ୍ରର ପ୍ରଭାବଶାଳୀ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ ନୱାବ ମଲିକଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବୁଧବାର ଗିରଫ କରିଛି। ୬୨ ବର୍ଷୀୟ ଏନ୍‌ସିପି ନେତାଙ୍କୁ ୬ ଘଣ୍ଟା ଜେରା ପରେ ଅପରାହ୍ନ ୩ଟାରେ ଇଡି ଗିରଫ କରିଥିଲା। ପରେ ନିର୍ଦ୍ଦେଶାଳୟ ତାଙ୍କୁ ୭ ଦିନିଆ ରିମାଣ୍ଡରେ ନେଇଛି।

'ମତେ ଗିରଫ କରାଯାଇଛି, କିନ୍ତୁ ମୁଁ ଡରିବି ନାହିଁ। ଲଢ଼ିବି ଓ ଜିତିବି' ବୋଲି ନୱାବ ଇଡି ଗଣମାଧ୍ୟମକୁ କହିଛନ୍ତି। ତାଙ୍କର ମୁଣ୍ଡ ନୋଇଁବାର ନାହିଁ। ସମସ୍ତଙ୍କୁ ପଦାରେ ପକାଇବେ ବୋଲି ଏନ୍‌ସିପି ନେତା ଇଡି ଅଧିକାରୀଙ୍କ ଦ୍ୱାରା ମେଡିକାଲ ଚେକ୍‌ଅପ୍ ପାଇଁ ନିଆଯିବା ବେଳେ କହିଥିଲେ।

ଇଡି କହିବା ଅନୁଯାୟୀ ପଳାତକ ଗ୍ୟାଙ୍ଗଷ୍ଟର ଦାଉଦ୍ ଇବ୍ରାହିମ୍‌ଙ୍କ ଭାଇ ଇକ୍‌ବାଲ କସ୍କରଙ୍କଠାରୁ ଜମି କିଣିଥିବା ଅଭିଯୋଗରେ ନୱାବଙ୍କ ବିରୋଧରେ ତଦନ୍ତ ଚାଲିଛି। ତଦନ୍ତରେ ସହଯୋଗ ନ କରିବା ଏବଂ ତାଙ୍କ ଉତ୍ତରରେ ତାଳମେଳ ନ ରହିବାରୁ ତାଙ୍କୁ ଗିରଫ କରାଗଲା ବୋଲି ଇଡିର ଜଣେ ଅଧିକାରୀ କହିଛନ୍ତି। ନିକଟରେ ଇଡି ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯିବା ସହ ଦାଉଦ୍‌ଙ୍କ ଭାଇ ଇକ୍‌ବାଲକୁ ହାଜତକୁ ନିଆଯାଇଥିଲା। ତଦନ୍ତ ବେଳେ ନୱାବ୍ ଜମି କିଣିଥିବାର ପ୍ରମାଣ ମିଳିଥିଲା।

ନୱାବଙ୍କୁ ଇଡି ଜେରା କରୁଥିବାବେଳେ ଏହାର କାର୍ଯ୍ୟାଳୟ ନିକଟରେ ଥିବା ପାର୍ଟି ମୁଖ୍ୟାଳୟଠାରେ ଏନ୍‌ସିପି କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଏବଂ ତଦନ୍ତକାରୀ ସଂସ୍ଥା ବିରୋଧରେ ସ୍ଲୋଗାନ ଦେଇଥିଲେ। ଏନ୍‌ସିପି ନେତାଙ୍କୁ ଜେରା କରାଯିବାର କୌଣସି ଯଥାର୍ଥତା ନାହିଁ। ଭାଜପା, ଏନ୍‌ସିବି, ସିବିଆଇ ଏବଂ ଇଡି ମଧ୍ୟରେ ଷଡ଼ଯନ୍ତ୍ରକୁ ଦଳୀୟ କର୍ମୀମାନେ ପଦାରେ ପକାଇଥିଲେ।

ଗତ ଅକ୍ଟୋବରରେ କ୍ରୁଜ୍ ଜାହାଜରେ ଚଢ଼ାଉ କରି ତତ୍କାଳୀନ ଏନ୍‌ସିବି ଆଞ୍ଚଳିକ ନିର୍ଦ୍ଦେଶକ ସମୀର ୱାଙ୍ଖେଡେ ସୁପରଷ୍ଟାର ଶାହରୁଖ୍ ଖାନ୍‌ଙ୍କ ପୁଅ ଅର୍ଯ୍ୟନ ଓ ଅନ୍ୟମାନଙ୍କୁ ଗିରଫ କରିଥିଲେ। ଏଥିସହିତ ଗତବର୍ଷ ନୱାବଙ୍କ ଜ୍ୱାଇଁ ସମୀର ଖାନ୍‌ଙ୍କୁ ମୁମ୍ବାଇ ଏନ୍‌ସିବି ଗିରଫ କରିଥିଲା। ନୱାବ ସେହି ସମୟରେ ୱାଙ୍ଖେଡେଙ୍କ ବିରୋଧରେ ବିଭିନ୍ନ ଅଭିଯୋଗ ଆଣି ଖବରର ଶିରୋନାମା ମଣ୍ଡନ କରିଥିଲେ। ଆର୍ଯ୍ୟନଙ୍କୁ ଗିରଫ ନୁହେଁ, ବରଂ ଅପହରଣ ଉଦ୍ୟମ କରାଯାଇଥିଲା। ୨୫ କୋଟି ଟଙ୍କା ରାନ୍‌ସମ୍ ଅସୁଲ ପାଇଁ ହୋଇଥିବା ଏହି ଷଡ଼ଯନ୍ତ୍ରର ମାଷ୍ଟରମାଇଣ୍ଡ ଭାଜପା ନେତା ମୋହିତ କାମ୍ବୋଜ ହୋଇଥିବାବେଳେ ଏଥିରେ ୱାଙ୍ଖେଡେ ସାମିଲ ଥିଲେ ବୋଲି ନୱାବ ଅଭିଯୋଗ ଆଣିଥିଲେ। ଅନ୍ୟପକ୍ଷରେ ନୱାବ ଓ ତାଙ୍କ ପରିବାର ସଦସ୍ୟ ଅଣ୍ଡରୱାର୍ଲ୍ଡ ସହିତ ଜଡ଼ିତ ଲୋକଙ୍କଠାରୁ ଜମି କିଣିଥିବା ସେହି ସମୟରେ ବିରୋଧୀ ଦଳ ନେତା ଦେବେନ୍ଦ୍ର ଫଡ଼ନବିସ୍ ଅଭିଯୋଗ ଆଣିଥିଲେ।


ମୁମ୍ବାଇର ଇଡି ଅଫିସ୍‌ରୁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ନୱାବ ମଲିକଙ୍କୁ ନିଆଯାଉଛି।

> ମୋତେ ଗିରଫ କରାଯାଇଛି, କିନ୍ତୁ ମୁଁ ଡରିବି ନାହିଁ। ଲଢ଼ିବି ଓ ଜିତିବି।
> -ନୱାବ ମଲିକ, ମହାରାଷ୍ଟ୍ର ମନ୍ତ୍ରୀ

### ନୱାବ ଇସ୍ତଫା ଦିଅନ୍ତୁ: ଭାଜପା

ଗ୍ୟାଙ୍ଗଷ୍ଟର ଦାଉଦ୍ ଇବ୍ରାହିମଙ୍କ ସହ ମନିଲଣ୍ଡରିଂ ମାମଲାରେ ମହାରାଷ୍ଟ୍ର ମନ୍ତ୍ରୀ ନୱାବ ମଲିକ ଗିରଫ ହେବା ପରେ ଭାଜପା ତାଙ୍କ ଇସ୍ତଫା ଦାବି କରିଛି। ସେ ଯଦି ମନ୍ତ୍ରୀ ପଦ ନ ଛାଡନ୍ତି, ତେବେ ଭାଜପା ରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଆମେ ତାଙ୍କ ଇସ୍ତଫା ଚାହୁଁଛୁ ଏବଂ ତାଙ୍କ ଅଣ୍ଡରୱାର୍ଲ୍ଡ ଲିଙ୍କ୍ ନେଇ ଶାସକ ମହାବିକାଶ ଅଘାଡ଼ି ମେଣ୍ଟକୁ ପ୍ରଶ୍ନ କରୁଛୁ ବୋଲି ଭାଜପା ରାଜ୍ୟ ସଭାପତି ଚନ୍ଦ୍ରକାନ୍ତ ପାଟିଲ ଖବରଦାତାମାନଙ୍କୁ କହିଛନ୍ତି। ମହାରାଷ୍ଟ୍ର ମନ୍ତ୍ରୀମାନଙ୍କ ବିରୋଧରେ ଅଭିଯୋଗର ଲମ୍ବା ତାଲିକା ରହିଛି। ସେମାନେ କିପରି ସରକାର ଚଳାଉଛନ୍ତି ବୋଲି ଚନ୍ଦ୍ରକାନ୍ତ ପ୍ରଶ୍ନ କରିଛନ୍ତି।

### ଖୋଲାଖୋଲି କହିବାରୁ କେନ୍ଦ୍ରର ଟାର୍ଗେଟ: ପାୱାର

କେନ୍ଦ୍ର ସରକାରଙ୍କ ବିରୋଧରେ ଖୋଲାଖୋଲି କହିବାରୁ ମନ୍ତ୍ରୀ ନୱାବ ମଲିକଙ୍କୁ ଟାର୍ଗେଟ କରାଗଲା ବୋଲି ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର କହିଛନ୍ତି। ଦଳୀୟ ନେତା ନୱାବଙ୍କ ପ୍ରତି ଏଭଳି କାର୍ଯ୍ୟାନୁଷ୍ଠାନ ଏନ୍‌ସିପି ଆଶଙ୍କା କରୁଥିଲା। ଅଣ୍ଡରୱାର୍ଲ୍ଡ ଡନ୍‌ଙ୍କ ସହ ନୱାବଙ୍କର କୌଣସି ସମ୍ପର୍କ ନାହିଁ। ମୁସଲମାନ ଆକ୍ଟିଭିଷ୍ଟ ଥିଲେ ସେଥିରେ ଦାଉଦ୍‌ଙ୍କ ନାମକୁ ଯୋଡ଼ାଯାଉଛି ବୋଲି ପାୱାର କହିଛନ୍ତି। ୯୦ ଦଶକରେ ପାୱାର ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଥିବାବେଳେ ତାଙ୍କୁ ଟାର୍ଗେଟ କରାଯାଉଥିଲା ବୋଲି ଏନ୍‌ସିପି ମୁଖ୍ୟ ଗଣମାଧ୍ୟମକୁ କହିଛନ୍ତି।

## ସଂକ୍ଷେପରେ

### ଗୋଦ୍‌ରେଜ୍ ଇଣ୍ଟେରିଓରେ 'ମୁଭ୍ ଅପ୍' ଉନ୍ମୋଚିତ

ଭୁବନେଶ୍ୱର,୨୩।୨: ଗୋଦ୍‌ରେଜ୍ ଗ୍ରୁପ୍‌ର ପ୍ରମୁଖ ସଂସ୍ଥା ଗୋଦ୍‌ରେଜ୍ ଆଣ୍ଡ ବଏସ୍ ପକ୍ଷରୁ ଏହାର ଗୋଦ୍‌ରେଜ୍ ଇଣ୍ଟେରିଓ ବ୍ୟବସାୟ 'ମୁଭ୍ ଅପ୍' ନାମରେ ଏର୍ଗୋନୋମିକ୍ ଅଫିସ୍ ଡେସ୍କର ଶୁଭାରମ୍ଭ କରାଯାଇଛି। ସଂସ୍ଥାଗତ ଆସବାବପତ୍ର କ୍ଷେତ୍ରରେ ଏହା ଏର୍ଗୋନୋମିକ୍ ବର୍ଗମାଳାକୁ ସାମିଲକରି 'ସିଟ୍-ଟୁ-ଷ୍ଟାଣ୍ଡ' ପରିକଳ୍ପନାକୁ ଗୋଦ୍‌ରେଜ୍ ଇଣ୍ଟେରିଓ ଗୁରୁତ୍ୱ ପ୍ରଦାନ କରିଛି। ଏହି ଡେସ୍କରେ ଏଭଳି ପ୍ରଯୁକ୍ତି ବ୍ୟବହାର କରାଯାଇଛି ଯେ ବିକଳ୍ପ ବସିବା ଶୈଳୀର ପ୍ରସାରକରି କାର୍ଯ୍ୟ କରିବା ସହ ଜଡ଼ିତ ଥିବା ଚାପକୁ ହ୍ରାସ କରୁଛି। ଏ ସମ୍ପର୍କରେ ଅନିଲ ସଇନ୍, ଚିଫ୍ ଅପରେଟିଂ ଅଫିସର ଗୋଦ୍‌ରେଜ୍ ଇଣ୍ଟେରିଓ କହିଛନ୍ତି, ଗୋଦ୍‌ରେଜ୍ ଇଣ୍ଟେରିଓରେ ଆମର ଲକ୍ଷ୍ୟ ହେଉଛି ପ୍ରତିଦିନ, ସବୁଠାରେ ଗୁଣାତ୍ମକ ଜୀବନକୁ ସମୃଦ୍ଧ କରିବା। ବିଗତ କିଛି ବର୍ଷରେ ଭାରତରେ ଏର୍ଗୋନୋମିକ୍ ଆସବାବପତ୍ର ଡିଜାଇନ୍‌ର ଅଭିବୃଦ୍ଧି ଓ ଚାହିଦାକୁ ଦେଖିଛୁ ଏବଂ ସଂସ୍ଥାଗତ କ୍ଷେତ୍ରକୁ ଏର୍ଗୋନୋମିକ୍ ଆସବାବପତ୍ରର ବିସ୍ତାର କରିଛୁ।

### ଭି ପକ୍ଷରୁ ୫ଜି ଭିଓଏନ୍ଆର ପ୍ରଦର୍ଶନ

ଗୁଜରାଟ,୨୩।୨: ଦେଶର ଅଗ୍ରଣୀ ଟେଲିକମ୍ କମ୍ପାନୀ ଭି ଓ ନୋକିଆର ମିଳିତ ସହଯୋଗରେ ଗୁଜରାଟର ଗାନ୍ଧୀନଗରଠାରେ ଚାଲିଥିବା ୫ଜି ପରୀକ୍ଷଣ ବେଳେ ସଫଳତାର ସହ ୫ଜି ଭଏସ୍ ଓଭର୍ ନିଉ ରେଡିଓ (ଭିଓଏନ୍ଆର୍) ଟେକ୍ନୋଲୋଜିର ପ୍ରଦର୍ଶନ କରାଯାଇଛି। ଏହା ଜରିଆରେ କମ୍ପାନୀ ତା'ର ଗ୍ରାହକମାନଙ୍କୁ ୫ଜି ଜରିଆରେ ହାଇ-ଡେଫିନେଶନ୍ ଭଏସ୍‌ର ଗୁଣାତ୍ମକ ଅନୁଭୂତି ପ୍ରଦାନ କରିବ। ଏ ସମ୍ପର୍କରେ ଭୋଡାଫୋନ୍-ଆଇଡିଆର ସିଟିଓ ଜଗବୀର୍ ସିଂହ କହିଛନ୍ତି, ଆମର ୫ଜି ପରୀକ୍ଷଣ ସମୟରେ ଡିଜିଟାଲ୍ ସଂସ୍ଥା ଓ ଗ୍ରାହକମାନଙ୍କ ବ୍ୟବହାର ଉପଯୋଗୀ ଓ ଉତ୍କୃଷ୍ଟ ନେଟ୍‌ୱର୍କ ଅନୁଭୂତି ପ୍ରଦାନ କରିବା ଲାଗି ପ୍ରଯୁକ୍ତି ସମାଧାନର ପରୀକ୍ଷଣ କରୁଛୁ। ଦେଶରେ ଦ୍ରୁତତମ ୫ଜି ସ୍ପିଡ୍ ହାସଲ କରିବା ଏବଂ ବିଭିନ୍ନ ପ୍ରକାର ବ୍ୟବହାର ମାମଲାରେ ଆମେ ଏବେ ନୋକିଆର ପ୍ରଯୁକ୍ତି ସମାଧାନକୁ ବ୍ୟବହାର କରି ୫ଜି ନେଟ୍‌ୱର୍କର ସଫଳତାର ସହ ପରୀକ୍ଷଣ କରୁଛୁ ବୋଲି ସେ ମତବ୍ୟକ୍ତ କରିଛନ୍ତି।

# ଖୁଚୁରା ଋଣ ଆବଣ୍ଟନ ୨୫% ବୃଦ୍ଧି

## ବିଭିନ୍ନ ଡିଜିଟାଲ୍ ଅଭିଯାନ ସହ ଓଡ଼ିଶାରେ ଆଇସିଆଇସିଆଇ ବ୍ୟାଙ୍କର ରିଟେଲ୍ ଫ୍ରାଞ୍ଚାଇଜିର ସୁଦୃଢ଼ୀକରଣ


ଅନୁପ ବାଗ୍‌ଚୀ

ଭୁବନେଶ୍ୱର,୨୩।୨

ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ବୁଧବାର ଏହାର ଆଗାମୀ ଯୋଜନା ଓ କାରବାର ସହିତ ଚଳିତ ଆର୍ଥିକ ବର୍ଷର ଓଡିଶା କାରବାର ସମ୍ପର୍କରେ ଏକ ଫଳାଫଳ ଘୋଷଣା କରାଯାଇଛି। ସେହିଭଳି ବ୍ୟାଙ୍କର ବିଭିନ୍ନ ଡିଜିଟାଲ ଅଭିଯାନ ଓ ଗ୍ରାହକ କୈନ୍ଦ୍ରିକ ବ୍ୟବସ୍ଥା ଜରିଆରେ ରାଜ୍ୟରେ କିପରି ଏହାର ରିଟେଲ ଫ୍ରାଞ୍ଚାଇଜିକୁ ଆହୁରି ଅଧିକ ସୁଦୃଢ଼ କରି ହେବ ସେ ଦିଗରେ ବ୍ୟାଙ୍କ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛି। ଏହି ଅଭିଯାନଗୁଡ଼ିକ ଯୋଗୁ ରାଜ୍ୟରେ ବ୍ୟାଙ୍କର ଖୁଚୁରା ଋଣ ଆବଣ୍ଟନ ଗତବର୍ଷ ତୁଳନାରେ ଚଳିତ ଆର୍ଥିକ ବର୍ଷ (୨୦୨୧-୨୨ ଆର୍ଥିକ ବର୍ଷ)ରେ ୨୫% ବୃଦ୍ଧି ପାଇ ୫,୨୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଆଶା କରାଯାଉଛି।

ଏ ସମ୍ପର୍କରେ ଆଇସିଆଇସିଆଇ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଡି) ଅନୁପ ବାଗ୍‌ଚୀ ଏକ ଖବରଦାତା ସମ୍ମିଳନୀ ଜରିଆରେ କହିଛନ୍ତି, ଆମ ପାଇଁ ଓଡ଼ିଶା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ବଜାର। ନିକଟରେ ଥିବା ୪ଟି ରାଜ୍ୟରେ ଆମର ରିଟେଲ ବ୍ୟାଙ୍କିଙ୍ଗ୍ ପରିଚାଳନା ପାଇଁ ଭୁବନେଶ୍ୱରକୁ ମୁଖ୍ୟାଳୟ କରାଯାଇଛି। ଓଡ଼ିଶାରେ ବିଭିନ୍ନ ପ୍ରକାର ଡିଜିଟାଲ ଅଭିଯାନ ଜରିଆରେ ଆମେ ଆମର ଫ୍ରାଞ୍ଚାଇଜି, ଡେଲିଭରି ଓ ସେବା ପ୍ରଦାନ ଦକ୍ଷତାକୁ ସୁଦୃଢ଼ କରିବାକୁ ପ୍ରୟାସ ଜାରି ରଖିଛୁ। ସେହିଭଳି ଚଳିତ ଆର୍ଥିକ ବର୍ଷରେ ରାଜ୍ୟରେ ଦ୍ରୁତ ଗତିରେ ଏହାର ଖୁଚରା ଋଣ ବ୍ୟବସାୟକୁ ବିସ୍ତାର କରିବା ଲାଗି ବ୍ୟାଙ୍କ ଏହାର ପ୍ରଯୁକ୍ତି ଶକ୍ତିକୁ ବ୍ୟବହାର କରୁଛି। ବନ୍ଧକ ଋଣ ଆବଣ୍ଟନ ରାଜ୍ୟରେ ୩୦% ବୃଦ୍ଧି ପାଇ ୧,୨୫୦ କୋଟି ଟଙ୍କାକୁ ବୃଦ୍ଧି ପାଇବ ବୋଲି ବ୍ୟାଙ୍କ ପକ୍ଷରୁ ଆଶା କରାଯାଉଥିବା ବେଳେ ମୁଖ୍ୟତଃ ବ୍ୟକ୍ତିଗତ ଋଣ ଓ ଯାନ ଋଣକୁ ନେଇ ଗଠିତ ଉପଭୋକ୍ତା ଋଣ ୪୦%ରୁ ଅଧିକ ବୃଦ୍ଧି ପାଇ ୧୮୦୦ କୋଟି ଟଙ୍କାର ହେବ ବୋଲି ଆଶା କରାଯାଉଛି। ବ୍ୟାଙ୍କ ଏହାର ବ୍ୟବସାୟ ଋଣ ଓ ଓଭରଡ୍ରାଫ୍ଟ ଆବଣ୍ଟନକୁ ୩୫% ବଢ଼ାଇ ୧୩୦୦ କୋଟିରୁ ଊର୍ଦ୍ଧ୍ୱ କାରବାର କରିବାକୁ ଲକ୍ଷ୍ୟ ରଖିଛି।

ବନ୍ଧକ ଋଣ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ ସହ ବାଗ୍‌ଚୀ କହିଛନ୍ତି, ତୁରନ୍ତ ଋଣ ମଞ୍ଜୁର ଏବଂ ଅଣ୍ଡୁ ବଜାରରେ ସମ୍ପ୍ରସାରଣ ଯୋଗୁ ଓଡ଼ିଶାରେ ଆମର ବନ୍ଧକ ଋଣ ଆଗକୁ ବଢ଼ିଛି। ଆମର ଏହିସବୁ ଅଭିଯାନ ଯୋଗୁ ବନ୍ଧକ ଋଣ ଆବଣ୍ଟନ ଓଡ଼ିଶାରେ ଗତବର୍ଷ ତୁଳନାରେ ଚଳିତ ଆର୍ଥିକ ବର୍ଷ ୨୦୨୨ରେ ପ୍ରାୟ ୩୦% ବୃଦ୍ଧି ପାଇ ୧,୨୫୦ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ସେହିଭଳି ରାଜ୍ୟରେ ୪୫୦ ଟଚ୍ ପଏଣ୍ଟ ସହ ୧୬୦ ଶାଖା ଓ ୨୯୦ ଏଟିଏମ୍‌ର ଏକ ବୃହତ୍ ନେଟ୍‌ୱର୍କ ବ୍ୟାଙ୍କର ରହିଛି। ୧୬୦ଟି ଶାଖା ମଧ୍ୟରୁ ପ୍ରାୟ ୭୦% ଶାଖା ଅର୍ଦ୍ଧ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ରହିଛି। ଅନ୍ୟମାନଙ୍କ ମଧ୍ୟରେ ଆଇସିଆଇସିଆଇ ବ୍ୟାଙ୍କର ବରିଷ୍ଠ ଅଧିକାରୀ ବିକାଶ ଶର୍ମା, କୌଶିକ ଦତ୍ତ, ପ୍ରଦୋଷ ରଞ୍ଜନ ରାଉତଙ୍କ ସମେତ ବହୁ ଅଧିକାରୀ ଓ କର୍ମଚାରୀ ମଧ୍ୟ ଉପସ୍ଥିତ ଥିଲେ।

# ବିଜିୟୁ ପକ୍ଷରୁ ଏଚ୍ଆର୍ କନ୍‌କ୍ଲେଭ

ଭୁବନେଶ୍ୱର,୨୩।୨: ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି (ବିଜିୟୁ)ର ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ଅନ୍‌ଲାଇନ ମାଧ୍ୟମରେ ଏକ ଏଚ୍ଆର୍ କନ୍‌କ୍ଲେଭ ନିକଟରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଆକ୍ସିଲ ବୁର୍ସାଇ କନ୍‌ସଲ୍‌ଟିଂର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ଆକ୍ସିଲ ବୁର୍ସାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ।

BGU BIRLA GLOBAL UNIVERSITY

ମୁଖ୍ୟ ବକ୍ତାଭାବେ ଏଚ୍ଆର୍ ଏଡିପିର ବରିଷ୍ଠ ନିର୍ଦ୍ଦେଶକ ସତ୍ୟନାରାୟଣ ଭିଞ୍ଜାମୁରୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବିଜିୟୁର କୁଳପତି ପ୍ରଫେସର ପି.ପି. ମାଥୁର ସଭାପତି ଅଭିଭାଷଣ ପ୍ରଦାନ କରିଥିଲେ। ବିର୍ଲା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟର ଡିନ୍ ପ୍ରଫେସର ପି. ନାୟକ କନ୍‌କ୍ଲେଭର ବିଷୟବସ୍ତୁ ସମ୍ପର୍କରେ ମତ ଉପସ୍ଥାପନା କରିଥିଲେ। ଉକ୍ତ କନ୍‌କ୍ଲେଭର ଆବାହକ ଏବଂ ଆସୋସିଏଟ ପ୍ରଫେସର ଡ. ଅର୍ଚ୍ଚନା ଚୌଧୁରୀ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ ଜଣାଇଥିଲେ। କନ୍‌କ୍ଲେଭରେ ଦୁଇଟି ପ୍ୟାନେଲ ଆଲୋଚନା ହୋଇଥିଲା। ପ୍ରଥମଟି ମହାମାରୀ ପୂର୍ବରୁ ଏବଂ ମହାମାରୀ ପରେ ଏଚ୍ଆର୍‌ର ସମସ୍ୟା ଓ ତାକୁ ନେଇ ସୃଷ୍ଟି ହୋଇଥିବା ଆହ୍ୱାନ ଉପରେ ଥିଲା। ଦ୍ୱିତୀୟଟି ନୂତନ ଯୁଗର ବ୍ୟବସାୟରେ ପରିବର୍ତ୍ତନଶୀଳ ଏଚ୍ଆର୍ ଲିଡରଙ୍କ ଭୂମିକା ଉପରେ କରାଯାଇଥିଲା। ବିଭିନ୍ନ ଶିଳ୍ପୋଦ୍ୟୋଗରୁ ୧୩ଜଣ ଏଚ୍ଆର ଲିଡର ଓ ଅଭ୍ୟାସଗତ ଏଚ୍ଆର୍ ଭାଗନେଇ ସେମାନଙ୍କର ଜ୍ଞାନ ବିତରଣ କରିଥିଲେ।

# ୪ କୋଟିର ଅନୁଦାନ ଘୋଷଣା କଲା ୱାଲ୍‌ମାର୍ଟ ଫାଉଣ୍ଡେଶନ

ଭୁବନେଶ୍ୱର,୨୩।୨: ଭାରତୀୟ ଚାଷୀମାନଙ୍କୁ ସଙ୍କଟରୁ ଉଦ୍ଧାର କରିବା ଲାଗି ନିଜର ପ୍ରତିବଦ୍ଧତାକୁ ଆଗକୁ ବଢ଼ାଇ ୱାଲ୍‌ମାର୍ଟ ଫାଉଣ୍ଡେଶନ ପକ୍ଷରୁ ୪ କୋଟି ଟଙ୍କାର ଅନୁଦାନ ରାଶି ଘୋଷଣା କରାଯାଇଛି। ଓଡ଼ିଶା ସମେତ ଦେଶର ଛଅଟି ରାଜ୍ୟରେ କୋଭିଡ୍-୧୯ ମହାମାରୀ ଦ୍ୱାରା ପ୍ରଭାବିତ ହୋଇଥିବା ଚାଷୀମାନଙ୍କୁ ସଙ୍କଟରୁ ଉଦ୍ଧାର କରିବା ଏବଂ ସେମାନଙ୍କ ସ୍ଥିତିକୁ ସୁଦୃଢ଼ କରିବା ଦିଗରେ ଏହା ବ୍ୟବହାର କରାଯିବ। ଏହି ଛଅଟି ରାଜ୍ୟ ହେଉଛି ଓଡ଼ିଶା, ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ତେଲଙ୍ଗାନା ଓ ଉତ୍ତରପ୍ରଦେଶ ପ୍ରମୁଖ। ଫାଉଣ୍ଡେଶନର ଅନୁଦାନ ଦ୍ୱାରା ଏହି ରାଜ୍ୟଗୁଡ଼ିକର ୨୪,୦୦୦ ଚାଷୀ ଉପକୃତ ହେବେ। ଫାଉଣ୍ଡେଶନ ଦେଇଥିବା ଅନୁଦାନ ରାଶି ଇଣ୍ଟରନ୍ୟାଶନାଲ କ୍ରପ୍‌ସ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସେମି-ଆରିଡ୍ ଟ୍ରୋପିକ୍ସ (ଆଇସିଆର୍ଆଇଏସ୍ଏଟି)କୁ ପ୍ରଦାନ କରାଯିବ।

ଏ ସମ୍ପର୍କରେ ୱାଲ୍‌ମାର୍ଟ ଫାଉଣ୍ଡେଶନର ସଭାପତି କ୍ୟାଥଲିନ୍ ମ୍ୟାକ୍‌ଲଘିନ କହିଛନ୍ତି, ସାରା ବିଶ୍ୱର ଚାଷୀମାନେ ଇନ୍‌ପୁଟ୍, ବଜାର ଏବଂ ଉପକରଣକୁ ନେଇ ସମସ୍ୟା ସାମ୍ନା କରୁଛନ୍ତି ଯାହା ସମଗ୍ର ଋତୁକୁ ବିପଦରେ ପକାଇଛି। ସେହିଭଳି ଡ. ଜ୍ୟାକ୍‌ଲିନ୍ ହ୍ୟୁଗ୍‌ସ, ଡାଇରେକ୍ଟର ଜେନେରାଲ, ଆଇସିଆର୍ଆଇଏସ୍ଏଟି କହିଛନ୍ତି, ଫାଉଣ୍ଡେଶନର ଏହି ଅନୁଦାନ ଚାଷୀଙ୍କ ପାଇଁ ବେଶ୍ ସହାୟକ ହେବ।

Happy Marriage Anniversary



BALGOPAL & PUSPANJALI
To a beautiful couple may the freshness of your love always remain!
Best Wishes From:-
Santosh, Firoz & Friends
D-23237

# ନୂତନ ଶକ୍ତି ବଳରେ ଭାରତ ହେବ ମହାଶକ୍ତି

## ୨୦ବର୍ଷରେ ସବୁଜ ଶକ୍ତି ରପ୍ତାନି ୫୦୦ ବିଲିୟନ ଡଲାରକୁ ଛୁଇଁବ: ମୁକେଶ ଅମ୍ବାନୀ



ମୁମ୍ବାଇ,୨୩।୨

ଦେଶର ପ୍ରମୁଖ ବାଣିଜ୍ୟିକ ପ୍ରତିଷ୍ଠାନ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ (ଆର୍ଆଇଏଲ୍)ର ଅଧ୍ୟକ୍ଷ ମୁକେଶ ଅମ୍ବାନୀ କହିଛନ୍ତି, ଆଗାମୀ ଦୁଇ ଦଶନ୍ଧିରେ ନୂତନ ଶକ୍ତି ବଳରେ ଭାରତ ବୈଶ୍ୱିକ ମହାଶକ୍ତିର ମାନ୍ୟତା ହାସଲ କରିପାରିବ। ଏହି ସମୟ ମଧ୍ୟରେ ଭାରତର ସବୁଜ ଶକ୍ତିର ରପ୍ତାନି ୫୦୦ ବିଲିୟନ ଡଲାର ଅତିକ୍ରମ କରିବ। ବର୍ତ୍ତମାନ ସମୟରେ ଆର୍ଆଇଏଲ୍ ସୌର ଉପକରଣ ଉତ୍ପାଦନ, ସବୁଜ ହାଇଡ୍ରୋଜେନ ଉତ୍ପାଦନ ଏବଂ ଶକ୍ତି ସଂରକ୍ଷଣ ସହ ସବୁଜ ଶକ୍ତି କ୍ଷେତ୍ରରେ ମଧ୍ୟ ବ୍ୟବସାୟ ବିସ୍ତାର ଆରମ୍ଭ କରିଛି। ଚଳିତ ମାସ ୨୩ରୁ ୨୫ ପର୍ଯ୍ୟନ୍ତ ଚାଲିବାକୁ ଥିବା 'ଏସିଆନ୍ ଇକୋନୋମିକ୍ ଡାଏଲଗ୍ ୨୦୨୨' କୁ ସମ୍ବୋଧିତ କରି ଅମ୍ବାନୀ ଏହା କହିଛନ୍ତି। ସେହିଭଳି ପୁଣେ ଇଣ୍ଟରନ୍ୟାଶନାଲ ସେଣ୍ଟରର ସଭାପତି ରଘୁନାଥ ମାଶେଲକରଙ୍କ ସହ ଆଲୋଚନା କରିବା ଅବସରରେ ମୁକେଶ କହିଛନ୍ତି, ଆଗାମୀ ଦୁଇ ଦଶନ୍ଧିରେ ୨୦ରୁ ୩୦ ଭାରତୀୟ ଶକ୍ତି କମ୍ପାନୀ ରିଲାଏନ୍ସ ଭଳି ବଡ ହେବା ଭଳି ସାମର୍ଥ୍ୟ ରଖିଛନ୍ତି। ଦୁନିଆକୁ ପୁନର୍ବାର ନିର୍ଦ୍ଧାରଣ କରିବାର ଶକ୍ତି ନୂତନ ଉର୍ଜା ବା ସବୁଜ ଶକ୍ତି ପାଖରେ ରହିଛି। ଯେତେବେଳେ କାଠକୁ କୋଇଲାରେ ରୂପାନ୍ତରିତ କରାଗଲା, ସେତେବେଳେ ୟୁରୋପ ଉଭୟ ଭାରତ ଓ ଚାଇନାକୁ ପଛରେ ଛାଡ଼ି ଦେଇଥିଲା। ସେହିପରି ତୈଳ ଜରିଆରେ ଆମେରିକା ଓ ପଶ୍ଚିମ ଏସିଆର ଦେଶଗୁଡ଼ିକ ବହୁ ଆଗକୁ ବଢ଼ିଯାଇଥିଲେ। ବର୍ତ୍ତମାନ ଭାରତର ସମୟ ଆସିଛି, ଯେଉଁଠାରେ ଭାରତ ସବୁଜ ଓ ସ୍ୱଚ୍ଛ ଶକ୍ତିରେ ଆତ୍ମନିର୍ଭର ହେବ ଏବଂ ତା'ର ରପ୍ତାନି ମଧ୍ୟ କରିବ। ଏହା ପରେ ଭାରତକୁ ଏକ ବିଶ୍ୱଶକ୍ତି ହେବାକୁ କେହି ରୋକିପାରିବେ ନାହିଁ। ସବୁଜ ଶକ୍ତି ଜରିଆରେ ଭାରତ କେବଳ ବିଶ୍ୱସ୍ତରୀୟ ଶକ୍ତିରେ ରୂପାନ୍ତରିତ ହେବ ତାହା ନୁହେଁ ବରଂ ରୋଜଗାର ମଧ୍ୟ ସୃଷ୍ଟି କରିବ। ବୈଦେଶିକ ମୁଦ୍ରାର ମଧ୍ୟ ବିପୁଳ ସଞ୍ଚୟ ହେବ ବୋଲି ଅମ୍ବାନୀ କହିଛନ୍ତି।

# ଏନ୍‌ଟିଏସ୍‌ଇରେ ଫିଟ୍‌ଜୀ ଓଡ଼ିଶାର ସଫଳତା

ଭୁବନେଶ୍ୱର,୨୩।୨: ଏନ୍‌ସିଇଆର୍‌ଟି ଦ୍ୱାରା ଆୟୋଜିତ ନ୍ୟାଶନାଲ ଟାଲେଣ୍ଟ ସର୍ଚ୍ଚ ଏଗ୍‌ଜାମ (ଏନ୍‌ଟିଏସ୍‌ଇ-୨୦୨୧)ରେ ଫିଟ୍‌ଜୀ ଓଡ଼ିଶାର ଛାତ୍ରୀଛାତ୍ର ବିପୁଳ ସଫଳତା ପାଇଛନ୍ତି। ଏନ୍‌ଟିଏସ୍‌ଇ ଷ୍ଟେଜ୍-୨ ପାଇଁ ଘୋଷିତ ଫଳାଫଳରେ ଅନୁଷ୍ଠାନ ଆଶା ଠାରୁ ଅଧିକ ଉଲ୍ଲେଖନୀୟ ପ୍ରଦର୍ଶନ କରି ମୋଟ ୨୭ ଜଣ ଛାତ୍ରୀଛାତ୍ର ସଫଳ ହୋଇଛନ୍ତି। ଏହା ସହିତ ଫିଟ୍‌ଜୀ ଓଡ଼ିଶା ସେଣ୍ଟର ପାଇଁ ଆଉ ଅନ୍ୟ ଏକ ଗୌରବର ଦିନ ଥିଲା। ଏନ୍‌ଟିଏସ୍‌ଇ ଷ୍ଟେଜ୍-୨ ରେ ଫିଟ୍‌ଜୀ ଓଡ଼ିଶାର ଶୀର୍ଷ ୫ ଛାତ୍ରଛାତ୍ରୀ ରହିଛନ୍ତି। ଫିଟ୍‌ଜୀ ପକ୍ଷରୁ ସାଧାରଣ ବର୍ଗରୁ ସମସ୍ତ ଏନ୍‌ଟିଏସ୍‌ଇ କ୍ୱାଲିଫାୟରଙ୍କ ପାଇଁ ବୃତ୍ତି ପ୍ରଦାନ କରାଯାଉଛି। ଏହାର ସମସ୍ତ ପ୍ରୋଗ୍ରାମ ପାଇଁ ଟ୍ୟୁଶନ ଫି ଉପରେ ପ୍ରଥମ ପର୍ଯ୍ୟାୟର କ୍ୱାଲିଫାୟରଙ୍କ ପାଇଁ ୭୫%, ୨ୟ ପର୍ଯ୍ୟାୟର କ୍ୱାଲିଫାୟରଙ୍କ ପାଇଁ ୧୦୦% ଛାଡ଼ ଘୋଷଣା କରାଯାଇଛି।

## ଫୁରସତ୍

# ଦେଶର ଆର୍ଥିକ ବିକାଶର ଗୁରୁତ୍ୱପୂର୍ଣ୍ଣ ଉତ୍ସ


କେନ୍ଦ୍ରୀୟ ଅବକାରୀ ଦିବସ

ସାମଗ୍ରୀ ଉତ୍ପାଦନ ବ୍ୟବସାୟରେ ଭ୍ରଷ୍ଟାଚାରକୁ ରୋକିବା ସହିତ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଅବକାରୀ ବିଭାଗର ଗୁରୁ ଦାୟିତ୍ୱ ରହିଛି। ଦେଶର ବିକାଶରେ ଏହି ବିଭାଗର ଯୋଗଦାନ ସମ୍ପର୍କରେ ସଚେତନତା ସୃଷ୍ଟି ସହିତ କର୍ମଚାରୀମାନଙ୍କ ଉତ୍ସାହ ବୃଦ୍ଧି ଲାଗି ପ୍ରତିବର୍ଷ ଫେବୃୟାରୀ ୨୪ରେ କେନ୍ଦ୍ରୀୟ ଅବକାରୀ ଦିବସ (ସେଣ୍ଟ୍ରାଲ ଏକ୍ସାଇଜ୍ ଡେ) ପାଳନ କରାଯାଇଥାଏ। ୧୯୪୪ ଫେବୃୟାରୀ ୨୪ରେ ସେଣ୍ଟ୍ରାଲ ଏକ୍ସାଇଜ୍ ଏବଂ ସଲ୍ଟ ଆକ୍ଟ ପ୍ରଣୟନକୁ ସ୍ମରଣ କରିବା ପାଇଁ ଏହି ଦିବସ ପାଳନ କରାଯାଇଥାଏ। ଭାରତରେ ଉନ୍ନତି ସାମାଜିକ-ଅର୍ଥନୈତିକ ବିକାଶ କ୍ଷେତ୍ରରେ କେନ୍ଦ୍ରୀୟ ଅବକାରୀ ଶୁଳ୍କର ପ୍ରମୁଖ ଯୋଗଦାନ ରହିଛି। ଏହି ଶୁଳ୍କ ଦେଶର ଆର୍ଥିକ ବିକାଶର ଗୁରୁତ୍ୱପୂର୍ଣ୍ଣ ଉତ୍ସ ହୋଇପାରିଛି। କେନ୍ଦ୍ରୀୟ ଅବକାରୀ ବିଭାଗର ଉନ୍ନତ ତଥା ଏକନିଷ୍ଠ ସେବା ଦ୍ୱାରା ଦେଶର ରାଜସ୍ୱ ବହୁଗୁଣିତ ହୋଇ ପାରିଛି। କେନ୍ଦ୍ରୀୟ ଅବକାରୀ ବିଭାଗ ଦ୍ୱାରା ସଂଗୃହୀତ ରାଜସ୍ୱ ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ର ସମେତ ବହୁବିଧ ଯୋଜନାର ସଫଳ ପ୍ରଣୟନ ହୋଇପାରିଥାଏ। ଭାରତକୁ ଏକ ସମୃଦ୍ଧ, ସୁସ୍ଥ ତଥା ବିକଶିତ ଦେଶ ଭାବେ ସୁଦୃଢ଼ କରିବା ଏବଂ ଦାରିଦ୍ର୍ୟ ତଥା ନିରକ୍ଷରତା ଦୂର କରିବା ସହିତ ଭାରତୀୟ ଅର୍ଥନୀତିରେ ଉନ୍ନତି ଆଣିବା ପାଇଁ କେନ୍ଦ୍ରୀୟ ଅବକାରୀ ବିଭାଗ ଅତି ଦାୟିତ୍ୱସମ୍ପନ୍ନ ଭାବେ କାର୍ଯ୍ୟ ଜାରି ରଖିଛି।

ଭାରତକୁ ୧୦ଟି ଜୋନ୍‌ରେ ବିଭକ୍ତ କରାଯାଇଛି। ପ୍ରତି ଜୋନ୍‌ର ଦାୟିତ୍ୱ ଚିଫ୍ କମିଶନରଙ୍କ ଉପରେ ନ୍ୟସ୍ତ ଥାଏ। ସମସ୍ତ ଜୋନ୍‌ରେ ପ୍ରାୟ ୬୧ଟି କମିଶନରେଟ୍‌ଜୋନ୍‌ସେଣ୍ଟ୍ରାଲ ଏକ୍ସାଇଜ୍ କମିଶନରଙ୍କ ଦ୍ୱାରା ପରିଚାଳିତ ହୋଇଥାଏ। ସମଗ୍ର ଦେଶରେ ଲୋକମାନଙ୍କ ଦ୍ୱାରା ଦିଆଯାଉଥିବା ଟ୍ୟାକ୍ସ ଏବଂ ଏହାର ସଂଗ୍ରହ ସମ୍ବନ୍ଧୀୟ ନୀତି ପ୍ରସ୍ତୁତି ଏବଂ କାର୍ଯ୍ୟକାରୀ କରିବା ପାଇଁ ସେଣ୍ଟ୍ରାଲ ବୋର୍ଡ ଅଫ୍ ଏକ୍ସାଇଜ ଏବଂ କଷ୍ଟମ୍ସ ବିଭାଗ ପ୍ରତିଷ୍ଠା କରାଯାଇଛି।

ଦେଶର ବିଭିନ୍ନ ରାଜ୍ୟରେ ବିଭିନ୍ନ ଥିମଭିତ୍ତିକ କାର୍ଯ୍ୟକ୍ରମ, ସାଂସ୍କୃତିକ କାର୍ଯ୍ୟକ୍ରମ, କର୍ମଶାଳା, ସଚେତନତା କାର୍ଯ୍ୟକ୍ରମ, ପ୍ରତିଯୋଗିତା ଏବଂ ସେମିନାର୍ ଆୟୋଜନ କରି କେନ୍ଦ୍ରୀୟ ଏକ୍ସାଇଜ ଦିବସ ପାଳନ କରାଯାଏ। ଏହି ଦିନ ଆନ୍ତରିକତାର ସହ ଏବଂ ସଚ୍ଚୋଟ ଭାବରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ସରକାର ପୁରସ୍କୃତ କରିଥାଆନ୍ତି।

# କିଲିଙ୍କୁ ସମ୍ମାନିତ କଲେ ହାଇକମିଶନ

ଡୋଡୋମା: ଗତ କିଛିଦିନ ଧରି ଇଣ୍ଟରନେଟ୍ ଦୁନିଆରେ ତାଞ୍ଜାନିଆର ବାସିନ୍ଦା କିଲି ପଲ୍‌ଙ୍କ ନାମ ଚର୍ଚ୍ଚାର ବିଷୟ ପାଲଟିଛି। ବଲିଉଡ୍ ଗୀତଗୁଡିକରେ ଲିପ୍‌ସିଙ୍ଗ ଦେଇ କିଲି ବର୍ତ୍ତମାନ ଭାରତୀୟ ଲୋକଙ୍କ ହୃଦୟରେ ନିଜର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି। ଏଥିପାଇଁ ତାଙ୍କୁ ଭାରତର ହାଇ କମିଶନ ସମ୍ମାନିତ କରିଛନ୍ତି। ଭାରତୀୟ କୂଟନୀତିଜ୍ଞ ବିନୟା ପ୍ରଧାନ ତାଞ୍ଜାନିଆରେ ଭାରତର ଉଚ୍ଚ ଆୟୋଗର କାର୍ଯ୍ୟାଳୟ ପରିଦର୍ଶନ କରିବାବେଳେ ସୋମବାର କିଲି ପଲ୍‌ଙ୍କ ସହ କିଛି ଫଟୋ ପୋଷ୍ଟ କରିଛନ୍ତି। ଇନ୍‌ଷ୍ଟାଗ୍ରାମରେ କିଲି ଏବଂ ତାଙ୍କ ଭଉଣୀ ନିମା ପଲ ପ୍ରାୟ ଭିଡିଓ ଏକାଠି ଶେୟାର କରନ୍ତି। ବିନୟା ଟୁଇଟରରେ ଫଟୋ ଶେୟାର କରି ଲେଖିଛନ୍ତି, 'ଆଜି ତାଞ୍ଜାନିଆରେ ଏକ ବିଶେଷ ଦିନ ଥିଲା, ବଲିଉଡ୍ ଗୀତରେ ଲିପ୍‌ସିଙ୍ଗ କରୁଥିବା ପ୍ରସିଦ୍ଧ କଳାକାର କିଲିଙ୍କୁ ଭେଟି ଆନନ୍ଦିତ ହୋଇଥିଲେ ବୋଲି କହିଛନ୍ତି।' ଏଥିସହ କିଲି ମିଡିଆରେ ନୃତ୍ୟ ପରିବେଷଣ କରିବାକୁ ମଧ୍ୟ ଭଲ ପାଆନ୍ତି।



MISSING



ନାମ: ଶାନ୍ତିଲତା ମାଝୀ, ବୟସ: ୫୨ବର୍ଷ, ତାରିଖ: ୦୧।୦୨।୨୦୨୨, ସମୟ: ସକାଳ ୮ଘଟିକା, ନିଖୋଜ ସ୍ଥାନ: ପାହାଳ, ଭୁବନେଶ୍ୱର, ଫୋନ୍ ନଂ.- 7205781448, 9438689362, 9668264078, 8658516702 ପାହାଳ ଥାନା କିମ୍ବା ନିକଟସ୍ଥ ପୋଲିସ୍ ଷ୍ଟେସନ୍‌କୁ ଯୋଗାଯୋଗ କରନ୍ତୁ। ଓ.ଆଇ.ସି- 9438411083.
ଧ-୨୩୨୧୮

ମନେ ପଡ଼ନ୍ତି

ନବମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଗୁରୁପ୍ରସାଦ ମହାପାତ୍ର
ଶୈଳଶ୍ରୀ ବିହାର, ଭୁବନେଶ୍ୱର
ଆବିର୍ଭାବ: ଦୋଳ ପୂର୍ଣ୍ଣିମା (୧୧।୦୩।୧୯୮୨)
ତିରୋଧାନ: ମାଘ ଶୁକ୍ଳ ଚତୁର୍ଦ୍ଦଶୀ (୨୪।୦୨।୨୦୧୩)
"ପୂର୍ଣ୍ଣମୀର ଚାନ୍ଦ ହୋଇ ଆସିଥିଲୁ, ହସୁଥିଲା ଏ ସଂସାର, ଦୁଃଖ ଦେଇ ତୁ ବାହୁଡ଼ି ଗଲୁ ଯେ ଭୁଲ୍ ଥିଲା କି ଆମର। ଅଭୁଲା ସ୍ମୃତି ଯେ ମନେ ପଡେ ତୋର ଭୁଲି ପାରୁନାହୁଁ ତତେ, ବିଧିର ବିଧାନ କେ କରିବ ଆନ ଛାର ମନୁଷ୍ୟ ସମସ୍ତେ।"
ତୋର ପବିତ୍ର ଆତ୍ମାକୁ ଶ୍ରୀଜଗନ୍ନାଥ ମହାପ୍ରଭୁ ଶାନ୍ତି ଦିଅନ୍ତୁ।
ଶୋକସନ୍ତପ୍ତ: ବାପା, ନାନୀ, ଭାଇନା, ବାବା (ଭଣଜା), ବନ୍ଧୁ ଓ ପରିବାରବର୍ଗ।
ଧ-୨୩୨୩୮

# ଲଳିଥାଙ୍କ ୫ ଦଶନ୍ଧିର ଯାତ୍ରା ଶେଷ



ଥିରୁଅନନ୍ତପୁରମ୍: ଭେଟେରାନ୍ ମାଲୟାଲମ୍ ଅଭିନେତ୍ରୀ କେପିଏସି ଲଳିଥାଙ୍କ ମଙ୍ଗଳବାର ଦେହାନ୍ତ ହୋଇଛି। ତାଙ୍କୁ ୭୪ ବର୍ଷ ବୟସ ହୋଇଥିଲା। ଗତ କିଛିମାସ ହେବ ତାଙ୍କର ସ୍ୱାସ୍ଥ୍ୟଗତ ସମସ୍ୟା ଲାଗିରହିଥିଲା। ସେ କୋଚିର ଏକ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଦୀର୍ଘଦିନ ଧରି ସେ ଯକୃତ ସିରୋସିସ୍ ରୋଗରେ ପୀଡିତ ଥିଲେ। ଲଳିତା ଥିଏଟର ସହିତ ଚଳଚ୍ଚିତ୍ରରେ କ୍ୟାରିୟର ଆରମ୍ଭ କରିଥିଲେ। ତାଙ୍କ ଜୀବନ କାଳ ମଧ୍ୟରେ ସେ ମାଲୟଲମ୍ ଏବଂ ତାମିଲ ଭାଷାରେ ୫୫୦ରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ର କରିଛନ୍ତି। ୧୯୯୯ରେ ଏବଂ ୨୦୦୦ରେ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ଦୁଇଟି ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇଥିଲେ। ୫ ବର୍ଷ ଧରି କେରଳ ସଙ୍ଗୀତ ନାଟକ ଏକାଡେମୀର ଅଧ୍ୟକ୍ଷା ଭାବେ କାର୍ଯ୍ୟ କରିଥିଲେ। ତାଙ୍କୁ ଶେଷ ଥର ପାଇଁ ସିନେମା 'ଘର'ରେ ଦେଖିବାକୁ ମିଳିଥିଲା। ଏବେ ମଧ୍ୟ ତାଙ୍କର କିଛି ମୁଭି ରିଲିଜ୍ ଅପେକ୍ଷାରେ ରହିଛି।

# ସଲମାନଙ୍କ ଫିଲ୍ମକୁ ନା କରିଥିଲେ


ଦୀପିକା ପାଦୁକୋନ

ମୁମ୍ବାଇ: ନିଜ ଅଭିନୟ ମାଧ୍ୟମରେ ଫ୍ୟାନ୍ସଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଥିବା ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ ନିଜର ଏକ କଥାର ରାଜ୍ ଖୋଲିଛନ୍ତି। ୨୦୦୫ରେ ସେ ପ୍ରଥମେ ହିମେଶ ରେଶମିଆଙ୍କ ମ୍ୟୁଜିକ୍ ଭିଡିଓ 'ନାମ ହୈ ତେରା'ରେ ଅଭିନୟ କରିଥିଲେ। ମ୍ୟୁଜିକ୍ ଭିଡିଓ ପରେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ ଦୀପିକା। ୨୦୦୭ରେ ସିନେମା 'ଓମ୍ ଶାନ୍ତି ଓମ୍'ରେ ଶାହରୁଖଙ୍କ ସହ ଅଭିନୟ କରିଥିଲେ। କିନ୍ତୁ ଏହା ପୂର୍ବରୁ ୨୦୦୫ରେ ଦୀପିକାଙ୍କୁ ମୁଭି ଅଫର୍ ଦେଇଥିଲେ ସଲମାନ୍। ମାତ୍ର ଦୀପିକା ମନା କରିଦେଇଥିଲେ। ସେ କହିଛନ୍ତି, 'ମୁଁ ସଲମାନଙ୍କ ପ୍ରତି ସର୍ବଦା କୃତଜ୍ଞ ରହିବି, କାରଣ ସେ ତାଙ୍କୁ ପ୍ରଥମେ ସିନେମା ପାଇଁ ଅଫର ଦେଇଥିଲେ। ହେଲେ ସେ ସେହି ସମୟରେ ଅଭିନୟ ଏବଂ ଫିଲ୍ମ ପ୍ରତି ଆଗ୍ରହୀ ନ ଥିଲେ। ତେଣୁ ସେ ସଲମାନଙ୍କ ଚଳଚ୍ଚିତ୍ରକୁ ମନା କରିଦେଇଥିଲେ। ଅବଶ୍ୟ ମୁଁ ଦୁଇ ବର୍ଷ ପରେ 'ଓମ୍ ଶାନ୍ତି ଓମ୍'ରେ ଅଭିନୟ କରିବାକୁ ସୁଯୋଗ ପାଇଥିଲି। ଆଉ ସେତେବେଳକୁ ମୋର ମନ ପରିବର୍ତ୍ତନ ହୋଇଯାଇଥିଲା ଏବଂ ମୁଁ ସିନେମାକୁ ହଁ କହିଥିଲି। ଏଥିସହ ଦୀପିକା ଦିନେ ସଲମାନଙ୍କ ସହ ଏକାଠି କାମ କରିବା ପାଇଁ ଉତ୍ସାହିତ ଅଛନ୍ତି ବୋଲି କହିଛନ୍ତି।

CLASSIFIED DISPLAY
MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|---|
| | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%
ALL EDITION - B/W (Everyday)
for Booking Contact: 0674-2580385, 8637280816, 7894447167, 9338226625

ବେରୋଜଗାରରୁ ସ୍ୱାବଲମ୍ବୀ ହୁଅନ୍ତୁ
ନିଜ ଘରେ ଡିସ୍‌ପୋଜେବଲ୍, ପ୍ଲାଷ୍ଟିକ୍ କପ୍, ପ୍ଲେଟ୍, ଗ୍ଲାସ୍, ମାସ୍କ, ଜୋତା, ଚପଲ, ମୋବାଇଲ ଚାର୍ଜର, ପାଣି ବୋତଲ, ୱାଲପେପର୍, ଏଲ୍‌ଇଡି ବଲ୍‌ବ, ଟିଶାର୍ଟ, ଟିସ୍ୟୁ, କୁରକୁରେ, ସର୍ଫ, ସାବୁନ, କ୍ୟାରି ବ୍ୟାଗ୍, ଟବ୍, ବାଲ୍‌ଟି ଆଦିର ଫ୍ୟାକ୍ଟ୍ରି ବସାନ୍ତୁ।
କମ୍ପାନୀ ଘରେ ବସି କାମ ଦେବ
କେବଳ ମାଲ୍ ତିଆରି କରନ୍ତୁ ଓ ତିଆରି ମାଲ୍ କମ୍ପାନୀକୁ ବିକନ୍ତୁ
ଛୋଟ ମେଶିନ୍, ବଡ଼ ଫାଇଦା, ଥରେ ସେଟ୍ ଅପ୍ କରନ୍ତୁ
ସାରା ଜୀବନ ରୋଜଗାର କରନ୍ତୁ
ଦୈନିକ 12000+ ରୋଜଗାର କରନ୍ତୁ
ଛୋଟ ଚାକିରି ଛାଡ଼ି ନିଜ କମ୍ପାନୀର ମାଲିକ ହୁଅନ୍ତୁ
Contact: 7827633638

ଅମିନ୍ ଆର.ଆଇ ଟ୍ରେନିଂ
(Approved by Govt. of Odisha)
କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ବହୁ ସଂଖ୍ୟକ ଆର.ଆଇ, ଅମିନ୍ ଆବଶ୍ୟକ ହେଉଥିବାରୁ ୧୦ମ ରୁ ଊର୍ଦ୍ଧ୍ୱ ପ୍ରାର୍ଥୀଙ୍କୁ ୪୫ ଦିନ ମଧ୍ୟରେ ପ୍ରାକ୍ଟିକାଲ ଟ୍ରେନିଂ ଦିଆଯିବ। ଟ୍ରେନିଂ ପରେ ଯୋଗ୍ୟତା ଅନୁଯାୟୀ ଚାକିରୀ କରିପାରିବେ। ଏତଦ୍ ବ୍ୟତିତ ଯେଉଁ ବ୍ୟକ୍ତିମାନଙ୍କର ଜମି ଡିମାରକେସନ୍, ପାର୍ଟିସନ୍, ଟ୍ରେସିଙ୍ଗ୍ ନକ୍ସା ଓ ରେକର୍ଡ୍ ସଂଶୋଧନ କରିବାର ଅଛି। ସେମାନେ ମଧ୍ୟ ଦିଆଯାଇଥିବା ଠିକଣାରେ ଯୋଗାଯୋଗ କରିପାରିବେ।
Email: indianlearningedu@gmail.com
Secretary ITI, Chandralok Market SCR/4, Niladri Vihar, Bhubaneswar-21
7504641993 / 9556357186 / 0674-2721969

GALAXY TOWER
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Tower, B wing, Bangalore Karnataka-400021
8901110759

ALL EDITION - B/W (Everyday)
for Booking Contact: 0674-2580385, 8637280816, 7894447167, 9338226625

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ପରିଣୀତି

# ଅନ୍ଧରେ...

➤‘ହୀରୋପନ୍ତି-୨’ର ଅନ୍ତିମ ପର୍ଯ୍ୟାୟ ଶୁଟିଂ ଦୁବାଇରେ ଚାଲୁ ରହିଛି। ଏହି ଫିଲ୍ମରେ ଟାଇଗର ଶ୍ରଫଙ୍କ ଅପୋଜିଟ୍‌ରେ ଅଛନ୍ତି ତାରା ସୁତାରିଆ। ଚିତ୍ରଟି ଚଳିତବର୍ଷ ଏପ୍ରିଲ ମାସରେ ରିଲିଜ୍ ହେବାର ଯୋଜନା ରହିଛି।

➤ଆକ୍ସନ-ଥ୍ରୀଲର ୱେବ୍ ସିରିଜ୍ ‘ଇନ୍‌ଭିଜିବୁଲ ୱମ୍ୟାନ୍’ରେ ଈଷା ଦେଓଲ ଅଭିନୟ କରିବେ। ଏଥିରେ ତାଙ୍କ ବ୍ୟତୀତ ସୁନୀଲ ସେଟ୍ଟି, ରାହୁଲ ଦେବ, ସିଦ୍ଧାର୍ଥ ଖେର ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ।

➤ବଲିଉଡ୍‌ର ଅନ୍ୟତମ ବିଶିଷ୍ଟ ପ୍ରଯୋଜକ ତଥା ନିର୍ଦ୍ଦେଶକ ସୁରଜ ବରଜ୍ୟାତାଙ୍କ ଆଗାମୀ ଫିଲ୍ମର ନାୟିକା ଭୂମିକାରେ ପରିଣୀତି ଚୋପ୍ରା ଅଭିନୟ କରିବେ। ଏହାର ଟାଇଟଲ ଫାଇନାଲ ହୋଇନାହିଁ। ଏହି ଫିଲ୍ମର କାଷ୍ଟିଂରେ ଅମିତାଭ ବଚ୍ଚନ ଏବଂ ଅନୁପମ ଖେରଙ୍କ ପରି ନାମୀ ଅଭିନେତା ମଧ୍ୟ ଅଛନ୍ତି।

➤ଆମାଜାନ ପ୍ରାଇମର ଆଗାମୀ ପ୍ରୋଜେକ୍ଟ ପାଇଁ କାହାଣୀ କିଏ ଲେଖୁଛନ୍ତି ଜାଣନ୍ତି ? ଶାହରୁଖଙ୍କ ପୁଅ ଆର୍ଯ୍ୟନ୍ ଖାଁ।

➤ଆର. ବାଲ୍‌କିଙ୍କ ଆଗାମୀ ଫିଲ୍ମ ‘ଘୋମେର’ରେ ସୟମୀ ଖେର୍ କ୍ରିକେଟ ଖେଳାଳି ଭୂମିକାରେ ଅଭିନୟ କରିବେ। ଏଥିରେ ତାଙ୍କ କୋଚ୍ ଭାବରେ ଦେଖାଦେବେ ଅଭିଷେକ ବଚ୍ଚନ।

# ଲଭଲିଙ୍କ ଲେଉଟାଣି



ଲଭଲି

ଓଡ଼ିଆ ଫିଲ୍ମ ‘ରୋମିଓ ଦ ଲଭର ବୟ’ରୁ ଆକ୍ଟିଂ କ୍ୟାରିୟର ଆରମ୍ଭ କରିଥିଲେ ବାବୁସାନ୍। ଏଥିରେ ତାଙ୍କ ଅପୋଜିଟ୍‌ରେ ବଙ୍ଗୀୟ ଅଭିନେତ୍ରୀ ଲଭ୍‌ଲିଙ୍କୁ ଦେଖିବାକୁ ମିଳିଥିଲା। ଏହା ମଧ୍ୟ ଥିଲା ଲଭ୍‌ଲିଙ୍କର ପ୍ରଥମ ସିନେମା। ତା’ପରେ ‘ମିତରେ ମିତ’ରେ ନାୟିକା ସାଜିଥିଲେ ସେ। ଏବେ ପୁଣି ଥରେ ସେ ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରିକୁ ଫେରିଛନ୍ତି। ଓଟିଟି ପ୍ଲାଟଫର୍ମ ‘କଞ୍ଚାଲଙ୍କା’ ଦ୍ୱାରା ପ୍ରସ୍ତୁତ କ୍ଷୁଦ୍ର ଚଳଚ୍ଚିତ୍ରରେ ଲଭ୍‌ଲି ଅଭିନୟ କରିଛନ୍ତି। ଉକ୍ତ ଶର୍ଟ ଫିଲ୍ମର ଟାଇଟଲ ରହିଛି ‘ଟ୍ରୁଲି ୟୁଅର୍ସ’। ଏଥିରେ ଲଭ୍‌ଲିଙ୍କ ବ୍ୟତୀତ ବବ୍‌ଲୀ, ଅଙ୍କିତ, ସନ୍ଦିପ୍ ଅଭିନୟ କରୁଛନ୍ତି । ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଉଛନ୍ତି ରମେଶ ରାଉତ । ଏ ନେଇ କଞ୍ଚାଲଙ୍କା ମୁଖ୍ୟ ବିଭୁ ରଥ କହନ୍ତି, ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ଆଧାର କରି ଏହାକୁ ପ୍ରସ୍ତୁତ କରାଯାଇଛି। ଯୁବପିଢ଼ିଙ୍କ ପାଇଁ ଏହି ଫିଲ୍ମଟି ଆକର୍ଷଣର କେନ୍ଦ୍ରବିନ୍ଦୁ ହେବ। ଏହି ପ୍ଲାଟ୍‌ଫର୍ମରେ ପୂର୍ବରୁ ‘ହ୍ୟାଲୋ ରାବଣ’, ‘ହଉ ହଉ ହେଇଗଲାରେ’, ‘ଟୁ ଚକୋଲେଟ୍’ ଏବଂ ‘ବ୍ରେକ ଅପ୍ ରୁଲସ୍’ ଭଳି ଚଳଚ୍ଚିତ୍ର ଷ୍ଟ୍ରିମିଂ ହୋଇ ଲୋକାଦୃତ ହୋଇଛି।

# ଆସୁଛନ୍ତି ଏଜେଣ୍ଟ ଅଗ୍ନି

ରିଲିଜ୍ ଅପେକ୍ଷାରେ ଥିବା ହିନ୍ଦୀ ସିନେମା ‘ଧକଡ୍’ରେ କଙ୍ଗନାଙ୍କୁ ଦର୍ଶକ ଆକ୍ସନ ଭୂମିକାରେ ଦେଖିବାକୁ ପାଇବେ। ଏଥିରେ ତାଙ୍କ ଭୂମିକାଟି ହେଲା ଏଜେଣ୍ଟ ଅଗ୍ନି। ହେଲେ କୋଭିଡ୍ ପାଇଁ ଫିଲ୍ମର ରିଲିଜ୍ ଡେଟ୍ ଘୁଞ୍ଚି ଘୁଞ୍ଚି ଚାଲିଛି। ଗତ ବର୍ଷ ଅକ୍ଟୋବରରେ ଏହା ପରଦା ଉପରକୁ ଆସିଥାଆନ୍ତା। ହେଲେ କେତେକ କାରଣରୁ ଏହି ଡେଟ୍‌କୁ ବାତିଲ କରାଯାଇଥିଲା। ସେପଟେ ଫିଲ୍ମଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ ବୋଲି ସୂଚନା ଦେଇଛନ୍ତି ଏହାର ପ୍ରଯୋଜକ ସୋହେଲ ମଲକାଇ। କଙ୍ଗନା ରାଣାୱତ୍ ଭିନ୍ନ ଭିନ୍ନ ଭୂମିକାରେ ନିଜ ଅଭିନୟ ଦକ୍ଷତା ଦେଖାଇ ସାରିଛନ୍ତି। ଏଥିରେ ନିଜ ଭୂମିକା ସମ୍ପର୍କରେ ସେ କହନ୍ତି, ‘‘ଏହି ଫିଲ୍ମର କାହାଣୀରେ ରହସ୍ୟ ରୋମାଞ୍ଚ ଭରି ରହିଛି। ଯେତେବେଳେ ଏହାର ନିର୍ଦ୍ଦେଶକ ରଜନୀଶ ଘାଇ ମୋତେ ମୋ ଭୂମିକା ସମ୍ପର୍କରେ ସୂଚନା ଦେଲେ, ସେତେବେଳେ ମୋ ଖୁସିର ସୀମା



କଙ୍ଗନା

ରହି ନ ଥିଲା। ଏଥିରେ ମୋତେ ଗୁପ୍ତଚର (ଏଜେଣ୍ଟ ଅଗ୍ନି) ଭୂମିକା ମିଳିଛି। ଫିଲ୍ମଟିରେ ଆକ୍ସନ ଦୃଶ୍ୟ ଭରି ରହିଛି। ଏଥିରେ ମୋ ଭୂମିକାକୁ ଯଥାସମ୍ଭବ ତୁଲାଇଛି। ବାକିସବୁ ଦର୍ଶକଙ୍କ ଉପରେ ନିର୍ଭର କରେ।’’ ଏହି ଫିଲ୍ମରେ କଙ୍ଗନାଙ୍କ ବ୍ୟତୀତ ଅର୍ଜୁନ ରାମପାଲ ଏବଂ ଦିବ୍ୟା ଦତ୍ତାଙ୍କୁ ମଧ୍ୟ ଦେଖିବାକୁ ମିଳିବ।

# ସମୟାନୁବର୍ତ୍ତୀ ଜ୍ୟାକ୍‌ଲିନ୍

ଶ୍ରୀଲଙ୍କା ସୁନ୍ଦରୀ ଜ୍ୟାକ୍‌ଲିନ୍ ଫର୍ନାଡିସ୍‌ଙ୍କୁ ନେଇ ଏବେ ଚର୍ଚ୍ଚା। କାରଣ ସେ ଏବେ ଏକାଥରେ ଦୁଇଟି ଅନ୍‌ଟାଇଟଲ୍‌ଡ ଫିଲ୍ମର ଶୁଟିଂରେ ବ୍ୟସ୍ତ ଅଛନ୍ତି। ଶୁଟିଂ ଦିନ ସେ ଠିକ୍ ସମୟ ପୂର୍ବରୁ ସେଟ୍‌ରେ ପହଞ୍ଚି ଯାଉଛନ୍ତି। ଏ ସମ୍ପର୍କରେ ଜ୍ୟାକ୍‌ଲିନ୍ କହନ୍ତି, ‘‘ଏବେ ମୋର ଏକାଥରେ ଦୁଇଟି ସିନେମାର ଶୁଟିଂ ଚାଲିଛି। ଅବଶ୍ୟ ଏହି ସପ୍ତାହ ଶେଷ ସୁଦ୍ଧା ଗୋଟିଏ ଫିଲ୍ମରୁ ବ୍ରେକ୍ ମିଳିବ। ମୁଁ ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ଶୁଟିଂ ସେଟ୍‌ରେ ପହଞ୍ଚିଯାଉଛି। ଯଥାସମ୍ଭବ ଶଟ୍‌ଗୁଡ଼ିକ କିପରି ଅଯଥା କଟ୍ ନ ହେବ ସେଥିପ୍ରତି ଧ୍ୟାନ ଦେଉଛି।’’ ନିର୍ମାଣାଧୀନ ଫିଲ୍ମ ‘ରାମସେତୁ’ରେ ସେ ମଧ୍ୟ ଅଭିନୟ କରୁଛନ୍ତି। ଏଥିରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ଅକ୍ଷୟ କୁମାର। ଏହି ଫିଲ୍ମରେ ନିଜ ଭୂମିକାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ଜ୍ୟାକ୍‌ଲିନ୍।

# ରଣବୀରଙ୍କ ପ୍ରଶଂସାରେ ଯାମି

ଯାମି ଗୌତମ ଏବେ ଚାରିଆଡ଼େ ରଣବୀର ସିଂଙ୍କ ପ୍ରଶଂସା କରୁଛନ୍ତି। ଏହା ପଛରେ ସେପରି କାରଣ ମଧ୍ୟ ରହିଛି। କାରଣ ଖୁବ୍‌ଶୀଘ୍ର ତାଙ୍କର ରଣବୀରଙ୍କ ଅପୋଜିଟ୍‌ରେ ସାଇନ୍ କରାଯିବାର ଚାନ୍ସ ରହିଛି। ଏହି ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ, କିନ୍ତୁ ପ୍ରାରମ୍ଭିକ କାମ ଚାଲୁ ରହିଛି। ଏ ନେଇ ଯାମି କହନ୍ତି, ‘‘ରଣବୀର ସିଂ ଅଭିନୟ କରିବାକୁ ଯାଉଥିବା ଏକ ଫିଲ୍ମ ପାଇଁ ମୋତେ ଅଫର ମିଳିଛି। ତେବେ ଏ ନେଇ ଯଦିଓ ମୁଁ ରାଜି ଅଛି, ତେବେ ଡେଟ୍ ବିଷୟରେ କ୍ଲିୟର ହୋଇନାହିଁ। ସତ କଥା କହିବାକୁ ଗଲେ ରଣବୀରଙ୍କ ପରି ଅଭିନେତାଙ୍କ ସହ କାମ କରିବାର ମଜା ନିଆରା। ଏହି ଫିଲ୍ମରେ ମୋତେ ଏକ ଭିନ୍ନ ଭୂମିକାରେ ଦର୍ଶକ ଦେଖିବାକୁ ପାଇବେ। ମୋତେ ମିଳୁଥିବା ଭୂମିକା ଛୋଟ ହେଉ କି ବଡ଼ ତାହାକୁ ମୁଁ ଗମ୍ଭୀରତାର ସହ ନେଇଥାଏ।’’ ଅନ୍ୟପକ୍ଷରେ ‘ଓଃ ମାଇଁ ଗଡ୍-୨’ରେ ଯାମି ଅଭିନୟ କରୁଛନ୍ତି। ଏଥିରେ ଶିବ ଭୂମିକାରେ ଅକ୍ଷୟ କୁମାରଙ୍କୁ ଦେଖିବାକୁ ମିଳିବ। ଅମିତ ରାୟ ଏହାର କାହାଣୀ ରଚନା କରିବା ସହ ନିର୍ଦ୍ଦେଶନା ମଧ୍ୟ ଦେଉଛନ୍ତି।



ଯାମି

# ଇମୋଶନାଲ ରକୁଲ୍



ରକୁଲ୍

ନିକଟରେ ନିଜ ବିଷୟରେ କହୁ କହୁ ରକୁଲ୍ ପ୍ରୀତ୍ ସିଂ ବେଶ୍ ଇମୋଶନାଲ ହୋଇପଡ଼ିଲେ। ଏପରିକି ତାଙ୍କ ଆଖିରୁ ଦୁଇ ଟୋପା ଲୁହ ଗଡ଼ିପଡ଼ିଲା। ହେଲେ କଥାଟି ଏମିତି କ’ଣ କି ରକୁଲ୍ ସାଧାରଣ ଅବସ୍ଥାରୁ ହଠାତ୍ ଇମୋଶନାଲ ହୋଇଗଲେ ? କଥା କ’ଣ କି ଗୋଟିଏ ଜିନିଷ ଦେଖିଲେ ତାଙ୍କୁ ଭାରି ଭୟ ଲାଗେ। ଏମିତି ତ ଅନେକ ଜୀବ ଅଛନ୍ତି, ଯାହାକୁ ଦେଖିଲେ ଆମକୁ ବି ଡର ଲାଗେ। ହେଲେ ରକୁଲ୍ କାହାକୁ ଦେଖିଲେ ବେଶି ଭୟ କରନ୍ତି ଜାଣନ୍ତି ? ଝିଟିପିଟିକୁ। ଏ ନେଇ ରକୁଲ୍ କହନ୍ତି, ‘‘ସତ କଥା ହେଲା ଝିଟିପିଟି ଦେଖିଲେ ମୋତେ ଭାରି ଡର ଲାଗେ। ଥରେ ଏକ ସିନେମାର ଶୁଟିଂ ସମୟରେ ମୋତେ ଏ ନେଇ ହଟହଟା ହେବାକୁ ପଡ଼ିଥିଲା। ଶଟ୍ ଦେବାକୁ ଯିବା ସମୟରେ ମୋର ନଜର ଏକ ଝିଟିପିଟି ଉପରେ ପଡ଼ିଗଲା। ମୁଁ ଆଉ ଆଗକୁ ଯିବି କ’ଣ, ଚିତ୍କାର କରି ପଛକୁ ଫେରିଆସିଲି। ଏହାଦେଖି ୟୁନିଟ୍‌ର ସଦସ୍ୟମାନେ ଆଶ୍ଚର୍ଯ୍ୟ ହୋଇଗଲେ। ହେଲେ ଯେତେବେଳେ ମୁଁ ଅସଲ କଥା କହିଲି, ସେତେବେଳେ ସମସ୍ତେ ହସିବାକୁ ଲାଗିଲେ।’’ ଏବେ ରକୁଲ୍ ମାଲେସିଆରେ ଶୁଟିଂ ବ୍ରେକ୍‌ରେ ଅଛନ୍ତି। ସେ ଅଭିନୟ କରିଥିବା ନୂଆ ସିନେମାଗୁଡ଼ିକ ମଧ୍ୟରେ ରହିଛି ‘ଡକ୍ଟର ଜୀ’ (ଆୟୁଷ୍ମାନ୍ ଖୁରାନା), ଅଜୟ ଦେବଗନଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ‘ମେ ଡେ’ ଏବଂ ଇନ୍ଦର କୁମାରଙ୍କ ଏକ କମେଡ଼ି ଫିଲ୍ମ।

ଅପେରା ହାଲ୍‌ଚାଲ୍

# ପଜିଟିଭ ଭୂମିକାକୁ ପସନ୍ଦ କରିଥାଏ



ଅଞ୍ଜଳି

ଜଲିଉଡ୍‌ରେ ନବାଗତା ଅଭିନେତ୍ରୀ ଅଞ୍ଜଳି ଦାଶ। ଗତ ବର୍ଷ ସେ ‘ଯାତ୍ରା ସ୍ୱପ୍ନ ମହଲ’ରୁ ଅପେରା କ୍ୟାରିୟର ଆରମ୍ଭ କରିଛନ୍ତି। ଅବଶ୍ୟ ଏହାପୂର୍ବରୁ ସେ ପାଖାପାଖି ୩୦ରୁ ଅଧିକ ଡ୍ରାମା ନାଟକରେ ଆକ୍ଟିଂ ଦକ୍ଷତା ଦେଖାଇ ସାରିଛନ୍ତି। ତେବେ ଗତ ଦୁଇ ବର୍ଷ ଭିତରେ ସେ ଅଭିନୟ କରିଥିବା ଅପେରା ନାଟକ ‘ମୋନାଲିସାର ମିଠା ହସ’, ‘ସ୍ୱପ୍ନ ମହଲର ସ୍ୱପ୍ନା’ ବ୍ୟତୀତ ଚଳିତବର୍ଷ ମଞ୍ଚସ୍ଥ ହେଉଥିବା ‘ସଙ୍ଗୀତାର ସାଥୀ ସଙ୍ଗୀତା’, ‘ବିୟୁଟିଫୁଲ୍ ଝିଅ’, ‘ଛାତି କଥା ଛାତିରେ ଥାଉ’ରେ ଭଦ୍ରକରେ ଜନ୍ମିତା ଅଞ୍ଜଳି ସାଉଁଟିଛନ୍ତି ଅନେକ ପ୍ରଶଂସା। ନିଜ କ୍ୟାରିୟର ବିଷୟରେ ସେ କହନ୍ତି, ‘‘ ସତ କହିବାକୁ ଗଲେ ଅପେରା ନାଟକର ଅଲଗା ଚାର୍ମ। ଏଠି ଅନେକ ନୂଆ କଥା ଶିଖିଛି। ମୁଁ ଅଭିନୟ କରିଥିବା ଉପର ନାଟକଗୁଡ଼ିକରେ ମୋତେ ପଜିଟିଭ ଭୂମିକା ମିଳିଛି। ବିଶେଷଭାବରେ ଏପରି ରୋଲ୍‌କୁ ମୁଁ ଅଧିକ ଗୁରୁତ୍ୱ ଦିଏ। ମୋ ମା’ ବିଗତ ଦିନର ନାୟିକା ମଲ୍ଲୀ ହେଉଛନ୍ତି ମୋ ପାଇଁ ପ୍ରେରଣାର ଉତ୍ସ। ’’

# ନୂଆ ଯୋଜନାରେ ଅରବିନ୍ଦ



ଅରବିନ୍ଦ

ନିର୍ଦ୍ଦେଶକ ଅରବିନ୍ଦ ପାଣ୍ଡେ ଏବେ ଏକ ନୂଆ କାମରେ ବ୍ୟସ୍ତ। ପ୍ରଥମ କଥା ହେଲା, ଗୋଟିଏ ନୂଆ ଓଡ଼ିଆ ପ୍ରୋଜେକ୍ଟର ପ୍ରାରମ୍ଭିକ କାମରେ ସେ ବ୍ୟସ୍ତ ଅଛନ୍ତି। ତା’ ସହ ନିକଟରେ ସେ ନୂଆ ଦୁନିଆରେ ପାଦ ଦେଇଛନ୍ତି। ଅର୍ଥାତ୍, ଡିଜିଟାଲ ପ୍ଲାଟଫର୍ମ ସହ ନିଜକୁ ଜଡ଼ିତ ରଖିଛନ୍ତି ସେ। ନିଜସ୍ୱ ୟୁଟ୍ୟୁବ୍ ଚ୍ୟାନେଲ ‘ମଦର ମେରୀ ଏଣ୍ଟରଟେନ୍‌ମେଣ୍ଟ’ ଖୋଲିଛନ୍ତି। ଏ ନେଇ ଅରବିନ୍ଦ କହନ୍ତି, ‘‘ବର୍ତ୍ତମାନ ଦର୍ଶକଙ୍କ ନିକଟରେ ପହଞ୍ଚିବାର ଏହା ହେଉଛି ଅନ୍ୟତମ ପ୍ରମୁଖ ମାଧ୍ୟମ। ‘ମେଡ୍ ଫର ଇଚ୍ ଅଦର’ ଏବଂ ‘ମୁଁ ଡାର୍ଲିଂ ଫର ଅଲ୍’ ମ୍ୟୁଜିକ ଆଲବମ୍‌କୁ ଦର୍ଶକ ଗ୍ରହଣ କରିଛନ୍ତି। ଦର୍ଶକଙ୍କ ମନକୁ ଛୁଇଁଲା ଭଳି ଆଉ କେତୋଟି ୱେବ ପ୍ରୋଜେକ୍ଟ ପ୍ଲାନିଂ ଚାଲିଛି।’’

# ଛାଁ କୁ ଛାଁ ଓ ସାଥିରେ

ଏକ ଭିନ୍ନ ଧରଣର ମ୍ୟୁଜିକ ଆଲବମ୍ ‘ଛାଁ କୁ ଛାଁ ଓ ସାଥିରେ’ ନିକଟରେ ରିଲିଜ୍ ହୋଇଛି। ଆଗଧାଡ଼ିର ସ୍ୱର ସଂଯୋଜକ ପ୍ରେମ ଆନନ୍ଦଙ୍କ ସ୍ୱର ସଂଯୋଜନାରେ ଏହାର ଗୀତଗୁଡ଼ିକ ପାଇଁ କଣ୍ଠଦାନ କରିଛନ୍ତି ହ୍ୟୁମାନ୍ ସାଗର ଏବଂ ଅନୁରାଧା ପାଣିଗ୍ରାହୀ। ଆମ ଟିଭି ବ୍ୟାନରରେ ଏହାକୁ ପ୍ରସ୍ତୁତ କରାଯାଇଛି। ଏହାର ଭିଡିଓ ଆଲବମ୍‌ର ନିର୍ଦ୍ଦେଶନା ଦେଇଛନ୍ତି ବାବୁ। ଯେତେବେଳେ ଏହାକୁ ପ୍ରସ୍ତୁତ କରିବାକୁ ଏହାର ପ୍ରଯୋଜକ ପ୍ରଣୟ ଜେଠୀ ମୋ ସହ ଯୋଗାଯୋଗ କଲେ, ସେତେବେଳେ ମୁଁ ତାଙ୍କୁ ସହଯୋଗର ହାତ ବଢ଼ାଇଥିଲି। କାରଣ ପ୍ରେମ ଆନନ୍ଦଙ୍କ କମ୍ପୋଜିଂ ମୋତେ ବେଶ୍ ପ୍ରଭାବିତ କରିଥିଲା। କେବଳ ମ୍ୟୁଜିକ୍ ଆଲବମ୍ ନୁହେଁ, ଭବିଷ୍ୟତରେ ସାମ୍ପ୍ରତିକ ଘଟଣାବଳୀକୁ ନେଇ ଶର୍ଟ ଫିଲ୍ମ ନିର୍ମାଣ କରିବାର ଯୋଜନା ମଧ୍ୟ ରହିଛି। ଏହାପୂର୍ବରୁ ଏହି ବ୍ୟାନରରେ ଆଉ ଏକ ମ୍ୟୁଜିକ ଭିଡିଓ ‘ଜହ୍ନ ଗୋଟେ ମିଠା ବିସ୍କୁଟ’ ଶ୍ରୋତାଦୃତ ହୋଇସାରିଛି। ବିଶିଷ୍ଟ ଗୀତିକାର ଦେବଦାସ ଛୋଟରାୟଙ୍କ ରଚିତ ଓ ସଙ୍ଗୀତ ନିର୍ଦ୍ଦେଶକ ଓମ୍ ପ୍ରକାଶ ମହାନ୍ତିଙ୍କ ସଙ୍ଗୀତ ନିର୍ଦ୍ଦେଶିତ ଏହି ମ୍ୟୁଜିକ୍ ଭିଡିଓ ଲାଗି କଣ୍ଠଦାନ କରିଛନ୍ତି ସୁସ୍ମିତା ଦାସ। ଓଡ଼ିଆ ଚଳଚ୍ଚିତ୍ର ‘ଚକ୍ଷୁବନ୍ଧନ’ର ନିର୍ଦ୍ଦେଶକ ରାଜେନ୍ଦ୍ର ମହାନ୍ତଙ୍କ ନିର୍ଦ୍ଦେଶନାରେ ଏଥିରେ ଅଭିନୟ କରିଛନ୍ତି ଅଭିଷେକ ଏବଂ ଜସ୍ମିନ୍।



ଅଭିଷେକ- ଜସ୍ମିନ୍

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ




# ପଦକ ନିଶ୍ଚିତ କଲେ ନନ୍ଦିନୀ

**ନୂଆଦିଲ୍ଲୀ, ୨୩।୨ (ପି.ଟି.):** ବୁଲଗେରିଆର ସୋଫିଆଠାରେ ଚାଲିଥିବା ୭୩ତମ ଷ୍ଟ୍ରାଞ୍ଜା ମେମୋରିଆଲ ବକ୍ସିଂ ଟୁର୍ନାମେଣ୍ଟରେ ପଦକ ନିଶ୍ଚିତ କରିଛନ୍ତି ଭାରତୀୟ ମହିଳା ବକ୍ସର ନନ୍ଦିନୀ। ସେ +୮୧ କେଜି ବିଭାଗ କ୍ୱାର୍ଟର ଫାଇନାଲରେ କାଜାଖସ୍ତାନର ଭାଲେରିୟା ଆକ୍ସେନୋଭାଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଆରମ୍ଭରୁ ନନ୍ଦିନୀ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲେ। ଲଢ଼େଇ ଏକପାଖିଆ ହେବାରୁ ରେଫରି ତୃତୀୟ ରାଉଣ୍ଡରେ ଏହାକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲେ। ସେମିଫାଇନାଲରେ ନନ୍ଦିନୀ ଅନ୍ୟତମ କାଜାଖସ୍ତାନ ବକ୍ସର ଲାଜାତ କୁନ୍‌ଗେବାୟେଭାଙ୍କୁ ଭେଟିବେ। କୁନ୍‌ଗେବାୟେଭା ହେଉଛନ୍ତି ଜଣେ ପୂର୍ବତନ ବିଶ୍ୱ ଚାମ୍ପିୟନ। ଭାରତର ୟୁଥ୍ ବିଶ୍ୱ ଚାମ୍ପିୟନ ଅରୁନ୍ଧତୀ ଚୌଧାରୀ (୭୦ କେଜି) ଓ ପ୍ରବୀଣ (୬୩ କେଜି) କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଅରୁନ୍ଧତୀ ଜର୍ମାନୀର ମେଲିସା ଜେମିନିଙ୍କୁ ୩-୦ ଓ ପ୍ରବୀଣ କାଜାଖସ୍ତାନର ଇଦା ଆବିକାୟେଭାଙ୍କୁ ୫-୦ରେ ପରାସ୍ତ କରିଥିଲେ।

# ଇତିହାସ ରଚିଲେ ପାରା ଆର୍ଚର

**ଦୁବାଇ, ୨୩।୨ (ପି.ଟି.)**

ଏଠାରେ ଚାଲିଥିବା ବିଶ୍ୱ ପାରା ଆର୍ଚେରୀ ଚାମ୍ପିୟନଶିପ୍‌ରେ ଇତିହାସ ରଚିଛନ୍ତି ଭାରତୀୟ ପାରା ଆର୍ଚର। ଶ୍ୟାମ ସୁନ୍ଦର ସ୍ୱାମୀ ଓ ଜ୍ୟୋତି ବାଲିୟାଁ କମ୍ପାଉଣ୍ଡ ମିକ୍ସଡ ଟିମ୍ ଓପନ ଇଭେଣ୍ଟର ଫାଇନାଲରେ ପ୍ରବେଶ କରି ଅତିକମ୍‌ରେ ରୌପ୍ୟ ପଦକ ଜିତିବା ନିଶ୍ଚିତ କରିଛନ୍ତି। ଶୁକ୍ରବାର ହେବାକୁଥିବା ଟାଇଟଲ ମୁକାବିଲାରେ ଭାରତୀୟ ଯୋଡ଼ି ରୁଷିଆ ଟିମ୍‌କୁ ଭେଟିବେ। ୨୦୧୭ ପରଠାରୁ ଭାରତୀୟ ପାରା ଆର୍ଚରମାନେ ବିଶ୍ୱ ଚାମ୍ପିୟନଶିପ୍‌କୁ ଛାଡ଼ିଦେଲେ ପ୍ରାୟ ଅନ୍ୟ ସମସ୍ତ ପ୍ରତିଯୋଗିତାରେ ପଦକ ଜିତିଥିଲେ। ଏବେ ବିଶ୍ୱ ଚାମ୍ପିୟନଶିପ୍‌ରେ ପଦକ ଶୂନ୍ୟତାର ଅନ୍ତ ଘଟିଛି। ଶ୍ୟାମ ସୁନ୍ଦର ଓ ଜ୍ୟୋତି ପୂର୍ବରୁ ୨୦୨୧ରେ ୟୁଏଇରେ ଅନୁଷ୍ଠିତ ଫାଜା ବିଶ୍ୱ ର୍ୟାଙ୍କିଙ୍ଗ୍ ଇଭେଣ୍ଟ, ୨୦୧୯ ବ୍ୟାଙ୍କକ୍ ଏସିଆନ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ଜିତିଥିଲେ। ବିଶ୍ୱ ପାରା ଆର୍ଚେରୀ ଚାମ୍ପିୟନଶିପ୍‌ରେ ଭାରତରୁ ୯ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି।









## ସଂକ୍ଷେପରେ

### ଭୋଟ ପାଇଁ ସବୁଠି ପ୍ରସ୍ତୁତି

**ଖଣ୍ଡପଡ଼ା,୨୩।୨(ସ୍ୱ.ପ୍ର.):** ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଖଣ୍ଡପଡ଼ା ବ୍ଲକ ଅଞ୍ଚଳରେ ଗୁରୁବାର ଭୋଟ ଗ୍ରହଣ ହେବ। ବ୍ଲକ ଅଧୀନ ୫, ୬ ଓ ୭ନଂ. ଜିଲା ପରିଷଦ ଜୋନ୍‌ର ୨୨ ପଞ୍ଚାୟତରେ ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ୩୮୨ ବୁଥ୍‌ରେ ୮୯,୭୪୬ଜଣ ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିବେ। ୮୨ ଜଣ ସରପଞ୍ଚ ପ୍ରାର୍ଥୀଙ୍କ ସହିତ ୮୨ ସମିତି ସଭ୍ୟ, ୧୩ ଜିଲା ପରିଷଦ ପ୍ରାର୍ଥୀଙ୍କ ଭାଗ୍ୟ ଗୁରୁବାର ନିର୍ଦ୍ଧାରଣ ହେବ। ଚଳିତ ନିର୍ବାଚନରେ ବହୁ ଉଚ୍ଚ ଶିକ୍ଷିତ ଯୁବକ, ମହିଳା ଓ ଶିକ୍ଷାବିତ୍ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଛନ୍ତି। ପୂର୍ବତନ ଖଣ୍ଡପଡ଼ା ବ୍ଲକ ଅଧ୍ୟକ୍ଷ ଶିଶିର କୁମାର ସାହୁ, ସରପଞ୍ଚ ନବ କିଶୋର ସାହୁ, ବୈକୁଣ୍ଠନାଥ ଗୋଛି, ପୂର୍ବତନ ସମିତି ସଭ୍ୟ ସୂର୍ଯ୍ୟନାରାୟଣ ପ୍ରଧାନ, ପରମାନନ୍ଦ ସ୍ୱାଇଁ, ବିଜୟ କୁମାର ନନ୍ଦ, ଦୁତିଆ ନିଶଙ୍କ, କିରଣବାଳା ସାହୁ, ସ୍ନେହଲତା ନାୟକ, ସସ୍ମିତା ଦାସ ପ୍ରମୁଖ ପ୍ରାର୍ଥୀମାନେ ଚଳିତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେହିପରି ଜିଲା ପରିଷଦ ପ୍ରାର୍ଥୀ ଭାବେ ବରିଷ୍ଠ ଜିଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ ଓ ବିଷ୍ଣୁପ୍ରିୟା ବେହେରା ବି ଏଥର ଲଢ଼େଇ ଜାରି ରଖିଛନ୍ତି।

### ଭୋଟ ଗଣତି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

**ଖଣ୍ଡପଡ଼ା,୨୩।୨(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ପ୍ରଶାସନ ପକ୍ଷରୁ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଭୋଟ ଗଣତି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ୨୪ ତାରିଖ ନିର୍ବାଚନ ପରେ ଭୋଟବାକ୍ସଗୁଡ଼ିକ ଷ୍ଟ୍ରଙ୍ଗରୁମରେ ରଖାଯିବ। ଏଥିପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବିଦ୍ୟାଳୟ ପରିସରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀ, ଖଣ୍ଡପଡ଼ା ବିଡିଓ ଅରୁଣିମା ସାହୁ, ତହସିଲଦାର ପାର୍ଥ ସାରଥି ହାଁସଦା ପ୍ରମୁଖ ଭୋଟଗଣତି କେନ୍ଦ୍ର ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଆସନ୍ତା ୨୬ ତାରିଖରେ ୫ନଂ. ଜିଲା ପରିଷଦରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନଙ୍କ ଭୋଟ ଗଣତି ସହ ଏହି ଜୋନ୍ ଅଧୀନ ୯ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡସଭ୍ୟଙ୍କ ଭୋଟ ଗଣନା କରାଯିବ। ପରବର୍ତ୍ତୀ ସମୟରେ ୬ ଓ ୭ ନଂ .ଜିଲା ପରିଷଦ ପ୍ରାର୍ଥୀଙ୍କ ଭୋଟ ଗଣତି ସହ ଏହି ୨ ଜୋନ୍ ଅଧୀନରେ ଥିବା ୧୩ ପଞ୍ଚାୟତର ନିର୍ବାଚିତ ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡ ସଭ୍ୟା/ସଭ୍ୟମାନଙ୍କ ନାମ ଘୋଷଣା କରାଯିବ ବୋଲି ବ୍ଲକ୍ ନିର୍ବାଚନ ଅଧିକାରିଣୀ ଅରୁଣିମା ସାହୁ ସୂଚନା ଦେଇଛନ୍ତି।

### ସରକାରୀ ହୋର୍ଡିଂ ଷ୍ଟ୍ରକଚର ଭାଙ୍ଗିବା ଅଭିଯୋଗ

**ବୁଗୁଡ଼ା,୨୩।୨(ଡି.ଏନ.ଏ.):** ବୁଗୁଡ଼ା ପ୍ରାଣୀ ସମ୍ପଦ ଚିକିତ୍ସାଳୟ ପରିସରରେ ଥିବା ସରକାରୀ ବିଜ୍ଞାପନ ହୋର୍ଡିଂ ଷ୍ଟ୍ରକଚରକୁ କେହି ଭାଙ୍ଗି ଦେଇଥିବା ନେଇ ବୁଧବାର ପ୍ରାଣୀ ଚିକିତ୍ସାଧିକାରୀ ଭଗବତୀ ପ୍ରସାଦ ଦାସ ସ୍ଥାନୀୟ ଥାନାରେ ଅଭିଯୋଗ କରିଛନ୍ତି। ଉକ୍ତ ଷ୍ଟ୍ରକଚରଟି ସ୍ଥାୟି ଭାବେ ଚାରି ମାସ ହେବ ଷାଠିଏ ହଜାର ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିଲା। ସେଥିପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଦାବି ହୋଇଛି।

# ଖଣ୍ଡପଡ଼ା,ଭାପୁରରେ ଆଜି ଭୋଟ

**ନୟାଗଡ଼ ଅଫିସ,୨୩।୨**

ନୟାଗଡ଼ ଜିଲାରେ ୪ର୍ଥ ପର୍ଯ୍ୟାୟ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଶେଷ ହୋଇଛି । ଗୁରୁବାର ଖଣ୍ଡପଡ଼ା ଓ ଭାପୁର ବ୍ଲକରେ ପଞ୍ଚମ ପର୍ଯ୍ୟାୟ ନିର୍ବାଚନ ପାଇଁ ଭୋଟଗ୍ରହଣ କରାଯିବ। ଖଣ୍ଡପଡା ବ୍ଲକ ୫ ନଂ.ଜୋନରେ ନିର୍ମଳା ବିଶ୍ୱାଳ(ଭାଜପା), ପ୍ରକାଶ ଖୁଣ୍ଟିଆ (କଂଗ୍ରେସ), ରାମେଶ୍ୱର ଶତପଥୀ (ବିଜେଡି) ଓ ରବୀନ୍ଦ୍ର ଚନ୍ଦ୍ର ବେହେରା (ସ୍ୱାଧୀନ) ନିର୍ବାଚନ ଲଢୁଛନ୍ତି । ୬ ନଂ. ଜୋନ୍‌ରେ କବିତା ରାଉତ(ଭାଜପା), ମାଳତୀ ବେହେରା (କଂଗ୍ରେସ), ରଶ୍ମିତା ସାହୁ(ବିଜେଡି) ଓ ଉଜଳ ମହାରଣା (ସ୍ୱାଧୀନ) ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ୭ନଂ ଜୋନ୍‌ରେ ଜୟଶ୍ରୀ ବେହେରା (ଭାଜପା), ରଶ୍ମିତା ପ୍ରଧାନ (କଂଗ୍ରେସ), ବିଷ୍ଣୁପ୍ରିୟା ବେହେରା(ବିଜେଡି), ସ୍ୱାଧୀନ ପ୍ରାର୍ଥୀ ଭାବେ ସବିତା ସାହୁ ଓ ସୁଚିତ୍ରା ସାହୁ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଛନ୍ତି । ଭାପୁର ବ୍ଲକ୍ ୧୮ନଂ. ଜୋନ୍‌ରେ ପ୍ରଦୀପ କିଶୋର ପଟ୍ଟନାୟକ (ଭାଜପା), ଧର୍ମେନ୍ଦ୍ର ଧଳ (ବିଜେଡି), ଅନୁପମା ଧଳ (କଂଗ୍ରେସ) ଓ ଶରତ ଚନ୍ଦ୍ର ସାହୁ (ସ୍ୱାଧୀନ) ପ୍ରାର୍ଥୀ ହୋଇଛନ୍ତି । ୧୯ନଂ.ଜୋନ୍‌ରେ କାର୍ତ୍ତିକ ଚନ୍ଦ୍ର ନାୟକ (ଭାଜପା), ନବୀନ ପ୍ରଧାନ (କଂଗ୍ରେସ), ସୁଶାନ୍ତ କୁମାର ସାହୁ (ବିଜେଡି), ନିତୁ ରଞ୍ଜନ ଦାଶ ଓ ଦାଶରଥି ଦାଶ(ସ୍ୱାଧୀନ) ପ୍ରମୁଖ ନିର୍ବାଚନ ମଇଦାନରେ ଅଛନ୍ତି । ୨୦ନଂ.ଜୋନ୍‌ରେ ସଞ୍ଜୟ କୁମାର ଦାସ (ଭାଜପା), ପୂର୍ଣ୍ଣଚନ୍ଦ୍ର ପ୍ରଧାନ(କଂଗ୍ରେସ), ବିଜୟ କୁମାର ସାମନ୍ତରାୟ (ବିଜେଡି) ଓ ସନ୍ତୋଷ କୁମାର ସାହୁ(ସ୍ୱାଧୀନ) ନିର୍ବାଚନ ଲଢୁଛନ୍ତି। ଖଣ୍ଡପଡ଼ା ବ୍ଲକରେ ୫,୬ ଓ ୭ ନଂ. ୩ ଜିଲା ପରିଷଦ ଜୋନ୍‌ରେ ୨୨ପଞ୍ଚାୟତ ଏବଂ ଭାପୁର ବ୍ଲକରେ ୧୮,୧୯ ଓ ୨୦ ଆଦି ୩ ଜୋନ୍‌ରେ ୨୦ ପଞ୍ଚାୟତ ଏପରି ମୋଟରେ ୬ ଜିଲା ପରିଷଦ ଜୋନରେ ୪୨ ପଞ୍ଚାୟତ ଅଛି । ୩୨୬ଟି ସ୍ଥାନରେ ଖୋଲିଥିବା ୭୨୪ ବୁଥ୍‌ରୁ ୧୧୯ ବୁଥ୍ ଉତ୍ତେଜନାପ୍ରବଣ ରହିଛି। ଉତ୍ତେଜନାପ୍ରବଣ ବୁଥ୍ ମଧ୍ୟରୁ ଖଣ୍ଡପଡ଼ା ଥାନା ଅଧୀନରେ ୫୦, ଫତେଗଡ ଥାନା ଅଧୀନରେ ୬୯ ବୁଥ୍ ରହିଛି । ପ୍ରତି ବୁଥ୍‌ରେ ଜଣେ ପ୍ରିଜାଇଡିଂ ଅଫିସର, ଦୁଇ ଜଣ ପୋଲିଂ ଅଫିସର, ଜଣେ ପୋଲିସ ଏପରି ୪ କର୍ମଚାରୀଙ୍କୁ ମିଶାଇ ମୋଟ୍ ୨ ହଜାର ୮୯୬ ଜଣ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଅନ୍ୟପକ୍ଷେ ଜଣେ ଅତିରିକ୍ତ ଏସ୍‌ପି, ୫ ଡିଏସ୍‌ପି, ୧୧ ଇନ୍ସପେକ୍ଟର, ୧୭୬ ଗ୍ରାମରକ୍ଷୀଙ୍କୁ ନିୟୋଜିତ କରାଯାଇଛି । ଉତ୍ତେଜନାପ୍ରବଣ ବୁଥ୍‌କୁ ନିୟନ୍ତ୍ରଣ ପାଇଁ ୩୫ ମୋବାଇଲ ସ୍କ୍ୱାଡ ଗଠନ କରାଯାଇଛି। ୧୩ ବାଇକ୍‌ରେ ୨୫ ଆର୍ମ ଗାର୍ଡ ବିଭିନ୍ନ ବୁଥ୍ ବୁଲିବା ପାଇଁ ବ୍ୟବସ୍ଥା କରାଯାଇଛି। ଏହାକୁ ୯ଜଣ ସୁପରଭାଇଜିଂ ଅଫିସର ନିୟନ୍ତ୍ରଣ କରିବେ। ୨ ବ୍ଲକ୍‌ର ୨ ବୁଥ୍‌କୁ ପିଙ୍କ୍ ବୁଥ୍ କରାଯାଇଛି ।

**ପଞ୍ଚମ ପର୍ଯ୍ୟାୟ ଭୋଟ**



■ ୧୧୯ ଉତ୍ତେଜନା ପ୍ରବଣ ବୁଥ୍

## ବିଜୟ ପାଇଁ ସବୁ ଦଳର ଉଦ୍ୟମ

**ନୟାଗଡ଼ ଅଫିସ,୨୩।୨**

ଖଣ୍ଡପଡ଼ା,ଭାପୁର ବ୍ଲକ୍‌ରେ ଶାସକ ଦଳ ନାନା ବିରୋଧର ସମ୍ମୁଖୀନ ହୋଇଥିଲା। ଏହାପରେ ବି ଜନସମର୍ଥନକୁ ନିଜ ସପକ୍ଷରେ ନେବାକୁ ଦଳ ନିଜର ଉଦ୍ୟମ ଜାରି ରଖିଛି । ଭାଜପା ଓ କଂଗ୍ରେସ ପ୍ରାର୍ଥୀମାନେ ବି ବିଜୟ ପାଇଁ ଶେଷ ଉଦ୍ୟମ କରିଛନ୍ତି । ଏନେଇ ଜଣେ ଭାଜପା ପ୍ରାର୍ଥୀ କହିଛନ୍ତି ଗୋଟିଏ ଭୋଟକୁ ୧ହଜାରରୁ ୫ହଜାର ଟଙ୍କାରେ କିଣାଯାଉଛି । ଏପରି କି ବିପକ୍ଷ ଦଳର ପ୍ରାର୍ଥୀଙ୍କୁ ମଧ୍ୟ କିଣାଯାଇ ପଞ୍ଚାୟତରେ ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡ ସଭ୍ୟ ପାଇଁ ନିର୍ବାଚନ କରାଯାଉନାହିଁ । ସବୁ ଭୋଟର ଏହି ଅର୍ଥ କାରବାରକୁ ଗ୍ରହଣ କରୁ ନ ଥିଲେ ମଧ୍ୟ ଅଧିକାଂଶ ଲୋଭରେ ପଡିଛନ୍ତି । ଆମ ଦଳ ସପକ୍ଷରେ ଭୋଟର ଥିଲେ । ହେଲେ ଶେଷଦିନ ସବୁକିଛି ଓଲଟପାଲଟ ହୋଇଛି। ମୁଁ ଜିତିବାର ଆଶା ଛାଡିଦେଇଛି। ନୟାଗଡ଼ ଅଞ୍ଚଳର ଜଣେ କଂଗ୍ରେସ ପ୍ରାର୍ଥୀ କୁହନ୍ତି, ୨୦୨୨ ନିର୍ବାଚନରେ କଂଗ୍ରେସର ସ୍ଥିତି କ'ଣ ହେବ ଜଣାପଡ଼ିନାହିଁ । ତେବେ ଭୋଜିଭାତର ମାହୋଲ ନାହିଁ ତ ନିର୍ବାଚନ ନାହିଁ । ଟଙ୍କା ନାହିଁ ତ ଭୋଟ ନାହିଁ । ପୁଣି ବୁଥ୍ ରିଗିଂ ହେଉଛି । ଅଭିଯୋଗ କଲେ ସୁଫଳ ମିଳୁନି । ଏଭଳି ଢଙ୍ଗରେ ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଚାଲିଛି । ଅନ୍ୟପକ୍ଷେ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀର କେତେକ ଜୋନ୍‌ରେ ବିଜେଡି ଓ ଭାଜପା ମଧ୍ୟରେ ଲଢ଼େଇ ହେଉଛି। ଆଉ କେତେକ ସ୍ଥାନରେ ସ୍ୱାଧୀନ ପ୍ରାର୍ଥୀଙ୍କ ସହ ଲଢ଼େଇ ହେଉଛି । ବିଭିନ୍ନ ସ୍ଥାନରେ ବିଦ୍ରୋହୀ ଶାସକ ଦଳ ପାଇଁ ଚିନ୍ତାର କାରଣ ପାଲଟିଛନ୍ତି । ସେହିଭଳି ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ପ୍ରଚାରକୁ ନ ଆସିବା ଭୋଟ ହ୍ରାସ କରିପାରେ ବୋଲି ଚର୍ଚ୍ଚା ହେଉଛି ।

## ପିଙ୍କ୍ ବୁଥ୍‌ରେ ସ୍ୱତନ୍ତ୍ର ବ୍ୟବସ୍ଥା

**ଖଣ୍ଡପଡ଼ା,୨୩।୨(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ୍ ଶିଖରପୁର ପଞ୍ଚାୟତର ଉଜୁଳାଙ୍ଗ ଗ୍ରାମସ୍ଥିତ ୧୬ନଂ. ବୁଥ୍‌କୁ ପ୍ରଶାସନ ପକ୍ଷରୁ ପିଙ୍କ୍ ବୁଥ୍ ଭାବେ ଘୋଷଣା କରାଯାଇଛି । ଏଥିପାଇଁ ସେହି ବୁଥ୍‌ରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଉକ୍ତ ବୁଥ୍‌ରେ ମହିଳା ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀ ନିର୍ବାଚନ କାର୍ଯ୍ୟ ପରିଚାଳନା କରିବେ। ଉଜୁଳାଙ୍ଗ ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀଗୃହକୁ ପିଙ୍କ୍ ରଙ୍ଗରେ ସଜାଯିବା ସହ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଖଣ୍ଡପଡ଼ା ବ୍ଲକର ଏହା ଏକମାତ୍ର ପିଙ୍କ୍ ବୁଥ୍ ବୋଲି ସୂଚନା ମିଳିଛି ।

## ଅସୁରକ୍ଷିତ କୋଠା ତଳେ ବ୍ୟବସାୟ

**ବ୍ରହ୍ମପୁର ଅଫିସ,୨୩।୨**



ଗିରି ମାର୍କେଟ କୋଠା।

ବ୍ରହ୍ମପୁର ସହରର ପ୍ରମୁଖ ଓ ପୁରାତନ ବ୍ୟବସାୟିକ କେନ୍ଦ୍ରସ୍ଥଳ ହେଉଛି ଗିରି ମାର୍କେଟ। ଏହି ମାର୍କେଟ ଉପରେ ବ୍ରହ୍ମପୁର ସମେତ ଗଞ୍ଜାମ ଜିଲାର ବିଭିନ୍ନ ବ୍ୟବସାୟୀ ନିର୍ଭରଶୀଳ। ମାର୍କେଟ କୋଠାଟି ବର୍ତ୍ତମାନ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏଥିରେ ଫାଟ ସୃଷ୍ଟି ହେବା ସାଙ୍ଗକୁ ବହୁ ସ୍ଥାନରେ ଗଛଲତା ଉଠିଥିବା ଦେଖିବାକୁ ମିଳିଛି। କେତେକ ସ୍ଥାନରେ ପଲସ୍ତରା ମଧ୍ୟ ଖସୁଥିବା ନଜିର ରହିଛି। ଏହି କୋଠା ତଳେ ୧୦୦ରୁ ଉର୍ଦ୍ଧ୍ୱ ବ୍ୟବସାୟୀ ବ୍ୟବସାୟ କରୁଥିବା ବେଳେ ସେମାନଙ୍କ ମଧ୍ୟରୁ ଅଧିକାଂଶ ହୋଲସେଲ ବ୍ୟବସାୟୀ। ବିପଦସଙ୍କୁଳ ଏହି କୋଠା ଉଭୟ ବ୍ୟବସାୟୀ ଓ ଗ୍ରାହକଙ୍କ ପାଇଁ ଅସୁରକ୍ଷିତ ହୋଇଛି।

ବ୍ରହ୍ମପୁର ମହାନଗର ନିଗମ (ବିଏମସି) ବିପଦସଙ୍କୁଳ କୋଠା ଖାଲି କରିବା ପାଇଁ ଗତ ଜାନୁୟାରୀ ୨୧ ତାରିଖରେ ନୋଟିସ ଜାରି କରିଛି। କିନ୍ତୁ ବ୍ୟବସାୟୀମାନେ ଏହି ନୋଟିସକୁ ଖାତିର କରୁ ନଥିବା ଭଳି ମନେ ହେଉଛି। ବ୍ୟବସାୟୀମାନେ ଏବେ ବି ବିନା ଭୟରେ ବ୍ୟବସାୟ କରୁଛନ୍ତି। ଅନ୍ୟପଟେ ବିଏମସି ପକ୍ଷରୁ ଏହି କୋଠାଟିକୁ ସଂପୂର୍ଣ୍ଣ ଭଙ୍ଗା ଯାଇ ନୂତନ କୋଠା ନିର୍ମାଣ ପାଇଁ ଯୋଜନା ରହିଛି। ତେବେ ବ୍ୟବସାୟୀଙ୍କୁ ଥଇଥାନ ପରେ ନୂଆ ନିର୍ମାଣ ଯୋଜନା ଆରମ୍ଭ ହେବ ବୋଲି ବିଏମସି କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ସୂଚନାଯୋଗ୍ୟ, ୧୯୭୪ ମେ ୨୪ ତାରିଖରେ ଗିରି ମାର୍କେଟ ପ୍ରତିଷ୍ଠା ହୋଇଥିଲା। ତତ୍କାଳୀନ ରାଷ୍ଟ୍ରପତି ଭି.ଭି.ଗିରି ଏହି ବଜାରକୁ ଉଦ୍‌ଘାଟନ କରିଥିଲେ। ଭି.ଭି. ଗିରିଙ୍କ ନାମରେ ଏହି ବଜାରର ନାମକରଣ କରାଯାଇଛି। କୋଠାରେ ୧୫୦ଟି ଦୋକାନ ଗୃହ ରହିଛି। ଏଠାରେ ହୋଲସେଲ ପୋଷାକ ଠାରୁ ଆରମ୍ଭ କରି ଇଲେକ୍‌ଟ୍ରୋନିକ୍ସ ସରଞ୍ଜାମ ଓ ଘରୋଇ ସାମଗ୍ରୀ ବିକ୍ରି ହୋଇଥାଏ। କୋଠା ଅସୁରକ୍ଷିତ ଥିବା କାରଣରୁ ବିଏମସି ନୋଟିସ ଜାରି କରିବା ପରେ ବହୁ ବ୍ୟବସାୟୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେମାନଙ୍କ କହିବାନୁଯାୟୀ, ବିଏମସିକୁ ଦୋକାନ ଗୃହ ବାବଦକୁ ଭଡା ଦିଆଯାଉଥିଲେ ସୁଦ୍ଧା ମରାମତି କ୍ଷେତ୍ରରେ କୌଣସି ପଦକ୍ଷେପ ନିଆଗଲାନି। ବର୍ତ୍ତମାନ କୋଠା ଅସୁରକ୍ଷିତ ନେଇ ବିଏମସି ପକ୍ଷରୁ ଜାରି ନୋଟିସକୁ ସମର୍ଥନ ଜଣାଉଛୁ। କିନ୍ତୁ ବିଏମସି ବ୍ୟବସାୟୀଙ୍କୁ ପ୍ରଥମେ ଥଇଥାନ କରିବା ଆବଶ୍ୟକ। ଏ ନେଇ ବିଏମସି ଅତିରିକ୍ତ କମିଶନର ଆଶୁତୋଷ ସାମଲଙ୍କ ସହ ଯୋଗାଯୋଗ କରିବାରେ ବିଏମସି ପକ୍ଷରୁ କୋଠା ଖାଲି କରିବାକୁ ନୋଟିସ ଜାରି କରାଯାଇଛି। କିନ୍ତୁ ବ୍ୟବସାୟୀମାନେ ନିଜେ କୋଠା ମରାମତି ପାଇଁ ଲିଖିତ ଭାବେ ଅନୁରୋଧ କରିଛନ୍ତି। କିନ୍ତୁ କମିଶନରଙ୍କ ପକ୍ଷରୁ ଦୋକାନ ଗୃହ ଗୁଡ଼ିକୁ ସର୍ଭେ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବର୍ତ୍ତମାନ ସର୍ଭେ ଚାଲିଛି। ଖୁବ ଶୀଘ୍ର ଅନ୍ୟାନ୍ୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ୟୁଜିସି ନେଟ୍ ପରୀକ୍ଷାରେ ଖଣ୍ଡପଡ଼ା ଛାତ୍ରୀଙ୍କ ସଫଳତା

**ଖଣ୍ଡପଡ଼ା,୨୩।୨(ସ୍ୱ.ପ୍ର.)**



ଖଣ୍ଡପଡ଼ା ବ୍ଲକ ଗୁଣ୍ଡୁଣି ପଞ୍ଚାୟତ ଅଧୀନ ଅଁଳାମଡ଼ା ଗ୍ରାମର ଛାତ୍ରୀ ବିଜୁଳି ମଲ୍ଲ ଜାତୀୟ ଯୋଗ୍ୟତା ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ବିଜୁଳିଙ୍କ ବାପା ପୁରୁଷୋତ୍ତମ ମଲ୍ଲ ଚାଷବାସ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରନ୍ତି। ବିଜୁଳି ବି ଗାଁର ପିଲାମାନଙ୍କୁ ଟ୍ୟୁଶନ କରି ବହୁକଷ୍ଟରେ ପାଠ ପଢୁଥିଲେ । ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଇତିହାସରେ ସ୍ନାତକ ପରେ ଉଚ୍ଚଶିକ୍ଷା ନିମନ୍ତେ ଉତ୍କଳ ବିଶ୍ୱବିଦ୍ୟାଳୟରେ ପ୍ରତ୍ନତତ୍ତ୍ୱ ବିଭାଗରେ ନାମ ଲେଖାଇଥିଲେ । ସ୍ନାତକୋତ୍ତର ପରୀକ୍ଷାରେ ସେ ଟପ୍ପର ହୋଇଥିଲେ । ରାଷ୍ଟ୍ରୀୟ ପରୀକ୍ଷଣ ସଂସ୍ଥା ଦ୍ୱାରା ଆୟୋଜିତ ଜାତୀୟ ଯୋଗ୍ୟତା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ସହ ସେ ଖଣ୍ଡପଡ଼ା ମାଟି ପାଇଁ ସୁନାମ ଆଣିଛନ୍ତି । ତେବେ ସେ ୩୦୦ ମାର୍କରୁ ୧୯୦ ମାର୍କ ରଖିଥିବାରୁ ଜୁନିୟର ରିସର୍ଚ୍ଚ ଫେଲୋ ପାଇବାରୁ ଅଳ୍ପକେ ବଞ୍ଚିତ ହୋଇଛନ୍ତି। ତଥାପି ସେ ଆସୋସିଏଟ୍ ପ୍ରଫେସର ପଦବୀ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ବିଜୁଳି ତାଙ୍କର ଏହି ସଫଳତାର ଶ୍ରେୟ ପରିବାରବର୍ଗ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାଚୀନ ଭାରତୀୟ ଇତିହାସ ସଂସ୍କୃତି ପ୍ରତ୍ନତତ୍ତ୍ୱ ବିଭାଗର ପ୍ରଫେସର ଡ. ସଞ୍ଜୟ ଆଚାର୍ଯ୍ୟ, ଡ. ଅନାମ ବେହେରା ଓ ପ୍ରଫେସର ସୁଶାନ୍ତ ପାତ୍ରଙ୍କୁ ଦେଇଛନ୍ତି ।

# ବିନା ମେଶିନରେ ଧାନର ମାନ ପରୀକ୍ଷା

**ନୟାଗଡ଼ ଅଫିସ,୨୩।୨**


ଧାନ ବିକ୍ରି କରିବାକୁ ଅପେକ୍ଷା କରିଥିବା ଚାଷୀ ।


ମଣ୍ଡିରେ ଚାଲିଛି ଧାନର ମାନ ପରୀକ୍ଷା ।

ଧାନକିଣାରେ ମିଲରଙ୍କ କଟ୍‌ନୀଛଟ୍‌ନୀକୁ ରୋକିବାରେ ପ୍ରଶାସନ ବ୍ୟର୍ଥ ହୋଇଛି। କୁଇଣ୍ଟାଲ ପିଛା ୧୦ରୁ୧୫ କେଜି ଧାନ କାଟି ମିଲରଙ୍କୁ ଚାଷୀ ବିକ୍ରି କରିବାକୁ ବାଧ୍ୟ ହେଉଛି। ଧାନ ମଣ୍ଡିରେ ଧାନ ସଫେଇ ମେଶିନ୍ ଓ ମଶ୍ଚର ଡିଟେକଶନ ମେଶିନ୍ ଥିଲେ ମଧ୍ୟ କାମରେ ଲାଗୁନି । ଧାନର ମାନ ଠିକ୍ ଅଛି କହି କଟ୍‌ନୀଛଟ୍‌ନୀକୁ ବିରୋଧ କଲେ ଚାଷୀର ଧାନକୁ ହାତରେ ପରୀକ୍ଷା କରାଯାଇ ମାନ ଠିକ୍ ନାହିଁ କହି ହଇରାଣ ହରକତ କରାଯାଉଛି । ପ୍ରତିବାଦ କଲେ ମିଲର ଧାନ ଉଠାଇବ ନାହିଁ କହୁଛି । ଏଣୁ ନୟାଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଧାନ ବିକ୍ରିକୁ ନେଇ ଚାଷୀ କ୍ଷୋଭ,ଅସନ୍ତୋଷ ବ୍ୟକ୍ତ କରିଛି।

ବୁଧବାର ନୟାଗଡ଼ ବ୍ଲକର ବାଲୁଗାଁରେ ଧାନ ମଣ୍ଡିର ପାଳି ଥିଲା। ସେଠାରେ ଚାଷୀଙ୍କଠାରୁ ମିଲର ଧାନର ମାନ ପରୀକ୍ଷା ନ କରି କୁଇଣ୍ଟାଲ ପିଛା ୧୦ ରୁ୨୦ କେଜି ଧାନ କାଟିବା ଆରମ୍ଭ କରିଥିଲା। ଚାଷୀମାନେ ଏହାକୁ ଖୋଲା ଖୋଲି ବିରୋଧ କରି ଧାନର ମାନ ପରୀକ୍ଷା କରି କିଣିବାକୁ ପରାମର୍ଶ ଦେଇଥିଲେ। ହେଲେ ମିଲର ମାନ ପରୀକ୍ଷଣ ନ କରି ଏକଥାଳିରେ କିଛି ଧାନକାଢ଼ି ହାତରେ ଧାନ ବାଛି ଥିଲେ। ମେଶିନ୍ ଥାଉ ଥାଉ ହାତରେ କାହିଁକି ଧାନ ପରୀକ୍ଷା କରାଯିବ ବୋଲି ଚାଷୀମାନେ ପ୍ରଶ୍ନ କରିଥିଲେ । ଏପରି କି ହାତରେ ଧାନ ପରୀକ୍ଷା କରିବାକୁ ନିୟମ ଅଛି କି ବୋଲି ପଚାରି ଥିଲେ । ହେଲେ ମିଲର କି ସେଠାରେ ଉପସ୍ଥିତ ଥିବା କୌଣସି କର୍ମଚାରୀ କିଛି ଉତ୍ତର ଦେଇ ନ ଥିଲେ । ଉତ୍ତେଜନା ବଢ଼ିବା ପରେ ମିଲର କୁଇଣ୍ଟାଲ ପିଛା ୭ରୁ ୧୩କେଜି ଧାନ କାଟି ନେଇ ଯାଇଥିଲେ। ମିଲର ଧାନକିଣାକୁ ଚାଷୀମାନେ ବିରୋଧ କରିଥିଲେ ମଧ୍ୟ ବାଧ ହୋଇ ଧାନ ଦେଇଥିଲେ।

ଏନେଇ ବାଲୁଗାଁର ଚାଷୀ ରଣଜିତ୍ ଦଳବେହେରା କୁହନ୍ତି, ମଣ୍ଡିରେ ଧାନ ପରୀକ୍ଷା ହେଲା ନାହିଁ। ଅଭିଯୋଗ ପରେ ଧାନର ମାନ ହାତରେ ପରୀକ୍ଷା କରି ଧାନ ନେଲେ । ଧାନ କୁଇଣ୍ଟାଲ ପିଛା ବେପାରୀ ୧ହଜାରରୁ ୧୨ଶହ ମଧ୍ୟରେ କିଣୁଛି । କିନ୍ତୁ ସରକାର ନେଲେ ୧୦ରୁ ୧୫ କେଜି କଟିଲେ ମଧ୍ୟ ଅଧିକ ଅର୍ଥ ମିଳୁଛି । ଚାଷୀ ମଣ୍ଡିକୁ ନେଇ ଧାନ ଫେରାଇ ଆଣିଲେ କିଛି ସୁଫଳ ମିଳିବନି। ଏଣୁ ବାଧହୋଇ ଧାନ ବିକୁଛି । ଚାଷୀର ଅସୁବିଧା ନେଇ ଜିଲାପାଳଙ୍କ ଅଫିସ ଆଗରେ ଧାରଣା ଦିଆଗଲା। ଜିଲାପାଳ ଆଲୋଚନା କରିବାକୁ କହି ଚାଷୀଙ୍କୁ ଅଣଦେଖା କଲେ। ମଣ୍ଡିରେ କଟ୍‌ନୀଛଟ୍‌ନୀ ହେବନାହିଁ ଜିଲାପାଳ କହିଥିଲେହେଁ ତାଙ୍କ ନିର୍ଦ୍ଦେଶକୁ କେହି ମାନୁ ନାହାନ୍ତି । ଏପରି କି ଜିଲାପାଳ ଚାଷୀଙ୍କ ଅସୁବିଧା ଜାଣି ନୀରବ ରହୁଛନ୍ତି। ଅବସରପ୍ରାପ୍ତ ସମବାୟବିତ୍ ବିମଳ ଚନ୍ଦ୍ର ଷଡ଼ଙ୍ଗୀ କୁହନ୍ତି, ଧାନ ମଣ୍ଡିରେ ଧାନ ସଫେଇ ମେଶିନ୍ ଓ ମଶ୍ଚର ଡିଟେକଶନ ମେଶିନ୍ ରଖାଯାଉଛି। ସଫେଇ ମେଶିନରେ ଧାନ ପକାଗଲେ ବାଲି,ଗୋଡି ମାଟି, ପଥର,ଧୂଳି, ଅଗାଡ଼ି ଅଲଗା ହୋଇଯିବ । ମିଲର ସଫା ଧାନ କିଣିବ । ପୁଣି ମଶ୍ଚର ଡିଟେକଶନ ମେଶିନ୍ ବ୍ୟବହାର କଲେ ଧାନର ମାନ ଜଣାପଡିବ । ହେଲେ ପରୀକ୍ଷା ଓ ସଫେଇ ନ କରି ହାତରେ ମାନ ପରୀକ୍ଷଣ କରିବା ଆଇନରେ ନାହିଁ। ଜିଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବା ଉଚିତ । ନଚେତ ଚାଷୀ ଏଭଳି କ୍ଷତି ସହି ସବୁବେଳେ ଧାନବିକ୍ରିକରିଚାଲିଥିବବୋଲିସେକହିଛନ୍ତି।

■ ଧାନ ସଫେଇ ଓ ମଶ୍ଚର ଡିଟେକଶନ ମେଶିନ୍ କାମରେ ଲାଗୁନି
■ କଟ୍‌ନୀଛଟ୍‌ନୀ ପ୍ରତିବାଦ କେହି ଶୁଣୁ ନାହାନ୍ତି
■ ମିଲରଙ୍କ ଦାଦାଗିରିକୁ ନେଇ ଚିନ୍ତା

### ମହିଳାଙ୍କୁ ଅସଦାଚରଣ

**ବ୍ରହ୍ମପୁର ଅଫିସ,୨୩।୨:** ଜଣେ ମହିଳାଙ୍କୁ ଅସଦାଚରଣ ଅଭିଯୋଗରେ ବ୍ରହ୍ମପୁର ଟାଉନଥାନା ପୋଲିସ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଳମର ଏନ. ସୀମାଞ୍ଚଳଙ୍କୁ ବୁଧବାର କୋର୍ଟ ଚାଲାଣ କରିଛି।

PARADIP PORT TRUST
e-TENDER CALL NOTICE
Name of the work: **"Allotment of 09 (Nine) nos. of Manual Iron Ore/Iron Ore Pellet Plots"** License Fees: **Rs.2,35,85,958/-**, Wharfage Fees: **Rs.6,17,041/-**, Last date & Time of submission of bid: **08.03.2022 up to 16:00 hrs.** Date and time of opening (technical bid): **08.03.2022 up to 16:00 hrs.**
Refer our website for details https://eprocure.gov.in/eprocure/app.
Traffic Manager, PPT
PPT/PR/152/21-22, Dt.23/02/2022

ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ସଂ. 40-KUR-TRD-OT-2021-22
କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ୍ ମଣ୍ଡଳର 16 ସଂଖ୍ୟକ ଲେଭେଲ କ୍ରସିଙ୍ଗ୍ ଫାଟକ (ଲେଭେଲ କ୍ରସିଙ୍ଗ୍ ନଂ. 150, 165, 171, 175, 253, 319, 322, 325, KP-40, KP-41, JD-13, CP-4, CP-7, CP-27, CP-31 ଏବଂ CP-41) ର ଇଣ୍ଟରଲକିଙ୍ଗ୍ ର ବ୍ୟବସ୍ଥା ସହ ସମ୍ବନ୍ଧୀୟ AT ଏବଂ OHE ରୂପାନ୍ତରଣର ବ୍ୟବସ୍ଥା।
ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) : 1,58,83,042.52, EMD (ଟଙ୍କାରେ): ₹ 2,29,400/-, ଶେଷ ହେବା ଅବଧି : 180 ଦିନ।
ବିଡ୍ ଆରମ୍ଭ ହେବା ତାରିଖ : ତା.02.03.2022ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.16.03.2022ରିଖ 1300 ଘଟିକାରେ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫର ଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଉପରୋକ୍ତ ଇ-ଟେଣ୍ଡର ର ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍
PR-834/M/21-22

UNIMONI FINANCIAL SERVICES LIMITED
RO: N.G. 12 & 13 Ground Floor, North Block, Manipal Centre, Dickenson Road, Bangalore - 560 042. CIN No.U85110KA1995PLC018175
ସାର୍ବଜନିକ ସୂଚନା
ଜନସାଧାରଣଙ୍କୁ ଏହା ସୂଚିତ କରାଯାଉଛି କି ୟୁନିମୋନୀ ଫାଇନାନ୍ସିଆଲ ସର୍ଭିସେଜ ଲିମିଟେଡ ନିଜ ପାଖରେ ବନ୍ଧକ ରଖିଥିବା ସୁନା ଆଭୁଷଣର ନିଲାମ କରିବାକୁ ଯାଉଛି । ଏହି ନିଲାମ ଦିନାଙ୍କ **03.03.2022** କୁ ସକାଳ/ସଂନ୍ଧ୍ୟା-10.00 ଘଟିକାରେ (ଠିକଣା) PLOT NO - 44, ASHOK NAGAR, UNIT II, BHUBANESWAR, KHURDA - 751001. ରେ ହେବ। ସୁନା ଆଭୁଷଣ ଆମର ଏମିତି ବିଭିନ୍ନ ଗ୍ରାହକଙ୍କର ଅଟେ, ଯିଏ ନିଜର ଋଣ ସୁଝି ପାରିନାହାନ୍ତି । ନିଲାମର ସୂଚନା ଏହି ଋଣକର୍ତ୍ତା ଗ୍ରାହକଙ୍କୁ ବି ଦିଆଯାଇସାରିଛି। ନିଲାମ ପାଇଁ ଉପଲବ୍ଧ ସୁନା ଆଭୁଷଣ କିଛି ଗ୍ରାହକଙ୍କ ଦେୟ ଋଣ ଖାତା ସମ୍ବନ୍ଧିତ ଅଟେ। ଏହି ଗ୍ରାହକଙ୍କ ନାମ ସେମାନଙ୍କ ସମ୍ବନ୍ଧିତ ଶାଖା ସହିତ ତଳେ ଦିଆଯାଉଛି।
Loan Nos: BHUBANESWAR (BUU) -1877353
For more details, please contact : Mr. UMAKANTA BAG - 9937043634
(Reserves the right to alter the number of accounts to be auctioned &/ postpone / cancel the auction without any prior notice.)

ODISHA PUBLIC SERVICE COMMISSION
NOTICE
No.1837/P.S.C., Dt.23.02.2022
(1E-21-2021-22) (DR- II)
Website - http://www.opsc.gov.in
**No.D-326:** It is for information of all concerned that, the OJS-2021 Preliminary written examination, pursuant to the Advertisement No. 23 of 2021-22 shall be held on 27.03.2022 (Sunday) as per the programme below. The centre list & Roll Numbers tagged to each centre shall be published later. The concerned candidates are advised to visit the website of the Commission (www.opsc.gov.in) regularly for further details.
PROGRAMME OF EXAMINATION

| Date | Time |
|---|---|
| 27.03.2022 (Sunday) | 10.00 A.M. to 11.30 A.M.<br>10.00 A.M. to 12.00 Noon (for PWD Candidates) |

Sd./- Secretary
OIPR-12002/11/0264/2122

ROURKELA DEVELOPMENT AUTHORITY
UDITNAGAR, ROURKELA- 769012
Mail: secretaryrda@gmail.com, GSTIN: 21AAALR0294B1ZK
No.258/ RDA, dated 22.02.2022
PROCLAMATION
It is hereby informed to the General public that, Prasanta Kumar Mishra, S/o- Late Umanath Mishra, has applied for mutation of House No. L/100 under Durgapur Foot Hill Housing Project, Stage-I, Basanti Colony in her favour consequent upon death of her father Late Umanath Mishra. If anybody has got objection to the proposed mutation, He/She may file objection petition before the undersigned within 30 (thirty) days from the date of publication of this proclamation. Objection petition shall not be entertained after expiry of the stipulated period.
Sd./- Secretary
Rourkela Development Authority

FORM NO. 13
BEFORE THE DEBTS RECOVERY TRIBUNAL, CUTTACK, ORISSA
C-71, SECTOR-7, CDA, CUTTACK, ODISHA
O.A. No. 375 OF 2021
Branch Manager, Indian Bank ...Applicant
Versus
M/s. Nocion Technology & Others ...Defendant[s]
To
1) **M/s. Nocion Technology, Managing Partner: Sri Yatindra Mohan Dash,** At: A-1, Mandakini Complex, Talabania, Gandamunda, PO.: Khandagiri, Bhubaneswar - 751030, Dist.: Khordha
2) **Sri Yatindra Mohan Dash (Managing Partner),** At: Plot No.: 3-A, Mandakini Complex, Talabania, Gandamunda, Ganesh Nagar, Near Hanuman Temple, PO.: Khandagiri, Bhubaneswar - 751030, Dist.: Khordha
3) **Smt. Lopamudra Panda (Partner),** W/o.: Yatindra Mohan Dash, At: Plot No.: 3-A, Mandakini Complex, Talabania, Gandamunda, Ganesh Nagar, Near Hanuman Temple, PO.: Khandagiri, Bhubaneswar - 751030, Dist.: Khordha
SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED
Take notice that the applicant has instituted an **O.A. No. 375 of 2021** in the court of the Debts of Recovery Tribunal, Cuttack for recovery of **Rs.56,23,067.00** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **31.03.2022 at 10.30 a.m** as to why reliefs prayed for should not be granted.
Take notice that in case of default, the application will be heard and determined in their absence.
Given under my hand and seal of this Tribunal on this **10th day of Feb. 2022.**
Sd/- Manoj Kumar Patnaik
REGISTRAR

## ସଂକ୍ଷେପରେ

### ମୋଷ୍ଟ ୱାଣ୍ଟେଡ୍ ପାଣ୍ଡା ଗିରଫ

ଦିଗପହଣ୍ଡି,୨୩।୨(ଡି.ଏନ.ଏ.): ଦିଗପହଣ୍ଡି ପୋଲିସର ମୋଷ୍ଟ ୱାଣ୍ଟେଡ ବ୍ରହ୍ମପୁର ସଦର ଥାନା ଲାଠି ଗ୍ରାମ ଗୌଡସାହିର ପାଣ୍ଡା ଓରଫ ପିଣ୍ଟୁ ଗୌଡଙ୍କୁ ବୁଧବାର ପୋଲିସ ହତ୍ୟା ଉଦ୍ୟମ ମାମଲାରେ କୋର୍ଟ ଚାଲାଣ କରିଛି। ମାମଲା ନଂ.୨୯/୨୨ ଅନୁଯାୟୀ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ସବ୍‌ଜେଲକୁ ପଠାଯାଇଛି। ତଦନ୍ତକାରୀ ଅଧିକାରୀ ତଥା ଦିଗପହଣ୍ଡି ଆଇଆଇସି ବସନ୍ତ କୁମାର ସେଠୀଙ୍କ ସୂଚନା ପ୍ରକାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗତ ଜାନୁୟାରୀ ୨୪ରେ ଦିଗପହଣ୍ଡି ଥାନା ମହୁଡା ଗ୍ରାମର ଅପୂର୍ବ ବସ୍ତିଆ ତାଙ୍କ ଘରେ ଥିବା ବେଳେ ତାଙ୍କୁ ଆକ୍ରମଣ ପାଇଁ ଯୋଜନା କରିଥିଲେ। ଅଭିଯୁକ୍ତ ପାଣ୍ଡା ଏବଂ ତାଙ୍କର ଅନ୍ୟଜଣେ ସହଯୋଗୀ ସିଙ୍ଗାବାଡି ଗାଁର ବୁଡୁ ଗୌଡ଼ ଜବରଦସ୍ତ ଘରେ ପଶି ତାଙ୍କୁ ଖୋଜିବା ସହ ଘରର ବିଭିନ୍ନ ଆସବାବପତ୍ର ଏବଂ ଷ୍ଟେଶନାରୀ ଦୋକାନର ସାମଗ୍ରୀକୁ ଭଙ୍ଗାରୁଜା କରିଥିଲେ। ଭୟରେ ଅପୂର୍ବ ଲୁଚି ତାଙ୍କ ପୁଅକୁ ସାଙ୍ଗରେ ଧରି ଘର ବାରି ରାସ୍ତା ଦେଇ ଦୌଡି ପଳାଇଥିଲେ। ଘରେ ଉପସ୍ଥିତ ଥିବା ଅପୂର୍ବଙ୍କ ସ୍ତ୍ରୀ ବାସନ୍ତୀ ପ୍ରତିବାଦ କରିବାରୁ ତାଙ୍କୁ ଅସଦାଚରଣ କରିବା ସହ ପାଣ୍ଡା ହାତରେ ଧରିଥିବା କାତିରେ ତାଙ୍କ ବାମ ଗୋଡ଼କୁ ଚୋଟ ପକାଇ ତାଙ୍କୁ ଏବଂ ତାଙ୍କ ସ୍ୱାମୀ ଅପୂର୍ବଙ୍କୁ ହତ୍ୟା ଧମକ ଦେଇ ଚାଲିଯାଇଥିଲେ। ସେମାନେ ଅପୂର୍ବଙ୍କ ପଡିଶା ଘରେ ରହୁଥିବା ତାଙ୍କ ଭାଇ ଦୟାନିଧି ବସ୍ତିଆ ଏବଂ କବିରାଜ ବସ୍ତିଆଙ୍କୁ ମଧ କାତିରେ ଘାତକ ଆକ୍ରମଣ କରିଥିଲେ। ଫେରିବା ରାସ୍ତାରେ ମହୁଡ଼ା ଗାଁ ଛକ ଶିବ ମନ୍ଦିର ନିକଟରେ ଥିବା ୩/୪ ଜଣ ବ୍ୟକ୍ତିଙ୍କୁ କାତିରେ ଅତର୍କିତ ଆକ୍ରମଣ କରି ଗାଁ ଲୋକଙ୍କୁ ଭୟଭୀତ କରି ଚମ୍ପଟ ମାରିଥିଲେ। ଏନେଇ ଅପୂର୍ବଙ୍କ ସ୍ତ୍ରୀ ବାସନ୍ତୀଙ୍କ ଏତଲାକ୍ରମେ ପୋଲିସ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଥିଲେ। ଅଭିଯୁକ୍ତ ପାଣ୍ଡାଙ୍କ ନାଁରେ ଦିଗପହଣ୍ଡି ଥାନାରେ ଏକାଧିକ ମାମଲା ଥିବା ପୋଲିସ କହିଛି।

### ନିର୍ବାଚନ ପରବର୍ତ୍ତୀ ହିଂସା
### ସଂଘବଦ୍ଧ ଆକ୍ରମଣରେ ଜଣେ ଗୁରୁତର

କାଶୀନଗର,୨୩।୨: କାଶୀନଗର ବ୍ଲକ ନିର୍ବାଚନ ପରେ ଖାରଡ଼ା ପଞ୍ଚାୟତର ଧନସରା ଗ୍ରାମଠାରେ ମଙ୍ଗଳବାର ସଂଘବଦ୍ଧ ଭାବେ ଗୋଟିଏ ଗୋଷ୍ଠୀର ବ୍ୟକ୍ତିମାନଙ୍କ ଆକ୍ରମଣରେ ତାଟିକୋଟା ଦାଶରଥି ଆହତ ହୋଇଛନ୍ତି। ତାଙ୍କୁ ବିଶାଖାପାଟଣା ମେଡିକାଲରେ ଭର୍ତ୍ତି କରାଯାଇଛି। ଉକ୍ତ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। କାଶୀନଗର ଥାନାରେ ନଂ. ୨୬/୨୨ରେ ମାମଲା ରୁଜୁ ହୋଇଥିବା ବେଳେ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇ ନାହିଁ। ଥାନାଧିକାରୀ ସୁଶାନ୍ତ କୁମାର ସାହୁ ଘଟଣାର ଅନୁସନ୍ଧାନ ଜାରି ରଖିଛନ୍ତି ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

### ଭୋଟ ନେଇ ହତ୍ୟା ଉଦ୍ୟମ ମାମଲା, ଅଭିଯୁକ୍ତ ଗିରଫ

ଦିଗପହଣ୍ଡି,୨୩।୨(ଡି.ଏନ.ଏ.): ଦିଗପହଣ୍ଡି ବ୍ଲକ ଆଙ୍କୋରଡା ପଞ୍ଚାୟତର ଚାଉଁଡାପଲ୍ଲି ଗ୍ରାମର ଗାଦି ସ୍ୱାଇଁଙ୍କୁ ବୁଧବାର ଦିଗପହଣ୍ଡି ପୋଲିସ କୋର୍ଟ ଚାଲାଣ କରିଛି। ଥାନା ମାମଲା ନଂ.୮୮/୨୨ ଅନୁଯାୟୀ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍‌ଜେଲକୁ ପଠାଯାଇଛି। ଗତ ସୋମବାର ସନ୍ଧ୍ୟାରେ ଚାଉଁଡାପଲ୍ଲି ଗ୍ରାମର ରାଜେନ୍ଦ୍ର ବିଶ୍ୱାଳ ପୋଖରୀରୁ ଘରକୁ ଫେରୁଥିବା ବେଳେ ଅଭିଯୁକ୍ତ ତାଙ୍କୁ ରାସ୍ତାରେ ଅଟକାଇ ଗାଳିଗୁଲଜ କରିବା ସହ ପଞ୍ଚାୟତ ଭୋଟରେ ଆମକୁ ବିରୋଧ କରିଥିଲୁ କହି ଏକ ଇଟା ଖଣ୍ଡରେ ପ୍ରଥମେ ଆକ୍ରମଣ କରିଥିଲେ। ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପରେ ଉତ୍ତେଜିତ ହୋଇ ଅଭିଯୁକ୍ତ ତାଙ୍କ ଘରୁ ଏକ କାତି ଆଣି ଚୋଟ ପକାଇଥିଲା। ତାଙ୍କୁ ପ୍ରଥମେ ଦିଗପହଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ର ପରେ ବ୍ରହ୍ମପୁର ବଡ଼ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା।

# ଧାନ ମଣ୍ଡିରେ ଅବ୍ୟବସ୍ଥା ନେଇ ଚାଷୀଙ୍କ ପ୍ରତିବାଦ

## ଧାନ କ୍ରୟ ନ ହେଲେ ଆନ୍ଦୋଳନ ଚେତାବନୀ

ଦିଗପହଣ୍ଡି,୨୩।୨(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଚୌଧୁରୀ ଟିକରପଡା ଗ୍ରାମ ସ୍ଥିତ ଜୟ ବଜରଙ୍ଗୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଚଳିତ ବର୍ଷ ସ୍ଥାନୀୟ ପ୍ରାଥମିକ ସେବା ସମବାୟ ସମିତି ଜରିଆରେ ଚାଷୀଙ୍କଠାରୁ ଧାନ କ୍ରୟ ନିମନ୍ତେ ଦାୟିତ୍ୱ ଦିଆଯାଇଛି। ଚାଷୀଙ୍କ ଠାରୁ ଧାନ କ୍ରୟରେ ଚରମ ଅବ୍ୟବସ୍ଥା ନେଇ ବୁଧବାର ଭ୍ରମରପୁର ଗ୍ରାମର ବହୁ ଚାଷୀ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିଥିଲେ। ପରେ ଚାଷୀମାନେ ବିଡିଓ ହଳଧର ଶବରଙ୍କୁ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିଥିଲେ। ଚଳିତ ବର୍ଷ ଦୁଇ ଦୁଇଟି ଲଘୁଚାପ ଜନିତ ବର୍ଷା ପ୍ରଭାବରେ ଦିଗପହଣ୍ଡି ବ୍ଲକ ଅଧୀନ ବିଭିନ୍ନ ଗ୍ରାମର ବହୁ ଜମିରେ ପାଣି ଜମି ଧାନଫସଲ ନଷ୍ଟ ହୋଇଯାଇଥିଲା। ତେବେ ଚାଷୀ ଅକ୍ଲାନ୍ତ ପରିଶ୍ରମ କରି ବଳକା ଧାନଶସ୍ୟ ଅମଳ କରି ରଖିଥିଲେ ମଧ ଆଜି ଯାଏ ତାହା ମଣ୍ଡିରେ କ୍ରୟ ହୋଇ ପାରୁନାହିଁ। ଏଭଳି ସ୍ଥିତିରେ ପ୍ରଶାସନ ନିକଟସ୍ଥ ମଣ୍ଡି ମାଧ୍ୟମରେ ଚାଷୀଙ୍କଠାରୁ ଧାନ କ୍ରୟ କରାଯିବା ନେଇ ଜାନୁଆରୀ ମାସରୁ ବ୍ୟବସ୍ଥା କରିଥିଲେ ମଧ ଆଜି ଯାଏ ଚୌଧୁରୀ ଟିକରପଡାରେ ପ୍ରାଥମିକ ସେବା ସମବାୟ ସମିତି ଚାଷୀଙ୍କଠାରୁ ଧାନ କ୍ରୟ କରିବାକୁ ସକ୍ଷମ ହୋଇପାରୁନାହିଁ ଏବଂ ଚାଷୀଙ୍କୁ ଟୋକେନ ଦିଆଯାଉନଥିବା ଅଭିଯୋଗ ହୋଇଛି। ବହୁ ସଂଖ୍ୟକ ଚାଷୀଙ୍କଠାରେ ଟୋକେନ ରହିଥିଲେ ମଧ ସେମାନଙ୍କ ଧାନ କ୍ରୟ କରାଯାଉ ନାହିଁ। ଯଦି କୌଣସି କାରଣରୁ ଟୋକେନର ସମୟ ସୀମା ଚାଲିଯାଇଥାଏ ତେବେ ଧାନ ବିକ୍ରୟର ଧାର୍ଯ୍ୟ ତାରିଖ ବୃଦ୍ଧି କରାଯାଉ। ଯଦି ଆଗାମୀ ଦିନରେ ଏହାର କୌଣସି ଉଚିତ ପଦକ୍ଷେପ ଗ୍ରହଣ କରାନଯାଏ ତେବେ ଭ୍ରମରପୁର ଗ୍ରାମର ଚାଷୀବୃନ୍ଦ ଆନ୍ଦୋଳନ କରିବା ପାଇଁ ବାଧ ହେବେ ବୋଲି ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ଏ ସମ୍ପର୍କରେ ଦିଗପହଣ୍ଡି ଯୋଗାଣ ନିରୀକ୍ଷକ ବ୍ରଜେଶ୍ୱରରଏଙ୍କୁ ଯୋଗାଯୋଗ କରିବାରୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସମସ୍ତ କାର୍ଯ୍ୟ ତଦାରଖ କରୁଥିବା କାର୍ଯ୍ୟକର୍ତ୍ତାଙ୍କ ସୂଚନା ପ୍ରକାରେ ବର୍ତ୍ତମାନ ସୁଦ୍ଧା ଚାଷୀଙ୍କଠାରୁ ୧୪,୨୦୦ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି। ସମୁଦାୟ ୪୭୩ ଚାଷୀ ଧାନ ବିକ୍ରୟ ପାଇଁ ରେଜିଷ୍ଟ୍ରେଶନ କରିଥିଲେ। ସେମାନଙ୍କ ମଧ୍ୟରୁ ୩୩୬ ଚାଷୀଙ୍କଠାରୁ ଧାନ କ୍ରୟ କରାଯାଇଛି। ବର୍ତ୍ତମାନ ଚାଷୀଙ୍କଠାରୁ ଅଧିକ ଧାନ କ୍ରୟ ପାଇଁ ଅତିରିକ୍ତ ଟାର୍ଗେଟ ଆସିନାହିଁ। ଅତିରିକ୍ତ ଟାର୍ଗେଟ ଆସିଲେ ସମସ୍ତ ବଳକା ଚାଷୀଙ୍କଠାରୁ ମଣ୍ଡି ଜରିଆରେ ଧାନ କ୍ରୟ କରାଯିବ ବୋଲି ସେ କହିଛନ୍ତି।

# ଷ୍ଟ୍ରେଚରରେ ବୁହା ହେଲେ ଗର୍ଭବତୀ

## ରାସ୍ତା ନ ଥିବାରୁ ଗଲାନି ଆମ୍ବୁଲାନ୍ସ



ଷ୍ଟ୍ରେଚରରେ ଗର୍ଭବତୀଙ୍କୁ ନିଆଯାଉଛି।

ଫୁଲବାଣୀ ଅଫିସ, ୨୩।୨

କନ୍ଧମାଳ ଜିଲାରେ ରାସ୍ତା ସମସ୍ୟା ସୁଧୁରୁନାହିଁ। ଲୋକେ ଯେତେ ଅଭିଯୋଗ କରୁଥିଲେ ମଧ ପ୍ରଶାସନିକ ଅଧିକାରୀ କି ରାଜନେତା କେହି ଶୁଣୁନାହାନ୍ତି। ଯାହାଫଳରେ ଅନେକ ଗ୍ରାମକୁ ଆମ୍ବୁଲାନ୍ସ ଯାଇପାରୁ ନାହିଁ। ବୁଧବାର ପୁଣି ଏଭଳି ଘଟଣା ଜିଲାର ତୁମୁଡିବନ୍ଧ ବ୍ଲକରେ ଦେଖିବାକୁ ମିଳିଛି। ଗୁମୁଡୁମାହାର ଲହାଡି ଗାଁରେ ଜଣେ ଆସନ୍ନ ପ୍ରସବାଙ୍କୁ ଆଣିବା ପାଇଁ ଆମ୍ବୁଲାନ୍ସ ଯାଇଥିଲେ ମଧ ରାସ୍ତା ଖରାପ ଯୋଗୁ ଗାଁରେ ପହଞ୍ଚିଲାନି। ଆମ୍ବୁଲାନ୍ସ କର୍ମଚାରୀମାନେ ଷ୍ଟ୍ରେଚର ଧରି ୩ କି.ମି. ଚାଲି ଗ୍ରାମକୁ ଯାଇଥିଲେ। ସେଠାରୁ ଆସନ୍ନ ପ୍ରସବା ଅଞ୍ଜନା ପ୍ରଧାନଙ୍କୁ ଷ୍ଟ୍ରେଚରରେ ଧରି ଗ୍ରାମବାସୀଙ୍କ ସହାୟତାରେ ଆମ୍ବୁଲାନ୍ସ ନିକଟକୁ ଆସିଥିଲେ। ସେଠାରୁ ତାଙ୍କୁ ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ତାଙ୍କ ଅବସ୍ଥା ବର୍ତ୍ତମାନ ଭଲ ଥିବା ଜଣାପଡ଼ିଛି।

# ଖତ ଖାଉଛି ଦିବ୍ୟାଙ୍ଗଙ୍କ ସହାୟକ ଉପକରଣ

ପାରଳାଖେମୁଣ୍ଡି,୨୩।୨(ଡି.ଏନ୍.ଏ.)



ସହାୟକ ଉପକରଣ ଗଦା ହୋଇଛି।

ଗଜପତି ଜିଲା ମୋହନା ବ୍ଲକ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀଙ୍କ ଗୋଦାମ ଗୃହରେ ଦିବ୍ୟାଙ୍ଗମାନଙ୍କ ପାଇଁ ଆସୁଥିବା ସହାୟକ ଉପକରଣ ଖତ ଖାଇବାରେ ଲାଗିଛି। ପ୍ରଶାସନ ସବୁ ଜାଣି ଚୁପ ରହିଛି। ଗଜପତି ଜିଲା ମୋହନା ବ୍ଲକର ୩୯ ପଞ୍ଚାୟତରେ ଅନେକ ଧରଣର ଦିବ୍ୟାଙ୍ଗ ରହିଛନ୍ତି। ସେମାନଙ୍କ ପାଇଁ ଆସିଥିବା ଦୁଇ ଓ ତିନିଚକ ବିଶିଷ୍ଟ ସାଇକେଲ ଓ ଆଶାବାଡି ସେମାନଙ୍କୁ ଦିଆନଯାଇ କାର୍ଯ୍ୟାଳୟ ବାହାରେ ଏକ ପରିତ୍ୟକ୍ତ କୋଠରିରେ ଖତ ଖାଉଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ବ୍ଲକ ସାମାଜିକ ସୁରକ୍ଷା କାର୍ଯ୍ୟାଳୟର ପ୍ରୋଗ୍ରାମ ଆସିଷ୍ଟାଣ୍ଟ ମନସୀ ବୀରଙ୍କୁ ପଚାରିବାରୁ ସେ କହିଛନ୍ତି, ୨୦୧୭ରେ ସେ ଏହି ବିଭାଗର ଦାୟିତ୍ୱ ନେଇଥିଲେ। ଏହା ପୂର୍ବରୁ ଦିବ୍ୟାଙ୍ଗଙ୍କ ପାଇଁ ଆସିଥିବା ସାମଗ୍ରୀଗୁଡିକ ଜାନୁୟାରୀରେ ବୈଠକ କରି ସେମାନଙ୍କୁ ବଣ୍ଟନ ହୋଇଥାନ୍ତା। ହେଲେ ସେ ବୈଠକ ବାତିଲ ହୋଇଛି ଏବଂ ଯାହା ଗୋଦାମରେ ରହିଛି ତାହା ୨୦୧୬ରୁ ପଡି ରହିଛି, ନୂଆ ସାଇକେଲ ଓ ଅନ୍ୟ ସାମଗ୍ରୀ ବାହାରେ ରଖାଯାଇଛି ବୋଲି କହିଛନ୍ତି। ତେବେ ୨୦୧୬ରୁ ଏତେ ପରିମାଣରେ ସହାୟକ ଉପକରଣ ଉପରେ କିପରି ବ୍ଲକ ପ୍ରଶାସନର ନଜର ପଡୁନି ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଛି।

### ସେକି ହେଲାବେଳେ ଜଳିଗଲେ ମହିଳା

ପାପଡ଼ାହାଣ୍ଡି,୨୩।୨(ଡି.ଏନ୍.ଏ.)

ନିଆଁ ଜାଳି ସେକି ହେଉଥିବାବେଳେ ତାହା ଦେହରେ ଲାଗିଯିବାରୁ ଜଣେ ମହିଳା ଗୁରୁତର ଅଛନ୍ତି। ସେ ହେଲେ ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ସତାନାମୀ ସାହିର ରୂପାଇ ସତନାମୀ। ରୂପାଇଙ୍କୁ ଏବେ ପାପଡାହାଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବୁଧବାର ସକାଳୁ ସେକି ହେଉଥିବା ସମୟରେ ତାଙ୍କ ଶାଢ଼ିରେ ନିଆଁ ଲାଗିବାରୁ ଜଳିଯାଇଥିଲେ।

# ବିଦ୍ୟୁତ୍ ସଂସ୍ପର୍ଶରେ ଜଣେ ମୃତ

ହିଞ୍ଜିଳିକାଟୁ,୨୩।୨(ଡି.ଏନ.ଏ.)

ହିଞ୍ଜିଳି ଥାନା ସୋମପୁରଠାରେ ବୁଧବାର ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଶ୍ରମିକ ଗୁରୁତର ହୋଇଛନ୍ତି। ମୃତକ ହେଲେ ହିଞ୍ଜିଳି ଥାନା ପୋଚିଲିମାର ସୀମାଞ୍ଚଳ ଦାସ (୩୫) ଓ ଆହତ ଜଣକ ଖରିଡା ଗ୍ରାମର ମିଟିକ ଗଉଡ (୨୦)। ସୋମପୁର ନିକଟରେ ଥିବା ଏକ କାଠ ଫର୍ନିଚର ଫ୍ୟାକ୍ଟ୍ରିପରିସରରେ ନିର୍ମାଣାଧୀନ ନୂତନ କୋଠାରେ ପାଣି ପକାଇବା ପାଇଁ ମିଟିକ ଓ ସୀମାଞ୍ଚଳ ଯାଇଥିଲେ। ପାଣି ପକାଉଥିବା ବେଳେ ନିକଟ ଦେଇ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ଉପରେ ଅସାବଧାନତାବଶତଃ ଏକ ଆଲୁମିନିୟମ ନିଶୁଣି ପଡି ଯାଇଥିଲା। ନିଶୁଣିକୁ ବାହାର କରିବା ପାଇଁ ମିଟିକ ଉଦ୍ୟମ କରୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ମିଟିକଙ୍କୁ ଉଦ୍ଧାର କରିବାକୁ ଯାଇ ସୀମାଞ୍ଚଳ ମଧ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ଉଭୟଙ୍କୁ ଉଦ୍ଧାର କରାଯାଇ ହିଞ୍ଜିଳିକାଟୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ସୀମାଞ୍ଚଳଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ହିଞ୍ଜିଳି ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ଡାକ୍ତରଖାନା ପଠାଯାଇଛି। ଏ ନେଇ ନଂ. ୩/୨୨ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ନାବାଳିକାଙ୍କ ବିବାହକୁ ରୋକିଲା ପ୍ରଶାସନ

ହିଞ୍ଜିଳିକାଟୁ, ୨୩।୨(ଡି.ଏନ.ଏ.)

ହିଞ୍ଜିଳି ଥାନା ବଳରାମପୁର ଗ୍ରାମର ଜନୈକା ନାବାଳିକା ବିବାହକୁ ମଙ୍ଗଳବାର ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଛି। ନାବାଳିକାଙ୍କ ବିବାହ କରିବାକୁ ସ୍ଥିର ହୋଇଥିଲା। ହିଞ୍ଜିଳିକାଟୁ ବିଡିଓ ସୁବ୍ରତ କୁମାର ଜେନା, ତହସିଲଦାର ପ୍ରଭାତ କୁମାର ପରିଡ଼ା, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ମନୋରଞ୍ଜନ ସାହୁ, ଆଇଆଇସି ଅଭିମନ୍ୟୁ ଦାସ, ସିଡିପିଓ ଅଂଶୁପା ସାହୁ ପ୍ରମୁଖ ସମ୍ପୃକ୍ତ ଗ୍ରାମରେ ପହଞ୍ଚି ନାବାଳିକାଙ୍କ ପରିବାର ସଦସ୍ୟଙ୍କୁ ବୁଝାଶୁଝା କରି ବିବାହକୁ ରୋକିଥିଲେ। ଅପରାହ୍ନରେ ବିଡିଓ ଖବର ପାଇ ଜିଲା ଶିଶୁ ସୁରକ୍ଷା ୟୁନିଟ ଏବଂ ସିଡିପିଓ ଓ ତହସିଲଦାରଙ୍କ ସହିତ ଯୋଗାଯୋଗ କରି ବଳରାମପୁର ଗ୍ରାମରେ ପହଞ୍ଚି ଥିଲେ। ନାବାଳିକାଙ୍କ ପରିବାର ସଦସ୍ୟ ଓ କିଛି ସମ୍ପର୍କୀୟ ବିବାହ କରିବାକୁ ଥିବା ଯୁବତୀ ନାବାଳିକା ନୁହେଁ ସାବାଳିକା ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଆବଶ୍ୟକ ପ୍ରମାଣପତ୍ରରେ ତ୍ରୁଟି ଥିବା ଦର୍ଶାଇ ନାବାଳିକାଙ୍କ ପରିବାର ଓ ସାହି ବାସିନ୍ଦା ଶିଶୁ ସୁରକ୍ଷା ଅଧିକାରୀ ଓ ହିଞ୍ଜିଳିକାଟୁ ପ୍ରଶାସନିକ ଅଧିକାରୀମାନଙ୍କ ସହ ଯୁକ୍ତିତର୍କ କରିଥିଲେ। ବହୁ ସମୟ ପରେ ବିବାହ ରୋକିବା ପାଇଁ ନାବାଳିକାଙ୍କ ପରିବାରକୁ ପ୍ରଶାସନିକ ଅଧିକାରୀମାନେ ବୁଝାଇଥିଲେ।

# ମତଦାନ ଲାଗି ପ୍ରଶାସନିକ ପ୍ରସ୍ତୁତି

## ଆସିକା ବ୍ଲକ

ଆସିକା,୨୩।୨(ଡି.ଏନ.ଏ.)

ଆସିକା ବ୍ଲକର ୪ଟି ଜିଲାପରିଷଦ ଓ ୨୭ଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ୱାର୍ଡସଦସ୍ୟ ଲାଗି ନିର୍ବାଚନ କାର୍ଯ୍ୟସୂଚୀର ଅନ୍ତିମ ପର୍ଯ୍ୟାୟ ଗୁରୁବାର ଅନୁଷ୍ଠିତ ହେବ। ଏଥିଲାଗି ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ମଙ୍ଗଳବାର ଓ ବୁଧବାର ଦୁଇଦିନ ଧରି ସ୍ଥାନୀୟ ଟେକ୍‌ନିକାଲ ହାଇସ୍କୁଲ କେନ୍ଦ୍ରରୁ ଏହି ବ୍ଲକର ୪୦୨ ବୁଥ୍ ଲାଗି ନିର୍ବାଚନ କାର୍ଯ୍ୟରେ ନିୟୋଜିତ କର୍ମଚାରୀମାନେ ଆବଶ୍ୟକ କାଗଜପତ୍ର ଧରି ବିଭିନ୍ନ ବୁଥ୍‌ରେ ପହଞ୍ଚିଛନ୍ତି। ଏହି ନିର୍ବାଚନରେ ୨୭ ପଞ୍ଚାୟତ ମଧ୍ୟରୁ ଗୋଟିଏ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଏବଂ ୧୮୦ ୱାର୍ଡର ୱାର୍ଡ ସଦସ୍ୟ ଅପ୍ରତିଦ୍ୱନ୍ଦ୍ୱୀ ରହିଛନ୍ତି। ୧୨ ୱାର୍ଡରେ କୌଣସି ନାମାଙ୍କନ ଦାଖଲ ହୋଇ ନ ଥିବା ମଧ ଜଣାଯାଇଛି। ସମୁଦାୟ ୧ଲକ୍ଷ ୨୭ ହଜାର ୬୫୫ ମତଦାତା ମତଦାନରେ ଅଂଶ ଗ୍ରହଣ କରିବେ। ସେଥିରୁ ମହିଳା ମତଦାତା ୫୯ ହଜାର ୭୭୨, ପୁରୁଷ ମତଦାତା ୬୭ ହଜାର ୮୭୩ ରହିଥିଲା ବେଳେ ତୃତୀୟ ଲିଙ୍ଗ ମତଦାତା ୧୦ଜଣ ଅଛନ୍ତି। ମତଗ୍ରହଣ ଲାଗି ବିଭିନ୍ନ ପଞ୍ଚାୟତରେ ୪୦୨ ବୁଥ୍ ଖୋଲାଯାଇଛି। ଦେବଭୂମି ପଞ୍ଚାୟତର ୭ ନଂ. ଓ ୮ ନଂ. ୱାର୍ଡକୁ ପିଙ୍କ୍ ବୁଥ ଭାବେ ରଖାଯାଇଛି। ୨୬ ସରପଞ୍ଚ ଲାଗି ୧୦୫, ସମିତିସଭ୍ୟ ଲାଗି ୮୭, ୱାର୍ଡ ସଦସ୍ୟ ଲାଗି ୨୮୭ ଏବଂ ଜିଲାପରିଷଦର ୪ ଜୋନ୍ ଲାଗି ୧୨ ପ୍ରାର୍ଥୀ ନିର୍ବାଚନରେ ଅବତୀର୍ଣ୍ଣ ହୋଇଛନ୍ତି। ନିର୍ବାଚନ ଅଧିକାରୀ ରୋଶନ ଶତପଥୀଙ୍କ ସମେତ ନିର୍ବାଚନ ପରିଚାଳନା ଲାଗି ୭ ସ୍ୱତନ୍ତ୍ର ମାଜିଷ୍ଟ୍ରେଟ, ୨ ଅବ୍‌ଜରଭର ଓ ୨୯ ସେକ୍ଟର ଅଫିସରଙ୍କ ସମେତ ବିଭିନ୍ନ ବୁଥ୍ ଲାଗି ପୋଲିସ ଓ ପ୍ରିଜାଇଡିଂ ଅଫିସର ନିୟୋଜିତ ଅଛନ୍ତି। ବ୍ଲକର ଅତି ଉତ୍ତେଜନା ପ୍ରବଣ ଭାବେ ୪୦ ବୁଥ ଓ ଉତ୍ତେଜନାପ୍ରବଣ ତାଲିକାରେ ୧୪ଟି ବୁଥ୍ ରହିଥିଲା ବେଳେ ଶୃଙ୍ଖଳିତ ଭାବେ ନିର୍ବାଚନ ସାରିବା ଲାଗି ଆସିକା ଥାନାଧିକାରୀ ପ୍ରଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ପର୍ଯ୍ୟାପ୍ତ ପୋଲିସ କର୍ମଚାରୀ ନିୟୋଜିତ ହୋଇଥିବା ଜଣାଯାଇଛି।

# ପଞ୍ଚାୟତ ନିର୍ବାଚନ: ପ୍ରାର୍ଥୀଙ୍କ ଭାଗ୍ୟ ଲେଖିବେ ମହିଳା




ଭୋଟ ଦେବା ପାଇଁ ଧାଡିରେ ମହିଳା।

ବୁଗୁଡ଼ା, ୨୩।୨(ଡି.ଏନ.ଏ.)

ଚଳିତ ତ୍ରିସ୍ତରୀୟ ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟରେ ବୁଗୁଡ଼ା ବ୍ଲକର ୨୧ଟି ପଞ୍ଚାୟତ ମଧ୍ୟରୁ କେବଳ ବାଲିପଦର ପଞ୍ଚାୟତ ବ୍ୟତୀତ ଅନ୍ୟ ୨୦ ପଞ୍ଚାୟତରେ ପୁରୁଷଙ୍କ ତୁଳନାରେ ଅଧିକ ସଂଖ୍ୟକ ମହିଳା ମତଦାନ କରିଛନ୍ତି। ବ୍ଲକର ମୋଟ ୫୨,୧୩୭ ଜଣ ପୁରୁଷ ଭୋଟରଙ୍କ ମଧ୍ୟରୁ ୨୯,୮୭୫ ଜଣ ଭୋଟ ଦେଇଥିବା ବେଳେ ମୋଟ ୪୬,୨୩୫ ଜଣ ମହିଳା ଭୋଟରଙ୍କ ମଧ୍ୟରୁ ୩୩,୫୧୨ ଜଣ ମତଦାନ କରିଥିବା ଯୋଗୁ ପୁରୁଷଙ୍କ ମତଦାନ ହାର ୫୭% ଏବଂ ଏହାଠାରୁ ଅଧିକ ମହିଳାଙ୍କ ମତଦାନ ହାର ୭୨% ରହିବା ଫଳରେ ପ୍ରାର୍ଥୀଙ୍କ ହାରଜିତର ଗାଣିତିକ ହିସାବରେ ଅନିଶ୍ଚିତତା ଦେଖାଦେଇଛି। ବୁଗୁଡ଼ା ବ୍ଲକର ପ୍ରାର୍ଥୀଙ୍କ ଭାଗ୍ୟ ଲେଖିବେ ୧୧୭୩ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ବୋଲି ସାଧାରଣରେ ଆଲୋଚନା ଜୋର ଧରିଛି। ପ୍ରତ୍ୟେକ ମହିଳା ଗୋଷ୍ଠୀରେ ୧୦ ରୁ ୨୦ ଜଣ ପର୍ଯ୍ୟନ୍ତ ସଦସ୍ୟ ରହିଥିବା ବେଳେ ମୋଟ ୧୧୯୪୬ ସଦସ୍ୟ ରହିଛନ୍ତି ଏବଂ ଜଣେ ଜଣେ ମହିଳା ସଦସ୍ୟଙ୍କ ପରିବାରରେ ଅତି କମରେ ଦୁଇ ଜଣ ଲେଖାଏ ଭୋଟର ରହିଛନ୍ତି।

### ଅଷ୍ଟମପ୍ରହର ନାମଯଜ୍ଞ ପ୍ରସ୍ତୁତି ବୈଠକ

ଗଞ୍ଜାମ,୨୩।୨(ଡି.ଏନ.ଏ.)

ଗଞ୍ଜାମ ଏନ୍‌ଏସି ଅନ୍ତର୍ଗତ କର୍ଣ୍ଣୀସାହିଠାରେ ଥିବା ବାଲୁଙ୍କେଶ୍ୱର ପୀଠରେ ପ୍ରତିବର୍ଷ ମହା ଶିବରାତ୍ରି ଉପଲକ୍ଷେ ମା' କନକଦୁର୍ଗା ନାଟ୍ୟ ସଂସଦ ପକ୍ଷରୁ ସାମାଜିକ ଅପେରା ଅନୁଷ୍ଠିତ ହୋଇଆସୁଥିଲା। ଚଳିତବର୍ଷ କରୋନା କଟକଣା ଯୋଗୁ ଅପେରା ହେବ ନାହିଁ। ସେଠାରେ ଶିବରାତ୍ରି ଦିନ ଅଷ୍ଟମପ୍ରହର ନାମଯଜ୍ଞ ହେବା ନେଇ ପୁଇଁତୋଳା ଗ୍ରାମ୍ୟ କମିଟି ସ୍ଥିର କରିଛି। ଏ ନେଇ ଏକ ପ୍ରସ୍ତୁତି ବୈଠକ ମା' କନକଦୁର୍ଗା ମନ୍ଦିରଠାରେ ଅନୁଷ୍ଠିତ ହୋଇଥିଲା।

# ଭୋଟ ଗଣତି ପାଇଁ ୨୯ କର୍ମଚାରୀ ନିଯୁକ୍ତ

କାଶୀନଗର,୨୩।୨

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ୪ର୍ଥ ପର୍ଯ୍ୟାୟରେ କାଶୀନଗର ଭୋଟଦାନ ସରିଛି। ଆଗାମୀ ୨୬ ଓ ୨୭ ତାରିଖ ଦୁଇଦିନ ଗଣତି କାର୍ଯ୍ୟ ଶ୍ରୀରାମ କଲେଜଠାରେ ଅନୁଷ୍ଠିତ ହେବ। ଭୋଟ ଗଣତି ନିମନ୍ତେ ୨୯ ଜଣ କର୍ମଚାରୀ ନିଯୁକ୍ତ ହୋଇଛନ୍ତି। ୨୬ରେ ୫ ପଞ୍ଚାୟତର ଜୋନ ୧ର ୫ଟି ଟେବୁଲରେ ଗଣତି କରାଯିବ। ଜୋନ ୨ର ୨୭ରେ ୭ଟି ଟେବୁଲରେ ଗଣାଯିବା ପାଇଁ ନୋଡାଲ ଅଧିକାରୀ ତଥା ସବ୍‌କଲେକ୍ଟର ଦିଲୀପ ମହାରଣା ସୂଚନା ଦେଇଛନ୍ତି। ଗଣତି କାର୍ଯ୍ୟରେ ନିର୍ବାଚନ ଅଧିକାରୀ ଡ. ଲକ୍ଷ୍ମୀପ୍ରସାଦ ସାହୁ ଓ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ଏଜେଣ୍ଟମାନେ ଉପସ୍ଥିତ ରହିବେ। ଗଣତି ଓ ଏଜେଣ୍ଟରେ ନିୟୋଜିତ ସମସ୍ତଙ୍କ କୋଭିଡ୍ ଟେଷ୍ଟ କରାଯାଇଛି।

### ଜିଲାପାଳଙ୍କ ଭୋଟ ଗଣତି କାର୍ଯ୍ୟ ସମୀକ୍ଷା

ଶେରଗଡ଼,୨୩।୨(ଡି.ଏନ୍.ଏ.)

ଶେରଗଡ଼ ବ୍ଲକର ପ୍ରଥମ ପର୍ଯ୍ୟାୟରେ ଭୋଟ ସରିଛି। ସମସ୍ତ ବାଲଟ ବକ୍ସ ଏକ ଷ୍ଟ୍ରଙ୍ଗ ରୁମ୍‌ରେ ରଖାଯାଇଛି। ସୁରକ୍ଷା ଦଳ ଉକ୍ତ ରୁମକୁ ଜଗି ରହିଛନ୍ତି। ଏହି ପରିପ୍ରେକ୍ଷୀରେ ଭୋଟ ଗଣତି ପ୍ରକ୍ରିୟାର ପ୍ରସ୍ତୁତି କିପରି ଅଛି ତାକୁ ନେଇ ବୁଧବାର ଜିଲାପାଳ ବିଜୟ ଅମୃତ କୁଲାଙ୍ଗ ପହଞ୍ଚି ବିଭିନ୍ନ କାର୍ଯ୍ୟ ତଦାରଖ କରି ଫେରିଛନ୍ତି। ୨୬ରେ ଗଣତିକୁ ନେଇ ବ୍ଲକ, ପୋଲିସ ତହସିଲ ପ୍ରଶାସନ ସଜାଗ ରହିବାକୁ ଜିଲାପାଳ ତିନି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗଣତି ସମୟରେ ସଚ୍ଛତା ପରିଚାଳନା ସହ ସତର୍କତା ଅବଲମ୍ବନ କରିବାକୁ ବିଡିଓ ଶମ୍ଭୁନାଥ ନନ୍ଦିଙ୍କୁ କହିଛନ୍ତି।

### ଯୁବ ପ୍ରଶିକ୍ଷଣ ଶିବିର

ବୁଗୁଡ଼ା,୨୩।୨(ଡି.ଏନ.ଏ.)

ବୁଗୁଡ଼ା ବଡ଼ଦାଣ୍ଡ ସ୍ଥିତ ନିକୁଞ୍ଜ ମୋହନ କ୍ଲବଠାରେ ନେହେରୁ ଯୁବକେନ୍ଦ୍ର ସଙ୍ଗଠନ ପକ୍ଷରୁ ଏକ ଯୁବ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜିଲା ଯୁବ ଅଧିକାରୀ ଅକ୍ଷୟ ନିପାଣେ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଡାକ୍ତର ହିମାଂଶୁ ଶେଖର ପଣ୍ଡା, ସମ୍ମାନିତ ଅତିଥି ରୂପେ ବଳଦେବ ଜୀଉ ମହିଳା ମହାବିଦ୍ୟାଳୟର ଅଧ୍ୟାପକ ବିଭୂତି ଭୂଷଣ ମିଶ୍ର ଯୋଗଦେଇଥିଲେ।

# ଟଙ୍କା ବାଣ୍ଟିବା ସନ୍ଦେହରେ ପ୍ରାର୍ଥୀଙ୍କ ବାପା ଅଟକ

ଦାରିଙ୍ଗବାଡ଼ି,୨୩।୨(ଡି.ଏନ୍.ଏ)



ଟଙ୍କା ବାଣ୍ଟୁଥିବା ବ୍ୟକ୍ତିଙ୍କୁ ଲୋକମାନେ ଅଟକ ରଖିଛନ୍ତି।

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଏବଂ ରାଇକିଆ ବ୍ଲକ ଅଞ୍ଚଳରେ ଶେଷ ପର୍ଯ୍ୟାୟ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଭୋଟଗ୍ରହଣ କାର୍ଯ୍ୟକ୍ରମ ଗୁରୁବାର ହେବ। ଏଥିଲାଗି ମଙ୍ଗଳବାର ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ନିର୍ବାଚନ ପ୍ରଚାର କାର୍ଯ୍ୟକ୍ରମ ରହିଥିଲା। ହେଲେ ଭ୍ରମରବାଡ଼ି ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀଙ୍କ ବାପା ଉକ୍ତ ପଞ୍ଚାୟତର କୁମ୍ଭାରବାଡି ଅଞ୍ଚଳରେ ବିଳମ୍ବିତ ରାତିରେ ସନ୍ଦେହଜନକ ଭାବେ ବୁଲୁଥିଲେ। ସେ ଲୋକଙ୍କୁ ଭୋଟ ଦେବା ପାଇଁ ଟଙ୍କା ବାଣ୍ଟୁଥିବା ସନ୍ଦେହରେ ଶତାଧିକ ଗ୍ରାମବାସୀ ତାଙ୍କୁ ଅଟକ ରଖିଥିଲେ। ଖବର ପାଇ ଦାରିଙ୍ଗବାଡି ଆଇଆଇସି କୌଶିକ ମାଝୀ ସଦଳବଳ ପହଞ୍ଚି ପ୍ରାର୍ଥୀଙ୍କ ବାପାଙ୍କୁ ଉଦ୍ଧାର କରି ଥାନାରେ ଅଟକ ରଖିଛନ୍ତି। ପ୍ରଚାରବେଳେ ତାଙ୍କ ବାପାଙ୍କୁ କେତେଜଣ ଜୋରଜବରଦସ୍ତ ଅଟକ ରଖିଥିବା ପ୍ରାର୍ଥୀ ଥାନାରେ ଅଭିଯୋଗ କରିଥିବା ପୋଲିସ ସୂଚନା ଦେଇଛି। ଘଟଣାର ଅଧିକ ତଦନ୍ତ ଚାଲିଛି।

# ଶେଷ ପର୍ଯ୍ୟାୟରେ ଗଞ୍ଜାମର ୩ ବ୍ଲକରେ ଭୋଟ ଆଜି

## ୩.୪୨ ଲକ୍ଷ ଭୋଟର ମତଦାନ କରିବେ

ଛତ୍ରପୁର,୨୩।୨(ଡି.ଏନ୍.ଏ.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ପଞ୍ଚମ ତଥା ଶେଷ ପର୍ଯ୍ୟାୟ ଭୋଟ ଗୁରୁବାର ଗଞ୍ଜାମ ଜିଲାର ୩ଟି ବ୍ଲକରେ ହେବା ଜିଲାର ବେଗୁନିଆପଡା, ଆସିକା ଓ ଭଞ୍ଜନଗର ବ୍ଲକ ଅଧୀନ ୭୨ଟି ପଞ୍ଚାୟତର ୧୦୫୧ଟି ବୁଥ୍‌ରେ ଭୋଟ ଗ୍ରହଣ କରାଯିବ। ଏହାର ପରିଚାଳନା ପାଇଁ ୧୦୫୧ଟି ପୋଲିଂ ପାର୍ଟି ନିଯୁକ୍ତ ହୋଇଛନ୍ତି। ଏହି ପର୍ଯ୍ୟାୟରେ ୩ ବ୍ଲକରୁ ମୋଟ ୩,୪, ୮୦୯ ଜଣ ଭୋଟର ସେମାନଙ୍କ ମତ ସାବ୍ୟସ୍ତ କରିବେ। ସେଥିମଧ୍ୟରେ ୧,୮୦,୫୫୧ ଜଣ ପୁରୁଷ ଓ ୧,୬୨,୨୨୧ ଜଣ ମହିଳା ଏବଂ ୩୭ ଜଣ ଅନ୍ୟ ଭୋଟର। ମିଳିଥିବା ସୂଚନା ଅନୁସାରେ, ୩ ବ୍ଲକରେ ୭୬ଟି ବୁଥ୍ ଅତି ସମ୍ବେଦନଶୀଳ ଓ ୭୦ଟି ସମ୍ବେଦନଶୀଳ ବୁଥ୍ ରହିଛି। ସେଗୁଡିକ ଉପରେ ପ୍ରଶାସନ ଓ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ନଜର ରଖାଯାଇଛି। ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ୩ ବ୍ଲକରେ ୧୦ଟି ଜିଲାପରିଷଦ ଜୋନ୍ ରହିଛି। ବେଗୁନିଆପଡା ଓ ଭଞ୍ଜନଗର ବ୍ଲକରେ ୩ ଟି ଲେଖାଏ ଏବଂ ଆସିକା ବ୍ଲକରେ ୪ଟି ଜିଲା ପରିଷଦ ଜୋନ୍ ପାଇଁ ଭୋଟ ଗ୍ରହଣ କରାଯିବ। ୭୨ ସରପଞ୍ଚ ପଦବୀ ଲାଗି ୨୪୮ ଜଣ ପ୍ରାର୍ଥୀ ରହିଥିବାବେଳେ ସମିତି ସଭ୍ୟ ଲାଗି ୧୯୨ ଜଣ ପ୍ରାର୍ଥୀ ରହିଛନ୍ତି।